ପ୍ରଜାତନ୍ତ୍ର

The Prajatantra

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୩୨୩ ● କଟକ ● ଶନିବାର ● ୨୮ ଜୁନ୍-୨୦୨୫ ● ମିଥୁନ-୧୬ ● ସାଲ୍-୧୪୩୧

CUTTACK ● SATURDAY ● 28 JUNE-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା


# ଖୋଜେ ଗଡ଼ିଲା ନନ୍ଦିଘୋଷ

## ବଳଗଣ୍ଡିରେ ତାଳଧ୍ୱଜ ଓ ମରିଚିକୁଣ୍ଡରେ ଦର୍ପଦଳନ ଅଟକିଲା

**ପୁରୀ,(ପିପିଏସ୍):**

ରତ୍ନବେଦିରୁ ଜନ୍ମବେଦି। ଆରମ୍ଭ ହୋଇଛି ଶ୍ରୀଜିଉଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଭାଇ-ଭଉଣୀଙ୍କ ସହିତ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ନବଦିନାତ୍ମକ ଯାତ୍ରାରେ ବାହାରିଛନ୍ତି ମହାପ୍ରଭୁ ଜଗନ୍ନାଥ। ଜନସମୁଦ୍ର ବଡ଼ଦାଣ୍ଡ। ତେବେ ମହାପ୍ରଭୁଙ୍କ ନନ୍ଦିଘୋଷ ଆଗକୁ ଗଡ଼ିନାହିଁ। ଟିକେ ଗଡ଼ି ଅଟକିଯାଇଛି। ପ୍ରବଳ ଭିଡ଼ ଯୋଗୁ 'ନନ୍ଦିଘୋଷ' ରଥ ରାତି ସାଢ଼େ ୭ଟା ପର୍ଯ୍ୟନ୍ତ ଗଡ଼ି ପାରିନଥିଲା। ଶେଷରେ ଶ୍ରୀମନ୍ଦିର ପ୍ରଶାସନ ପରମ୍ପରା ରଖିବା ଉଦ୍ଦେଶ୍ୟରେ ପାଇଁ ପ୍ରଶାସନ ସବୁ ପ୍ରକାରର ପ୍ରୟାସ କରି ବିଫଳ ହୋଇଥିଲା। ଶେଷରେ ୭ଟା ୪୫ମିନିଟ୍ ବେଳକୁ ନନ୍ଦିଘୋଷ ରଥକୁ ସାମାନ୍ୟ ଖୋଜେ ଟାଣି ସେହିଠାରେ ରଖି ଦିଆଯାଇ ବିଧିସମ୍ପନ୍ନ କରାଯାଇଥିଲା । ଯାହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ଦେଖିବାକୁ ମିଳିଛି। ରଥଯାତ୍ରା ପାଇଁ ରୀତିନୀତି ଠିକ୍ ସମୟରେ ଅନୁଷ୍ଠିତ ହୋଇଥିଲେ ମଧ୍ୟ ନନ୍ଦିଘୋଷ ରଥ ଟଣା ନଯିବା ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଛି। ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ନହୋଇପାରିବା ପ୍ରସଙ୍ଗରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ ରଥ କର୍ଡନ ଭିତରେ ଅଧିକ ସଂଖ୍ୟକ ଭକ୍ତମାନଙ୍କର ସମାଗମ ବିପୁଳ ସଂଖ୍ୟାରେ ହୋଇଛି। ପୂର୍ବଥର ତୁଳନାରେ ପ୍ରାୟ ଦେଢ଼ଗୁଣା ଅଧିକ ହୋଇଛି । ଆକଳନଠୁ ଅଧିକ ଭକ୍ତମାନେ ଏଥର ରଥଯାତ୍ରାକୁ ଆସିଛନ୍ତି । ମାତ୍ର କୌଣସି ପ୍ରକାରର ବଡ଼ ଅଘଟଣ ଚଳିତ ରଥଯାତ୍ରାରେ ହୋଇନି। ବିଧି ଅନୁସାରେ ନନ୍ଦିଘୋଷ ରଥ ଅଳ୍ପ ବାଟ ଟଣାହୋଇଛି । ଜିଲ୍ଲା ପ୍ରଶାସନ ଓ ମନ୍ଦିର ପ୍ରଶାସନ ମଧ୍ୟରେ ଆଲୋଚନା ପରେ ସକାଳ ୯ଟା ୩୦ରେ ରଥଟଣା ହେବ ବୋଲି ନିଷ୍ପତ୍ତି ହୋଇଛି। ମହାପ୍ରଭୁ ବଳଭଦ୍ରଙ୍କ ରଥଟଣାବେଳେ ବାରମ୍ବାର ମୋଡ଼ ହେବାରୁ ଅନ୍ୟ ରଥଟଣାରେ ବିଳମ୍ବ ହୋଇଥିଲା। ରାତ୍ରିରେ ରଥଟଣା ଯିବା କୌଣସି ନୂଆ କଥା ନୁହେଁ। ପୂର୍ବରୁ ଲାଇଟ୍ ଲଗାଇ





ମହାପ୍ରଭୁଙ୍କ ରଥକୁ ମାତ୍ର ଖୋଜେ ଗଡ଼ାଇ ବିଧିସମ୍ପନ୍ନ କରିଛନ୍ତି। 'ନନ୍ଦିଘୋଷ ରଥ'ର କର୍ଡନ ଭିତରେ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଓ ଭିଡ଼ ନିୟନ୍ତ୍ରଣରେ ପୁଲିସର ବିଫଳତା ଯୋଗୁ ରଥଟଣା ସମ୍ଭବ ହୋଇପାରିନଥିବାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ଅନୁସାରେ, ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ସକାଳ ସାଢ଼େ ୧୦ଟାରୁ ଆରମ୍ଭ ହେବାକୁ ଥିବା ପହଣ୍ଡି ରୀତି ଏକ ଘଣ୍ଟାବିଳମ୍ବରେ ଆରମ୍ଭ ହୋଇ ପ୍ରାୟ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ଏହାପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା ରୀତି ସମ୍ପନ୍ନ କରିଥିଲେ। ପରେ ଅପରାହ୍ନ ପ୍ରାୟ ୪:୧୦ରେ ରଥଟଣା ଆରମ୍ଭ ହୋଇଥିଲା । ମହାପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣା ହୋଇଥିଲେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ସିଂହଦ୍ୱାରରେ ସେଭଳି ଅଟକି ରହିଥିଲା। ରାତି ପ୍ରାୟ ସାଢ଼େ ୭ଟା ପର୍ଯ୍ୟନ୍ତ ରଥକୁ ଟାଣିବା ଶ୍ରଦ୍ଧାଳୁଙ୍କ ଉପସ୍ଥିତି ଯୋଗୁ ରଥଟଣାରେ ବିଳମ୍ବ ହେଉଛି। ପୁଲିସ ସେମାନଙ୍କୁ ବାହାର କରିବା ପରେ ହିଁ ରଥଟଣା କାର୍ଯ୍ୟ ହେବ । ତେବେ ୭ଟା ୪୫ମିନିଟରେ ନନ୍ଦିଘୋଷ ରଥ ଖୋଜେ ଟଣାଯାଇ ବିଧିସମ୍ପନ୍ନ କରାଯିବା ପରେ ରଥଟଣା ବନ୍ଦ ରହିଥିଲା । ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ ଚଳିତଥର ରଥଯାତ୍ରାରେ ରଥ ଟଣାଯାଇଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ମହାପ୍ରଭୁ ବଳଭଦ୍ରଙ୍କ 'ତାଳଧ୍ୱଜ'ରଥ ବଳଗଣ୍ଡିଠାରେ ଅଟକି ଥିବାବେଳେ ଦେବୀ ସୁଭଦ୍ରାଙ୍କ ରଥ ମରିଚିକୁଣ୍ଡଠାରେ ଅଟକି ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ନନ୍ଦିଘୋଷ'ରଥ ସିଂହଦ୍ୱାର ନିକଟରେ ଅଟକିଛି। ଶନିବାର ତିନି ଠାକୁରଙ୍କ ରଥଟଣା କାର୍ଯ୍ୟ ଆରମ୍ଭ ହେବ। ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ନନ୍ଦିଘୋଷ ରଥ ଟଣା ନଯିବାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି।

### ଆଜି ପୁଣି ହେବ ରଥଟଣା

ଶୁକ୍ରବାର ରାତି ୭ଟା ୪୫ମିନିଟ୍‌ରେ ନନ୍ଦିଘୋଷ ରଥ ଖୋଜେ ଟଣାଯାଇ ବିଧିସମ୍ପନ୍ନ କରାଯିବା ପରେ ସମସ୍ତ ରଥଟଣା ବନ୍ଦ ରହିଥିଲା। ଶନିବାର ସକାଳ ୯ଟା ୩୦ରେ ପୁଣି ଆରମ୍ଭ ହେବ ରଥଟଣା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ଅବକାଶ ନୀତି ପରେ ସକାଳ ରଥଟଣା ହେବ ବୋଲି ସେ କହିଛନ୍ତି।

- ❑ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ
- ❑ ବାରମ୍ବାର ମୋଡ଼ ନେଲା ବଳଭଦ୍ରଙ୍କ ରଥ
- ❑ ଦେଢ଼ଗୁଣା ଅଧିକ ଭକ୍ତଙ୍କ ସମାଗମ: ଆଇନ ମନ୍ତ୍ରୀ

## ୭ଦିନ ଯାଏଁ ବର୍ଷିବ !

**ଭୁବନେଶ୍ୱର,(ପିପିଏସ୍):**

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳ ଅଞ୍ଚଳ ଉପରେ ଲଘୁଚାପ ଅଛି । ଏହା ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଆଡ଼କୁ ଗତି କରିବ। ପ୍ରଭାବରେ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଅନେକ ସ୍ଥାନରେ ବର୍ଷା ସହ ଉତ୍ତର ଓଡ଼ିଶା ଏବଂ ପାଖ ଜିଲ୍ଲାମାନଙ୍କରେ ପ୍ରବଳ ବର୍ଷା ସମ୍ଭାବନା ଅଛି । ଶୁକ୍ରବାର ରଥଯାତ୍ରାରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଶୁକ୍ରବାର ଅନେକ ସ୍ଥାନରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା, ବଜ୍ରପାତ ଏବଂ ୩୦-୪୦ କିମି ବେଗରେ ପବନ ଆଶଙ୍କା ଅଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, ପୁରୀ, କଟକ, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତିରେ ଘଡ଼ଘଡ ସହ ୩୦ରୁ ୪୦ କିମିବେଗରେ ପବନ ବିହୋଇପାରେ । ପୁରୀରେ ପାଗ ମେଘୁଆ ରହିବା ସହ ଅସରାଏ କିମ୍ବା ଦୁଇ ଅସରା ବର୍ଷା ସମ୍ଭାବନା ମଧ୍ୟ ରହିଛି। ବର୍ଷା ହେଲେ ଭକ୍ତ ଭିଜିବା ସହ ଗୁଳୁଗୁଳିରୁ ଆଶ୍ୱସ୍ତି ଦେବ । ଭୁବନେଶ୍ୱରରେ ପାଗ ମେଘୁଆ ସହ ମଝିରେ ବର୍ଷା ହୋଇପାରେ। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଓ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ଜୁଲାଇ ୧ ଓ ୨ରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ଅଛି। ଆଇଏମଡି ଆଗାମୀ ଦୁଇ ସପ୍ତାହ ପାଇଁ ବିସ୍ତାରିତ ପାଣିପାଗ ପୂର୍ବାନୁମାନ ଜାରି କରିଛି । ଏହି ଆକଳନ ଅନୁସାରେ ୨ ଜୁଲାଇ ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷା ସମ୍ଭାବନା ଅଛି । ୩ରୁ ୧୦ ତାରିଖ ଭିତରେ ପୂର୍ବ ଭାରତରେ ବର୍ଷା ସମ୍ଭାବନା ଅଛି । ଜୁନ୍ ପହିଲାରୁ ଏପର୍ଯ୍ୟନ୍ତ ରାଜ୍ୟରେ ହାରାହାରି ୧୭୨.୨ ମିଲିମିଟର ବର୍ଷା ହୋଇଛି, ଯାହାକି ସ୍ୱାଭାବିକ। ଝାରସୁଗୁଡ଼ା, ବଲାଙ୍ଗିର, ନୂଆପଡ଼ା, ବରଗଡ଼ ଓ ପୁରୀରେ ବର୍ଷା ନିଅଣ୍ଟିଆ ରହିଛି।

**ସତର୍କ ରହିବାକୁ ନିର୍ଦ୍ଦେଶ**



## ଗଛକୁ ପିଟିଲା କାର୍, ୩ ମୃତ

**ନବରଙ୍ଗପୁର,(ପିପିଏସ୍):** ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଡାଇନିଗୁଡ଼ା ନିକଟରେ ଏକ କାର୍ ଗଛରେ ପିଟି ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଦୁଇ ସମ୍ପର୍କୀୟ ଭାଇ ଅଛନ୍ତି। ସେମାନେ ହେଉଛନ୍ତି- ଝରିଗାଁ ସିରାଗୁଡ଼ା ସାହିର ଚମ୍ପକ ଲାଲ ଜୈନଙ୍କ ପୁଅ ସାଗର ଜୈନ (୨୧), ସ୍ୱର୍ଗତ ମହାବୀର ଜୈନଙ୍କ ପୁଅ ଅଙ୍କୁର ଜୈନ (୩୦) ଓ ମନମୋହନ ଜୈନଙ୍କ ପୁଅ କ୍ରିସ ଜୈନ(୧୮)। ସାଗର ଓ ଅଙ୍କୁର ସମ୍ପର୍କୀୟ ଭାଇ ଥିଲେ। ଗୁରୁବାର ରାତିରେ ଏହି ତିନି ଜଣ ଓଡି୦୨ ଇଉ ୮୦୭୩ ନମ୍ବର ବିଶିଷ୍ଟ ଏକ କାର୍‌ରେ ପୁପୁଗାଁ ରାସ୍ତାରେ ଯାଉଥିଲେ। ତେବେ ଡାଇନିଗୁଡ଼ା ଗ୍ରାମ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଦୁଇଟି ଗଛରେ ପିଟି ହୋଇଥିଲା। କାର୍‌ଟି ଏତେ ଜୋର୍‌ରେ ଗଛ ଦୁଇଟିରେ ପିଟି ହୋଇଥିଲା ଯେ ଘଟଣାସ୍ଥଳରେ ସାଗର ଜୈନ ଓ ଅଙ୍କୁର ଜୈନଙ୍କ ମୃତ୍ୟୁ ଘଟିଥିଲା। କ୍ରିସ୍ ଜୈନଙ୍କୁ ଗୁରୁତର ଅବସ୍ଥାରେ ଝରିଗାଁ ମେଡିକାଲ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ବିଶାଖାପାଟଣା ନିଆଯାଉଥିବା ବେଳେ ସାଲୁର ଘାଟି ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା।



## ଖୁବ୍‌ଶୀଘ୍ର ଆରମ୍ଭହେବ '୧୦୯' ଶବବାହନ ସେବା

**ଭୁବନେଶ୍ୱର,(ପିପିଏସ୍):**


ମୋହନ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ମାଗଣା '୧୦୯' ଶବବାହନ ସେବା ଆରମ୍ଭ କରାଯିବ। ଏନେଇ ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରାଥମିକ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଜୁଲାଇ ୨ରେ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏହାର ଚୂଡ଼ାନ୍ତ ରୂପରେଖ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ସ୍ମିତା ବିଶ୍ୱାଳ ଚଳିତ ମାସ ୨୪ରେ ଗୃହ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ଓ ଅର୍ଥ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ପତ୍ରରେ ଦର୍ଶାଇଛନ୍ତି ଯେ ବିଭାଗ ପକ୍ଷରୁ ମାଗଣା ଶବବାହନ ସେବା ଲାଗି ଏକ ଚିଠା ମାର୍ଗଦର୍ଶିକା ପ୍ରସ୍ତୁତ ହେବାକୁ ଯାଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗର ସମନ୍ୱୟରେ ଏହାର ନୀତି ନିର୍ଦ୍ଧାରଣ କରାଯିବ। ସେଥିଲାଗି ବୈଠକରେ ଉପସ୍ଥିତ ରହିବାକୁ ସେ ପତ୍ରରେ ଅନୁରୋଧ କରିଛନ୍ତି।



## ସପ୍ତାହାନ୍ତ ବିଚାର

**ଅନ୍ତରୀକ୍ଷରେ ଭାରତୀୟ ଅଭୀପ୍ସାର ଉଡ଼ାଣ**

### ବାଟେଘାଟେ



ଶ୍ରୀକ୍ଷେତ୍ର ପୁରୀର ବଡ଼ଦାଣ୍ଡ ଭିଡ଼
ସୁସଜ୍ଜିତ ତିନିରଥ
ତିନିରଥେ ତିନିଠାକୁର ଆସିଲେ
ଏକାକାର ରଥ ପଥ
ଅଣସରେ ହୋଇ ସୁସ୍ଥ
ପହଣ୍ଡି ବିଜେରେ ମାଉସୀ ଘରକୁ
ଯିବାକୁ ସକଳେ ବ୍ୟସ୍ତ
କୋଟି କୋଟି ଭକ୍ତ ଦୁଇହାତ ଟେକି
ଡାକଦେଲେ ଜଗନ୍ନାଥ
ପତିତପାବନ ବଳିଆର ଭୁଜ
ପୂର୍ଣ୍ଣକର ମନୋରଥ

-ରାହୀ


## ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ସଫଳତା

# ଏସ୍‌ଡିଆର୍‌ର ଟପ୍ ୧୦୦ରେ ଭାରତ

**ନୂଆଦିଲ୍ଲୀ,(ଏଜେନ୍ସି):**

ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ରେ ପ୍ରଗତି ହାସଲ କରିବାରେ ସଫଳ ହେଉଛି ଭାରତ। କାରଣ ଭାରତ ପ୍ରଥମ ଥର ସ୍ଥାୟୀ ବିକାଶ ଲକ୍ଷ୍ୟରେ ପ୍ରଗତି ହାସଲ କରିଥିବା ୧୬୭ ଦେଶ ମଧ୍ୟରୁ ଶ୍ରେଷ୍ଠ ୧୦୦ରେ ସ୍ଥାନ ପାଇଛି। ମଙ୍ଗଳବାର ଜାତିସଂଘର ସ୍ଥାୟୀ ବିକାଶ ସମାଧାନ ନେଟୱାର୍କର ଦଶମ ଏବଂ ସଦ୍ୟତମ ସ୍ଥାୟୀ ବିକାଶ ରିପୋର୍ଟ ୯ (ଏସ୍‌ଡିଆର୍)ରେ ଏହା ଉଲ୍ଲେଖ ରହିଛି। ରିପୋର୍ଟ ଅନୁଯାୟୀ, ଭାରତ ୨୦୨୫ ଏସ୍‌ଡିଜି ସୂଚକାଙ୍କରେ ୬୭ ସ୍କୋର ସହିତ ୯୯ତମ ସ୍ଥାନରେ ଅଛି। ଯେତେବେଳେକି ଚୀନ୍ ୭୪.୪ ପଏଣ୍ଟ ସହିତ ୪୯ ତମ ଏବଂ ଆମେରିକା ୭୫.୩ ପଏଣ୍ଟ ସହିତ ୪୪ ତମ ସ୍ଥାନରେ ଅଛି। ପୂର୍ବରୁ ଭାରତ ୨୦୨୪ରେ ୧୦୯ତମ, ୨୦୨୩ରେ ୧୧୨ତମ, ୨୦୨୨ରେ ୧୨୧ତମ, ୨୦୨୧ରେ ୧୨୦ତମ, ୨୦୨୦ରେ ୧୧୭ତମ, ୨୦୧୯ରେ ୧୧୫ତମ, ୨୦୧୮ରେ ୧୧୨ତମ ଏବଂ ୨୦୧୭ରେ ୧୧୬ତମ ସ୍ଥାନରେ ଥିଲା। ସେହିଭଳି ଭାରତର ପଡ଼ୋଶୀ ଦେଶମାନଙ୍କ ମଧ୍ୟରେ, ଭୁଟାନ ୭୦.୫ ପଏଣ୍ଟ ସହିତ ୭୪ତମ ସ୍ଥାନ ଅଧିକାର କରିଛି। ନେପାଳ ୬୮.୬ ପଏଣ୍ଟ ସହିତ ୮୫ ତମ, ବାଂଲାଦେଶ ୬୩.୯ ପଏଣ୍ଟ ସହିତ ୧୧୪ ତମ ଏବଂ ପାକିସ୍ତାନ ୫୭ ପଏଣ୍ଟ ସହିତ ୧୪୦ ତମ ସ୍ଥାନରେ ଅଛି। ୟୁରୋପୀୟ ଦେଶଗୁଡ଼ିକ, ବିଶେଷକରି ନର୍ଡିକ ଦେଶଗୁଡ଼ିକ ସୂଚକାଙ୍କରେ ଶୀର୍ଷରେ ରହିଛନ୍ତି। ଫିନଲ୍ୟାଣ୍ଡ ପ୍ରଥମ ସ୍ଥାନରେ ରହିଥିବାବେଳେ ସ୍ୱିଡେନ ଦ୍ୱିତୀୟ ଏବଂ ଡେନମାର୍କ ତୃତୀୟ ସ୍ଥାନରେ ଅଛନ୍ତି। ଶ୍ରେଷ୍ଠ ୨୦ ଦେଶ ମଧ୍ୟରୁ ମୋଟ ୧୯ଟି ୟୁରୋପର। ସୂଚନାଥାଉକି, ଏସ୍‌ଡିଜିକୁ ୨୦୧୫ରେ ଗ୍ରହଣ କରାଯାଇଥିଲା। ଏହାର ଲକ୍ଷ୍ୟ ରହିଛି ୨୦୩୦ ସୁଦ୍ଧା ବିଶ୍ୱର ସାମଗ୍ରିକ ବିକାଶ, ଯେପରି କେହି ଜଣେ ବି ବିକାଶରୁ ବଞ୍ଚିତ ନ ହେବେ। ୨୦୧୫ ପରଠାରୁ ଦ୍ରୁତ ସାମାଜିକ- ଅର୍ଥନୈତିକ ବିକାଶ ଯୋଗୁ ପୂର୍ବ ଏବଂ ଦକ୍ଷିଣ ଏସିଆ, ସ୍ଥାୟୀ ବିକାଶ ଲକ୍ଷ୍ୟରେ ପ୍ରଗତି କ୍ଷେତ୍ରରେ ବିଶ୍ୱ ହାରକୁ ମଧ୍ୟ ପଛରେ ପକାଇଛନ୍ତି। ପୂର୍ବ ଏବଂ ଦକ୍ଷିଣ ଏସିଆର ଯେଉଁ ଦେଶଗୁଡ଼ିକ ୨୦୧୫ ପରଠାରୁ ଦ୍ରୁତ ବିକାଶ କରିଛନ୍ତି ସେମାନେ ହେଲେ ନେପାଳ, କାମ୍ବୋଡ଼ିଆ, ଫିଲିପାଇନ୍ସ, ବାଂଲାଦେଶ ଏବଂ ମଙ୍ଗୋଲିଆ। ତେବେ ରିପୋର୍ଟକୁ ନେଇ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ବିଶେଷଜ୍ଞ କହିଛନ୍ତି, ବିଶ୍ୱ ସ୍ତରରେ ଏସ୍‌ଡିଜିର ପ୍ରଗତି ଅଟକିଯାଇଛି। ଫଳରେ ୨୦୩୦ ସୁଦ୍ଧା ପୂରା କରାଯିବାକୁ ଥିବା ୧୭ଟି ଲକ୍ଷ୍ୟର କେବଳ ୧୭ % ହାସଲ ହୋଇପାରିବ ବୋଲି ଆକଳନ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ବିଶ୍ୱର ଅନେକ ସ୍ଥାନରେ ବିବାଦ, ସାଂଗଠନିକ ଦୁର୍ବଳତା ଏବଂ ସୀମିତ ଆର୍ଥିକ ସ୍ଥାନ ଏସ୍‌ଡିଜି ପ୍ରଗତିକୁ ବାଧା ଦେଉଛି।

| ରାଙ୍କ | ଦେଶ | ସ୍କୋର୍ |
|---|---|---|
| ୧. | ଫିନ୍‌ଲ୍ୟାଣ୍ଡ୍- | ୮୭.୦ |
| ୨. | ସ୍ୱିଡେନ- | ୮୫.୭ |
| ୩. | ଡେନମାର୍କ- | ୮୫.୩ |
| ୪. | ଜର୍ମାନୀ- | ୮୩.୭ |
| ୫. | ଫ୍ରାନ୍ସ- | ୮୩.୧ |
| ୯୮. | ବେଲିଜ- | ୬୭ |
| ୯୯. | ଭାରତ- | ୬୭ |
| ୧୦୦. | ମଙ୍ଗୋଲିଆ- | ୬୬.୭ |





## ପ୍ରଜାତନ୍ତ୍ର ପ୍ରଚାର ସମିତି
ଆନୁକୂଲ୍ୟରେ

## ପ୍ରଜାତନ୍ତ୍ର ପାଠଚକ୍ର

ସମୟ : ୨୮।୦୬।୨୦୨୫ ଶନିବାର ସନ୍ଧ୍ୟା ୬ଟା

ସ୍ଥାନ : ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷ, ବିହାରୀବାଗ, କଟକ-୨

ବିଷୟ : ପଚାଶବର୍ଷ ତଳର କାଳରାତ୍ରୀ: ଏମର୍ଜେନ୍ସୀ

ସଭାପତି : ଜଷ୍ଟିସ୍ ମନୋରଂଜନ ମହାନ୍ତି

ସମ୍ମାନିତ ବକ୍ତା : ଶ୍ରୀ ସଜ୍ଜନ ଶର୍ମା

: ଶ୍ରୀ ଚିତ୍ତ ମହାନ୍ତି

: ଶ୍ରୀ ସରୋଜ ମିତ୍ର

*ଆଗ୍ରହୀ ଶ୍ରୋତାଗଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ।*

ଆବାହକ :
ଡାକ୍ତର ରବିରଞ୍ଜନ ସାହୁ
ମୋ:୯୪୩୭୩-୧୦୧୭୧
ଶ୍ରୀ ସନ୍ତୋଷ କୁମାର ପତି

// ନିବେଦକ //
ଶ୍ରୀ ଭର୍ତ୍ତୃହରି ମହତାବ
ଅଧ୍ୟକ୍ଷ

## ଆମ୍ବପତ୍ରକୁ ନେଇ ବିଶ୍ୱାସ



ହିନ୍ଦୁଧର୍ମ ଅନୁଯାୟୀ, ପୂଜାପାଠ ସମୟରେ ଆମ୍ବପତ୍ର ଓ ଆମ୍ବ କାଠର ବ୍ୟବହାର କରିବା ଅତ୍ୟନ୍ତ ଶୁଭ ହୋଇଥାଏ। ଧର୍ମଶାସ୍ତ୍ରରେ ବି ଆମ୍ବପତ୍ରକୁ ନେଇ ଅନେକ କଥା କୁହାଯାଇଛି। ଯେମିତିକି: ଘରର ମୁଖ୍ୟଦ୍ୱାରରେ ଆମ୍ବପତ୍ରର ତୋରଣ ଲଗାଇଲେ, ଘରେ ସକାରାତ୍ମକ ଉର୍ଜାର ପ୍ରଭାବ ବଢିଥାଏ। ପରିବାର ସଦସ୍ୟଙ୍କୁ କାହାରି ଖରାପ ନଜର ପଡେ ନାହିଁ। ବାରମ୍ବାର ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେବାର ସୁଯୋଗ ମିଳେ; ଯଦ୍ୱାରା ମନ ସବୁବେଳେ ଖୁସି ରହେ।

ସେହିପରି କୁହାଯାଏ, ଗଙ୍ଗାଜଳରେ ଆମ୍ବ ପତ୍ରକୁ ବୁଡ଼ାଇ ଘରେ ପ୍ରତିଦିନ ଛିଞ୍ଚିଲେ ଘରୁ କ୍ରମେ ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଅନ୍ୟପକ୍ଷେ ଯେ କୌଣସି ଶୁଭକାର୍ଯ୍ୟ ହେଉନା କାହିଁକି ପ୍ରଭୁ ଗଣେଶଙ୍କୁ ଆବାହନ କରିବା ସମୟରେ ତାଙ୍କ ନିକଟରେ ପବିତ୍ର ମନରେ ଆମ୍ବପତ୍ରଟିଏ ରଖିଲେ କାର୍ଯ୍ୟ ସଫଳ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ସେହିପରି କେହି କେହି କୁହନ୍ତି, ଯଦି ପ୍ରତିଦିନ ଆମ୍ବଗଛ ମୂଳରେ ଜଳ ଅର୍ପଣ କରି ମୁଣ୍ଡିଆ ମରାଯାଏ, ତା'ହେଲେ ବ୍ୟବସାୟରେ ଉନ୍ନତି ହେବା ସହ କ୍ୟାରିୟରରେ କିଛି ସମସ୍ୟା ଥିଲେ ତାହା ଧୀରେ ଧୀରେ ସମାଧାନ ହୋଇଯାଏ। ତେବେ ସେ ଯାହା ବି ହେଉ ଏସବୁ ହେଉଛି କେବଳ ଆସ୍ଥା ଓ ବିଶ୍ୱାସର କଥା; ଏହାକୁ ମାନିବା ଓ ନ ମାନିବା ନିର୍ଭର କରେ ବ୍ୟକ୍ତିଙ୍କ ଭାବନା ଉପରେ।

## ଘିଅ ଖାଇବାର ଉପାୟ



ଶତାବ୍ଦୀ ଶତାବ୍ଦୀ ଧରି ଘିଅକୁ ଏକ ଶକ୍ତି ଏବଂ ଉତ୍ତମ ସ୍ୱାସ୍ଥ୍ୟର ପ୍ରତୀକ ଭାବରେ ବିବେଚନା କରାଯାଇଆସୁଛି। କିନ୍ତୁ ଘିଅକୁ କେବଳ ଠିକ୍ ଭାବରେ ସେବନ କଲେ ହିଁ ଲାଭ ମିଳିଥାଏ। ବିଜ୍ଞାନ ମଧ୍ୟ ପ୍ରମାଣ କରିଛି ଯେ ଘିଅ ପୋଷଣରେ ଭରପୂର।

ବିଶେଷଜ୍ଞଙ୍କ ଅନୁଯାୟୀ, ଗୋଟିଏ ଚାମଚ ଘିଅରେ ପ୍ରାୟ ୧୪ ଗ୍ରାମ ଚର୍ବି ଥାଏ କିନ୍ତୁ ଏହି ଚର୍ବି ଅତ୍ୟନ୍ତ ଶକ୍ତିଶାଳୀ। ଏହା କ୍ଷତି କରେ ନାହିଁ। ଏଥିରେ ସାଚୁରେଟେଡ୍, ମୋନୋସାଚୁରେଟେଡ୍ ଏବଂ ପଲିସାଚୁରେଟେଡ୍ ଚର୍ବି ଥାଏ।

ଏହା ବ୍ୟତୀତ ଏଥିରେ ପ୍ରୋଟିନ୍, ଭିଟାମିନ୍ ଇ, ର ଏବଂ କ ମଧ୍ୟ ରହିଛି। କିନ୍ତୁ ଯଦି ଘିଅକୁ ଭୁଲ ଉପାୟରେ ବ୍ୟବହାର କରାଯାଏ, ତେବେ ଏହା କ୍ଷତି ମଧ୍ୟ କରିପାରେ।

କେତେବେଳେ ଖରାପ ହୁଏ: ବିଶେଷଜ୍ଞଙ୍କ ମତରେ ଘିଅରେ ମଧ୍ୟମ ଚେନ୍ ଫ୍ୟାଟି ଏସିଡ୍ ଥାଏ। ଏହା ହଜମ ପାଇଁ ବହୁତ ଭଲ। ଏହା ସହଜରେ ହଜମ ହୁଏ। କିନ୍ତୁ ଯଦି ଆପଣ ଘିଅକୁ ଅଧିକ ଗରମ କରନ୍ତି, ତେବେ ଏହା ଲାଭ ବଦଳରେ କ୍ଷତି କରିବ କାରଣ ଏଥିରେ ଥିବା ଫ୍ୟାଟି ଚେନ୍ର ସଂରଚନା ଭାଙ୍ଗିଯିବ।

ଏହାର ଅକ୍ସିଡେସନ ଯୋଗୁଁ, ଯେତେବେଳେ ଏହାକୁ ସେବନ କରାଯାଏ, ଫ୍ରି ରାଡିକାଲ୍ସ ସୃଷ୍ଟି ହୁଏ ଯାହା ଅକ୍ସିଡେଟିଭ ଚାପ ବୃଦ୍ଧି କରେ ଏବଂ ଅନେକ ରୋଗର କାରଣ ହୋଇପାରେ। ଘିଅକୁ ୬୦-୭୦ ଡିଗ୍ରୀ ଉପରେ ଗରମ କରିବା ଉଚିତ୍ ନୁହେଁ। ସେଥିପାଇଁ ଆଗରୁ କଞ୍ଚା ଘିଅକୁ ଗରମ ରୋଟି ଉପରେ ଦେଇ ଖିଆଯାଉଥିଲା। ଆଜି ମଧ୍ୟ ଏହାକୁ ଏହି ଉପାୟରେ ଖାଇବା ଉଚିତ।

ଘିଅର ପୋଷକ ତତ୍ତ୍ୱ ଏବଂ ଲାଭ: ଘିଅରେ ଥିବା ମିଡିୟମ୍ ଚେନ୍ ଫ୍ୟାଟି ଏସିଡ୍ ସହଜରେ ହଜମ ହୁଏ। ତେଣୁ ଏହା ଶରୀରକୁ ଶକ୍ତି ଯୋଗାଇବାରେ ସାହାଯ୍ୟ କରେ। ଏହା ହୃଦୟ ପାଇଁ ମଧ୍ୟ ବହୁତ ଲାଭଦାୟକ କାରଣ ହୃଦୟକୁ ସୁସ୍ଥ ଚର୍ବି ଆବଶ୍ୟକ।

ଏହା ଖରାପ କୋଲେଷ୍ଟ୍ରଲକୁ ହ୍ରାସ କରିବାରେ ସାହାଯ୍ୟ କରେ। ତେଣୁ ଯେତେବେଳେ ଆପଣ ଘିଅ ସେବନ କରନ୍ତି, ଏହାକୁ କମ୍ ଆଞ୍ଚରେ ତରଳାଇ ଦିଅନ୍ତୁ କିମ୍ବା ସିଧାସଳଖ ଗରମ ଖାଦ୍ୟରେ ମିଶାନ୍ତୁ ଯାହା ଦ୍ୱାରା ଏହା ଧୀରେ ଧୀରେ ତରଳିଯିବ ଏବଂ ଏହାର ପୋଷଣ ଅକ୍ଷୁଣ୍ଣ ରହିବ।

ଘିଅର ପରିମାଣ କେତେ ହେବା ଉଚିତ: ବିଶେଷଜ୍ଞଙ୍କ ମତରେ ଜଣେ ଦିନକୁ ଦୁଇ ଚାମଚରୁ ଅଧିକ ଘିଅ ଖାଇବା ଉଚିତ ନୁହେଁ। ଘିଅ ଯେତେ ପୁଷ୍ଟିକର ହେଉନା କାହିଁକି, ଯଦି ଆପଣ ଏହାକୁ ଅଧିକ ଖାଆନ୍ତି, ତେବେ ଏହା ଚର୍ବି ବୃଦ୍ଧି କରିବ। ଯଦି ଆପଣ ଅଧିକ ଘିଅ ଖାଆନ୍ତି ଏବଂ ଏହା ଶକ୍ତିରେ ପରିଣତ ନ ହୁଏ ତେବେ ଏହା ଶରୀରରେ ଚର୍ବି ଭାବରେ ଜମା ହୋଇଯାଏ। ତେଣୁ ସୀମିତ ପରିମାଣରେ ଘିଅ ଖାଆନ୍ତୁ।

## ଅଶ୍ୱତ୍ଥ ବୃକ୍ଷର ମାହାତ୍ମ୍ୟ



ଅଶ୍ୱତ୍ଥ ବୃକ୍ଷ ଏକ ଏୟାର ପ୍ୟୁରିଫାୟାର ପ୍ଲାଣ୍ଟ। ଏହାସହ ବାସ୍ତୁଶାସ୍ତ୍ରରେ ବି ଏହି ଗଛକୁ ନେଇ ଅନେକ କଥା ଉଲ୍ଲେଖ ରହିଛି। ଜ୍ୟୋତିର୍ବିଦ୍ମାନେ ମଧ୍ୟ ଏହି ଗଛକୁ ନେଇ ବହୁତ କଥା ଲେଖିଛନ୍ତି। ତେବେ କ'ଣ ଭୂମିକା ରହିଛି ଏହି ଉପକାରୀ ଅଶ୍ୱତ୍ଥ ଗଛର, ଜାଣନ୍ତୁ ସେ ସମ୍ପର୍କରେ...

- ଅଶ୍ୱତ୍ଥ ବୃକ୍ଷ ହେଉଛି ଏକ ଏୟାର ପ୍ୟୁରିଫାୟାର ପ୍ଲାଣ୍ଟ। ବାୟୁକୁ ଶୋଧନ କରିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ।
- ଅଶ୍ୱତ୍ଥ ବୃକ୍ଷକୁ ପୂଜା କଲେ କୁଆଡ଼େ ଭଗବାନ ବିଷ୍ଣୁଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ବାସ୍ତୁଶାସ୍ତ୍ରରେ ଏହି ବୃକ୍ଷକୁ ଘରର ପୂର୍ବ ଅଥବା ଉତ୍ତର-ପୂର୍ବ ଦିଗରେ ଲଗାଇବା ଶୁଭ ବୋଲି କୁହାଯାଏ।
- କୁହାଯାଏ, ପ୍ରତିଦିନ ଶୁଦ୍ଧପୂତ ହୋଇ ଅଶ୍ୱତ୍ଥ ବୃକ୍ଷ ମୂଳରେ ବସି କିଛି ସମୟ ପାଇଁ ଧ୍ୟାନ କଲେ ମନ ଶାନ୍ତ ରହିବା ସହ କୁଅଡ଼େ ରିଷ୍ଟ ଖଣ୍ଡନ ହୋଇଥାଏ।
- ବାସ୍ତୁଶାସ୍ତ୍ର ଅନୁଯାୟୀ, ଅଶ୍ୱତ୍ଥ ବୃକ୍ଷ ଲଗାଇଲେ ପୁଣ୍ୟ ପ୍ରାପ୍ତି ହୁଏ ଏବଂ ପିତୃଦୋଷରୁ ମୁକ୍ତି ମିଳେ। ଖାସ୍କରି ଧାର୍ମିକ ସ୍ଥାନରେ ଅଶ୍ୱତ୍ଥ ବୃକ୍ଷ ଲଗାଇବା ସବୁଠୁ ଶୁଭ ବୋଲି ବିଶ୍ୱାସ କରାଯାଏ।
- ଯେଉଁ ବ୍ୟକ୍ତିଙ୍କର ଟିକେ ଟିକେ କଥାରେ କାହା ସହ ଝଗଡ଼ା ହୋଇଯାଏ କିମ୍ବା ଯାହାଙ୍କର ଶତ୍ରୁ ସଂଖ୍ୟା ଅଧିକ, ସେମାନେ ଏହି ଅଶ୍ୱତ୍ଥ ବୃକ୍ଷ ମୂଳରେ ବସି ନିୟମିତ କିଛି କିଛି ସମୟ ଶତ୍ରୁଜୟ ମନ୍ତ୍ର ପଢିଲେ ଏହି ସମସ୍ୟା କ୍ରମେ ସୁଧୁରିଯାଏ ବୋଲି ବିଶ୍ୱାସ ରହିଛି।
- ପ୍ରତିଦିନ ଅଶ୍ୱତ୍ଥ ବୃକ୍ଷ ମୂଳରେ ଧୂପ, ଦୀପ ଲଗାଇ ପୂଜା କରିବା ସହ ୭ଥର ବୃକ୍ଷର ପରିକ୍ରମା କଲେ ମନୋସ୍କାମନା ପୂରଣ ହୁଏ ବୋଲି ଲୋକବିଶ୍ୱାସ ରହିଛି।

## ଆଜିର ରାଶିଫଳ



ମେଷ: କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ସୁପରାମର୍ଶ ଓ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦୀର୍ଘ ସମୟ ଧରି ଅପେକ୍ଷା ବନ୍ଧୁଙ୍କୁ ଭେଟିପାରନ୍ତି। ସାଧାରଣ କଥାକୁ ନେଇ ପାରିବାରିକ ଅସହଯୋଗରୁ ଶେଷ ପର୍ଯ୍ୟାୟରେ କାମ ଗୁଡିକ ଅଧାରେ ଅଟକିଯିବ। ପାରିବାରିକ ଚାପ ଦୃଷ୍ଟିରୁ ମାନସିକ ସ୍ତରରେ କଷ୍ଟ ସ୍ୱୀକାର କରିବେ।

ବୃଷ: ଆଜି ଆପଣଙ୍କର ମାନସିକ ସ୍ୱାସ୍ଥ୍ୟ କେତେକାଂଶରେ ଭଲ ରହି ନପାରେ। ଅଭାବ ନଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ଅସୁବିଧା ମନେ କରିବେ। କର୍ମକ୍ଷେତ୍ରରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ପଡୋଶୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

ମିଥୁନ: ବନ୍ଧୁମାନଙ୍କ ସାହାଯ୍ୟରେ ଭାଙ୍ଗି ପଡିଥିବା ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ। ସହକର୍ମୀଙ୍କ କାର୍ଯ୍ୟାବଳୀ ଓ ଅଫିସ୍ର ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ବନ୍ଧୁଙ୍କ ପ୍ରତିଶ୍ରୁତି ଦେଇ ଶେଷ ରେ ନାସ୍ତିବାଣୀ ଶୁଣାଇବେ। କର୍ମକ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ।

କର୍କଟ: ଭାବପ୍ରବଣତାବଶତଃ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମରିଚିକା ପଛରେ ଦୌଡି ପରିଶେଷରେ ଅନୁତାପ କରିପାରନ୍ତି। ବନ୍ଧୁଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିଭିନ୍ନ ପ୍ରକାରର ଆଶା ଓ ଆଶଙ୍କାରେ ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି।

ସିଂହ: ନିକଟ ଅତୀତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବାପାଇଁ ପଡୋଶୀଙ୍କ ସାହାଯ୍ୟ ଆବଶ୍ୟ ମନେ କରିବେ। କର୍ମକ୍ଷେତ୍ରରେ ଅଯଥା ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା କାରଣରୁ ବ୍ୟସ୍ତ ରହିପାରନ୍ତି।

କନ୍ୟା: ପାରିବାରିକ ସ୍ତରରେ ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ଆଲୋଚନା କାଳରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। କର୍ମକ୍ଷେତ୍ରରେ ଶେଷ ସମୟରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ଅପରାହ୍ନରେ ପୁରାତନ ରୋଗର ପୀଡା ଅନୁଭବ କରି ପାରନ୍ତି। ସାହିତ୍ୟ,କଳା, କ୍ଷେତ୍ରରୁ ପ୍ରଶଂସିତ ହେବେ।

ତୁଳା: ଆନୁଷ୍ଠାନିକ କାମରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ଜିଦ୍ଖୋର ମନୋଭାବ ତ୍ୟାଗ କଲେ କେତେକାଂଶରେ ଉପକୃତ ହୋଇପାରନ୍ତି। ପ୍ରତ୍ୟୁଷ ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

ବିଛା: ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସଭାସମିତିରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ପଡୋଶୀଙ୍କ ଅବଦାନ ସ୍ମରଣୀୟ ରହିବ। ଗତକାଲି ଠାରୁ ଭାବୁଥିବା କାମଟିକୁ ଆଜିହିଁ ଶେଷ କରିପାରିବେ।


ଧନୁ: ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବା ସହ ପ୍ରିୟଜନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତିତ ହେବାକୁ ପଡିବ। ଘରେ ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ବିବାଦୀୟ ପରିସ୍ଥିତିରେ ଘଟଣାର ଗୁରୁତ୍ୱ ନବୁଝି ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି।

ମକର: ବନ୍ଧୁଙ୍କ ଆନ୍ତରିକତାର ପରାମର୍ଶକୁ ନିର୍ବିବାଦରେ ଗହଣ କରିନେଲେ ବିଭିନ୍ନ ଦିଗରୁ ଉପକୃତ ହୋଇପାରିବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଲାଭକରି ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତି ନେଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରି ସମସ୍ୟା ସମାଧାନ କରିପାରିବେ।

କୁମ୍ଭ: ସରଳ ଭାବରେ କୌଣସି କଥାକୁ ଗ୍ରହଣ ନ କରି ପରୀକ୍ଷା କରି କାମରେ ଲଗାଇଲେ ଉପକୃତ ହୋଇପାରିବେ। ଅଫିସରେ ବାଦବିବାଦ କ୍ରମେ ଜଟିଳ ହେବ କିନ୍ତୁ ଆପଣ ଅବଶ୍ୟ ସଫଳତା ହାସଲ କରିବେ। ଜମିଜମା ବ୍ୟବସାୟରେ ଉନ୍ନତି କରିବା ସହ ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

ମୀନ: ଆଜିର ନିଜଲକ୍ଷ୍ୟ ପୂରଣ ହେବାରେ ଜଣେ ଅଜଣାବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। କୌଣସି କ୍ଷେତ୍ରରେ ଆଜି ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ ଅଶାନ୍ତି ଦେଖାଦେଇପାରେ।

## ଓଡ଼ିଶାର ଶ୍ରେଷ୍ଠ ପାଞ୍ଚ ପର୍ଯ୍ୟଟନସ୍ଥଳୀ



ଓଡ଼ିଶାରେ ଅନେକ ସୁନ୍ଦର ଓ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ରହିଛି, ଯାହା ପ୍ରକୃତି, ସଂସ୍କୃତି ଏବଂ ଇତିହାସର ଏକ ଅନନ୍ୟ ସମ୍ମିଶ୍ରଣ ପ୍ରଦାନ କରେ। ନିମ୍ନରେ ଓଡ଼ିଶାର ଶ୍ରେଷ୍ଠ ପାଞ୍ଚଟି ପର୍ଯ୍ୟଟନସ୍ଥଳୀର ତାଲିକା ଦିଆଯାଇଛି, ଯାହା ପର୍ଯ୍ୟଟକମାନଙ୍କ ମଧ୍ୟରେ ଅତ୍ୟନ୍ତ ଲୋକପ୍ରିୟ।

ପୁରୀ : ପୁରୀ ଜଗନ୍ନାଥ ମନ୍ଦିର ପାଇଁ ବିଶ୍ୱପ୍ରସିଦ୍ଧ, ଯାହା ହିନ୍ଦୁମାନଙ୍କ ପାଇଁ ଏକ ପ୍ରମୁଖ ତୀର୍ଥସ୍ଥାନ। ଏହାର ସମୁଦ୍ର କୂଳ ମଧ୍ୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରେ, ଯେଉଁଠାରେ ସୁନାଳି ବାଲୁକା ଓ ସମୁଦ୍ରର ସୌନ୍ଦର୍ଯ୍ୟ ଦେଖିବାକୁ ମିଳେ। ରଥଯାତ୍ରା ଭଳି ପର୍ବ ଏହାକୁ ଆହୁରି ଆକର୍ଷଣୀୟ କରିଥାଏ।

କୋଣାର୍କ : ୧୩ଶ ଶତାବ୍ଦୀରେ ନିର୍ମିତ ସୂର୍ଯ୍ୟ ମନ୍ଦିର, ଯାହା ଟଘରଝଉଙ ବିଶ୍ୱ ଐତିହ୍ୟ ସ୍ଥାନ ଭାବେ ସ୍ୱୀକୃତି ପାଇଛି। ଏହାର ଅଦ୍ଭୁତ ସ୍ଥାପତ୍ୟ ଓ ରଥ ଆକୃତି ପର୍ଯ୍ୟଟକମାନଙ୍କୁ ମନ୍ତ୍ରମୁଗ୍ଧ କରେ। ନିକଟସ୍ଥ ଚନ୍ଦ୍ରଭାଗା ସମୁଦ୍ର କୂଳ ମଧ୍ୟ ଅତିରିକ୍ତ ଆକର୍ଷଣ।

ଚିଲିକା ହ୍ରଦ : ଏସିଆର ସବୁଠାରୁ ବଡ଼ କ୍ଷାରଜଳ ହ୍ରଦ, ଯାହା ପକ୍ଷୀ ପ୍ରେମୀ ଓ ପ୍ରକୃତି ପ୍ରେମୀଙ୍କ ପାଇଁ ସ୍ୱର୍ଗ। ଶୀତ ଋତୁରେ ଲକ୍ଷାଧିକ ପ୍ରବାସୀ ପକ୍ଷୀଙ୍କ ଆଗମନ ଏବଂ ଇରାୱାଡ଼ି ଡଲଫିନଙ୍କ ଦର୍ଶନ ଏହାର ମୁଖ୍ୟ ଆକର୍ଷଣ। ସତପଡ଼ା ଓ ରାମ୍ଭା ଏଠାରେ ଦେଖିବାର ପ୍ରମୁଖ ସ୍ଥାନ।

ଭୁବନେଶ୍ୱର : "ମନ୍ଦିରର ସହର" ଭାବେ ପରିଚିତ, ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର ଓ ରାଜାରାଣୀ ମନ୍ଦିର ଭଳି ଐତିହାସିକ ସ୍ଥାପତ୍ୟ ରହିଛି। ଏହା ସହିତ ଉଦୟଗିରି ଓ ଖଣ୍ଡଗିରି ଗୁମ୍ଫା ଇତିହାସ ପ୍ରେମୀଙ୍କୁ ଆକର୍ଷିତ କରେ।

ସିମିଳିପାଳ : ଏହା ଏକ ଜାତୀୟ ଉଦ୍ୟାନ ଓ ବାଘ ସଂରକ୍ଷଣ କ୍ଷେତ୍ର, ଯେଉଁଠାରେ ରୟାଲ ବେଙ୍ଗଲ ବାଘ, ହାତୀ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କୁ ଦେଖିବାର ସୁଯୋଗ ମିଳେ। ଘନ ଜଙ୍ଗଲ, ଜଳପ୍ରପାତ (ଯେପରି ବରେଇପାଣି ଓ ଜୋରଣ୍ଡା) ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଏହାକୁ ପର୍ଯ୍ୟଟକମାନଙ୍କ ପାଇଁ ଆଦର୍ଶ କରିଥାଏ।

## ଅଭିନେତ୍ରୀ ଶ୍ରୀଲୀଳା

ଶ୍ରୀଲୀଳା ସାଉଥ୍ ସିନେମାର ଜଣେ ବହୁତ ଯୁବ ଏବଂ ଗ୍ଲାମରସ୍ ଅଭିନେତ୍ରୀ। ବହୁତ କମ ବୟସରେ ସେ ମହେଶ ବାବୁଙ୍କ ଭଳି ବଡ ଅଭିନେତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ଏବେ ବଲିଉଡ୍ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଆପଣ ତାଙ୍କ ପିଲାଦିନର କଥା ଜାଣିଲେ ଆଶ୍ଚର୍ଯ୍ୟ ହେବେ। ଶ୍ରୀଲୀଳା ସାଉଥ୍ ଶିଳ୍ପର ଜଣେ ସଫଳ ଅଭିନେତ୍ରୀ ଏବଂ ଜଣେ ତାଲିମପ୍ରାପ୍ତ ଡାକ୍ତର ମଧ୍ୟ। ସେ ୨୦୨୧ ମସିହାରେ ହାଇଦ୍ରାବାଦର ଏକ କଲେଜରୁ ଡାକ୍ତରୀ ଡିଗ୍ରୀ ହାସଲ କରିଥିଲେ। ତାଙ୍କ ବାପାମାଆଙ୍କ ଛାଡପତ୍ର ପରେ ତାଙ୍କର ଜନ୍ମ ହୋଇଥିଲା। ଏହି କାରଣରୁ, ତାଙ୍କ ବାପା ତାଙ୍କୁ ଗ୍ରହଣ କରି ନଥିଲେ। ସେ ୧୬ ବର୍ଷ ବୟସରେ 'ଚିତ୍ରାଙ୍ଗଦା' ଚଳଚ୍ଚିତ୍ରରେ ଶିଶୁ କଳାକାର ଭାବରେ ତାଙ୍କର ଫିଲ୍ମ କ୍ୟାରିଅର ଆରମ୍ଭ କରିଥିଲେ। ଏହା ପରେ, ତାଙ୍କୁ ୨୦୧୯ ମସିହାରେ 'କିସ୍' ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ବହୁତ କମ୍ ସମୟ ମଧ୍ୟରେ ସେ ଟଲିଉଡ୍ରୁ ବଲିଉଡ୍ ପର୍ଯ୍ୟନ୍ତ ନିଜର ଛାପ ସୃଷ୍ଟି କରିନେଲେ। ସେ ରାମ ପୋଥିନେନି, ନନ୍ଦମୁରୀ ବାଳକୃଷ୍ଣ ଏବଂ ମହେଶ ବାବୁଙ୍କ ଭଳି ବଡ଼ ବଡ଼ ଅଭିନେତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ୨୦୨୪ ମସିହାରେ ତାଙ୍କୁ ମହେଶ ବାବୁଙ୍କ ସହ 'ଗୁଣ୍ଟୁର କରମ' ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ କାମ କରିବାର ସୁଯୋଗ ମିଳିଥିଲା। ଏହି ଚଳଚ୍ଚିତ୍ର ତାଙ୍କ ଜୀବନରେ ମୋଡ଼ ଆଣିଥିଲା ଏବଂ ତାଙ୍କର ଲୋକପ୍ରିୟତା ମଧ୍ୟ ବହୁତ ବୃଦ୍ଧି ପାଇଥିଲା। ୨୦୨୨ ମସିହାରେ, ୨୦ ବର୍ଷ ବୟସରେ, ଶ୍ରୀଲୀଳା ୨ ଜଣ ଦିବ୍ୟାଙ୍ଗ ପିଲାଙ୍କୁ ପୋଷ୍ୟ ଭାବରେ ଗ୍ରହଣ କରିଥିଲେ। ସେ ଜଣେ ମାଆ ପରି ସେମାନଙ୍କର ସମସ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି। ତାଙ୍କର ଆଗାମୀ ପ୍ରୋଜେକ୍ଟ ବିଷୟରେ କହିବାକୁ ଗଲେ, ସେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଆଶିକୀ ୩'ରେ କାର୍ତ୍ତିକ ଆର୍ଯ୍ୟନଙ୍କ ସହ ନଜର ଆସିବେ। ଏହି ଫିଲ୍ମଟି ତାଙ୍କର ବଲିଉଡ୍ରେ ଡେବ୍ୟୁ ମଧ୍ୟ।



## ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ଭୃସଙ୍ଗପତ୍ର



ଏବେ ପ୍ରାୟ ସମସ୍ତେ ସ୍ୱାସ୍ଥ୍ୟକୁ ନେଇ ବେଶ ସଚେତନ ହୋଇ ଗଲେଣି। ଅନେକ ଲୋକ ଆୟୁର୍ବେଦ ପଦ୍ଧତିକୁ ଆପଣେଇ ନେଉଥିବା ବେଳେ ଏହା ଖୁବ ଭଲ କାମ କରୁଥିବା ବି କୁହାଯାଉଛି। ତେବେ ଆମ ବାଡି ବଗିଚାରେ ମିଳୁଥିବା ଏମିତି କିଛି ଫୁଲ, ପତ୍ର ବା ଫଳ ରହିଛି ଯାହା ଆମର ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ଠିକ କରି ଦେଇଥାଏ। ସେମିତି ଏକ ପତ୍ର ହେଲା ଭୃସଙ୍ଗ, ଯାହା ପ୍ରାୟତଃ ପ୍ରତ୍ୟେକଙ୍କ ଘରେ ବ୍ୟବହାର କରାଯାଇଥାଏ। ଭୃସଙ୍ଗପତ୍ର ସ୍ୱାସ୍ଥ୍ୟ ପାଇଁ ଲାଭକାରୀ। ପ୍ରତିଦିନ ସକାଳେ ଅଧାକପ ଭୃସଙ୍ଗପତ୍ର ରସ ପିଇଲେ ଲିଭର ସଂକ୍ରମଣ ଦୂରେଇ ଯାଇଥାଏ। ଭୃସଙ୍ଗପତ୍ର ରସ ନିୟମିତ ପିଇଲେ ମଧୁମେହରୁ ମୁକ୍ତି ମିଳେ। ଏହା ରକ୍ତର କୋଲେଷ୍ଟରଲସ୍ତରକୁ ନିୟନ୍ତ୍ରିତ କରିଥାଏ। ଏଥିରେ ଭିଟାମିନ ବି୧, ବି୩, ବି୯ ଏବଂ ସି ରହିଥାଏ। ଏହା ସହିତ ଏଥିରେ ଆଇରନ, କ୍ୟାଲସିୟମ ଏବଂ ଫସଫରସ ରହିଛି। ପ୍ରତିଦିନ ଭୃସଙ୍ଗପତ୍ର ଚୋବାଇ ଖାଇଲେ ମେଦବହୁଳତାରୁ ମିଳେ ମୁକ୍ତି। ଏକ ଚାମଚ ମହୁରେ ଭୃସଙ୍ଗପତ୍ର ରସ ମିଶାଇ ପିଇଲେ କଫ ବାହାରି ଯାଇଥାଏ। ଏହାକୁ ନିୟମିତ ପିଇଲେ ହାର୍ଟ ଆଟାକ ଆଶଙ୍କା କମିଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି।

## ପଣସ ପେଚି

ଆବଶ୍ୟକ ସାମଗ୍ରୀ: ପଣସ, ହଳଦି, ଲୁଣ, ଲଙ୍କା ଗୁଣ୍ଡ, ଆମଚୁର ପାଉଡର, କନ୍ଦମୂଳ ଗୁଣ୍ଡ, କାଜୁ, ଟମାଟୋ, କଞ୍ଚାଲଙ୍କା, ଅଦା, ରସୁଣ, ଗରମ ମସଲା ।




ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପଣସକୁ ସିଝାଇ ଦିଅନ୍ତୁ। ପରେ ଏଥିରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, ଆମଚୁର ପାଉଡର, କନ୍ଦମୂଳ ଗୁଣ୍ଡ, ଅଦା, ରସୁଣ, କଞ୍ଚାଲଙ୍କା ବଟା, ଟମାଟୋ ଓ କାଜୁ ବଟା ପକାନ୍ତୁ। ସେଥିରେ କିଛି ତେଲ ପକାଇ ଭଲ ଭାବେ ଚକଟି ଦିଅନ୍ତୁ।ଏକ ପ୍ୟାନ୍ରେ ତେଲ ପକାଇ ଗରମ କରନ୍ତୁ। ପଣସ ଚକଟାକୁ ହାତରେ ଛୋଟ ଛୋଟ ଗୋଲ କରି ତାହାକୁ ଛାଣନ୍ତୁ। ଉଭୟ ସାଇଡ ଗୋଲଡେନ୍ କଲର ହେବା ପରେ ଏହାକୁ ବାହାର କରି ଦିଅନ୍ତୁ। ଏବେ ଗରମାଗରମ ପରଷନ୍ତୁ ପଣସ ପେଚି। ଗରମାଗରମ ଚା' କିମ୍ବା କଫି ସହ ସ୍ନାକ୍ସ ଭାବେ ଏହାର ମଜା ନେଇ ପାରିବେ।




ରାଜ୍ୟ ପ୍ରଜାତନ୍ତ୍ର
୨୮-୬-୨୦୨୫
ପୃଷ୍ଠା:୩

# ଭାବ ଭକ୍ତିରେ ଭିଜିଲା ଶ୍ରୀକ୍ଷେତ୍ର













## ଆତଙ୍କବାଦୀଙ୍କ ସହ ସମ୍ପୃକ୍ତି ଘଟଣାରେ ୫ବର୍ଷ ଜେଲ



ଯାଜପୁର (ପିପିଏସ୍): ବହୁ ଚର୍ଚ୍ଚିତ ଆତଙ୍କବାଦୀ ଲିଙ୍କ ଘଟଣାରେ ଇଶାନ ବୁଖାରୀଙ୍କୁ ୫ ବର୍ଷ ଜେଲ ଦଣ୍ଡା ଦେଶ ଦେଲେ ଚଣ୍ଡିଖୋଲ ଜେଏମଏଫସି କୋର୍ଟ। ୨୦୨୩ ମସିହାରେ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଧୀନ ମିଲତନଗରରୁ ଇଶାନ ବୁଖାରିଙ୍କୁ ଆତଙ୍କବାଦୀ ଲିଙ୍କ୍ ଘଟଣାରେ ଏସଟିଏଫ୍ ଗିରଫ କରିଥିଲା। ଯାଜପୁର ଜେଲ ପରେ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିଲା। ପରେ ଇଶାନ ବୁଖାରୀ ଫ୍ରଡ ଓ ଚିଟିଂ ଘଟଣା ଏବଂ ବିଭିନ୍ନ ଟଙ୍କା ହେରଫେର୍ ଘଟଣାରେ ସଂପୃକ୍ତି ଥିବା ସାମ୍ନାକୁ ଆସିଥିଲା। ଏ ନେଇ ଇଶାନ ବୁଖାରୀଙ୍କ ମାମଲାର ଶୁଣାଣି କରି ଚଣ୍ଡିଖୋଲ ଜେଏମଏଫସି କୋର୍ଟ ବିଚାରପତି ଶ୍ରୀମୟୀ ନନ୍ଦ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଭାରତୀୟ ପିଙ୍ଗଳ କୋର୍ଟ ଧାରା ୪୧୯, ୪୬୫, ୪୬୮, ୪୭୧, ୬୬(ଡି) ଆଇଟି ଆକ୍ଟରେ ଜେଲ ଦଣ୍ଡାଦେଶ ଶୁଣାଇଚନ୍ତି ବିଚାରପତି।

## ବିଷବଳୟରେ କୁଶଭଦ୍ରା ନଦୀ ଜଳ

ଗୋପ (ପିପିଏସ): ଗୋପ ବ୍ଲକ ର ବିଭିନ୍ନ ଗ୍ରାମରେ ଝାଡାବାନ୍ତି ବ୍ୟାପିଥିବା ଥିବା ବେଳେ ଏବେ ଏହା ନିୟନ୍ତ୍ରଣକୁ ଆସିଛି। ବିଷାକ୍ତ ପାନୀୟ ଜଳ ଓ ଜଳବାୟୁ ପରିବର୍ତ୍ତନଏହାର ଏକ ପ୍ରକାର କାରଣ ହୋଇରେ ବୋଲି ଡାକ୍ତର କୁହନ୍ତି। ଗୋପ ବ୍ଲକରେ ଝାଡାବାନ୍ତି କମିଥିବା ବେଳେ ଚିନ୍ତା ବଢ଼ାଇଛି ଗୋପ କୁଶଭଦ୍ରା ନଦୀଜଳ। କାରଣ ଗୋପ କୁଶଭଦ୍ରା ନଦୀ ଜଳ ସମ୍ପୂର୍ଣ ବିଷାକ୍ତ ହେବାରେ ଲାଗିଛି। ନିମାପଡା, ଗୋପ ଦେଇ ବହିଥିବା କୁଶଭଦ୍ରା ନଦୀରେ କଟିକି ଦଳ ସମ୍ପୂର୍ଣ ନଦୀକୁ ଘୋଡାଇ ଦେଇଥିବା ବେଳେ ଦଳ ପଚି ନଦୀ ଜଳକୁ ବିଷାକ୍ତ କରୁଛି। ଖାଲି ସେଠିକି ନୁହେଁ କୁଶଭଦ୍ରା ନଦୀ ଉପରେ ନିର୍ମାଣ ହୋଇଥିଲା ସେତୁ ତଥା ଗୋପ ନାଗପୁର ଏବଂ ନେତପୁର ବ୍ରିଜ ତଳେ କିଛି ହିନମାନସିକ ବ୍ୟକ୍ତି ବର୍ଷ ବର୍ଷ ଧରି ଅଳିଆ ଆବର୍ଜନା ନଦୀ ଗର୍ଭକୁ ଫିଙ୍ଗୁଥିବା ବେଳେ ନଦୀ ଜଳ ଦୂଷିତ ହେଉଛି। ଖରାଦିନେ ଗୋପ ବ୍ଲକର ବିଭିନ୍ନ ଗ୍ରାମ ତଥା, ଶୋଲପୁର, ନେତପୁର, ମଲିଆତୁଠ, ତଳମାଳସାହି ଗ୍ରାମବାସୀମାନେ ଏହି କୁଶଭଦ୍ରା ନଦୀଜଳ ଉପରେ ନିର୍ଭର କରନ୍ତି ଫଳରେ ନଦୀଜଳ ବିଶୁଦ୍ଧ ହେବା ଦ୍ୱାରା ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଏପରିକି ଗୃହପାଳିତ ପଶୁ ମାନେ ଏହି ନଦୀ ଜଳ ପିଇ ରୋଗାକ୍ରାନ୍ତ ହେଉଥିବାର ଦେଖିବାକୁ ମିଳୁଛି।

ନଦୀ ଓ କେନାଲକୁ ସଫା ରଖିବା ପାଇଁ ଜଳ ସମ୍ପଦ ବିଭାଗକୁ କୋଟି କୋଟି ଟଙ୍କା ଆସୁଥିବା ବେଳେ ଗୋପ କୁଶଭଦ୍ରା ନଦୀପାଇଁ ଟଙ୍କାଟିଏ ଖର୍ଚ୍ଚ ହୋଇନାହିଁ ଯାହା ଏହି ନଦୀ ଭିତରର ଦୃଶ୍ୟ ଦେଖି ସ୍ପଷ୍ଟ ବାରିହୋଇ ପଡୁଛି। ଗୋପ କୁଶଭଦ୍ରା ନଦୀ ନିମାପଡା ସେତୁ ଠାରୁ ନିଆଖିଆ ପର୍ଯ୍ୟନ୍ତ ଗୋପ ଜଳସମ୍ପଦ ବିଭାଗ ଅଧୀନରେ ଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଏହି ନଦୀପ୍ରତି ଟିକ୍ଏ ନିଘାନାହିଁ ବୋଲି ପୂର୍ବତନ ଗୋପ ପଞ୍ଚାୟତ ସଭାପତି ପ୍ରତାପ କୁମାର ପରିଡା, ବିଜେପି ଯୁବନେତା ରୁଦ୍ର ପ୍ରତାପ ମାଝୀ ଏବଂ ସମାଜସେବୀ ପ୍ରବଞ୍ଜନ ଶଗଡିଆ କହିଛନ୍ତି। ଯଦି କୁଶଭଦ୍ରା ନଦୀଗର୍ବରୁ ତୁରନ୍ତ ଦଳ ଓ ଅଳିଆ ଆବର୍ଜନା ସଫା ନକରଯାଏ ନେବେ ଏହି ନଦୀଜଳ ବିଭିନ୍ନ ରୋଗର କାରଣ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋରଧରିଛି। ଯଥାଶୀଘ୍ର ଜଳସମ୍ପଦ ବିଭାଗ ତରଫରୁ ଗୋପ କୁଶଭଦ୍ରା ନଦୀଗର୍ଭକୁ ସଫାକରିବା ପାଇଁ ଗୋପ ଅଞ୍ଚଳବାସୀ ଦାବୀକରିଛନ୍ତି।



## ଖାକିରେ ଦାଗ: ବିବାହିତା ମହିଳାଙ୍କୁ କନେଷ୍ଟବଲଙ୍କ ଦୁଷ୍କର୍ମ ଅଭିଯୋଗ ନିଲମ୍ବିତ କଲେ ଏସ୍‌ପି

ବ୍ରହ୍ମପୁର (ପିପିଏସ୍): ଦୁଷ୍କର୍ମ ଭଳି ଏକ ଲଜ୍ଜାଜନକ ଘଟଣା ଗଞ୍ଜାମ ତଥା ବ୍ରହ୍ମପୁରକୁ ଛାଡୁନି । ଯାହାକି ଏବେ ଜିଲ୍ଲା, ରାଜ୍ୟ ତଥା ଦେଶରେ ସହରର ନାମ ବଦନାମ ହୋଇଛି । ଗୋଳନ୍ଥରା ଗଣଦୁଷ୍କର୍ମ ହେଉ କିମ୍ବା ଗୋପାଳପୁର ସମୁଦ୍ର ବେଳାଭୂମିରେ ହୋଇଥିବା ଗଣଦୁଷ୍କର୍ମ ଘଟଣା ଓ ନକଲି ଡାକ୍ତର ଚାକିରୀ ଦେବାକୁ କହି ନାବାଳିକାଙ୍କୁ ଦୁଷ୍କର୍ମ ଘଟଣା ହେଉ ତାହା ମନରୁ ନ ଲିଭୁଣୁ ବର୍ତ୍ତମାନ ବ୍ରହ୍ମପୁର ପୁଲିସ୍ ଜିଲ୍ଲାରେ କାର୍ଯ୍ୟରତ କନେଷ୍ଟବଲ ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗକୁ ନେଇ ଜିଲ୍ଲା ପୁଲିସ୍ ଏବେ ନିନ୍ଦିତ ହେବାକୁ ପଡିଛି । ମିଳିଥିବା ସୂଚନା ପ୍ରକାରେ, ବ୍ରହ୍ମପୁର ଟାଉନ୍ ଥାନା ବିଜିପୁର ଅଞ୍ଚଳର ମୂଳବାସିନ୍ଦା ବର୍ତ୍ତମାନ ଦିଗପହଣ୍ଡି ଥାନାରେ କାର୍ଯ୍ୟରତ ପୁଲିସ୍ କନେଷ୍ଟବଲ ଟାଉନ୍ ଥାନା ଅଞ୍ଚଳର ଜୈନିକ ବିବାହିତା ମହିଳାଙ୍କୁ ଦୁଷ୍କର୍ମ କରିଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି । ୨୫ତାରିଖ ରାତିରେ ଦୁଷ୍କର୍ମର ଶିକାର ହୋଇଥିବା ମହିଳାଜଣଙ୍କ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ । ପରେ ଏସ୍‌ପି ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦେବାପରେ ଟାଉନ୍ ଥାନା ପୁଲିସ୍ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ବେଳେ ଗୁରୁବାର ପୁଲିସ୍ କନେଷ୍ଟବଲଙ୍କୁ ଚାକିରୀରୁ ନିଲମ୍ବିତ କରିଛନ୍ତି ବ୍ରହ୍ମପୁର ଏସ୍‌ପି ଡା.ଶ୍ରବଣା ବିବେକ ଏମ୍ । ଦୁଷ୍କର୍ମ କରିଥିବା କନେଷ୍ଟବଲ ଜଣେ ବିବାହିତା ଓ ତାଙ୍କର ୨ଟି ସନ୍ତାନ ରହିଥିବା ବେଳେ ଅଭିଯୋଗକାରୀ ମହିଳା ମଧ୍ୟ ବିବାହିତ ତାଙ୍କର ୨ଟି ସନ୍ତାନ ରହିଛି । ତେବେ କେଉଁ ପରିସ୍ଥିତିରେ ପୁଲିସ୍ କନେଷ୍ଟବଲ ମହିଳାଙ୍କୁ ଦୁଷ୍କର୍ମ କରିଛନ୍ତି ତାହାର ତଦନ୍ତ କରୁଛି ଟାଉନ୍ ଥାନା ପୁଲିସ୍ । ବର୍ତ୍ତମାନ ଅଭିଯୋଗର ତଦନ୍ତ ଚାଲିଛି । ତଦନ୍ତରେ କନେଷ୍ଟବଲ ପୁଲିସ୍‌କୁ ସହଯୋଗ କରୁଥିବା ମଧ୍ୟ ଜଣାପଡିଛି । ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ, ପୁଲିସ୍ କନେଷ୍ଟବଲଙ୍କୁ ପଚରା ଉଚୁରା ବେଳେ ମହିଳାଜଣଙ୍କ ତାଙ୍କ ପଛରେ ପଡି ପ୍ରେମ ନିବେଦନ କରିଥିବା ପୁଲିସ୍ ନିକଟରେ କୁଆଡେ କହିଥିବା ବେଳେ ଅପରପକ୍ଷରେ ମହିଳାଜଣଙ୍କ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କନେଷ୍ଟବଲ ଦୁଷ୍କର୍ମ କରିଥିବା କଥା ପୁଲିସ୍ ଦୁହିଁଙ୍କ ବୟାନ ରେକର୍ଡ ବେଳେ ଏହି ତଥ୍ୟ ପାଇଛି । ତେବେ ଏସ୍‌ପିଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ କରୁଛି । ତଦନ୍ତପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ୍ କହିଛି ।

# ବିଦ୍ୟୁତ ଆଘାତରେ ବୃଦ୍ଧାଙ୍କ ମୃତ୍ୟୁ: କ୍ଷତିପୂରଣ ଦାବିରେ କାର୍ଯ୍ୟାଳୟ ଘେରାଉ

## ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ଲୋକେ



ଅସ୍ତରଙ୍ଗ (ପିପିଏସ୍): ପବିତ୍ର ରଥଯାତ୍ରାରେ ଅଘଟଣ ଘଟିଛି। ବିଦ୍ୟୁତ ଆଘାତରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ହେଲେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମାଣ୍ଡୁକି ଅଞ୍ଚଳର ଲାବଣ୍ୟ କାଣ୍ଡି (୬୪)।

ସୂଚନା ଅନୁସାରେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମାଣ୍ଡୁକି ଗ୍ରାମର ଶିବ କାଣ୍ଡିଙ୍କ ପତ୍ନୀ ଗୁରୁବାର ବିଳମ୍ବିତ ରାତ୍ରରେ ବିଦ୍ୟୁତ ଆଘାତରେ ପ୍ରାଣହାନୀ ଘଟିଛି।ଗୁରୁବାର ବିଳମ୍ବିତ ରାତ୍ରରେ ମାଣ୍ଡୁକି ଗ୍ରାମର ଶିବ କାଣ୍ଡି ଓ ପତ୍ନୀ ଲାବଣ୍ୟ କାଣ୍ଡି ବାହାରକୁ ରାତ୍ର ୨ଘ ୩୦ମିନିଟ ସମୟରେ ପରିସ୍ରା କରିବାକୁ ଉଠିଥିବା ବେଳେ ରାତ୍ରରେ ବର୍ଷା, ପବନ ହୋଇ ପୂର୍ବରୁ ବିପଦ ସଂକୁଳ ଅବସ୍ଥାରେ ଥିବା ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା, ଯାହା ଫଳରେ ଛିଣ୍ଡି ପଡ଼ିଥିବା ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯିବାରୁ ତାଙ୍କର ଶରୀର ଅନେକ ସ୍ଥାନ ଜଳିଯାଇଥିବା ବେଳେ ପରିବାର ଲୋକ ତୁରନ୍ତ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ। କିନ୍ତୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡକ୍ଟର ମୃତ ଘୋଷଣା କରିଥିଲେ। ଲାବଣ୍ୟଙ୍କ ପବିତ୍ର ରଥଯାତ୍ରା ଭଳି ଏକ ଦିନରେ ଭଗବାନ ତାଙ୍କୁ ସମସ୍ତଙ୍କ ନିକଟରୁ ଛଡାଇନେଇ ଥିବାରୁ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକ ଖବର ପାଇଁ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ବିଜେପି ମଣ୍ଡଳ ୧ ସଭାପତି ଇନ୍ଦ୍ରମଣି ଜେନା, ମାଣ୍ଡୁକି ସମିତି ସଭ୍ୟ ଗଗନ କାଣ୍ଡିଙ୍କ ସହ ଶତାଧିକ ବ୍ୟକ୍ତି ଡାକ୍ତର ଖାନାରେ ପହଂଚିଥିଲେ। ବିଦ୍ୟୁତ ତାର ଟି ବିପଦ ସଂକୁଳ ଅବସ୍ଥାରେ ଥିବା ଘଟଣା ପୂର୍ବରୁ ସ୍ଥାନୀୟ ଲୋକ ବିଦ୍ୟୁତ ବିଭାଗକୁ ଜଣାଇଥିବା ବେଳେ ବିଦ୍ୟୁତ କର୍ମଚାରୀ ଖାମଖିଆଲ ମନୋବୃତ୍ତି ଯୋଗୁଁ ଅଦ୍ଧ ପବନ ବର୍ଷା ଯୋଗୁଁ ବିଦ୍ୟୁତ ତାର ଛିଣ୍ଡି ଅକାଳ ରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ଏ ନେଇ ମୃତ ଲାବଣ୍ୟ ଙ୍କ ପୁଅ ପ୍ରତାପ କାଣ୍ଡି ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ନାମରେ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି, ଅନ୍ୟ ପଟେ ଲାବଣ୍ୟଙ୍କ ମୃତ୍ୟୁକୁ ନେଇ କ୍ଷତି ପୂରଣ ଦାବୀରେ ଅସ୍ତରଙ୍ଗ ଉକୁଳେଇସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ସାମ୍ନାରେ ଶତାଧିକ ଲୋକ ଙ୍କ ଧାରଣା ଦେଇଥିଲେ।ଦୀର୍ଘ ସମୟ ଧାରଣା ପରେ ବିଦ୍ୟୁତ କାର୍ଯ୍ୟାଳୟ ସେକ୍ସନ ଇନିଚାର୍ଜ ସନ୍ତୋଷ କୁମାର ବେଉରା ପହଂଚି ଧାରଣା ବସିଥିବା ଲୋକଙ୍କ ସହ କଥାବାର୍ତ୍ତା ହେବା ସହ ସରକାରୀ ନିୟମ ଅନୁଯାୟୀ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇ ଯାହା କ୍ଷତି ପୂରଣ ଅଛି ଦିଆଯିବ ପ୍ରତିଶ୍ରୁତି ମିଳିବା ପରେ ଧାରଣାରୁ ଲୋକେ ଉଠିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନୂଆଗଡ ଥାନା ନିରୀକ୍ଷକ ଅଚ୍ୟୁତାନନ୍ଦ ବେହେରା, ଅସ୍ତରଙ୍ଗ ଥାନା ଉପନିରୀକ୍ଷକ ଅନୁପମା ମଲ୍ଲିକଙ୍କ ସହ ଅନ୍ୟ ପୋଲିସ ଉପସ୍ଥିତ ଥିଲେ। ଏନେଇ ଅସ୍ତରଙ୍ଗ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ୧୩୦/୨୫ରୁଜୁ କରି ଶୁକ୍ରବାର ଶବବ୍ୟବଚ୍ଛେଦ ପାଇଁ ଚାରିଛକ ପଠାଇଥିଲେ, ବ୍ୟବଚ୍ଛେଦ ପରେ ମୃତଦେହ ମାଣ୍ଡୁକିରେ ପହଂଚି ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି।

# ନାବାଳିକା ବଳାତ୍କାର: ଆସାମୀଙ୍କୁ ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, (ପିପିଏସ୍): ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବିଶେଷ ପକ୍ସୋ କୋର୍ଟ ବିଚାରପତି ଆସାମୀ ସ୍ୱାଧୀନ ଡିଗାଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୬୫ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଥିଲେ ଆସାମୀ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ପୀଡ଼ିତାଙ୍କୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ଜଜ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ପାଟକୁରା ଅଞ୍ଚଳର ଜଣେ ୧୭ ବର୍ଷର ନାବାଳିକା ଭୁବନେଶ୍ୱର ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ପଢୁଥିଲେ। ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ରହୁଥିଲା କନ୍ଧମାଳ ଜିଲା କନ୍ଧମାଳ ସଦର ଥାନା ଅନ୍ତର୍ଗତ ସଦନଗେଡ଼ି ଗ୍ରାମର ଅଭିଯୁକ୍ତ ସ୍ୱାଧୀନ ଡିଗାଲ। ଅଭିଯୁକ୍ତ ସ୍ୱାଧୀନ ପାଟକୁରା ଆସି ୨୦୨୪ ମସିହା ଅକ୍ଟୋବର ୮ ତାରିଖରେ ନାବାଳିକାକୁ ଅପହରଣ କରିଥିଲା। ଏହାପରେ ତାଙ୍କୁ ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିଥିଲା। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ପାଟକୁରା ଥାନାରେ ଏତଲା ଦେଇଥିଲେ। ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ଚାଲିଥିବା ବେଳେ ପୁଲିସ ଭୁବନେଶ୍ୱର ନୟାପଲ୍ଲୀ ଥାନା ଅଞ୍ଚଳରୁ ୨୦୨୪ ମସିହା ନଭେମ୍ବର ୧୮ ତାରିଖରେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହାପରେ ଉଭୟଙ୍କର ଡାକ୍ତରୀ ମାଇନା ହୋଇଥିଲା। ଡାକ୍ତରୀ ପରୀକ୍ଷାରୁ ଜଣାପଡିଲା ଯେ ନାବାଳିକା ଗର୍ଭବତୀ ଅଛି। ଏହାପରେ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ତଦନ୍ତକାରୀ ଅଧିକାରୀ ୨୦୨୫ ମସିହା ଜାନୁଆରୀ ୧୪ ତାରିଖରେ ଅଭିଯୋଗପତ୍ର ଦାଖଲ କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ସ୍ୱତନ୍ତ୍ର ପୋକସୋ କୋର୍ଟ ଜଜ ପ୍ରଜ୍ଞା ପରମିତା ରାଉଳ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏଥିରେ ୬ ଜଣ ସାକ୍ଷୀ ସାକ୍ଷ୍ୟ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

# ରଘୁନାଥପୁର ଓ ବିରିଡ଼ିରେ ଗଡ଼ିଲା କାଳିଆର ରଥ



ରଘୁନାଥପୁର (ପିପିଏସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଶ୍ୱନିୟନ୍ତା କାଳିଆ ଠାକୁରଙ୍କ ରଥ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରଘୁନାଥପୁର ପଞ୍ଚାୟତ ଜଗନ୍ନାଥ ଡୋଳା ବଡଦାଣ୍ଡରେ ୨୩୬ ବର୍ଷ ପ୍ରାଚୀନ ଜଗନ୍ନାଥଙ୍କ ଘୋଷଯାତ୍ରାରେ ପ୍ରଭୁଙ୍କୁ ରଥାରୂଢ଼ କରାଯିବା ପରେ ଶିବନ ମିତ୍ର ଛେରାପହଁରା କରିଥିଲେ।ଶ୍ରୀବେଦ ସରକାର, ସୂର୍ଯ୍ୟକାନ୍ତ ସାହୁ, ସୁବ୍ରତଜ୍ୟୋତି ମହାପାତ୍ର ଓ ଗ୍ରାମବାସୀଙ୍କ ସହଯୋଗରେ ରଥଟଣା ଆରମ୍ଭ ହୋଇଥିଲା।ଜଗନ୍ନାଥପୁର ବଜାରରେ ଥିବା ମଦନମୋହନଙ୍କ ରଥଯାତ୍ରାରେ ମଦନମୋହନ ଜେନା, ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମ ଖଳିପଡିଆରେ ଆଇନଜୀବି ଗଗନ ଦାସ ଓ ସାନପାଟଣାରେ ରଞ୍ଜନ କୁମାର ସାହୁ ଛେରାପହଁରା କାର୍ଯ୍ୟ ସମାପନ କରିବା ପରେ ରଥଟଣା ହୋଇଥିଲା।ସେହିପରି କୋଟକଣା, ନାରାୟଣ ଛକ, ଗୋପାଳପୁର(ଚନ୍ଦନ ପୋଖରୀ),ଭାଞ୍ଜିପୁର, ସିର୍ଲୋ ଗୋମତୀଆଶ୍ରମ, ଓଡ଼ପଡ଼ା (ସାନଦେବୀ ମେଳା), ଅଙ୍ଗ, ତାରପୁର, ଗୋକୁଳପୁର, ଖଣ୍ଡତରି, ଜଳପୁର ହାଟ, ନାଳିକର, ରେଭୁଆଡାଟ, ଚିକିଆ, ମାହାଳହାଟ ମୁଗୁରିଆ, ତରିକୁନ୍ଦ,ବଡତିହଡ଼ା, ବିରିଡି ବ୍ଲକ ଅନ୍ତର୍ଗତ ପୁରାଣ ବର୍ଷରେ ଧାନକୁଦ ଓ ଶିବପୁର ଆଦି ସ୍ଥାନରେ ଆନନ୍ଦ ଉଲ୍ଲାସର ସହ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ସୁଦ୍ଧା ସମସ୍ତ ରଥ ମାଉସୀ ମା ଘରେ ପହଞ୍ଚିଥିବା ଜଣାପଡିଛି। ଶାନ୍ତି ଶୃଙ୍ଖଳା ପାଇଁ ସମସ୍ତ ସ୍ଥାନରେ ପୋଲିସ ମୁତୟନ ଥିବା ଦେଖିବାକୁ ମିଳିଛି।

# ନକଲି କାଗଜପତ୍ରରେ ଜମି ବିକ୍ରିକରି ୨ ଗିରଫ





ବ୍ରହ୍ମପୁର (ପିପିଏସ୍): ନକଲି କାଗଜପତ୍ରରେ ଜମି ବିକ୍ରି କରିବା ସହ ୬୭ଲକ୍ଷ ଟଙ୍କା ଠକେଇ ମାମଲାରେ ଟାଉନ୍ ଥାନା ପୁଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗାନ୍ଧୀନଗର ଅଞ୍ଚଳର ରୀତା ଦଳେଇ(୭୦) ଓ ବଡ଼ବଜାର ଥାନା ଅଞ୍ଚଳର ସଞ୍ଜୀବ ରତନ(୪୨)। ପୁଲିସ ସେମାନଙ୍କ ନିକଟରୁ ଇଂଷ୍ଟାମ ନନ ଜୁଡିସିଆଲ ଇ-ଷ୍ଟାମ୍ପ, କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ହୋଇଥିବା ଅସଲି ବିକ୍ରି ଦଲିଲ, ଦୁଇଟି ପଟ୍ଟା, ଟ୍ରେସ୍ ମ୍ୟାପ, ଇ-ରେଜିଷ୍ଟ୍ରେସନ୍ ରସିଦ ସମେତ ବିଭିନ୍ନ କାଗଜପତ୍ର ଜବତ କରିଛି। ଉଭୟ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ବ୍ରହ୍ମପୁର ଏସ୍‌ପି ଡା.ଶ୍ରବଣୀ ବିବେକ ଏମ୍ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ବଡ଼ବଜାର ପଦ୍ମନଗରର ମିଳନ କୁମାର ସାହୁ ଘର ତିଆରି କରିବାକୁ ଜମି ଖୋଜୁଥିଲେ। ଏହି ସମୟରେ ଦୁଇଜଣ ମଧ୍ୟସ୍ଥି ତାଙ୍କୁ ଭେଟିଥିଲେ। ଗାନ୍ଧୀ ନଗର ଅଞ୍ଚଳରେ ଏକ ଜମି ରହିଥିବା କହିଥିଲେ ଓ ସାଥିରେ ନେଇ ଜମି ଦେଖାଇଥିଲେ। ଏହାପରେ ଗିରଫ ଅଭିଯୁକ୍ତ ରୀତା ଦଳେଇଙ୍କ ସ୍ୱାମୀଙ୍କ ନାମରେ ଉକ୍ତ ଜମି ରହିଥିବା କହିଥିଲେ। ରୀତାଙ୍କ ସ୍ୱାମୀ ମିଳନଙ୍କ ସହ ମିଶିଥିଲେ। ୪୨ଡେସିମିଲ ବିଶିଷ୍ଟ ଜମିକୁ ୬୭ଲକ୍ଷ ଟଙ୍କାରେ ବିକ୍ରି କରିବାକୁ ରାଜିଥିଲେ। ଜମି ପସନ୍ଦ ଥିବାରୁ ମିଳନ ତାଙ୍କୁ କିଣିବାକୁ ରାଜି ହୋଇଥିଲେ। ରୀତାଙ୍କ ସ୍ୱାମୀଙ୍କ ଆକାଉଣ୍ଟକୁ ମିଳନ ୨୧ଲକ୍ଷ ୮୦ହଜାର ଟଙ୍କା ବ୍ୟାଙ୍କ ଜରିଆରେ ଦେଇଥିଲେ। ସେହିପରି ୪୫ଲକ୍ଷ ୧୬ ହଜାର ୫୦୦ଟଙ୍କା ନଗଦ ରୀତା, ସଞ୍ଜୀବ ରତନ ଉପସ୍ଥିତିରେ ରୀତାଙ୍କ ସ୍ୱାମୀଙ୍କୁ ଦେଇଥିଲେ। ଗତ ଡିସେମ୍ବର ୨୦୨୪ରେ ଏହି ଜମିକୁ ବ୍ରହ୍ମପୁର ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ରୀତାଙ୍କ ସ୍ୱାମୀ ମିଳନଙ୍କୁ ବିକ୍ରି କରିଥିଲେ। କିଛିଦିନ ପୂର୍ବରୁ ଉକ୍ତ ଜମିର କାଗଜପତ୍ର ନକଲି ବୋଲି ମିଳନ ଜାଣିବାକୁ ପାଇଥିଲେ। ଏହାପରେ ଦୁଇ ମଧ୍ୟସ୍ଥିଙ୍କୁ ଯୋଗାଯୋଗ କରିବା ସହ ଟଙ୍କା ଫେରାଇବାକୁ କହିଥିଲେ। ଟଙ୍କା ଫେରାଇବା ବଦଳରେ ମିଳନଙ୍କୁ ଜୀବନରେ ମାରିଦେବାକୁ ଅଭିଯୁକ୍ତ ମାନେ ଧମକ ଦେଇଥିଲେ। ଏ ନେଇ ଟାଉନ୍ ଥାନାରେ ମିଳନ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ୨ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ମାନଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି।

# ୪ ଗାଁକୁ ବିଏମ୍‌ସିରେ ମିଶ୍ରଣ ନେଇ ପୌରପ୍ରଶାସନ ନିର୍ଦ୍ଦେଶକଙ୍କୁ ପ୍ରସ୍ତାବ ଦେଲେ କମିଶନର


ବ୍ରହ୍ମପୁର (ପିପିଏସ): ବ୍ରହ୍ମପୁର ମହାନଗର ନିଗମର ପାର୍ଶ୍ୱବର୍ତ୍ତୀ ଗାଁ ମିଶ୍ରଣ ନେଇ ନୂଆ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ପଦକ୍ଷେପ ଗ୍ରହଣ କରିଛନ୍ତି। ସହର ନିକଟସ୍ଥ ୪ଟି ଗାଁ ସାନକୁଶଷାଳି, ଲୋଚାପଡ଼ା, ଗୋଳାବନ୍ଧ ଓ ବ୍ରହ୍ମାପଲ୍ଲୀ ଆଦି ବିଏମ୍‌ସିରେ ମିଶ୍ରଣ ପାଇଁ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ପ୍ରସ୍ତାବ ଦେଇଛନ୍ତି ବିଏମ୍‌ସି କମିଶନର। ଦୁଇ ଦିନ ପୂର୍ବରୁ ଏ ନେଇ ସେ ଏକ ଚିଠି କରିଛନ୍ତି ଏବଂ ମିଶ୍ରଣ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିବା ଜଣାପଡ଼ିଛି। କମିଶନର ଚିଠି ଲେଖି ଅବଗତ କରିଛନ୍ତି ଯେ, ଉପରୋକ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଆଶା ଏବଂ ଆବଶ୍ୟକତା ବୃଦ୍ଧି ପାଇଛି। ସେମାନେ ସହରାଞ୍ଚଳରେ ରହୁଥିଲେ ମଧ୍ୟ ନିଗମ କୌଣସି ସୁବିଧା ପାଉନାହାନ୍ତି। ନିଗମ ଦ୍ୱାରା ଧାର୍ଯ୍ୟ ସେବା ଓ ସୁବିଧା ଠାରୁ ଦୂରରେ ରହିଛନ୍ତି। ସେହିପରି ବ୍ରହ୍ମପୁର ସହରର ସମନ୍ୱିତ ଏବଂ ଯୋଜନାବଦ୍ଧ ବିକାଶ ପାଇଁ ୪ଟି ଗାଁର ମିଶ୍ରଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କମିଶନର ଚିଠି କରି ଜଣାଇଛନ୍ତି।

# ଦେଶରେ ବର୍ତ୍ତମାନ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି: ସିପିଏମ୍



ବ୍ରହ୍ମପୁର(ପିପିଏସ): ସିପିଏମ ପକ୍ଷରୁ ଦେଶରେ ଜରୁରୀକାଳୀନ ପରିସ୍ଥିତିର ୫୦ବର୍ଷ ପୂର୍ତ୍ତି ପାଳନ କରାଯାଇଥିଲା। ଏହି ଅବସରରେ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ 'ଜରୁରୀକାଳୀନ ପରିସ୍ଥିତିର ୫୦ବର୍ଷ ଓ ସାମ୍ପ୍ରତିକ ଅବସ୍ଥା' ସମ୍ପର୍କରେ ଆଲୋଚନା ସଭା କଟୋରା ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜରୁରୀକାଳୀନ ପରିସ୍ଥିତି ସମୟରେ ମିଶା ବନ୍ଦୀଭାବେ ୧୯ ମାସ ଜେଲ୍ ଖଟିଥିବା ତଥା ରାଜ୍ୟ ସରକାରଙ୍କ ମିଶା ବନ୍ଦୀ ଭତ୍ତାକୁ ପ୍ରତ୍ୟାଖାନ କରିଥିବା ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜରୁରୀକାଳୀନ ପରିସ୍ଥିତିକୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ କଳଙ୍କମୟ ଇତିହାସ ବୋଲି ବର୍ଣ୍ଣନା କରିଥିଲେ। ଦେଶରେ ତତ୍‌କାଳୀନ ଅବସ୍ଥାରେ ଗରିବ, ବେକାରୀ, ଦୁର୍ନୀତି ଓ ବିପର୍ଯ୍ୟସ୍ତ ଅର୍ଥନୈତିକ ପରିସ୍ଥିତି ନିୟନ୍ତ୍ରଣ କରିବାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଫଳ ହୋଇଥିଲେ ବୋଲି ସେ ଉଲ୍ଲେଖ କରିଥିଲେ। ତେଣୁ ଦେଶବ୍ୟାପୀ ପ୍ରତିବାଦର ଜୁଆର ସୃଷ୍ଟି ହୋଇଥିଲା। ଏପରିକି କଂଗ୍ରେସର ଏକ ଅଂଶ ମଧ୍ୟ ବିରୋଧ କରିଥିଲେ। ତେଣୁ ଏକ ଘରିକିଆ ହୋଇଥିବା ଇନ୍ଦିରା ଗାନ୍ଧୀ ନିଜର କ୍ଷମତା କାୟମ ରଖିବା ପାଇଁ ଜରୁରୀକାଳୀନ ପରିସ୍ଥିତି ଜାରି କରି ଏକଛତ୍ର ଶାସନ କରିବା ପାଇଁ ଯୋଜନା କରିଥିଲେ। ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରକୁ ଛଡ଼ାଇ ନେବା, ଗଣମାଧ୍ୟମର କଣ୍ଠରୋଧ କରିବା ଓ ବିରୋଧୀମାନଙ୍କୁ ଜେଲ୍ ପଠାଇବା ଏବଂ ଉଗ୍ର ଜାତୀୟତା ଭାବ ସୃଷ୍ଟି କରି ଏକଛତ୍ର ଓ ଅଗଣତାନ୍ତ୍ରିକ କାର୍ଯ୍ୟ କରି ଚାଲିଥିଲେ। ମାତ୍ର ଦେଶର ଛାତ୍ର, ଯୁବକ, ବୁଦ୍ଧିଜୀବୀ ଓ ରାଜନୈତିକ ଦଳ ତରଫରୁ ଏହି ଦମନ ଓ ଅତ୍ୟାଚାରକୁ ଭ୍ରୁକ୍ଷେପ ନକରି ପ୍ରବଳ ପ୍ରତିବାଦ କରିଥିଲେ। ଜରୁରୀକାଳୀନ ପରିସ୍ଥିତି ହଟିବା ସହିତ ଶ୍ରୀମତୀ ଗାନ୍ଧୀଙ୍କୁ ମଧ୍ୟ ଲୋକେ କ୍ଷମତାରୁ ହଟାଇଥିଲେ। ଅନ୍ୟପକ୍ଷରେ ଦେଶରେ ଏକ ଦଳ ଶାସନର ଯୁଗର ଅବସାନ ଘଟିଥିଲା। ବହୁଦଳୀୟ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହି କଳଙ୍କିତ ଅଧ୍ୟାୟର ୫୦ବର୍ଷ ପୂର୍ତ୍ତି ପାଳନ ବେଳେ ଆମ ଦେଶର ପରିସ୍ଥିତି ଉଦବେଗ ଜନକ ସ୍ଥିତିରେ ପହଞ୍ଚିଛି। ୨୦୧୪ମସିହାରୁ ମୋଦି କ୍ଷମତାସୀନ ହେବା ପରଠାରୁ ଦେଶରେ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ବିରୋଧ ଦଳ ଉପରେ ଦମନ, ଗଣମାଧ୍ୟମକୁ ନିଜ ନିୟନ୍ତ୍ରଣରେ ରଖିବା, ଶ୍ରମଜୀବୀ ଆନ୍ଦୋଳନକୁ ଦମନ କରିବା, ଦେଶର ସାମ୍ବିଧାନିକ ବ୍ୟବସ୍ଥା ଗୁଡ଼ିକୁ ନିୟନ୍ତ୍ରଣ କରିବା, ବିଚାର ବିଭାଗକୁ ଦୁର୍ବଳ କରିବା ଏବଂ ଦେଶର ସମ୍ପତ୍ତିକୁ କର୍ପୋରେଟ ହାତରେ ଟେକିଦେବାଭଳି କାର୍ଯ୍ୟ ଅହରହ କରି ଚାଲିଛନ୍ତି। ତେଣୁ ଏହି ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ବିରୋଧରେ ବ୍ୟାପକ ଆନ୍ଦୋଳନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ରାମଚନ୍ଦ୍ର ନାୟକ ଆଲୋଚନା ସଭାକୁ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିବକୃଷ୍ଣ ରେଡ୍ଡି, ଦିଲ୍ଲୀପ ଛୋଟରାୟ, ଶିବପ୍ରସାଦ ମହାପାତ୍ର, ଅଜୟ ଗୌଡ଼, ବିଦ୍ୟାଧର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ଅଳିକିଶୋର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# କୋଣାର୍କରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ସଂପନ୍ନ



କୋଣାର୍କ(ପିପିଏସ): କୋଣାର୍କରେ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି। ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ଠାରେ ଶ୍ରୀଜଗନ୍ନାଥ ଟ୍ରଷ୍ଟ ଆନୁକୁଲ୍ୟରେ ରାଜାରାମ ମଠ ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ପକ୍ଷରୁ ଦ୍ୱାର ଫିଟା ନୀତି, ମଙ୍ଗଳ ଆଳତି, ମଇଲମ ଓ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କାର୍ଯ୍ୟ ସଂପନ୍ନ କରାଯାଇଥିଲା। ପରେ ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯିବା ପରେ ସେବାୟତ ମାନଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ବିଜେ କାର୍ଯ୍ୟ ଆରମ୍ଭ କରାଯାଇ ରଥାରୁଢ଼ କରାଯାଇଥିଲା। ଅପରାହ୍ନ ୩ଘ ୪୫ ମିନିଟ ସମୟରେ ମହାରାଜ ଗୋପାଳ ଚନ୍ଦ୍ର ଦାସ ସୁସଜ୍ଜିତ ପାଲିଙ୍କିରେ ଆସି ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ରୁପା ଖଡ଼ିକାରେ ଛେରାପହଁରା କାର୍ଯ୍ୟ ଧାର୍ମିକ ରୀତିନୀତି ଅନୁଯାୟୀ ସଂପାଦନ କରିଥିଲେ। ଅପରାହ୍ନ ୪ଘ ୨୦ ମିନିଟ ସମୟରେ ରାଜାରାମ ମଠସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରୁ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ଟଣା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ଭକ୍ତ ସମାଜ, ସେବାୟତ ଓ ପୋଲିସ କର୍ମଚାରୀ ରଥକୁ ଟାଣି ନେଇଥିଲେ। ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତି ଅପରାହ୍ନ ୫ ଘଟିକା ସମୟରେ କୋଣାର୍କ - କାକଟପୁର ପୂର୍ତ୍ତବିଭାଗ ରାସ୍ତାର ଡାଳିମ୍ବଗୋରଡି ଗ୍ରାମର ପ୍ରବେଶ ପଥରେ ଥିବା ମାଉସୀ ମା ମନ୍ଦିର ଠାରେ ଅଟକି ମାଉସୀ ମା'ଙ୍କ ଦ୍ୱାରା ପ୍ରସ୍ତୁତ ହାତ ପୋଡ଼ପିଠା ଲାଗି କରାଯାଇଥିଲା। ପରେ ପରେ ଶ୍ରଦ୍ଧାଳୁ ଭକ୍ତ ଓ ସେବାୟତମାନଙ୍କ ଦ୍ୱାରା ରଥ ଟଣା କାର୍ଯ୍ୟ ଆରମ୍ଭ କରାଯାଇ ସନ୍ଧ୍ୟାରେ ରାଉଳପାଟଣା ସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ଠାରେ ପହଞ୍ଚିଥିଲେ। ଆସନ୍ତା କାଲି ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦକ୍ଷଣ ମୋଡ କରାଯାଇ ପହଣ୍ଡି ବିଜେ କରି ଗୁଣ୍ଡିଚା ମନ୍ଦିରକୁ ନିଆଯିବ ବୋଲି ସେବାୟତମାନେ ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ତିନି ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର



ନୟାଗଡ (ପିପିଏସ୍): ଏସ.ଜି. ଫାଉଣ୍ଡେସନ ଅନୁଷ୍ଠାନର ସ୍ମାର୍ଟ ସ୍କିଲ ପ୍ରକଳ୍ପ ଦ୍ୱାରା ହୋଟେଲ ନୀଳମାଧ୍ୱ, ନୟାଗଡ ଠାରେ ତିନି ଦିନିଆ ଜିଲ୍ଲା ସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି. ମୁଖ୍ୟତଃ ଓଡଗାଁ ଏବଂ ଦଶପଲ୍ଲା ବ୍ଲକ ରେ ରିୱାର୍ଡ ପ୍ରକଳ୍ପ ମାଧ୍ୟମ ରେ ଗଠନ କରାଯାଇଥିବା ଜାଳବିଭାଜିକା କମିଟି ଗୁଡିକର ସାଙ୍ଗଠନିକ ଅଭିବୃଦ୍ଧି, ପ୍ରାକୃତିକ ସମ୍ପଦ ର ପରିଚାଳନା, ଜଳ ବାୟୁ ବିପତ୍ତି ର ପରିଚାଳନା ଓ ଆର୍ଥିକ ସୁ ପରିଚାଳନା ବିଷୟରେ ଆଲୋଚନା କରାଯାଇଥିଲା. ଜଳ ବିଭାଜିକା ଅଞ୍ଚଳ ଗୁଡ଼ିକ ରେ କୃଷକ, ମହିଳା ଓ ଭୂମି ହୀନ ଲୋକ ମାନଙ୍କର କୃଷି ଓ ଜୀବନ ଜୀବିକା ମାନରେ କିପରି ଅଭିବୃଦ୍ଧି ହୋଇପାରିବ ଏବଂ କୃଷି ଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ ଏବଂ ସଠିକ ଉପାୟରେ ବଜାରୀକରଣ ହୋଇପାରିବ ସେ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା. ଏହି ତାଲିମ ରେ ଉପେନ୍ଦ୍ର କୁମାର ପରିଡା (ପ୍ରକଳ୍ପ ନିର୍ଦ୍ଦେଶକ ମୃତିକା ଓ ଜଳ ବିଭାଜିକା, ନୟାଗଡ଼), କାଳୀ ଚରଣ ବେହେରା (ଉପନିର୍ଦ୍ଦେଶକ), ସୋମ୍ୟ ରଞ୍ଜନ ଶତପଥୀ, ମଧୁସ୍ମିତା ବେହେରା (ପି. ଆଇ.ଏ), ସୁଜାତା ରଥ (ଆଇ. ସି. ବି), ପବିତ୍ର ସାହୁ (ଡି.ଏଲ. ଏସ. ଏ) ଏବଂ ରିୱାର୍ଡ ପ୍ରକଳ୍ପ ର ସମସ୍ତ ଷ୍ଟାଫ ଉପସ୍ଥିତ ଥିଲେ। ତାଲିମ ଦାତା ଆଶୁତୋଷ ଶତପଥି ଏବଂ ସୁବାଷ ପାଣି ତାଲିମ ପ୍ରଦାନ କରିଥିଲେ ଏବଂ ପରିଶେଷରେ ଜ୍ୟୋତି ସ୍ମିତା ଦଳବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଜୟଜଗନ୍ନାଥ ଧ୍ୱନିରେ ଭକ୍ତିମୟ ପରିବେଶ



ଅସ୍ତରଙ୍ଗ (ପିପିଏସ୍): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ପୁରପଲ୍ଲୀ ଉତ୍ସବ ମୁଖର ହୋଇ ଉଠିଥିଲା। ଶତାଧିକ ବର୍ଷରୁ ଉର୍ଦ୍ଧ ସମୟ ଧରି ରଥଯାତ୍ରା ହୋଇ ଆସୁଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବନ୍ତିଲୋ ଜଗନ୍ନାଥ ମନ୍ଦିର ରେ ବହୁଆଡମ୍ବର ସହକାରେ ପାଳନ ହୋଇଛି। ଭୋର ସମୟରୁ ହିଁ ମନ୍ଦିର ଚଳଚଞ୍ଚଳ ହୋଇ ଉଠିଥିଲା। ପାରମ୍ପରିକ ରୀତିନୀତି ଅନୁସାରେ ଚତୃର୍ଦ୍ଧାମୂର୍ତ୍ତି ରଥାରୂଢ ପରେ ରାଜାଙ୍କ ଦ୍ୱାରା ଛେରାପହଁରା ପରେ ରଥଟଣା ନୀତି ଆରମ୍ଭ ହୋଇ କିଛି ବାଟରେ ଅଟକି ରହିଥିଲା। ସେବାୟତ ବେଲାରସେନ ପାଢ଼ୀ, ଅଜୟ ଦୀକ୍ଷିତ, ଶ୍ୟାମସୁନ୍ଦର ପାଢ଼ୀ, ଜଗମୋହନ ପାଢ଼ୀ, ସୁଧନା ପାଢ଼ୀ, ସୁବଳ ପାଢ଼ୀ, ସୁରେନ୍ଦ୍ର ପାଢ଼ୀ, ବାମଦେବ ପାଢ଼ୀ ମହାପ୍ରଭୁ ଙ୍କ ସମସ୍ତ ନୀତି କାନ୍ତି କରିଥିବା ବେଳେ ଜଗନ୍ନାଥ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ବାରିକି ଙ୍କ ସହ ଶତାଧିକ ଶ୍ରଦ୍ଧାଳୁ ଙ୍କ ସମାଗମ ହୋଇଥିଲା। ସେହିପରି ଅସ୍ତରଙ୍ଗ ଅଞ୍ଚଳ ସହନ,ବରଡ଼ି ରଥ, ଓଳିହା ଐଶାନେଶ୍ୱର ମନ୍ଦିର ନିକଟରେ ରଥ, ପଶ୍ଚିମେଶ୍ୱର ମନ୍ଦିର ନଗର ନିକଟରେ ରଥ ସହ ବିଭିନ୍ନ ଗ୍ରାମରେ କୁନି ପିଲା ଙ୍କ କୁନି ରଥ ରେ ରଥଯାତ୍ରା ଧୁମଧାମରେ ପାଳିତ ହୋଇଛି। ସକାଳୁ ବିଭିନ୍ନ ସ୍ଥାନରେ ଅବକାଶ ନୀତି ସହ ବିଭିନ୍ନ ନୀତିକାନ୍ତି ପରେ ପହଣ୍ଡି କରି ରଥକୁ ଚତୃର୍ଦ୍ଧାମୂର୍ତ୍ତି ଙ୍କୁ ଅଣାଯାଇଥିଲା। ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

# ବ୍ୟାସନଗର ପୌରପରିଷଦ: କାର୍ଯ୍ୟାଳୟ ଘେରାଉ ପରେ ବିଜେପିର ଜବାବ୍

ଯାଜପୁର, (ପିପିଏସ): ଗୁରୁବାର ବ୍ୟାସନଗର ପୌର ପରିଷଦରେ ଦୀର୍ଘ ଦିନ ହେବ ରିଜୋଲୁସନ ପରେ ମଧ୍ୟ ସହରର ବିକାଶ ପାଇଁ ଅଣାଯାଇଥିବା ଅନେକ ଜନହିତକର କାର୍ଯ୍ୟର ଟେଣ୍ଡର ନହେବା ପରେ କ୍ଷୁବ୍ଧ ହୋଇ ବିଜୁ ଜନତା ଦଳର ୨୦ ପାରିଷଦ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢୀଙ୍କୁ ରାତି ୯ ଘଟିକା ଯାଏଁ ଘେରିବା ସହିତ ତାଙ୍କୁ ତୁରନ୍ତ ଟେଣ୍ଡର ନେଇ ପକ୍ରିୟା ନକଲେ ଅଫିସ ଚାବି ପକାଇଦେବାକୁ ଧମକ ଦେଇଥିଲେ। ତେବେ ଏନେଇ ପରେ ନିର୍ବାହୀ ଅଧିକାରୀ ଟେଣ୍ଡର ପକ୍ରିୟା ତୁରନ୍ତ କରିବାକୁ ରାଜି ହେବା ପରେ ଆନ୍ଦୋଳନ ଥମିଥିଲା। ତେବେ ଶୁକ୍ରବାର ଏହି ଘଟଣାକୁ କାଉଁଟର କରି ବିରୋଧୀ ୬ ପାରିଷଦ ଏକ ପ୍ରେଟ ମିଟ ମାଧ୍ୟମରେ ବଜେଟ ପୂର୍ବରୁ ଆକ୍ସନ ପ୍ଲାନ ଏବଂ ଟେଣ୍ଡର କିପରି ହେବ ନେଇ ପ୍ରଶ୍ନ ପଚାରିବା ସହିତ ଟେଣ୍ଡର ପକ୍ରିୟାରେ ପକ୍ଷପାତିତା ଏବଂ ଅନିୟମିତତା ହୋଇଥିବା, ପରିମଳ,ବାର୍ଷିକ କାର୍ଯ୍ୟରେ ପକ୍ଷପାତିତା ଏବଂ ରାଜନୀତିକରଣ ହୋଇଥିବା ନେଇ କାଉନସିଲର ଅଶୋକ ରାଉତ, ସରୋଜିନି ସେଠୀ,ରଶ୍ମିତା ରାଉତ,ଭରତ ଓଝା,ଚୁନିଆ ନାୟକ,ମଣିନ୍ଦ୍ର କୁମାର ସାହୁ ପ୍ରମୁଖ ଅଭିଯୋଗ ଆଣିଛନ୍ତି। ସବୁ ୱାର୍ଡକୁ ସମାନ ଅର୍ଥ ପ୍ରଦାନ ନେଇ କାଉନସିଲର ଅଶୋକ ରାଉତ,ଭରତ ଓଝା ଏବଂ ମଣିନ୍ଦ୍ର ସାହୁଙ୍କ ଯୁକ୍ତିକୁ କାଉଁଟର କରିଛନ୍ତି ବିଜେଡି ପାରିଷଦ। ବିଜେଡି ପାରିଷଦଙ୍କ ଯୁକ୍ତି ପୂର୍ବ ଅଧ୍ୟକ୍ଷାଙ୍କ ସମୟରେ ଏକ କଟୋରୀ ଗ୍ରୁପ କରି ଅଧ୍ୟକ୍ଷାଙ୍କୁ ତେଲମାଲିସ ଏବଂ ହାତଗୁଂଜା ଦେଇ ଏହି ପାରିଷଦମାନେ ନିଜ ୱାର୍ଡକୁ ଅନେକ ଅର୍ଥ ନେଇଥିଲେ, ସେତେବେଳେ କଣ ସମସ୍ତ ୱାର୍ଡକୁ ସମାନ ଅର୍ଥ କଥା ମନେପଡୁନଥିଲା କି ବୋଲି ପାଲଟା ପ୍ରଶ୍ନ କରିଛନ୍ତି। ତେବେ ଉଦେଶ୍ୟପ୍ରଣୋଦିତ ଭାବେ ସହରର ବିକାଶରେ ଏହି ୬ ପାରିଷଦ ବାଧକ ସାଜିବା ସହିତ ସରକାରୀ ଦଳର ବିଧାୟକ ଏବଂ ଅନ୍ୟନେତାଙ୍କ ଇଙ୍ଗିତରେ ସହରର ବିକାଶକୁ ବାଟବଣା କରିବାକୁ ନିଜ ମାନସିକତା ଆପଣେଇଛନ୍ତି।

# ଧାମନଗର ବ୍ଲକ ଓ ଏନ୍‌ଏସିରେ ଭାବ ଓ ଭକ୍ତିର ସହ ରଥଯାତ୍ରା



ଧାମନଗର (ପିପିଏସ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ରଥ ଯାତ୍ରା ସର୍ବ ଶ୍ରେଷ୍ଠ ବୋଲି ସ୍କନ୍ଦ ପୁରାଣରେ ବର୍ଣ୍ଣିତ। ଜଗନ୍ନାଥ ସଂସ୍କୃତିର ଏହା ଅନନ୍ୟ ପର୍ବ ସହ ଓଡ଼ିଶାର ମୁଖ୍ୟ ଯାତ୍ରା ଭାବେ ବିଦିତ।ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀମନ୍ଦିରରୁ ବାହାରି ରଥାରୁଢ଼ ହୋଇ ଶ୍ରୀ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରନ୍ତି। ଏହି ଯାତ୍ରାକୁ ବିଶ୍ୱ ପ୍ରସିଦ୍ଧ ରଥ (ଘୋଷ) ଯାତ୍ରା କୁହାଯାଏ। ଏହି ଦିନ ପୁରୀ ସମେତ ଓଡ଼ିଶା ଓ ବିଭିନ୍ନ ରାଜ୍ୟ ଏବଂ ଦେଶ ବିଦେଶରେ ରଥଯାତ୍ରା ଅନୁଷ୍ଠିତ ହୁଏ। ଏହି ଅବସରରେ ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳର ବିଭିନ୍ନ ସ୍ଥାନରେ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ଗ୍ରାମ ଓ ସହରାଞ୍ଚଳରେ ରଥଟଣା ବେଳେ ଶଙ୍ଖ, ଘଣ୍ଟା ବାଦ୍ୟର ତାଳେତାଳେ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଗାଁ ଠୁ ସହର। ଏହି ଆଧାତ୍ମିକ ପରିବେଶରେ ଭାବ ବିହ୍ୱଳ ହୋଇଥିଲେ ଭକ୍ତ ଓ ଶ୍ରଦ୍ଧାଳୁ। ବ୍ଲକ ଅନ୍ତର୍ଗତ ଦଇପୁର ପଞ୍ଚାୟତ ଠାକୁରପାଟଣା ଠାରେ ସମସ୍ତ ନିତିକାନ୍ତି ପରେ ତିନି ରଥରେ ବିଜେ ହୋଇଥିଲେ ଠାକୁର। ଅପରାହ୍ନରେ ଏଠାରେ ରଥଟଣା ହୋଇଥିବା ବେଳେ ଏନଏସି ଅନ୍ତର୍ଗତ ଶ୍ୟାମପୁର ଠାରେ ମଧ୍ୟ ରଥଯାତ୍ରା ପାଳନ କରାଯାଇ ଥିଲା। ବ୍ଲକ ଅନ୍ତର୍ଗତ କୋଠାର, ଅସୁରାଳି, ନଦୀଗାଁ, ଜାହାଙ୍ଗୀର, ପଳିକିରୀ, ଭଗବାନପୁର, ଅନହରପୁର, ଇଛଦା, ତାଳପଦା, ଭଟସାହି ଦଧିବାମନ ବାଡ଼ି, ବାମଦେବପୁର, ଧୂଷୁରୀ ନରସିଂହପୁର, ଶାଆଁଳପୁର, ଗୋବିନ୍ଦପୁର, ଦିହୁଡ଼ି ଆନନ୍ଦପୁର, ଐତିହାସିକ ପୀଠ ଗୋହିରାଟିକିରୀ ଇତ୍ୟାଦି ସ୍ଥାନରେ ଜଗତନାଥ ଜଗନ୍ନାଥଙ୍କ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏସବୁ ସ୍ଥାନରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ରଥ ଟାଣିବା ସହ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି କୃତାର୍ଥ ହୋଇଥିଲେ। ଗ୍ରାମ ଓ ସହରାଞ୍ଚଳରେ ପିଲା ମାନଙ୍କ ଦ୍ୱାରା ଟଣାଯାଇଥିବା କୁନି ରଥ ଦର୍ଶନ ବେଶ ମନୋମୁଗ୍ଧକର ହୋଇଥିଲା। ଆଇନ ଶୃଙ୍ଖଳା ରକ୍ଷା ପାଇଁ ଧାମନଗର ଆଇଆଇସି ଗୋପାଳକୃଷ୍ଣ ଜେନା, ଧୂଷୁରୀ ଥାନା ଓଆଇସି ଅଜୟ କୁମାର ବାଗେଙ୍କ ନିର୍ଦ୍ଦେଶରେ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ ହୋଇଥିଲେ।

# ଜୟ ଜଗନ୍ନାଥ ଧ୍ୱନିରେ ସହର ପ୍ରକମ୍ପିତ: ଭକ୍ତଙ୍କ ଗହଣରେ ତିନିଠାକୁର

ବ୍ରହ୍ମପୁର (ପିପିଏସ୍): ୧୫ ଦିନର ପ୍ରତୀକ୍ଷା ପରେ ଭକ୍ତଙ୍କ ଗହଣକୁ ଫେରିଛନ୍ତି କାଳିଆ ସାଆନ୍ତ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା। ଭକ୍ତିମୟ ହୋଇ ଉଠିଛି ବ୍ରହ୍ମପୁର ସହର। କିଏ ମଣିମା ମଣିମା....ତ ଆଉ କିଏ କାଳିଆ ସୁନା ବୋଲି ଡାକି ଭାବବିହ୍ୱଳ ହୋଇ ଉଠିଛନ୍ତି। ଦିନ ତମାମ ଖରାର ଉତ୍ତାପ ନଥିବା ସତ୍ତ୍ୱେ ଅସହ୍ୟ ଗୁଳୁଗୁଳିରେ ମଧ ଶାନ୍ତିପୂର୍ଣ୍ଣ ଓ ମହା ଆଡ଼ମ୍ବରରେ ଶୁକ୍ରବାର ବ୍ରହ୍ମପୁରେ ପାଳିତ ହୋଇଛି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଶଙ୍ଖନାଦ, ହୁଳହୁଳି ଓ ବାଜାବାଜେଣିରେ ପ୍ରକମ୍ପିତ ହୋଇ ଉଠିଛି ସାରା ସହର।

ବଡ଼ବଜାର ଅଞ୍ଚଳ ଖାସା ସାହିଠାରେ ଥିବା ବହୁପୁରାତନ ମହୁରୀ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଗଡଜଗନ୍ନାଥ ଓ ବଡ ଜଗନ୍ନାଥ ମନ୍ଦିରରେ ଭୋରୁ ମହାପ୍ରଭୁଙ୍କ ନବଯୌବନ ବେଶ ପରେ ସକାଳୁ ମଙ୍ଗଳଆଳତୀ, ରଥ ପ୍ରତିଷ୍ଠା ପରେ ସମସ୍ତ ରୀତିନୀତି ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ସାଢେ଼୧ଟାରେ ମହୁରୀ ରାଜା ଅଶୋକ କୁମାର ନରେନ୍ଦ୍ର ଦେବଙ୍କୁ ଆମନ୍ତ୍ରଣ କରାଯାଇଥିଲା। ମହୁରୀରାଜା ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ଏହାପରେ ମହୁରୀ ରାଜା ରଥ ଉପରେ ଛେରାପହଁରା ଦେଇଥିଲେ। ଏହି ଅବସରରେ ବିଧାୟକ କେ.ଅନୀଲ କୁମାର, ପୂର୍ବତନ କାଉନସିଲର ବଦ୍ରିନାରାୟଣ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ବଡଜଗନ୍ନାଥଙ୍କ ମୁଖ୍ୟ ପରିଚାଳକ ବିପିନ ଚନ୍ଦ୍ର ସାହୁ, ରବିନାରାୟଣ ପଣ୍ଡା, ରାମକୃଷ୍ଣ ଶୁକ୍ଲ, ପୃଥିବୀ ରାଜଶୁକ୍ଲ, ପ୍ରଫେସର ଜଗନ୍ନାଥ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ସହରର ଗୋସାଇଁ ନୂଆଗାଁ ଜଗନ୍ନାଥ ମନ୍ଦିରରେ ସାଢେ ୧୧ଟାରେ ପହଣ୍ଡି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅପରାହ୍ନ ସାଢେ଼୪ଟାରେ ମନ୍ଦିର ପରିଚାଳନା କମିଟି ସଭାପତି ତଥା ଟ୍ରଷ୍ଟି ପଞ୍ଚାନନ ଚୌଧୁରୀ ଛେରା ପହଁରା କରିଥିଲେ। ଏହା ପରେ ରଥଟଣା ଆରମ୍ଭ ହୋଇଥିଲା। ବିଧାୟକ କେ.ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, କର୍ପୋରେଟର ପାର୍ବତୀ ପ୍ରଧାନ, ନୀଳକଣ୍ଠ ସାହୁ, ଧୀରେଶ ସାବତ, ସୋନାଲୀ ଗନ୍ତାୟତ, ଦୁର୍ଗା ଲାୟକ ଓ ଏସ୍‌ପି ଡା.ଶ୍ରବଣା ବିବେକ ଏମ୍ ପ୍ରମୁଖ ଯୋଗ ଦେଇଥିଲେ। ମହିଳାମାନେ ପାରମ୍ପାରିକ ରୀତି ଅନୁସାରେ ମା' ସୁଭଦ୍ରାଙ୍କ ରଥ ଟାଣିଥିଲେ। ସେହିପରି ଆଗା ସାହିଠାରେ ଥିବା ବହୁ ପୁରାତନ ତ୍ରିମୂର୍ତ୍ତିର ଜଗନ୍ନାଥ ମନ୍ଦିରରେ ମଧ୍ୟ ଯାତ୍ରା ପାଳିତ ହୋଇଯାଇଛି। କୋର୍ଟପେଟା ଜଗନ୍ନାଥ ମନ୍ଦିରରେ ମଧ୍ୟାହ୍ନ ସାଢେ ୧୨ଟାରେ ତିନିଠାକୁରଙ୍କ ପହଣ୍ଡି ବିଜେ ହୋଇଥିଲା। ସନ୍ଧ୍ୟା ସାଢେ ୫ଟାରେ ମନ୍ଦିର ଟ୍ରଷ୍ଟି ଏଚ୍. ଜଗନ୍ନାଥ ସୁବୁଦ୍ଧି ଛେରା ପହଁରା କରିବା ପରେ ବିଧାୟକ କେ.ଅନୀଲ କୁମାର ପ୍ରମୁଖ ରଥଟଣାର ଶୁଭାରମ୍ଭ କରିଥିଲେ। ସେହିପରି ଗୋଇଲୁଣ୍ଡି ଜଗନ୍ନାଥ ମନ୍ଦିରରେ ସକାଳ ୧୨ଟାରେ ଠାକୁର ମାନଙ୍କୁ ରଥ ଉପରେ ବିରାଜମାନ କରାଇ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟା ୫ଟାରେ ମନ୍ଦିର ଟ୍ରଷ୍ଟି ଡି.ଦିଗୁମୂର୍ତ୍ତି ପାତ୍ର ଛେରାପହଁରା କରିଥିବା ବେଳେ ପୂର୍ବତନ ବିଧାୟକ ଡା.ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସୁବାଷ ଚନ୍ଦ୍ର ମହାରଣା, ସ୍ଥାନୀୟ କର୍ପୋରେଟର ଟି.ତ୍ରିପତି ପାତ୍ର, ପୂର୍ବତନ କର୍ପୋରେଟର ମମତା ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ରଥଟଣାର ଶୁଭାରମ୍ଭ କରିଥିଲେ। ସେହିପରି ଉତ୍କଳ ଆଶ୍ରମ ରୋଡ୍, ବିଜିପୁର ଜଗନ୍ନାଥ ମନ୍ଦିର, ରଙ୍କୁଣିବନ୍ଧ ସାହି, ନୂଆଁବସଷ୍ଟାଣ୍ଡ ରୋଡ, ଖୋଡାସିଙ୍ଗି, ଆମ୍ବପୁଆ, ପାତାଳେଶ୍ୱର ମନ୍ଦିର, ପାଣିଟାଙ୍କି ରୋଡ୍, ଲାଞ୍ଜିପଲ୍ଲୀ, ଆଙ୍କୁଲି, ଗେଟବଜାର ହରିଜନ ସାହି ଓ ଚଳିତ ବର୍ଷ ଗାନ୍ଧିନଗରରେ ମଧ୍ୟ ଏହିପରି ବହୁ ସାହିରେ ଯାତ୍ରା ମହାସମାରୋହରେ ପାଳିତ ହୋଇଛି। ଏପରିକି ଘରେ ଘରେ ଛୋଟ ଛୋଟ ପିଲାମାନେ ମଧ୍ୟ ମାଟିରେ ନିର୍ମିତ ଜଗନ୍ନାଥଙ୍କ ମୂର୍ତ୍ତି ରଖି ଛୋଟ ରଥ କରି ସାହି ମଧ୍ୟରେ ରଥଟାଣି ନେଉଥିବା ଦେଖିବାକୁ ମିଳୁଛି।

# ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ

ମାଲକାନଗିରି,(ହି.ସ.) : ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ମାଲକାନଗିରି ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ - ଜିଲ୍ଲାପାଳ, ଦୁର୍ଯ୍ୟଧନ ଭୋଇ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଡେପୁଟି କଲେକ୍ଟର(ରାଜସ୍ୱ), ସହକାରୀ ଜିଲ୍ଲାପାଳ(ରାଜସ୍ୱ), ଜିଲ୍ଲାର ଅନ୍ୟାନ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ବୈଠକରେ ରାଜସ୍ୱ ଆଦାୟ, ସରକାରୀ ଜମିରେ ହୋଇଥିବା ବେଆଇନ ଜବର ଦଖଲ ଉଚ୍ଛେଦ, ଆଦି ରାଜସ୍ୱ ବିଭାଗର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ କହିଥିଲେ ଜନସାଧାରଣ ହେଉଛନ୍ତି ରାଜା, ପ୍ରଶାସନ ହେଉଛନ୍ତି ସେମାନଙ୍କ ସେବକ । ତେଣୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଲୋକଙ୍କ କାର୍ଯ୍ୟ ଶେଷ ହେବା ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ସେ ସମସ୍ତ ଯୋଜନାର ସଫଳ ବାର୍ତ୍ତା ଲୋକଙ୍କ ପାଖରେ ପହଂଚାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ସ୍କୁଲ ପଟ୍ଟା ପ୍ରଦାନ ଅଭିଯାନ, ଜଙ୍ଗଲ ଅଧିକାର ଆଇନ ଅନୁସାରେ ଜଙ୍ଗଲ ଜମି ପଟ୍ଟା ବଂଟନ ଉପରେ ଗୁରୁତ୍ୱାରୋପ କରିଥିଲେ । ବସୁନ୍ଧରା ଯୋଜନାରେ ଯେପରି ଜଣେ ମଧ୍ୟ ହିତାଧିକାରୀ ବାଦ ନପଡ଼ିବେ, ସେଥିପ୍ରତି ଦୃଷ୍ଟି ଦେବାପାଇଁ ସମସ୍ତଙ୍କୁ ତାଗିଦ କରିଥିଲେ । ଜିଲାରେ ଯେଉଁ ସବୁ ପ୍ରକଳ୍ପ କାମ ଜମି ଅଧିଗ୍ରହଣ ପାଇଁ ଅଟକି ରହିଛି ତୁରନ୍ତ ଜମି ଅଧିଗ୍ରହଣ କାମ ସାରିବାକୁ କୁହାଯାଇଛି । ବିଶେଷ ଭାବେ ଜିଲ୍ଲାରେ ହେବାକୁଥିବା ରେଳ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାକୃତିକ ବିପର୍ଯ୍ୟୟବେଳେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ କୁହାଯାଇଛି । ଜିଲାରେ ବେଆଇନ ମଦ କାରବାର, ଚୋରାଚାଲାଣ ରୋକିବାକୁ କୁହାଯାଇଛି । ଏନଫୋର୍ସମେଂଟ ଟିମ୍ ଗଠନ କରି ଚଢାଉକୁ ଜୋରଦାର କରିବାକୁ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

# ପଥରଖାଦନ ଉପରେ ଚଢ଼ଉ

କୋରାପୁଟ (ହି.ସ.) - ବେଆଇନ ଭାବେ ପଥର ଖାଦାନ କରୁଥିବା ବେଳେ ଚଢ଼ାଉ କଲା କୋରାପୁଟ ଖଣି ବିଭାଗ ଓ ସିମିଳିଗୁଡା ପୁଲିସ । କୋରାପୁଟ ସିମିଳିଗୁଡା ଲୁଙ୍ଗୁରି ଟାରେ ଥିବା ଏକ ପଥର ଉତୋଳନ ସମୟରେ ଚଢ଼ାଉ କରିଛି ଖଣି ବିଭାଗ । ଦୁଇଟି ଜେସିବି ସହ ଗୋଟିଏ ଟ୍ରାକ୍ଟର ଏବଂ ପଥର ଖାଦାନ ରେ ବ୍ୟବହୃତ୍ ହୋଇଥିବା ଯନ୍ତ୍ରାସ କୁ ଜବତ କରିଛି ଖଣି ଓ ପୁଲିସ ବିଭାଗ । ସମସ୍ତ ଜବତ ଗାଡି ଗୁଡିକୁ ସିମିଳିଗୁଡା ଥାନା ରେ ରଖାଯିବ ବୋଲି ଖଣି ବିଭାଗରୁ ସୂଚନା ମିଳିଛି ।

# ବଲାଙ୍ଗିର ଜିଲ୍ଲା ପରିଦର୍ଶନ କଲେ ବିଧାନସଭା ଗୃହ କମିଟି ସଦସ୍ୟ

ବଲାଙ୍ଗିର (ହି.ସ.) : ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଗସ୍ତ କରିଛନ୍ତି ଓଡିଶା ବିଧାନସଭା ଗୃହ କମିଟିର ୯ ଜଣିଆ ସଦସ୍ୟ । କଂଟାବାଞ୍ଜି ବିଧାନସଭା ଗୃହ କମିଟିର ଅଧ୍ୟକ୍ଷ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ କଂଟାବାଞ୍ଜି ଅଂଚଳର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି । ଏହି କମିଟି କଂଟାବାଞ୍ଜି ପହଁଚିବା ପରେ ବିଜେପି ପକ୍ଷରୁ ସାଗତ କରଯାଇଥିଲା । କଂଟାବାଞ୍ଜିର ଜୀବନ ରେଖା ପମ୍ପୁ ତଲାବକୁ ଗସ୍ତ କରି ଏହାର ଶୋଚନୀୟ ଅବସ୍ଥା ନେଇ ଚିନ୍ତା ପ୍ରକଟ କରିଥିଲେ କମିଟି । ଏହାର ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ । ପରେ କଂଟାବାଞ୍ଜିର ୪ ନଂ ୱାର୍ଡ ସ୍ଥିତ ରାସନ ବିତରଣ କେନ୍ଦ୍ର ପରିଦର୍ଶନ କରି ବଂଟନ କରାଯାଉଥିବା ଚାଉଳର ମାନ ଯାଂଚ୍ କରିଥିଲେ । ହିତାଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ମୁଣ୍ଡକାନି ଠାରେ ହେଉଥିବା ନିର୍ମାଣ ହେଉଥିବା ମେଗା ଜଳ ପ୍ରକଳ୍ପକୁ ବୁଲି ଦେଖିଛନ୍ତି । ଝରନୀ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ସୁବିଧା ଅସୁବିଧା ବୁଝିବା ସହ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ତଦାରଖ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ସହ ପାଠ ବିଷୟରେ ଆଲୋଚନା କରିଥିଲେ । ତୁରେକେଲାର ନବ ନିର୍ମିତ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ସିଏଚସି କୋଠା, ଝଲପ ପଞ୍ଚାୟତର ମମିଆଁକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ତାଗିଦ, ମମିଆଁ-ତୁରେକେଲା ଉନ୍ଦେର ନଦୀ ବ୍ରିଜ ନିର୍ମାଣ ସମ୍ପର୍କରେ ଆଲୋଚନା, ଗୋହିରାପଦର କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ-୧, ମୁରିବାହାଲ ବ୍ଲକ ବାଙ୍କେଲ ସ୍ଥିତ ମେଗା ପାଇପ ଜଳ ଯୋଗାଣ ବ୍ୟବସ୍ଥା ତଦାରଖ କରିଥିବା ଜଣାପଡିଛି । ଏହି କମିଟି ଯାହା ତଦାରଖ କରିବ ତାହା ବଲାଙ୍ଗିର ଜିଲ୍ଲାପାଳଙ୍କ ଠାରେ ଆଲୋଚନା କରାଯାଇ ତାର ସମାଧାନ କରାଯିବ ବୋଲି କମିଟି ଅଧ୍ୟକ୍ଷ ଲକ୍ଷ୍ମଣ ବାଗ ସୂଚନା ଦେଉଛନ୍ତି । ଏଥିରେ ବହୁ ସଂଖ୍ୟାରେ ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ସାମିଲ ହୋଇଥିଲେ ।

# ଯୋଗାଣ ସହାୟକଙ୍କ ପରଲୋକ

ସୁବର୍ଣ୍ଣପୁର, (ହି.ସ.) : ବିନିକା ବ୍ଲକ ଶଙ୍କରା ଗ୍ରାମ ତଥା ଶଙ୍କରା ପଂଚାୟତର ଯୋଗାଣ ସହାୟକ ପ୍ରଜ୍ଞାନନ୍ଦ କର୍ଣ୍ଣ (୪୦) ଯକୃତ ଜନିତ ରୋଗରେ ପୀଡ଼ିତ ହୋଇ ପରଲୋକ ହୋଇଯାଇଛି । ପ୍ରଜ୍ଞା କିଛିଦିନ ତଳେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ପ୍ରଥମେ ସମ୍ବଲପୁର ଓ ପରେ ଭୁବନେଶ୍ୱର ଏଏମ୍ସ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରୁ ତାଙ୍କୁ ଓ୍ୱାଲ୍ଟିୟର ନେବା ବେଳେ ପରଲୋକ ହୋଇଯାଇଛି । ସ୍ୱର୍ଗତ ପ୍ରଜ୍ଞାଙ୍କ ମରଶରୀର ଗ୍ରାମରେ ପହଂଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ସ୍ଥାନୀୟ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କ ବାପା ସୌମିତ୍ରୀ ମୁଖାଗ୍ନି ଦେଇଥିଲେ । ଶେଷ ସମୟରେ ତାଙ୍କ ପତ୍ନୀ, ଝିଅ, ପିତାଙ୍କ ସମେତ ପରିବାର ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି । ଖବରପାଇ ସରପଂଚ ଅଶୋକ ପୃଷ୍ଟି ପହଂଚି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

# ପନିପରିବା ବଜାରରେ ଅଳିଆ ଗଦା

## ଗ୍ରାହକ ଓ ପଥଚାରୀ ହେଉଛନ୍ତି ହିନସ୍ତା

ରାଉରକେଲା(ପିପିଏସ୍) : ରାଉରକେଲା ସହର ସ୍ମାର୍ଟ ସିଟିର ମାନ୍ୟତା ପାଇଥିଲେ ମଧ୍ୟ ସହରଟି ଏପର୍ଯ୍ୟନ୍ତ ସ୍ମାର୍ଟ ହୋଇନାହିଁ । ଯାହାର ଏକ ଜ୍ୱଳନ୍ତ ଉଦାହରଣ ଡେଲି ମାର୍କେଟ ପନିପରିବା ବଜାରରେ ଦେଖିବାକୁ ମିଳୁଛି । ସ୍ୱଳ୍ପ ସମୟର ବର୍ଷାରେ ମଧ୍ୟ ପନିପରିବା ବଜାରରେ ପାଣି ଜମିବା ଦେଖିବାକୁ ମିଳୁଛି । ଏହି ରାସ୍ତା ଦେଇ ଯାଉଥିବା ମହିଳାଙ୍କ ସମେତ ଅନ୍ୟାନ୍ୟ ଲୋକମାନେ ଭିତରକୁ ଯିବାକୁ ସଂକୋଚ ବୋଧ କରୁଛନ୍ତି । ଡ୍ରେନରୁ ବାହାର କରାଯାଇଥିବା ଅଳିଆ ପନିପରିବା ବଜାର ରାସ୍ତାରେ ପଡ଼ି ରହିଛି । ଅନ୍ୟପକ୍ଷରେ, ଗତ ଦୁଇ-ତିନି ଦିନ ମଧ୍ୟରେ ହାଲୁକା ବର୍ଷା ଯୋଗୁଁ ପନିପରିବା ବଜାର ରାସ୍ତାରେ ଏତେ କାଦୁଅ ଜମି ରହିଛି ଯେ ଲୋକମାନେ ସେଠାକୁ ଯିବାକୁ ଭୟ କରୁଛନ୍ତି, ନଚେତ୍ ସେମାନଙ୍କ ପାଦ ଖସିଯିବାର ସମ୍ଭାବନା ରହିଛି । ପନିପରିବା ବଜାର ରାସ୍ତାର ଡ୍ରେନ୍ ମହାନଗର ନିଗମ ସଫେଇ କର୍ମଚାରୀଙ୍କ ଦ୍ୱାରା ସଫେଇ କରାଯାଇଛି । ବର୍ଷାକୁ ଦୃଷ୍ଟିରେ ରଖି, ଡ୍ରେନରୁ ବାହାର କରାଯାଇଥିବା କାଦୁଅକୁ ତୁରନ୍ତ ବାହାର କରାଯାଇ ନଥିଲା, ବରଂ ସେଠାରେ ଛାଡ଼ି ଦିଆଯାଇଥିଲା । ସଫେଇ କର୍ମଚାରୀମାନେ କହିଥିଲେ ଯେ ସେମାନେ କିଛି ଘଣ୍ଟା ପରେ ଏହାକୁ ନେଇଯିବେ । ଡେଲି ମାର୍କେଟ ପନିପରିବା ବଜାର ରାସ୍ତାରେ ଏତେ ଅଳିଆ ଅଛି ଯେ ଲୋକମାନେ କୌଣସି ପଦାର୍ଥ କିଣିବାକୁ ଭିତରକୁ ଆସୁନାହାନ୍ତି । ଗୋଟିଏ ପଟେ ବର୍ଷା ହେଉଛି, ଅନ୍ୟପଟେ ପାଗ ମେଘୁଆ ଅଛି । ସଫେଇ କର୍ମଚାରୀମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ଦାବି କରାଯାଉଛି । ବର୍ଷା ଯୋଗୁଁ ପ୍ରତିଦିନ ପାଣି ବାହାରକୁ ଆସୁଛି । ବିକ୍ରେତାମାନେ ନିଜେ ଅଳିଆ ଆଣି ଏଠାରେ ଅଳିଆ ଫିଙ୍ଗି ଦିଅନ୍ତି ଏବଂ ଏହା ଯୋଗୁଁ ମଇଳା ଆହୁରି ବୃଦ୍ଧି ପାଏ । ରାଉରକେଲା ମହାନଗର ନିଗମର ସଫେଇ ଠିକାଦାରଙ୍କ ସମେତ ସଫେଇ କର୍ମଚାରୀମାନେ ପ୍ରତିଦିନ ସଫେଇ ପାଇଁ ଏହା ଉପରେ ଧ୍ୟାନଦ୍ୱୋ ଉଚିତ୍ ।

# ୩ ଗଞ୍ଜେଇ ବେପାରୀ ଗିରଫ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା କୋମନା ଥାନା ଅର୍ନ୍ତଗତ ଜଡ଼ାମୁଣ୍ଡା ବସ୍‌ଷ୍ଟାଣ୍ଡରୁ ବାହାର ରାଜ୍ୟକୁ ଚୋରା ଚାଲାଣ ବେଳେ କୋମନା ପୁଲିସ ଦ୍ୱାରା ୩୭ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଛି । ବିଶେଷ ସୂତ୍ରରୁ ସୂଚନା ପାଇ ଜଡ଼ାମୁଣ୍ଡା ବସ୍‌ଷ୍ଟାଣ୍ଡରେ କୋମନା ପୁଲିସ ଚଢ଼ଉ କରିଥିଲା । ସେଠାରୁ ୩୭ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି । ପଣ୍ଡରାପଥର ଗାଁର କିଶୋର ରାଉତ, ଦୁହେଲପଡ଼ା ଗାଁର ଅଚ୍ୟୁତ ନାଏକ ଓ ମଧ୍ୟ ପ୍ରଦେଶର ଅମିତ୍ କୁମାରକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଜୁଲାଇ ୭ରୁ କଳାବ୍ୟାଜ୍ ପିନ୍ଧିବେ ଅମଲା

ଜୟପୁର, (ହି.ସ.)- ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନେ ସେମାନଙ୍କର ଦାବିଗୁଡ଼ିକ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ବିରୋଧ କରିଛନ୍ତି । ସମସ୍ତ ସଦସ୍ୟ/ସଦସ୍ୟାମାନେ ରାଜ୍ୟ ସରକାରଙ୍କର ମନୋଭାବକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ଆସନ୍ତା ୧୪ରୁ ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟବନ୍ଦ ଆନ୍ଦୋଳନ ସିଧାସଳଖ ଆନ୍ଦୋଳନମୂକ ପନ୍ଥା ଆପଣାଇବାକୁ ସର୍ବସମ୍ମତିକ୍ରମେ ନିଷ୍ପତି ହୋଇଛି । ଆଗାମୀ ୧୫ ଦିନ ଭିତରେ ରାଜ୍ୟ ସରକାର ଦାବିଗୁଡ଼ିକ ପୂରଣ ନକଲେ ସଂଘ ଜୁଲାଇ ୭ରୁ ୧୧ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିବ ଓ ଏହାପରେ ବି ସରକାର ଦାବି ଉପରେ ପଦକ୍ଷେପ ନ ନେଲେ, ଜୁଲାଇ ୧୪ରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ନିଷ୍ପତି ନିଆଯାଇଥିବା କୋରାପୁଟ ଜିଲ୍ଲା ରାଜସ୍ୱ ଅମଲା ସଂଘ ସମ୍ପାଦକ ନିତ୍ୟାନନ୍ଦ ଭତ୍ରା, ପ୍ରସନ ନାୟକ, ମନୋଜ ବାରିକ ଓ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମାନେ ରାଜ୍ୟ ସରକାରଙ୍କୁ ଆନ୍ଦୋଳନ ପାଇଁ ଦାବିପତ୍ର କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି । ଦାବିଗୁଡ଼ିକ ହେଲା, ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆର୍‌ଏସ୍‌ପି-୨୦୧୭ ନିୟମ ଅନୁଯାୟୀ ଲେବେଲ- ୯କୁ ବୃଦ୍ଧି, ନୂତନ ପଦ ସୃଷ୍ଟି ଓ ପଦବୀ ପୁନର୍ଗଠନ, କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ, ୧୯୯୦ ମସିହାରେ ଲାଗୁ ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାମାନଙ୍କୁ ଶତପ୍ରତିଶତ ପଦୋନ୍ନତି ଆଦି ଦାବି ରହିଛି ।

# ଯନ୍ତ୍ରଚାଳିତ ଧାଡ଼ିବୁଣା ଧାନଚାଷ କାର୍ଯ୍ୟକ୍ରମ

ସମ୍ବଲପୁର, (ହି.ସ.) - ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ବଡ଼ମାଲ ପଂଚାୟତର ନୁଆଡ଼ିହି ଗ୍ରାମ ଠାରେ 'ରୋପ' ଅନୁଷ୍ଠାନ ଦ୍ୱାରା ପରିଚାଳିତ ଯନ୍ତ୍ର ଚାଳିତ ଧାଡ଼ି ଧାନ ବୁଣା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଅଛି । ଧାନ ଚାଷରେ ପାଣି , ଶ୍ରମିକ, ସମୟ ଅଭାବକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଚାଷୀମାନେ ତାଙ୍କର ଢିପ ଜମିରେ ଧାନ ବୁଣି ଦେଇଥାନ୍ତି । ଅନେକ ସମୟରେ ପାଣିପାଗ ଠିକ୍ ରହୁ ନ ଥିବାରୁ ଚାଷୀମାନେ ଧାନକୁ ବୁଣି ଥାନ୍ତି । କିନ୍ତୁ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଅଧିକ ଲାଭ ପ୍ରଦାନ କରିବା ପାଇଁ ଧାଡ଼ି ବୁଣା ଯନ୍ତ୍ର ସାହାଯ୍ୟରେ ଧାନ ଧାଡ଼ିରେ ବୁଣିବାକୁ ପଦକ୍ଷେପ ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ଜମନକିରା ବ୍ଲକର ବଡ଼ମାଲ ଗ୍ରାମ ପଂଚାୟତରେ ୩୦ହେକ୍ଟର ଚାଷ ମେସିନରେ ଧାଡ଼ି ବୁଣା ଯିବାର ଯୋଜନା ରହିଛି । ଏହିକ୍ରମରେ ଚାଷୀଙ୍କୁ ସଚେତନ କରିବା ସହ ଆଜି ନୁଆଡ଼ିହୀ ଗ୍ରାମର ଦିଲ୍ଲୀପ ନାୟକଙ୍କ ୧ଏକର ୨ଟି ଜମିକୁ ଟ୍ରାକ୍ଟର ସିଡ ଡ୍ରିଲର ଯନ୍ତ୍ର ମାଧ୍ୟମରେ ଧାନ ବୁଣା ଯାଇଥିଲା । ଏହି କାର୍ଯ୍ୟକ୍ରମ ସମୟରେ ଜମନକିରା ବ୍ଲକର ସହକାରୀ କୃଷିଅଧିକାରୀ ତନ୍ମୟ କୁମାର ମୁର୍ମୁ, ଗ୍ରାମ୍ୟ କୃଷି କର୍ମଚାରୀ ଶରତ ଚନ୍ଦ୍ର କିସାନ, ଅବସର ପ୍ରାପ୍ତ କୃଷି ଅଧିଦର୍ଶକ ଜଗଦୀଶ ପ୍ରସାଦ ଧାନ , କୃଷକ ସାଥୀ ମନୋଜ ଜୟପୁରିଆ , ନୂଆଡିହି ଗ୍ରାମର କୃଷକ ଓ ରୋପ କର୍ମକର୍ତା ତୃପ୍ତିମୟୀ ଦାଶ ଏବଂ ଭୂମିଶ୍ୱେତା ଧୁରୁଆ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କଳା ଦିବସ ସମ୍ପର୍କିତ ଆଲୋଚନାଚକ୍ର

କେନ୍ଦୁଝର, (ହି.ସ.)- କଂଗ୍ରେସ ଦ୍ୱାରା ଜାରି କରାଯାଇଥିବା ଜରୁରୀକାଳୀନ ପରିସ୍ଥିତି କଳା ଅଧ୍ୟାୟର ୫୦ ବର୍ଷ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀର ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୁରୁବାର ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀର ସଂଯୋଜକ ବିବେକାନନ୍ଦ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଯୋଗଦେଇ ତତ୍କାଳୀନ କଂଗ୍ରେସ ସରକାର କିଭଳି ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁକରି ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରୁଥିବା ଲୋକଙ୍କୁ ଅଗଣତନ୍ତ୍ରିକ ଭାବେ ଜବରଦସ୍ତ ଜେଲରେ ପୁରାଇବା ସହିତ ବର୍ବରଚିତ ଆକ୍ରମଣ କରାଯାଇଥିଲା ସେସମ୍ପର୍କରେ ଉପସ୍ଥିତ କାର୍ଯ୍ୟକର୍ତା ମାନଙ୍କୁ ବିସ୍ତୃତ ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଉପସଭାପତି ଗୋପୀନାଥ ରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, ପୂର୍ବତନ ସାଧାରଣ ସମ୍ପାଦକ ସୁବ୍ରତ ମହାନ୍ତି,ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଭାଗିରଥି ସିଂହ, ସାଧାରଣ ସମ୍ପାଦକ ରାଜେଶ ସିଂ ପ୍ରମୁଖ ମଂଚାସିନ ହୋଇଥିଲେ । ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଭାଗିରଥି ସିଂହ ସେସରେ ଧନ୍ୟବାଦ ଅଭିଭାଷଣ ରଖି କାର୍ଯ୍ୟକ୍ରମ ସମାପ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଦର ନିର୍ବାଚନ ମଣ୍ଡଳୀର ଶତାଧିକ କାର୍ଯ୍ୟକର୍ତା ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଜିଲ୍ଲାପରିଷଦ ଅଧ୍ୟକ୍ଷା ଓ ସଭ୍ୟଙ୍କ ଧାରଣା

ବଲାଙ୍ଗିର : ରାଜ୍ୟ ସରକାରଙ୍କ କେବିକେ ଅଂଚଳ ପ୍ରତି ବୈମାତୃକ ମନୋଭାବ ପ୍ରତିବାଦରେ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟାଙ୍କ ଦ୍ୱାରା ଚାଲିଥିବା ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଁଚିଛି । ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ତାଲା ପକାଇ ଗେଟ୍ ସମ୍ମୁଖରେ ଧାରଣା ଚାଲିଛି । ଫଳରେ ସରକାରୀ କର୍ମଚାରୀ ଓ ଅଧିକାରୀ କାର୍ଯ୍ୟାଳୟକୁ ପଶି ନ ପାରି ଫେରି ଯାଇଛନ୍ତି । ଲୋକଙ୍କୁ ବିକାଶର ସ୍ୱପ୍ନ ଦେଖାଇ କ୍ଷମତାକୁଆସିଥିବା ସରକାର ଲୋକଙ୍କ ଉନ୍ନତିରେ ବାଧକ ସାଜିଛି । ବଲାଙ୍ଗୀର ଭଳି ଆକାଂକ୍ଷୀ ଜିଲ୍ଲାରେ ବର୍ଷେହେଲା ବିକାଶ ଠପ୍ ହୋଇଯାଇଛି । କେବିକେ ଭଳି ଜିଲ୍ଲାରେ ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷପଦ ଖାଲି ପଡିଛି । ତେଣୁ କୌଣସି ପ୍ରସ୍ତାବ ଅନୁମୋଦନ ହେଉନାହିଁ । ଠିକ ସେହିପରି ପଶ୍ଚିମଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ନିଯୁକ୍ତି ହେଉନାହିଁ କି ଅନୁଦାନ ଆସୁନାହିଁ । କେବିକେ ଅନୁଦାନ ମଧ୍ୟ ଗତ ଦୁଇବର୍ଷ ହେଲା ବଲାଙ୍ଗୀର ଜିଲ୍ଲାକୁ ଆସୁନାହିଁ । ସେପଟେ ଜିଲ୍ଲାପାଳ ନିର୍ବାଚିତ ପ୍ରତିନିଧିମାନଙ୍କ କଥା ଶୁଣୁନାହାଁନ୍ତି । ଏହି ସବୁ ଅଭିଯୋଗ ଉଠାଇ ଆଜି ବଲାଙ୍ଗୀର ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁଙ୍କ ସହ ଅନ୍ୟ ଜିଲ୍ଲାପରିଷଦ ସଭ୍ୟ/ସଭ୍ୟା ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଜିଲ୍ଲାର ସମସ୍ୟା ତଥା ଜିଲ୍ଲାପାଳଙ୍କ ଅଣଦେଖାକୁ ନେଇ ରାଜ୍ୟପାଳ,ମୁଖ୍ୟମନ୍ତ୍ରୀ ଓ ମୁଖ୍ୟଶାସନ ସଚିବଙ୍କୁ ପାଖକୁ ଅଭିଯୋଗପତ୍ର ପଠାଇବା ପରେ ମଧ୍ୟ ସେପଟୁ କିଛି ଉତ୍ତର ନଆସିବାରୁ ଶେଷରେ ଆନ୍ଦୋଳନକୁ ଓହ୍ଲାଇଛୁ ବୋଲି ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଗଣମାଧ୍ୟମକୁ କହିଛନ୍ତି । ଆଜି ମଧ୍ୟ ଦିନ ୧୦ଟାରୁ ଅଧ୍ୟକ୍ଷା ଦେବକୀ ସାହୁ ସମେତ ଅନ୍ୟାନ୍ୟ ବିଜେଡି ଜିଲ୍ଲାପରିଷଦ ସଭ୍ୟ/ସଭ୍ୟାମାନେ ଜିଲ୍ଲାପରିଷଦ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି । ଫଳରେ ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀଅଧିକାରୀଙ୍କ ସହ ଅନ୍ୟାନ୍ୟ କର୍ମଚାରୀମାନେ କାର୍ଯ୍ୟାଳୟକୁ ଯାଇ ନପାରି ଫେରିଯାଇଥିବା ଦେଖାଯାଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣେ ସହକାରୀ ଜିଲ୍ଲାପାଳ ଆଲୋଚନା ପାଇଁ ଯାଇଥିଲେ କିନ୍ତୁ ସେମାନଙ୍କୁ ଫେରାଇ ଦିଆଯାଇଥିଲା । ଜିଲ୍ଲାପାଳ ନିଜେ ଆସି ଆଲୋଚନା କରନ୍ତୁ ବୋଲି ଜିଲ୍ଲାପରିଷଦର ଅଧ୍ୟକ୍ଷା ଦେବକୀ ସାହୁ ଅଭିଯୋଗ କରିଛନ୍ତି ଯେ,ଗତ ଗୋଟିଏ ବର୍ଷରୁ ଅଧିକ ସମୟ ହେଲା ଜିଲ୍ଲାର ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ ଖାଲି ପଡିଛି । ଫଳରେ ଜିଲ୍ଲାର ଉନ୍ନୟନପ୍ରସ୍ତାବଗୁଡିକ ଅନୁମୋଦିତ ହେଉନାହିଁ । ସରକାରଙ୍କ ଅପାରଗତା କାରଣରୁ ବର୍ଷେହେଲା ଜିଲ୍ଲାର ବିକାଶ ଠପ୍ ହୋଇଯାଇଛି । ଜିଲ୍ଲାକୁ କେବିକେ ତଥା ଅନ୍ୟାନ୍ୟ ଯୋଜନାରେ ଅନୁଦାନ ଆସୁନାହିଁ ସରକାର ନିଜେ ସମସ୍ୟାସୃଷ୍ଟି କରିଚାଲିଛନ୍ତି ବୋଲି ଜିଲ୍ଲାପରିଷଦ ସଭ୍ୟ/ସଭ୍ୟା ଅଭିଯୋଗ କରିଛନ୍ତି ଓ ଏହି ସମସ୍ୟାର ସମାଧାନ ନହେଲେ ଆଗକୁ ଆହୁରି ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି ।

# ନିଶାଦ୍ରବ୍ୟ ବିରୋଧୀ ଶୋଭାଯାତ୍ରା

ଜୟପୁର, (ହି.ସ.)- ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଛି । ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟ କ୍ଷଳୟ ଠାରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଶୋଭାଯାତ୍ରାକୁ ଉପ ଜିଲାପାଳ ଆକା ବରମ ଶଶ୍ୟା ରେଡ୍ଡି ସବୁଜ ପତକା ଦେଖାଇ ଉଦଘାଟନ କରଥିଲେ । ଅବକାରି ବିଭାଗ ତରଫରୁ ଆୟୋଜିତ ଏହି ଶୋଭାଯାତ୍ରାରେ ଅବକାରି ନିରିକ୍ଷକ ଶଶିକାନ୍ତ ଦତ, ବୈପାରିଗୁଡା ଓଆଇସି ଭଗବାନ ମହାନନ୍ଦିଆ, ନନ୍ଦପୁର ଓଆଇସି ଅନ୍ନପୂର୍ଣା ରଥ, ଜୟପୁର ଓଆଇସି ସୁବ୍ରତ କେଶୋରି ହିରଣ, ବୋରିଗୁମ୍ମା ଓଆଇସି ବିଶ୍ୱଜିତ ପାଣିଗ୍ରାହୀ, କୋଟପାଡ ଓଆଇସି ନିଳାଦ୍ରି ମିଶ୍ର ଉପସ୍ଥିତ ଥିଲେ । ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ମାନେ ଉପସ୍ଥିତ ଥିଲେ । ବର୍ତମାନ ଯୁବ ସମାଜ ଦିନକୁ ଦିନ ନିଶାଗ୍ରସ୍ତ ହେବାରେ ଲାଗୁଥିବା ବେଳେ ନିଜ ଜୀବନକୁ ଛାରଖାର କରୁଛନ୍ତି । ଏଥିରୁ ଯୁବକ ମାନେ କିପରି ମୁକ୍ତି ପାଇବେ ଓ ନିଜ ଜୀବନକୁ ଶାନ୍ତିପୂର୍ଣ୍ଣ ଭାବେ ଅତିବାହିତ କରିପାରିବେ ଓ ସୁନ୍ଦର ଜୀବନ ଜୀବିକା ମଧ୍ୟରେ ରହିବେ ତାହାକୁ ନେଇ ଏହି ଶୋଭାଯାତ୍ରା ମାଧ୍ୟମରେ ସଚେତନ କରାଯାଇଛି । ନିଶାକୁ ନା, ନିଶାଦ୍ରବ୍ୟ ସ୍ୱାସ୍ଥ୍ୟପକ୍ଷେ ହାନୀକାରକ, ନିଶା ଛାଡନ୍ତୁ ଜୀବନ ବାଛନ୍ତୁ ଆଦି ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ । ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ସଚେତନ କରିବା ସହିତ ଅପମିଶ୍ରିତ ବିଷାକ୍ତ ଏବଂ ଚୋରା ମଦ କାରବାର ସମ୍ପୂର୍ଣ ରୋକିବା ଲାଗି ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଶୋଭାଯାତ୍ରା ଉପ ଜିଲାପାଳଙ୍କ କାର୍ଯ୍ୟ କ୍ଷଳୟରୁ ବାହାରି ସହର ପରିକ୍ରମା କରିଥିଲା ।

# ୨୪ କଇଁଛ ଜବତ, ଜଣେ ଗିରଫ

ମାଲକାନଗିରି, (ହି.ସ.)- ମାଲକାନଗିରି ଜିଲ୍ଲା କାଲିମେଳା ବନ ବିଭାଗ ପକ୍ଷରୁ କାଲିମେଳା ଅଂଚଳରୁ ୨୪ଟି ଜୀବନ୍ତ କଇଁଛ ଉଦ୍ଧାର କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛନ୍ତି । ବେଆଇନ ବନ୍ୟଜନ୍ତୁ ଚୋରା ଚାଲାଣ ସମ୍ବନ୍ଧରେ ବିଶେଷ ସୂଚନା ପାଇବା ପରେ କାଲିମେଳା ବନପାଳ ମୃତ୍ୟୁଞ୍ଜୟ ସେଠି, ସୁମିତ ବିଶ୍ୱାସ ଓ କୋଇମେଟଲା ରାଜସ୍ୱ ନିରୀକ୍ଷକ ଏକ ମିଳିତ ଟିମ କାଲିମେଳା ଅଂଚଳର ମାଙ୍ଗିପାଲି ଗ୍ରାମରେ ଚଢ଼ଉ କରିଥିଲେ । ଚଢ଼ଉ ବେଳେ ଏମପିଭି-୬୩ ଗାଁର ସୁବାଶ ଦେ ନାମକ ଜଣେ ବ୍ୟକ୍ତି ଗୋଟିଏ ମୋଟରସାଇକେଲରେ ୨୪ଟି ଜୀବନ୍ତ କଇଁଛ ବିକ୍ରି କରୁଥିବାର ଦେଖିବାକୁ ପାଇଥିଲେ । ସେହି ବ୍ୟକ୍ତିଙ୍କ ଠାରୁ ୨୪ଟି ଜୀବନ୍ତ କଇଁଛ ଉଦ୍ଧାର କରିଥିଲେ । ପୁଙ୍ଖାନୁପୁଙ୍ଖ ପଚରା ଉଚରା ପରେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା । ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କୋର୍ଟରେ ହାଜର କରାଯାଇଥିଲା । କଇଁଛ ଚୋରା ଚାଲାଣ ପାଇଁ ବ୍ୟବହୃତ ଗାଡି ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିବା କାଲିମେଳା ବନାଚଂଳ ଅଧିକାରୀ ବିଜୟ କୁମାର ନାୟକ ସୂଚନା ଦେଇଛନ୍ତି । ବନ ବିଭାଗ ବନ୍ୟଜନ୍ତୁ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏହିପରି କୌଣସି ବେଆଇନ କାର୍ଯ୍ୟକଳାପ ବିଷୟରେ ବନ ବିଭାଗ କୁ ଜଣାଇବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳିତ



ରାଉରକେଲା (ପିପିଏସ୍): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୬ତମ ଜନ୍ମଦିନକୁ ତାଙ୍କ ଶୁଭେଚ୍ଛୁମାନେ ସ୍ଥାନୀୟ ବାସନ୍ତୀ କଲୋନୀରେ ପାଳନ କରିଛନ୍ତି । ନିହାର ରାୟଙ୍କ ନେତୃତ୍ୱରେ ଶହ ଶହ ଲୋକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକାଠି ହୋଇ ସେମାନଙ୍କର ପ୍ରିୟନେତାଙ୍କ ଦୀର୍ଘ ଜୀବନ କାମନା କରି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଦୀପ ଜାଳିଥିଲେ । ପରେ ବାଜି ରାଉତ ଛକଠରେ ମଧ୍ୟ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ସେଠାରେ କେନ୍ଦ୍ରମନ୍ତ୍ରୀଙ୍କ ଜନ୍ମଦିନର କେକ୍ କାଟି ପଥଚାରୀମାନଙ୍କୁ ବଣ୍ଟନ କରାଯାଇଥିଲା । ଧର୍ମେନ୍ଦ୍ର ପ୍ରଧାନ ଜିନ୍ଦାବଦ ଧ୍ୱନୀରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା । ଏହିସବୁ କାର୍ଯ୍ୟକ୍ରମରେ ମୋଦୀ ଫ୍ୟାନ୍ କ୍ଲବର କାର୍ଯ୍ୟକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକ୍ରମରେ ସର୍ବଶ୍ରୀ ଭଗବାନ ରାଉତ, ବିନ୍ଦର ସିଂ, ଅମୀୟ ଦାସ, ଭଗବାନ ମହାପାତ୍ର, ସେକ୍ ମୁଜାହିଦ୍, ପ୍ରେମ ଶୁକ୍ଳା, ସୋନୁ ସିଂ, ମାଧୁରୀ ବର୍ମା, ଧୀରେନ୍ଦ୍ର ମଲ୍ଲିକ ପ୍ରମୁଖଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।

# ବିଦ୍ୟା ଷ୍ଟଡି ପଏଣ୍ଟ ପକ୍ଷରୁ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି



ରାଉରକେଲା,(ପିପିଏସ୍) : ସାରନଗରୀର ଏକ ଘରୋଇ ଶିକ୍ଷାନୁଷ୍ଠାନ ବିଦ୍ୟା ଷ୍ଟଡି ପଏଣ୍ଟ ପରିସରରେ ପୁଣ୍ୟଶ୍ଲୋକ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପବିତ୍ର ୯୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ସରୋଜ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ ଶାନ୍ତନୁ କୁମାର ମୁଦାଲି,ଅଶୋକ କୁମାର ସାମଲ,ଅସୁରଛାପଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଜନାର୍ଦ୍ଦନ ବେହୁରା ,ପୂଜ୍ୟପୂଜା ପରିଷଦର ସନାତନ ସାହୁ,ବରିଷ୍ଠ ନାଗରିକ ବସନ୍ତ କୁମାର ଜେନା ,ନରେନ୍ଦ୍ର ମଲ୍ଲିକ,ସୁକାନ୍ତ ମହାନ୍ତି,ସୁନୀଲ ସାମଲ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପଣ୍ଡିତ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶିକ୍ଷା କ୍ଷେତ୍ରରେ ପଣ୍ଡିତ ଗୋପବନ୍ଧୁଙ୍କ ଅବଦାନ ଅତୁଳନୀୟ ଥିଲା । ଗୋପବନ୍ଧୁ ସତ୍ୟବାଦୀ ଠାରେ ଖୋଲା ମୁକ୍ତାକାଶ ତଳେ ବନ ବିଦ୍ୟାଳୟ ସ୍ଥାପନ କରି ନୂତନ କିର୍ତିମାନ ସୃଷ୍ଟି କରିଥିଲେ, ଯାହାକି ଚିରସ୍ମରଣୀୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଗୋପବନ୍ଧୁଙ୍କ ଅବର୍ତମାନରେ ତାଙ୍କରି ଆଦର୍ଶରେ ଛାତ୍ର ସମାଜ ଅନୁପ୍ରାଣିତ ହେବାକୁ ଅତିଥି ମାନେ ଉପସ୍ଥିତ ବିଦ୍ୟାର୍ଥୀ ମାନଙ୍କୁ ଆହ୍ୱାନ କରିଥିଲେ । । ଏହି ପରିପ୍ରେକ୍ଷୀରେ ବିଦ୍ୟା ଷ୍ଟଡି ପଏଂଟର ଛାତ୍ରଛାତ୍ରୀଙ୍କ ସମେତ ସେକ୍ଟର-୨୨ ଏମ୍ପ୍ଲୋୟିଜ ଓ୍ୱେଲଫେୟାର ଟ୍ରଷ୍ଟର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ଭାରତୀ ଉତ୍ସବ

ସମ୍ବଲପୁର,: ସମ୍ବଲପୁର ସାମ୍ବାଦିକ ଭବନ ପରିସରରେ ଭାରତୀ ଉତ୍ସବ ପାଳିତ ହୋଇଯାଇଛି । ସାରା ବିଶ୍ୱରେ ରହୁଥିବା ଭାରତୀ ବଂଶଧର ମାନଙ୍କୁ ଏକଜୁଟ କରିବା ଚେଷ୍ଟାରେ ଭାରତୀ ସମାଜ ଦୀର୍ଘ ୨୪ ବର୍ଷ ହେବ କାର୍ଯ୍ୟ କରି ଆସୁଛି । ଭାରତୀ ଭାଷା ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ୨୦୦୧ ମସିହା ଠାରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଆସିଛି । ଭାରତୀ ସମାଜର ରାଜ୍ୟ ସଂଯୋଜକ ଡ଼ ସ୍ୱୟଂ ପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭାରତୀ ଉତ୍ସବ କାର୍ଯ୍ୟକ୍ରମରେ ବିଶିଷ୍ଟ ସଂସ୍କୃତି ଗବେଷକ ଡଃ ଶ୍ୟାମସୁନ୍ଦର ଧର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ।

# ଧାନ କିଣାରେ ଅବ୍ୟବସ୍ଥା ନେଇ ଚାଷୀ ଅସନ୍ତୋଷ

## ଯୋଗାଣ ମନ୍ତ୍ରୀଙ୍କ ସହ ବିଧାୟକଙ୍କ ଆଲୋଚନା

ସୁବର୍ଣ୍ଣପୁର, (ହି.ସ.)- ଧାନ ଟୋକନ୍ ଟାର୍ଗେଟର ଅଭାବ ଓ ବୈଦ୍ୟନାଥ ସେବା ସମବାୟ ସମିତିରେ ଧାନ ରଖିବା ଅବ୍ୟବସ୍ଥା ନେଇ ସୋନପୁର ବ୍ଲକ ବୈଦ୍ୟନାଥ ପାକ୍ସ ଚାଷୀ ସଂଗଠନ ସୁବର୍ଣ୍ଣପୁର ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ ଓ ଧାରଣା ଦେଇଥିବାବେଳେ ଟୋକନ୍ ଟାର୍ଗେଟ କମ୍ ଥିବାରୁ କଟ୍‌ନି ଛଟ୍‌ନି ହୋଇ ଧାନ କିଣାଯିବ ବୋଲି ପାକ୍ସ କର୍ମଚାରୀ କହୁଥିବା ଓ ସିଧାସଳଖ ରାଇସ ମିଲ୍‌କୁ ଧାନ ଦିଅ ବୋଲି କହିବା ବିଷୟ ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି । ସେହିପରି ସୋନପୁର ବ୍ଲକ୍‌ର ବାଲପୁର ସେବା ସମବାୟ ସମିତିର ଚାଷୀ ସଂଗଠନ ଧାନ ଉଠାଣ ଦାବି ନେଇ ସମାନ ଢଙ୍ଗରେ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ଗତ ୧୯ ତାରିଖରୁ ଏ ଅଂଚଳର ଧାନ ଉଠାଣ ଦାବୀ ନେଇ ବିଭାଗୀୟ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିବା ଓ ୩୦ ତାରିଖ ସୁଦ୍ଧା ଧାନ ଉଠାଇବାକୁ ପ୍ରତିଶୃତି ଦେଇ ମଧ୍ୟ ପ୍ରତିଶୃତି ଫେଲ ମାରିଥିବା ଓ ଆଜି ସୁଦ୍ଧା ୧୦୦ ବସ୍ତା ଧାନ ବି ଉଠି ନ ଥିବା ଅଭିଯୋଗ କରିଛନ୍ତି ଚାଷୀ । ତାସହିତ ମଣ୍ଡିମାନଙ୍କରେ ସେଡ୍‌ର ବ୍ୟବସ୍ଥା ନ ଥିବାରୁ ଖୋଲା ଆକାଶ ତଳେ ହଜାର ହଜାର ବସ୍ତା ଧାନ ପଡି ରହିଥିବା ବିଷୟ ମଧ୍ୟ ଜିଲ୍ଲାପାଳଙ୍କୁ ଲିଖିତ ଆକାରରେ ଏ ଚାଷୀ ସଂଗଠନ ଜଣାଇଛନ୍ତି । ଜିଲ୍ଲାର ବିଭିନ୍ନ ଅଂଚଳର ମଣ୍ଡିମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବୀର ମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ସହ ଆଲୋଚନା କରି ଜିଲ୍ଲାରେ ଦେଖାଦେଇଥିବା ଚାଷୀଙ୍କ ଧାନ ବିକ୍ରୟ ସମସ୍ୟା, ଟୋକନ୍ ସମସ୍ୟା ଓ ମଣ୍ଡିମାନଙ୍କର ଭିତ୍ତିଭୂମିର ବିକାଶ ଉପରେ ଅବଗତ କରାଇଥିଲେ । ଜିଲ୍ଲାର ସମସ୍ତ ବ୍ଲକ ଅଂଚଳରେ ତୁରନ୍ତ ଧାନ ଉଠାଇବାକୁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ ।

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହାଁନ୍ତି, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୨୮।୦୬।୨୦୨୫ ■ ଶନିବାର

## ସପ୍ତାହାନ୍ତ ବିଚାର

# ଅନ୍ତରୀକ୍ଷରେ ଭାରତୀୟ ଅଭୀପ୍‌ସାର ଉଡ଼ାଣ

ଭାରତର ପ୍ରଥମ ଅନ୍ତରୀକ୍ଷ ଯାତ୍ରୀ ରାକେଶ ଶର୍ମାଙ୍କ ପରେ ଏବେ ଶୁଭାଂଶୁ ଶୁକ୍ଳ ସବୁଦିନ ଲାଗି ଭାରତୀୟଙ୍କ ସ୍ମୃତିର ଏକ ଅଂଶ ହୋଇଯାଇଛନ୍ତି । ଗ୍ରୁପ କ୍ୟାପଟେନ୍ ଶୁଭାଂଶୁ ଗତ ବୁଧବାର ଦିନ ଭାରତୀୟ ସମୟାନୁସାରେ ଦ୍ୱିପହର ପ୍ରାୟ ୧୨ଟା ବେଳେ ଫ୍ଲୋରିଡ଼ାର କେନେଡ ସ୍ପେସ୍ ଷ୍ଟେସନରୁ ଆନ୍ତର୍ଜାତିକ ଅନ୍ତରୀକ୍ଷ କେନ୍ଦ୍ର (ଆଇଏସ୍ଏସ୍)ରୁ ଉଡ଼ାଣ ଭରିଛନ୍ତି । ସ୍ମରଣଯୋଗ୍ୟ ଯେ ୧୯୮୪ ଏପ୍ରିଲ ୩ ତାରିଖ ଦିନ ଯେବେ ରାକେଶ ଶର୍ମା ସୋୟୁଜ ଟି ୧୧ ମହାକାଶ ଯାନରେ ଉଡ଼ାଣ ଭରି ଅନ୍ତରୀକ୍ଷରେ ପହଞ୍ଚିଥିଲେ, ସେତେବେଳେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଏକ ପ୍ରଶ୍ନ ଥିଲା 'ଅନ୍ତରୀକ୍ଷରୁ ଭାରତ କିପରି ଦେଖାଯାଉଛି ?' ତା'ର ଉତ୍ତର ଥିଲା "ସାରେ ଜହାଁସେ ଆଚ୍ଛା ହିନ୍ଦୁସ୍ତାନ ହମାରା" । ୪୧ ବର୍ଷ ତଳେ ଅନ୍ତରୀକ୍ଷକୁ ଯାତ୍ରା କରିଥିବା ରାକେଶ ଶର୍ମାଙ୍କୁ ଯେପରି ସ୍ମରଣ କରାଯାଉଛି, ସେହିପରି ଶୁଭାଂଶୁ ଶୁକ୍ଳଙ୍କୁ ଏବେଠାରୁ ଲୋକେ ମନେ ପକାଇବେ । ଏହା ଏପରି ଏକ ଅଭିଯାନ, ଯାହାର ପ୍ରତୀକ୍ଷା ଲୋକେ ମାସାଧିକ କାଳ କରୁଥିଲେ । ଏ ଅଭିଯାନକୁ ମଧ୍ୟ ସ୍ମରଣ ରଖାଯିବ କାରଣ ଏହାର ପ୍ରକ୍ଷେପଣର ତାରିଖ ଏକାଧିକବାର ବଦଳିଥିଲା । ପ୍ରଥମେ ଏ ମିଶନ ମଇ ୨୯ରେ ହେବାର ଥିଲା, ପରେ ଜୁନ୍ ୮, ପୁଣି ଜୁନ୍ ୧୦, ଜୁନ୍ ୧୧, ଜୁନ୍ ୧୯ ଓ ପୁଣି ଜୁନ୍ ୨୨ ତାରିଖ ସ୍ଥିର ହୋଇଥିଲା । ଏବେ ଜୁନ୍ ୨୫କୁ ଏହାର ପ୍ରକ୍ଷେପଣ ହୋଇଛି । ଭାରତୀୟ ମହାକାଶ ବିଜ୍ଞାନ କ୍ଷେତ୍ରରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି ଓ ବୈଜ୍ଞାନିକ ସମୂହଙ୍କୁ ଶୁଭାଂଶୁଙ୍କର ବହୁମୂଲ୍ୟ ଅନୁଭବର ପ୍ରତୀକ୍ଷା ଅଛି । ପ୍ରଥମ ଭାରତୀୟ ଅନ୍ତରୀକ୍ଷ ଯାତ୍ରୀ ରାକେଶ ଶର୍ମାଙ୍କ ସମୟରେ ଆନ୍ତର୍ଜାତିକ ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ ହୋଇ ନଥିଲା । କିନ୍ତୁ ଶୁଭାଂଶୁଙ୍କୁ ଅନ୍ତରୀକ୍ଷ କେନ୍ଦ୍ରରେ ରହିବାର ସୁଯୋଗ ମିଳିବ । ଧ୍ୟାନଦେବା ଯୋଗ୍ୟ ଯେ ଏ ଅଭିଯାନ ବିଶ୍ୱର ପ୍ରମୁଖ ବୈଜ୍ଞାନିକ ଦେଶମାନଙ୍କ ସହ ଭାରତର ସମନ୍ୱୟର ମଧ୍ୟ ପ୍ରମାଣ । ରାକେଶ ଶର୍ମା ସୋଭିଏତ ସଂଘର ସହଯୋଗରେ ଅନ୍ତରୀକ୍ଷ ଯାତ୍ରାରେ ଯାଇଥିଲେ ଓ ଶୁଭାଂଶୁ ଶୁକ୍ଳ ମୁଖ୍ୟତଃ ଆମେରିକାର ସହଯୋଗରେ ଯାଇଛନ୍ତି । ଶିଖିବାର କଥା ହେଉଛି, ଜ୍ଞାନ ଓ ବିଜ୍ଞାନ କ୍ଷେତ୍ରରେ ଯେଉଁଠାରୁ ବି ଲାଭ ମିଳିବ, ସେଠାରୁ ଆମେ ସମନ୍ୱୟ ସ୍ଥାପନ କରି ଚାଲିବା ଦରକାର ।

ରାକେଶ ଶର୍ମା ଓ ଶୁଭାଂଶୁ ଶୁକ୍ଳଙ୍କ ବ୍ୟତୀତ ଅନ୍ୟ ଜଣେ ଭାରତୀୟ ମଧ୍ୟ ଅନ୍ତରୀକ୍ଷକୁ ଯାଇଛନ୍ତି, ସେ ହେଉଛନ୍ତି କ୍ୟାପଟେନ୍ ଗୋପୀଚନ୍ଦ ଥୋଟାକୁରା । ସେ ଗତବର୍ଷ ଜଣେ ପର୍ଯ୍ୟଟକ ଭାବେ ଅନ୍ତରୀକ୍ଷକୁ ଯାଇଥିଲେ । ଶୁଭାଂଶୁଙ୍କର ଏ ମିଶନ ଅନେକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ । ସେ କ୍ରୁ ଡ୍ରାଗନ ୨୧୩ ଅନ୍ତରୀକ୍ଷ ଯାନରେ ଉଡ଼ାଣ ଭରିଛନ୍ତି । ଉଡ଼ାଣ ଭରିବାର କିଛି କ୍ଷଣ ପରେ ଅନ୍ତରୀକ୍ଷରୁ ନିଜ ବାର୍ତ୍ତାରେ ସେ କହିଛନ୍ତି, '୪୧ ବର୍ଷ ପରେ ଅନ୍ତରୀକ୍ଷରେ ଆମେ ପହଞ୍ଚିଯାଇଛନ୍ତି । ଏହା ଏକ ଅଦ୍ଭୁତ ଯାତ୍ରା... ଏହା କେବଳ ମୋର ଅନ୍ତରୀକ୍ଷ ଯାତ୍ରାର ଆରମ୍ଭ ନୁହେଁ, ବରଂ ଏହା ଭାରତର ମାନବ ଅନ୍ତରୀକ୍ଷ ଅଭିଯାନର ଶୁଭାରମ୍ଭ ।' ବାସ୍ତବରେ ଭାରତ ଦ୍ୱାରା ନିଜ ବଳରେ ଯାତ୍ରୀଙ୍କୁ ଅନ୍ତରୀକ୍ଷକୁ ପଠାଇବା ଦୃଷ୍ଟିରୁ ଏ ଅଭିଯାନକୁ ଢେର୍ ମହତ୍ତ୍ୱପୂର୍ଣ୍ଣ ବୋଲି ଗ୍ରହଣ କରାଯିବ । ୨୦୩୫ ମଧ୍ୟରେ ଭାରତ ନିଜସ୍ୱ ଅନ୍ତରୀକ୍ଷ ଷ୍ଟେସନ ନିର୍ମାଣ ଓ ୨୦୪୦ ଭିତରେ ଚନ୍ଦ୍ରରେ ମନୁଷ୍ୟଙ୍କୁ ପଠାଇବା ଦିଗରେ କାର୍ଯ୍ୟ କରୁଛି । କୁହାଯାଉଛି ଭାରତର ମାନବ ଅଭିଯାନକୁ ଶୁଭାଂଶୁଙ୍କର ଏ ଯାତ୍ରା ଏକ ନୂଆ ଦିଗ ପ୍ରଦାନ କରିବ । ଦେଖିବାକୁ ଗଲେ, ଭାରତ ଅନ୍ତରୀକ୍ଷ ବିଜ୍ଞାନରେ ନିଜର ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ଦ୍ୱାରା ସମଗ୍ର ବିଶ୍ୱରେ ପ୍ରତିଷ୍ଠା ଅର୍ଜନ କରିପାରିଛି । ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ କେନ୍ଦ୍ର ଅର୍ଥାତ୍ ଇସ୍ରୋ ଏ ଦିଗରେ ଲଗାତାର ସକ୍ରିୟ ରହିଛି । ତାହା ତ ଦେଶ ବିଦେଶର ଉପଗ୍ରହ ଗୁଡ଼ିକୁ ଉତ୍‌କ୍ଷେପଣ କରି ଢେର ସମୟ ହେଲା ଆୟ ମଧ୍ୟ କରିଚାଲିଛି । ଚନ୍ଦ୍ରଯାନ, ମଙ୍ଗଳଯାନ ଓ ଆଦିତ୍ୟ ମିଶନ ପରେ ଇସ୍ରୋ ନିଜର ଗଗନଯାନ ମିଶନକୁ କ୍ରିୟାନ୍ୱିତ କରିବା ଦିଗରେ ଆଗେଇ ଚାଲିଛି । ଏ ମିଶନ ତିନୋଟି ପର୍ଯ୍ୟାୟରେ ହେବ ଓ ଆଶା କରାଯାଉଛି ଯେ ୨୦୨୭ ଭିତରେ ମାନବଯୁକ୍ତ ଅନ୍ତରୀକ୍ଷଯାନ ପଠାଇବାରେ ସଫଳତା ମିଳିପାରିବ । ଏହା ଦ୍ୱାରା ଭାରତୀୟ ଅନ୍ତରୀକ୍ଷ ବିଜ୍ଞାନର ପ୍ରଭାବ ସ୍ୱାଭାବିକ ଭାବେ ବିସ୍ତାରିତ ହେବ ।

ଇସ୍ରୋର ଭବିଷ୍ୟତ ଯୋଜନା ଆହୁରି କେତେ ବି ଅଛି, ଏଥିରେ ଶୁକ୍ର ଆଦି ଗ୍ରହ ସହ ଅନ୍ୟ ଗ୍ରହକୁ ଅନ୍ତରୀକ୍ଷ ମିଶନ ମଧ୍ୟ ସାମିଲ ଅଛି । ଚନ୍ଦ୍ରଯାନ-୪କୁ ମଧ୍ୟ ଇସ୍ରୋ ଦ୍ୱାରା ପଠାଇବାର ଯୋଜନା ରହିଛି । ୨୦୩୫ ଭିତରେ ଭାରତ ଯେଉଁ ଅନ୍ତରୀକ୍ଷ ଷ୍ଟେସନ ନିର୍ମାଣ କରିବ ତାହା ୫୨ ଟନ୍ ଓଜନ ବିଶିଷ୍ଟ ହେବ ଏବଂ ପାଞ୍ଚ ମଡ୍ୟୁଲରେ ନିର୍ମାଣ ହେବ । ଏହାର ପ୍ରଥମ ମଡ୍ୟୁଲ ୨୦୨୮ରେ ପ୍ରକ୍ଷେପଣ କରାଯିବ । ଏହା ଅନ୍ତରୀକ୍ଷ ଷ୍ଟେସନ ଦୀର୍ଘ ଅବଧିରେ ସୂକ୍ଷ୍ମ-ଗୁରୁ ଅନୁସନ୍ଧାନ, ଅନ୍ତରୀକ୍ଷଯାତ୍ରୀ ପ୍ରଶିକ୍ଷଣ ଓ ଆନ୍ତର୍ଜାତିକ ସହଯୋଗ ଲାଗି ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଏକ୍ସିଓମ୍-୪ ମିଶନର ପାଇଲଟ ହେଉଛନ୍ତି ଶୁଭାଂଶୁ । ତାଙ୍କ ସହ ତିନିଜଣ ଅନ୍ୟ ଅନ୍ତରୀକ୍ଷ ଯାତ୍ରୀ ମଧ୍ୟ ଆଇଏସ୍ଏସ୍ ଯାଇ ପହଞ୍ଚିଛନ୍ତି । ଏମାନଙ୍କ ମଧ୍ୟରେ ନାସାର ପୂର୍ବତନ ଅନ୍ତରୀକ୍ଷଯାତ୍ରୀ ପେଗୀ ହ୍ୱିଟସନ ମଧ୍ୟ ଅଛନ୍ତି । ଅନ୍ୟ ଦୁଇଜଣ ହେଉଛନ୍ତି ପୋଲାଣ୍ଡର କେ ସ୍ଲାଭେଜ ଓ ହଙ୍ଗେରୀର ଟିବୋର କ୍ୟପୁ । ୧୯୮୫ ଅକ୍ଟୋବର ୧୦ରେ ଲକ୍ଷ୍ନୌର ତ୍ରିବେଣୀନଗରରେ ଜନ୍ମଗ୍ରହଣ କରିଥିବା ଶୁଭାଂଶୁ ଶୁକ୍ଳ ୨୦୦୬ରେ ଫ୍ଲାଇଟ ପାଇଲଟ ଭାବେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିଲେ । ମିଗ, ସୁଖୋଇ, ଡୋନିୟର, ଜଗୁଆର ଓ ହକ୍ ଭଳି ଲଢୁଆ ଯୁଦ୍ଧବିମାନ ସହ ୨୦୦୦ରୁ ଅଧିକ ଘଣ୍ଟାର ଉଡ଼ାଣର ଅନୁଭବ ତାଙ୍କର ଅଛି । ଏକ୍ସିଓମ-୪ ମିଶନ ହେଉଛି ଇସ୍ରୋ, ନାସା, ୟୁରୋପିୟନ ସ୍ପେସ୍ ଏଜେନ୍ସୀ (ଇଏସ୍ଏ) ଓ ଏକ୍ସିଓମ ସ୍ପେସର ସଂଯୁକ୍ତ ମିଶନ, ଶୁଭାଂଶୁଙ୍କ ସମେତ ଚାରିଜଣ ଅନ୍ତରୀକ୍ଷଯାତ୍ରୀ ଆଇଏସଏସରେ ୬୦ ବୈଜ୍ଞାନିକ ପ୍ରୟୋଗ କରିବେ, ଯାହା ମଧ୍ୟରୁ ୭ଟି ପ୍ରୟୋଗ ଭାରତରେ ହେବ । ଏକ ପ୍ରମୁଖ ପ୍ରୟୋଗରେ ଛଅ ପ୍ରକାର ଫସଲ ବିହନ ଉପରେ ଅନ୍ତରୀକ୍ଷରୁ ପ୍ରଭାବର ଯାଞ୍ଚ କରାଯିବ । ଏ ପ୍ରୟୋଗ ଦ୍ୱାରା ବୁଝିବାକୁ ଚେଷ୍ଟା କରାଯିବ ଯେ ଭବିଷ୍ୟତର ମିଶନ ଲାଗି ଅନ୍ତରୀକ୍ଷରେ ଫସଲ କିପରି ଉତ୍ପନ୍ନ କରାଯାଇ ପାରିବ । ଆଇଏସଏସ୍‌ରେ ଗ୍ଲୁକୋଜ ଓ ଇନସୁଲିନ୍ ଉପରେ ମଧ୍ୟ ସ୍ୱତନ୍ତ୍ର ଅଧ୍ୟୟନ କରାଯିବ, ଯାହା ଭବିଷ୍ୟତରେ ମଧୁମେହର ଚିକିତ୍ସା ଦିଗକୁ ସଂପୂର୍ଣ୍ଣ ଭାବେ ବଦଳାଇ ଦେଇପାରେ । ସୂକ୍ଷ୍ମ ଶୈବାଳ (ମାଇକ୍ରୋ ଏଲ୍‌ଗୀ)ର ତିନି ପ୍ରଜାତିର ବୃଦ୍ଧି, ଉପାପଚୟ ଓ ଅନୁବଂଶିକୀର ଅଧ୍ୟୟନ କରାଯିବ, ଯାହାଦ୍ୱାରା ଜଣାପଡ଼ିବ ମାଇକ୍ରୋ ଏଲଗୀ ଅନ୍ତରୀକ୍ଷରେ ବୃଦ୍ଧି ପାଇବ । ଆଉ ଏକ ବିଷୟ ମଧ୍ୟ ଆଇଏସଏସରେ ପ୍ରୟୋଗ କରାଯିବ, ତାହା ହେଉଛି ଅନ୍ତରୀକ୍ଷରେ କଂପ୍ୟୁଟର ସ୍କ୍ରିନର ଉପଯୋଗ କରିବା ଦ୍ୱାରା ଶାରୀରିକ ଓ ସଂଜ୍ଞାନାତ୍ମକ (କଗ୍ନିଟିଭ୍) ପ୍ରଭାବ ସଂକ୍ରାନ୍ତରେ ଜାଣିବା ।

ଶୁଭାଂଶୁଙ୍କର ୧୪ ଦିନର ଏ ଅନୁଭବ, ବିଶେଷକରି ଇସ୍ରୋର ଭବିଷ୍ୟତ ଗଗନଯାନ ମିଶନ ଲାଗି ବଡ଼ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ନିଶ୍ଚୟ । ଏ ମିଶନ ବାସ୍ତବରେ ଭାରତର ମାନବ ଅଭିଯାନ କାର୍ଯ୍ୟକ୍ରମର ଆରମ୍ଭ । ❐❐

## ପ୍ରାପ୍ତପତ୍ର

# ରଥଯାତ୍ରାରେ ପ୍ଲାଷ୍ଟିକ୍ ମୁକ୍ତ ପଦକ୍ଷେପ

ରଥଯାତ୍ରା ପାଳନ କରାଯିବ । ରଥଯାତ୍ରାରେ ଲକ୍ଷ ଲକ୍ଷ ସଂଖ୍ୟକ ଶ୍ରଦ୍ଧାଳୁ ଏକାଠି ହୋଇଥାନ୍ତି । ପୁରୀ ଠାରେ ସର୍ବାଧିକ ଜନସମାଗମ ହୋଇଥାଏ । ଏହି ସମୟରେ ପ୍ଲାଷ୍ଟିକ ପାଣି ବୋତଲର ବ୍ୟବହାର ଅଧିକ ହୋଇଥାଏ । ଏହି ପାଣି ବୋତଲ ଗୁଡିକ ଶେଷରେ ବର୍ଜ୍ୟରେ ପରିଣତ ହୋଇଥାଏ । ଏହି ବର୍ଜ୍ୟ ପ୍ଲାଷ୍ଟିକ ପାଣି ବୋତଲ ଗୁଡିକ ଠିକ ଭାବରେ ନିୟନ୍ତ୍ରିତ ହୋଇ ନ ପାରିଲେ ପରିବେଶ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ଥାଏ । ଚଳିତ ରଥଯାତ୍ରାରେ ବର୍ଜ୍ୟ ପ୍ଲାଷ୍ଟିକ ପାଣି ବୋତଲର ସୁପରିଚାଳନା ପାଇଁ କିଛି ସଂସ୍ଥା ସକ୍ରିୟ ଅଛନ୍ତି ।

ପୁରୀ ପୌରପାଳିକା, ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ବିକାଶ ପରିଚାଳନା କାର୍ଯ୍ୟକ୍ରମର ସମନ୍ୱୟରେ ହିନ୍ଦୁସ୍ତାନ କୋକା-କୋଲା ବେଭରେଜେସ୍ ଏବଂ ଆନନ୍ଦନା କୋକ୍-କୋଲା ଇଣ୍ଡିଆ ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ ଏହି ଅଭିଯାନ ପ୍ଲାଷ୍ଟିକ୍ ପ୍ରଦୂଷଣର ମୁକାବିଲା କରିବାରେ ସହାୟକ ହେବ । ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଶ୍ୱ ପରିବେଶ ଦିବସ ୨୦୨୫ ରେ ବିଶ୍ୱ ପ୍ଲାଷ୍ଟିକ ପ୍ରଦୂଷଣ ସମାପ୍ତ ପାଇଁ ଆହ୍ୱାନକୁ ପ୍ରତିଫଳିତ କରିବ । ଏହି ପ୍ରୟାସ ୨୦୨୪ ରଥଯାତ୍ରା ର ସଫଳତା ଉପରେ ଆଧାରିତ, ଯେଉଁ ସମୟରେ ପୁରୀ ଠାରେ ୧୪ ଲକ୍ଷରୁ ଅଧିକ ଜନସମାବେଶ ହୋଇଥିଲା ଏବଂ ତାଲିମପ୍ରାପ୍ତ 'ସଫାଇ ସାଥୀ' ମାନଙ୍କ ସହାୟତାରେ ୮୫୦,୦୦୦ ରୁ ଅଧିକ ପ୍ଲାଷ୍ଟିକ ବୋତଲ (୧୭,୦୦୦ କିଲୋଗ୍ରାମରୁ ଅଧିକ) ସଂଗ୍ରହ କରାଯାଇଥିଲା । ଏହାକୁ ପୋଷାକ, ବ୍ୟାଗ ଏବଂ ଦ୍ୱିତୀୟ ପ୍ୟାକେଜିଂ ଭଳି ନୂତନ ସାମଗ୍ରୀରେ ରୂପାନ୍ତରିତ କରିବା ଉପରେ ଧ୍ୟାନ ଦେଇ ପୁନଃଚକ୍ରଣ ପାଇଁ ପଠାଯାଇଥିଲା । ଏହି ବର୍ଷର ଉଦ୍ଦେଶ୍ୟ ହେଉଛି, ପରିବେଶ ସୁରକ୍ଷା ପାଇଁ ଜାତୀୟ 'ଜନ ଆନ୍ଦୋଳନ' ସହିତ ସମନ୍ୱୟ ରକ୍ଷା କରି ପରିବେଶ ସଚେତନତା ବୃଦ୍ଧି, ଦାୟିତ୍ୱପୂର୍ଣ୍ଣ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହକୁ ଉତ୍ସାହିତ କରିବା ଏବଂ ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ନାଗରିକ ଦାୟିତ୍ୱବୋଧ ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବା । ୨୦୨୫ ଅଭିଯାନର ପ୍ରମୁଖ ଅଂଶଗୁଡ଼ିକ ମଧ୍ୟରେ ଜୁନ୍ ୨୬ ରୁ ଜୁଲାଇ ୫ ପର୍ଯ୍ୟନ୍ତ ୧୦ ଦିନିଆ ସ୍ୱେଚ୍ଛାସେବୀ ତାଲିମ କାର୍ଯ୍ୟକ୍ରମ, ପ୍ରମୁଖ ସ୍ଥାନରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ ପଏଣ୍ଟ ସ୍ଥାପନ, ପ୍ରାରମ୍ଭିକ ବେଳାଭୂମି ସଫା କରିବା ଅଭିଯାନ ଏବଂ ସହରରେ ୨୦୦ଟି ଡଷ୍ଟବିନ ସ୍ଥାପନ ଅନ୍ତର୍ଭୁକ୍ତ । ସ୍ଥାନୀୟ କର୍ତ୍ତୃପକ୍ଷ, ମନ୍ଦିର ପ୍ରଶାସନ, ଏବଂ ଜନସାଧାରଣଙ୍କ ଦୃଢ଼ ସହଯୋଗ ରେ ପ୍ଲାଷ୍ଟିକ୍ ମୁକ୍ତ ଗଣ ସମାବେଶ ସମ୍ଭବପର ହୋଇପାରିବ ।

ଏହି ପରିପ୍ରେକ୍ଷୀରେ, ସ୍ଥାନୀୟ ପ୍ରଶାସନ, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସ୍ଥାନୀୟ ଯୁବକ ଏବଂ ସ୍ୱେଚ୍ଛାସେବକଙ୍କ ସହାୟତାରେ ଓଡ଼ିଶାର ଅନ୍ୟାନ୍ୟ ସାର୍ବଜନୀନ ସମାବେଶ ସ୍ଥାନ ଯେପରିକି ବାଲିଯାତ୍ରା, ସ୍ଥାନୀୟ ଉତ୍ସବ, ଷ୍ଟାଡିୟମରେ ଆୟୋଜିତ ବିଭିନ୍ନ ମ୍ୟାଚ୍, ସଭାସମିତି ଇତ୍ୟାଦିରେ ମଧ୍ୟ ଏହି ପଦ୍ଧତି ଅନୁସରଣ କରାଯିବା ଆବଶ୍ୟକ । ଏତଦବ୍ୟତୀତ, ଆମ ରାଜ୍ୟରେ ଅଗ୍ରାଧିକାର ଭିତ୍ତିରେ ବର୍ଜ୍ୟ ଭିତ୍ତିକ ରିସାଇକ୍ଲିଂ/ଅପସାଇକ୍ଲିଂ ୟୁନିଟ୍ ସ୍ଥାପନା କରିବାର ଆବଶ୍ୟକତା ରହିଛି । ଏହା ପରିବେଶ ପାଇଁ ବେଶ ଉପାଦେୟ ହୋଇ ଅଧିକ ରୋଜଗାର ସୃଷ୍ଟି କରିବା ଦିଗରେ ସହାୟକ ହୋଇପାରିବ ।

ନବନୀତ ପାଣିଗ୍ରାହୀ
ରାୟଗଡ଼ା

# ଜୀବନଯୁଦ୍ଧରେ ମଣିଷ ହାରେ କାହିଁକି ?



**ମାୟାଧର ନାୟକ**

ତ୍ରେତୟାଯୁଗରେ ରାମ-ରାବଣ ଯୁଦ୍ଧ ସମସ୍ତଙ୍କର ସ୍ମରଣରେ ଥିବ। ସେତେବେଳେ ରାବଣ ଶ୍ରେଷ୍ଠଜ୍ଞାନୀ, ଶ୍ରେଷ୍ଠବ୍ରାହ୍ମଣ, ଶ୍ରେଷ୍ଠଯୋଦ୍ଧା, ଶ୍ରେଷ୍ଠଧନୀ, ଶ୍ରେଷ୍ଠମଣିଷ ଥିଲେ। ଯୁଦ୍ଧରେ ସେ ହାରିଲେ କାହିଁକି ? ତାଙ୍କ ପାଖରେ ଯୁଦ୍ଧବେଳେ ତାଙ୍କ ଭାଇ ବିଭୀଷଣ ନଥିଲେ – ରାମଙ୍କ ପାଖରେ ଭାଇ ଲକ୍ଷ୍ମଣ, ସୁଗ୍ରୀବ ଭଳି ବନ୍ଧୁ ଥିଲେ। ଭାଇବନ୍ଧୁ ସଂଗେ ନଥିଲେ ଯୁଦ୍ଧ ହାରିବା ଥୟ। ଏ କଳିଯୁଗରେ କାହିଁ କେଉଁଦିନୁ ପ୍ରତିବର୍ଷ ରାବଣପୋଡି ଉତ୍ସବ ପୁରପଲ୍ଲୀରୁ ସହରବଜାର ଯାଏ ବଡ଼ନେତା ଠାରୁ କୁଜିନେତା ଯାଏ, ବିରାଟ ଅନୁଷ୍ଠାନରୁ ଛୋଟ ଛୋଟ ସଂଘ, ସମିତି, ଅନୁଷ୍ଠାନ ଯାଏ ପାଳନ ହୁଏ। ଦଶମୁଣ୍ଡିଆ ରାବଣ ଶରୀର କାନଫଟା ବାଣ ଖଞ୍ଜାଯାଇ ଅଗ୍ନିସଂଯୋଗ ହୁଏ – ଏକପ୍ରକାର ବାଣ ପ୍ରତିଯୋଗିତା। ଅଧଘଂଟାରୁ ଘଂଟାଏକାଳ ଶବ୍ଦ ପ୍ରଦୂଷଣ, ଏପରିକି ବାଣ ବିସ୍ଫୋରଣ ହୋଇଥାଏ। ଧୂଆଁରେ ଚାରିଆଡେ ବାୟୁମଣ୍ଡଳ ଦୂଷିତ କରିଦିଏ। ବହୁଲୋକ ସମାଗମ ହୁଅନ୍ତି। ପ୍ରଥମେ ସଭାରେ ରାବଣର ଚଉଦପୁରୁଷ ଶୋଧାଯାଏ। ପୁଣି ଅନେଇ ଥା ଆରବରଷକୁ।

ତା'ହେଲେ ରାବଣ ମରୁନାହିଁ। ଯଦି ମରିଥାନ୍ତା – ପ୍ରତିବର୍ଷ ରାବଣପୋଡି ହୁଅନ୍ତା ନାହିଁ। ବରଂ ରାବଣକୁ ମାରିବା ବାହାନାରେ ଆମେ କେବଳ ମାରିଆସୁଛୁ ନିଜନିଜର ଗଲୁଗୁଡ଼ାକୁହିଁ ! ଏବେ ଗାଁଗଣ୍ଡାରୁ ଆରମ୍ଭକରି ସହରବଜାର ବିଭିନ୍ନ ଦେଶବିଦେଶରେ ଶାସକ, ପ୍ରଶାସକଙ୍କ ଭିତରେ ଅନେକ ରାବଣ ଅଛନ୍ତି। ଆମେ ସିନା ନିର୍ଜୀବ କାଗଜକରିଗୁଡା ରାବଣକୁ ପୋଡୁଛେ – ରକ୍ତମାଂସଧାରୀ ରାବଣକୁ କେବେ ଶରବିଦ୍ଧକରି ନିପାତ କରିବା ?

ଦ୍ୱାପରଯୁଗରେ ମହାଭାରତ ଯୁଦ୍ଧରେ ପାଣ୍ଡବ ପକ୍ଷର ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ ୫ ଭାଇ ବଡ଼ଭାଇଙ୍କ ଆଜ୍ଞାପାଳନ କରୁଥିଲେ। ତାଙ୍କ ପାଖରେ ଧର୍ମ ଥିଲା। ଭଗବାନ ଶ୍ରୀକୃଷ୍ଣ ଥିଲେ। କୌରବ ପକ୍ଷର ଦୁର୍ଯ୍ୟୋଧନଙ୍କ ପାଖରେ ଶଢ଼େଭାଇ ଥିଲେ। ସମସ୍ତେ ଅଧର୍ମୀ, ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ଗର୍ବ, ଅହଂକାରରେ ମଜ୍ଜିଯାଇଥିଲେ। କୁମନ୍ତ୍ରଣା ଦେବାକୁ ଶକୁନି ଥିଲେ। ଧାର୍ମିକ, ନ୍ୟାୟବନ୍ତ ବିଦୁର, ଶ୍ରେଷ୍ଠସେନାପତି ଭୀଷ୍ମଙ୍କ କଥା, ପରାମର୍ଶ ଗ୍ରହଣ କରୁନଥିଲେ। ଶେଷରେ ୧୮ଦିନ ମହାଭାରତ ଯୁଦ୍ଧରେ ହାରିଗଲେ।

ଦ୍ୱାପରଯୁଗର ମହାଭାରତ ଯୁଦ୍ଧର ୧୮ ଦିନରୁ ଓଳିଏ ଯୁଦ୍ଧ ବାକି ଅଛି। ସେ ଯୁଦ୍ଧ ଏ କଳିଯୁଗରେ ଶେଷ ହେବ। ଆଜି ଏ ଘୋର କଳିକାଳରେ ପ୍ରତିମୁହୂର୍ତ୍ତରେ ମହାଭାରତ ଯୁଦ୍ଧ ଚାଲିଛି। ସମଗ୍ର ବିଶ୍ୱରେ ଭାରତରେ ଧାର୍ମିକମାନେ, ପାଣ୍ଡବମାନେ ଅଛନ୍ତି – ସେମାନେ ବେଶି ଦୃଶ୍ୟ ହେଉ ନାହାଁନ୍ତି। ଦୁର୍ଯ୍ୟୋଧନ, ଦୁଃଶାସନର ଦଳ ଗାଁଗଣ୍ଡାରୁ ସହରବଜାରରେ ହାଉଯାଉ ହେଉଛନ୍ତି। ସେମାନଙ୍କ କୁବୁଦ୍ଧି, ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ପରସ୍ତ୍ରୀ ହରଣ, ଯୌନାଚାର, ରାଜକୋଷ ଲୁଣ୍ଠନ, ଶୋଷଣ, ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ଚରମ ବିଶୃଙ୍ଖଳା ସୃଷ୍ଟି କରିଚାଲିଛନ୍ତି। ସେମାନଙ୍କ କୁକର୍ମ ଯୋଗୁ ମେଦିନୀମାତା କମ୍ପୁଛି। ଏମାନଙ୍କ ପାପର ବୋଝ ଆଉ ମୁଣ୍ଡେଇ ନପାରିବାରୁ ଭୂମିକମ୍ପ, ଘୂର୍ଣ୍ଣିବାତ୍ୟା, ପ୍ରବଳବନ୍ୟା, ଟାଣଖରା, ପରିବେଷ ପ୍ରଦୂଷଣ ବଢିଚାଲିଛି। ସାରାବିଶ୍ୱରେ ଦେଶେଦେଶେ, ଗାଁଗାଁରେ ଯୁଦ୍ଧ, ଗୃହଯୁଦ୍ଧ ଲାଗିଛି। ଲୋକେ ଭୋକ-ରୋଗରେ ଆଉଟୁପାଉଟୁ ହେଉଛନ୍ତି। ସମସ୍ତେ କହୁଛନ୍ତି – କଳିର ଏ ଶେଷକାଳ। ସମସ୍ତଙ୍କ ହାତରେ ଖଣ୍ଡା। ଯଦୁବଂଶ ଧ୍ୱଂସ ହେଲାଭଳି ପରସ୍ପର ହଣାକଟାରେ ରାସ୍ତାଘାଟରେ ମୁଣ୍ଡ ଗଡିବ। ଶେଷରେ ଶବ ପୋତିବାକୁ ସ୍ଥାନ ମିଳିବନାହିଁ। ମଣିଷ ଜଳିପୋଡି ପୋକମାଛି ଭଳି ମରିଯିବେ। ଏ ସଂସାରରୁ ୮୦୦ କୋଟି ମଣିଷରୁ ଅଧାରୁ ଅଧିକ ମରିଯିବେ। ଯେଉଁ ଅଳ୍ପ କେତେକ ରହିବେ – ସେମାନେ କୂଳକୁ ବିହନ। ପଶା-ନିଶା ମଣିଷକୁ ପତନ ଆଡକୁ ନେଇଯାଏ। ଜୁଆଖେଳରେ ପଶାଖେଳରେ ଦ୍ୱାପରଯୁଗରେ ପାଣ୍ଡବମାନେ ହାରିଯାଇ ପତ୍ନୀ ଦ୍ରୌପଦୀକୁ ହରେଇଥିଲେ। ଝିମିଟି ଖେଳରୁ ମହାଭାରତ ସୃଷ୍ଟି। ଜୁଆଖେଳରୁ ଯୁଦ୍ଧ। ଲକ୍ଷ ଲକ୍ଷ ସୈନ୍ୟ ହତାହତ। ସଂପତି ପୋଡିପାଉଁଶ। ସେଇଭଳି ନିଶା ମଣିଷକୁ ହିଂସ୍ର ପଶୁରେ ପରିଣତ କରିଦିଏ। ପରସ୍ପର କାମୁଡାକାମୁଡିରେ ଜୀବନ ଚାଲିଯାଏ। କଳିଯୁଗରେ ଏ ଜୁଆଖେଳ, ନିଶାପାନ ଚାରିଆଡେ ବନ୍ୟାଭଳି ମାଡିଚାଲିଛି। ଏ ପ୍ରବଳ ବନ୍ୟାରେ କାଠିକୁଟାଠୁ ବଡ଼ବଡ଼ ଗଛଘରଦ୍ୱାର ଭସେଇନେଉଛି। ଏ କୂଳ ଖାଇ ସେ କୂଳ ଖାଇଚାଲିଛି। ଏ ପ୍ରାକୃତିକ-ମନୁଷ୍ୟକୃତ ବନ୍ୟାକୁ ଅଟକାଇବ କୋଉ ବନ୍ଧବାଡ଼ ?

ଏବେ ଜ୍ଞାନୀ, ଗୁଣୀ, ପଣ୍ଡିତଙ୍କ କଥା କେହି ଶୁଣିବାକୁ ନାହିଁ। ସେଦିନ କୁରୁସଭାରେ ଯେମିତି ବିଦୁର, ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ପ୍ରମୁଖଙ୍କ ପରାମର୍ଶକୁ ଦୁର୍ଯ୍ୟୋଧନ କର୍ଣ୍ଣପାତ କରିନଥିଲେ। ଯୁଧିଷ୍ଠିର ରାଜ୍ୟ, ୪ ଭାଇ, ଶେଷରେ ପତ୍ନୀ ଦ୍ରୌପଦୀକୁ ହରେଇଦେଇଥିଲେ। କୁରୁସଭାରେ କର୍ଣ୍ଣ ଦ୍ରୌପଦୀକୁ ବେଶ୍ୟା ଆଖ୍ୟା ଦେଇଥିଲେ। ଦୁର୍ଯ୍ୟୋଧନ ଦୁଃଶାସନକୁ ନିର୍ଦ୍ଦେଶଦେଇ ବସ୍ତ୍ରହରଣ କରାଇଥିଲେ। ଶ୍ରୀକୃଷ୍ଣ କୋଟିବସ୍ତ୍ର ଦେଇ ଦ୍ରୌପଦୀଙ୍କ ମାନଇଜ୍ଜତ ରକ୍ଷାକରିଥିଲେ। ଆଜି ଏ କଳିକାଳରେ ସମସ୍ତେ ଖୋଜୁଛନ୍ତି – ସେହି ମାନବଦେହଧାରୀ ଶ୍ରୀକୃଷ୍ଣ – ମାୟାଧର – ଚକ୍ରଧରକୁ। କଥା କହିଲାବେଳେ ଉଚ୍ଚସ୍ୱର କିଂବା ଅସଂଯତ ଉଚ୍ଚାରଣ କଲେ – ମହାବିପଦ। ଯୁଦ୍ଧ ବି ଲାଗିଯାଇପାରେ। ଏଠାରେ ସ୍ମରଣଯୋଗ୍ୟ ଯେ – ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଗୋଟିଏ ଶବ୍ଦର ଉଚ୍ଚାରଣରେ ଆମେ ଭାରତ-ଚୀନ୍ ଯୁଦ୍ଧରେ ହାରିଗଲେ। ୧୯୬୨ ମସିହାର ଘଟଣା। ହିନ୍ଦ-ଚୀନ୍ ଭାଇଭାଇ ନାରା ଦେଉଥିଲେ ହେଁ ସୀମାବିବାଦ ଲାଗି ରହିଥିଲା। ଚୀନ୍ ନଛୋଡ଼ବନ୍ଧା। ଯୁଦ୍ଧ କରିବାକୁ ପ୍ରସ୍ତୁତ। ଆମେ କିନ୍ତୁ ଯୁଦ୍ଧକରିବାକୁ ପ୍ରସ୍ତୁତ ନଥିଲୁ। ଆମର ଅସ୍ତ୍ରଶସ୍ତ୍ର ସେତେ ପରିମାଣରେ ନଥିଲା। କେନ୍ଦ୍ର କ୍ୟାବିନେଟ୍ ବସିଲା। ପ୍ରତିରକ୍ଷାମନ୍ତ୍ରୀ ସମସ୍ତ ବାସ୍ତବ ସମସ୍ୟା ସଂପର୍କରେ ଆଲୋଚନା କଲେ। ସ୍ଥିର ହେଲା – ଯୁଦ୍ଧ ନକରି ସମ୍‌ଝୋତା କରିବା। ସାମ୍ବାଦିକମାନେ ବାହାରେ ଅପେକ୍ଷା କରିଥିଲେ। ନେହେରୁ ପଦାକୁ ଆସିଲାବେଳେ ସାମ୍ବାଦିକମାନେ ଯୁଦ୍ଧ ସଂପର୍କରେ ପଚାରିଲେ। ନେହେରୁ ଟିକେ ଚଡାଗଳାରେ କହିଲେ – ଦେଖିବା। ହିନ୍ଦୀରେ – ଦେଖେଙ୍ଗେ। ସାମ୍ବାଦିକମାନେ ଯୁଦ୍ଧ ହେବ ବୋଲି ପ୍ରଚାର କରିଦେଲେ। ଏ ଖବର ଚୀନ୍ ପାଇ ରାତାରାତି ତା'ର ସୈନ୍ୟମାନଙ୍କୁ ଭାରତ ଭିତରକୁ ପୂରାଇଦେଲା। ସକାଳୁସକାଳୁ ସେମାନେ ଭାରତୀୟ ସୈନ୍ୟବାହିନୀ ବାରାକ୍ ଘେରିଗଲେ। ସମସ୍ତଙ୍କୁ ବନ୍ଦୀକରି ନେଇଗଲେ। ତା'ହେଲେ କଥା ଠିକ୍ ଭାବେ ନକହିଲେ–ମହାବିପଦ ମଧ୍ୟ ମାଡିଆସେ। କଥାରେ ସଂଯମରକ୍ଷା ଏକାନ୍ତ ଆବଶ୍ୟକ। ଏଇ ବିଶ୍ୱବ୍ରହ୍ମାଣ୍ଡରେ ମାନବଜୀବନ ସଂସାରର ମୋହମାୟାବନ୍ଧନରେ ବାନ୍ଧିହୋଇଛି। କାମନାବାସନା, ଗର୍ବଅହଂକାର ମଣିଷକୁ ଦିଗହରା ପଥିକ କରିଦିଏ। ଜୀବନ ଜଳୁଛି – ଏ ମାୟାଜଞ୍ଜାଳେ। ତେଣୁ 'ଆପଣା କଳାକର୍ମମାନ – ଆଗୁ ହୋଇବ ସାବଧାନ'।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ନୀଳାଦ୍ରି ଦଶବର୍ଷାଣୀ ଗୁଣ୍ଡିଚା ମଣ୍ଡପ ଦିନେ...

**ବିପିନ୍ ବିହାରୀ ମହାନ୍ତି**

ରଥଯାତ୍ରାକୁ ତିନିଭାଗରେ ବିଭକ୍ତ କରାଯାଇଛି। ଶ୍ରୀ ଗୁଣ୍ଡିଚା ଯାତ୍ରା, ଆଡପରେ ରହଣିକାଳ ଏବଂ ବାହୁଡ଼ାଯାତ୍ରା। ଶ୍ରୀ ଗୁଣ୍ଡିଚା ଯାତ୍ରା ଆଷାଢ଼ମାସ ଶୁକ୍ଳପକ୍ଷ ଦ୍ୱିତୀୟାଦିନ ଅନୁଷ୍ଠିତ ହୁଏ ଏବଂ ସେ ଦିନ ଜୀଉମାନେ ଶ୍ରୀ ଗୁଣ୍ଡିଚା ମନ୍ଦିର ସାମନା ପ୍ରାଙ୍ଗଣରେ ରାତ୍ରିଯାପନ କରନ୍ତି ଓ ସେଠାରେ ତାଙ୍କର ଯଥାବିଧି ସେବାକାର୍ଯ୍ୟ ଅନୁଷ୍ଠିତହୁଏ। ତା'ପର ଦିନ ଅର୍ଥାତ୍ ଆଷାଢ଼ମାସ ଶୁକ୍ଳପକ୍ଷ ତୃତୀୟା ଦିନ ଯଥାବିଧି ସେବାସମାପନ ପରେ ଜୀଉମାନେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଗୋଟି ପହଣ୍ଡି ଯୋଗେ ଯାତ୍ରାକରି ସିଂହାସନାରୂଢ଼ ହୁଅନ୍ତି। ତା' ପୂର୍ବରୁ ମଦନମୋହନ ଏବଂ ରାମକୃଷ୍ଣଙ୍କୁ ବିଜେକରାଇ ଯଥାକ୍ରମେ ମହାବେଦୀ ସିଂହାସନର ଅଗ୍ନିକୋଣରେ ଓ ଭଣ୍ଡାରଘର ସିଂହାସନରେ ଅବସ୍ଥାପିତ ହୋଇ ସାରିଥାନ୍ତି। ସେଠାରେ ଜୀଉମାନେ ସାତଦିନ ରହଣି କରି ପୁନଶ୍ଚ ଦଶମୀଦିନ ଶ୍ରୀମନ୍ଦିରକକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହାକୁ ବାହୁଡ଼ା ଯାତ୍ରା କୁହନ୍ତି। ରଥଯାତ୍ରା ନ'ଦିନ। ସେଥିମଧ୍ୟରେ ଯିବା ଆସିବାରେ ଯାଏ ଦୁଇଦିନ। ଶ୍ରୀଗୁଣ୍ଡିଚା ରହଣି ସାତଦିନ: 'ଯାତାୟାତ ଦ୍ୱୟୋମଧ୍ୟେ ସପ୍ତାହେ ମଣ୍ଡପେ ସ୍ଥିତ।

ଶ୍ରୀଗଣ୍ଡିଚା ମନ୍ଦିରର ଅନ୍ୟନାମ – ଆଡପ ମଣ୍ଡପ, ଠାକୁରମାନଙ୍କ ଜନ୍ମସ୍ଥାନବୋଲି ଜନ୍ମମହାବେଦୀ, ଅର୍ନ୍ତବେଦୀ, ଜନକପୁରୀ, ଯଜ୍ଞବେଦୀ, ନୃସିଂହ ପୀଠ ଏବଂ ଆହୁରି ଅନେକନାମ ଅଛି। ଏହି ନାମକୁ ଧରି ରଥଯାତ୍ରାର ନାମ ଶ୍ରୀ ଗୁଣ୍ଡିଚା ଯାତ୍ରା, ଆଡ଼ପ ଯାତ୍ରା ଇତ୍ୟାଦି ଇତ୍ୟାଦି ନାମେ ନାମିତ ହୋଇଅଛି। ତେବେ ରଥଯାତ୍ରା ଅବସରେ ଗୁଣ୍ଡିଚା ରହଣିକାଳ ଏବଂ ରଥାରୂଢ଼ ଜୀଉମାନଙ୍କ ଦର୍ଶନ ଶ୍ରୀମନ୍ଦିରର ଦର୍ଶନ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ଆଷାଢ଼ ଶୁକ୍ଳ ତୃତୀୟାଦିନ ଶ୍ରୀ ଜୀଉମାନେ ଗୁଣ୍ଡିଚା ମନ୍ଦିରେ ସିଂହାସନାରୂଢ଼ ପରେ ସେମାନଙ୍କୁ ମହାସ୍ନାନ କରାଇ ସର୍ବାଙ୍ଗଲାଗି କରାଯାଏ। ଏହାପରେ 'ସୁନାଗୋସାଇଁ ବା ଚନ୍ଦନ ଲାଗି' କରାଯାଏ। ଏହି ଦିନ ଶ୍ରୀ ଜୀଉମାନଙ୍କୁ ଅନ୍ନଭୋଗ କରାଯାଏ ନାହିଁ। ଶୁକ୍ଳ ଚତୁର୍ଥୀ ଦିନ ଠାରୁ ଶୁକ୍ଳ ନବମୀ ଯାଏଁ ଏଠାରେ ଛଅ ଦିନ ଅନ୍ନ ପ୍ରସାଦ ପ୍ରସ୍ତୁତ କରାଯାଇ ଲାଗିହୁଏ। ଏ ପ୍ରସାଦ ଲାଗିହେବା ଏବଂ ପରିବେଷଣ ହେବା ପୂର୍ବରୁ ବିମଳାଙ୍କ ଉଦ୍ଦେଶ୍ୟରେ ଥାଳିଏ ଭୋଗ ଶ୍ରୀମନ୍ଦିରକୁ ପଠାଇ ଦିଆଯାଏ। ନୋହିଲେ ଏହା ମହାପ୍ରସାଦ ଯୋଗ୍ୟ ବା ଭୋଗ୍ୟ ନୁହେଁ।ଏହି ସମୟରେ ରଥଗୁଡିକର ଧ୍ୱଜା, ପାର୍ଶ୍ୱଦେବ-ଦେବୀ ଏବଂ ଭୂତ ପିଶାଚ ଇତ୍ୟାଦିଙ୍କୁ ପୂଜା ସହ ଭୋଗ ଅର୍ପଣ କରଯାଏ ଏବଂ ରଥକୁ ସୁରକ୍ଷା ଦେବା ନିମନ୍ତେ ଦିଗପାଳମାନଙ୍କୁ ସୁମିଷ୍ଟ କ୍ଷୀରୀ ଦିଆଯାଏ। ନୀଳାଦ୍ରି ମହୋଦୟ ଲେଖାନୁଯାୟୀ :ତତ୍ ସପ୍ତମଦିନ ମାରଭ୍ୟ ଧ୍ୱଜାପୂଜା ବିଦିୟତେ। ରଥେଷୁ କୁଚ୍ଛିତା-ଜୀବା ନିର୍ବିଶେଷୁ ଯଥା ନୃପ।।

ଆଡପରେ ତୃତୀୟ, ଚତୁର୍ଥ ଓ ପଞ୍ଚମ ତିନିଦିନ ଧରି ସାଧାରଣ ନୀତି ଅବଲମ୍ବନ କରାଯାଏ। ଚତୁର୍ଥ ଦିନ ଅର୍ଥାତ ଶୁକ୍ଳ ଷଷ୍ଠୀଦିନ ହେରାପଞ୍ଚମୀ ପର୍ବ ଅନୁଷ୍ଠିତ ହୁଏ । ଏହା ଆଡପ ରହଣିକାଳର ଏକ ମୁଖ୍ୟ ପର୍ବ । ଏ ଦିନ ମା' ଲକ୍ଷ୍ମୀ ଠାକୁରାଣୀ ଶ୍ରୀ ଜଗନ୍ନାଥଙ୍କ ଦର୍ଶନପାଇଁ ଗୁଣ୍ଡିଚା ମନ୍ଦିରକୁ ଗୋପନ ଯାତ୍ରା କରନ୍ତି। ମାତ୍ର ଦର୍ଶନ ନପାଇ ରାଗ ଓ ଅଭିମାନରେ ତାଙ୍କ ନନ୍ଦିଘୋଷ ରଥରୁ ଖଣ୍ଡେ କାଠଭାଙ୍ଗି ହେରା ଗୋହିରୀ ସାହିଦେଇ ଗୋପନରେ ମନ୍ଦିରକୁ ଫେରିଯା'ଆନ୍ତି। ଶେଷ ତିନିଦିନ ଅର୍ଥାତ୍ ଯାତ୍ରାର ସପ୍ତମ, ଅଷ୍ଟମ ଓ ନବମ ଦିବସ ଗୁଡ଼ିକୁ ମହାରାସ୍ତୋବ ବା ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ ଭାବେ ବିଦିତ କରାଯାଇଛି। ଅଷ୍ଟମଦିନ ପ୍ରଭୁଙ୍କର ଆଜ୍ଞାମାଳ ଗଳାପରେ ତିନିରଥକୁ ଦକ୍ଷିଣ ମୋଡ଼କରାଯାଇ ନାକଚଣା ଦ୍ୱାର ନିକଟରେ ରଖାଯାଏ। ନବମଦିନ ଆଡପ ମଣ୍ଡପରେ ଶ୍ରୀ ଜଗନ୍ନାଥଙ୍କୁ ରାମ ରୂପେ ବିଭୂଷିତ କରାଯାଏ। କଥିତ ଅଛି ଏହିଦିନ ରାମାନନ୍ଦ ଆଡ଼ପ ମଣ୍ଡପରେ ଶ୍ରୀ ଜଗନ୍ନାଥଙ୍କୁ ରାମରୂପେ ଦର୍ଶନ କରିଥିବାରୁ, ସେବେଠାରୁ ସନ୍ଧ୍ୟାକାଳୀନ ଏହି ଦର୍ଶନକୁ ବିଶେଷ ଗୁରୁତ୍ୱ ଦିଆଯାଏ। ଏହି ଦର୍ଶନରେ କେଉଁଠି ଅଶେଷ ପୁଣ୍ୟ'ଳ ମିଳେ। ଶୁକ୍ଳ ଦଶମୀ ଦିନ ଜୀଉମାନେ ପୁନଶ୍ଚ ଧାଡ଼ି ପହଣ୍ଡିରେ ରଥାରୂଢ଼ ହୋଇ ଶ୍ରୀ ମନ୍ଦିର ଅଭିମୁଖେ ବାହୁଡ଼ା ଯାତ୍ରା ଆରମ୍ଭ କରନ୍ତି। ଏଥି ପୂର୍ବରୁ ଶ୍ରୀ ଗୁଣ୍ଡିଚା ଯାତ୍ରାପରି ଯଥାରୀତି ଛେରାପହଁରା ଓ ଅନ୍ୟାନ୍ୟ କାର୍ଯ୍ୟ ସାରି ଦିଆଯାଇଥାଏ। ଏଠାରେ ସୂଚାଇ ଦେବାକୁ ଚାହୁଁଯେ ଗୁଣ୍ଡିଚା ଯାତ୍ରା ବେଳେ କେବଳ ମଙ୍ଗଳା ରୋପଣ ହେଉଥିବା ବେଳେ, ବାହୁଡ଼ା ଯାତ୍ରାରେ ମଙ୍ଗଳା ରୋପଣ ସହ ରାଜନୀତି ବନ୍ଦାପନା ହୁଏ ବୋଲି ଏହି ଉତ୍ସବର ପ୍ରାଧାନ୍ୟ ଅଧିକ।

ରଥାରୂଢ଼ ଜୀଉମାନଙ୍କ ଦର୍ଶନ, ସେ ପଥ ହେଉ ବା ଶ୍ରୀ ମନ୍ଦର ଦ୍ୱାର ଦେଶ ହେଉ ଅଥବା ଶ୍ରୀ ଗୁଣ୍ଡିଚାମନ୍ଦିରର ପାଟଅଗଣା ସ୍ଥିତ ସ୍ଥାନ ହେଉ, କଲେ ସମସ୍ତ ପାତକ ଲୋପ ପାଏ ଏବଂ ପୁର୍ନଜନ୍ମରୁ ମୁକ୍ତି ମିଳେ ବୋଲି ବିଶ୍ୱାସ୍। ଶାସ୍ତ୍ର ମତେ: ଦୋଳାରୁଢ଼ଂ ତୁ ଦୋଳଗୋବିନ୍ଦଂ ମଞ୍ଚସ୍ଥ ମଧୁସୁଧନମ୍। ରଥସ୍ଥଂ ବାମନଂ ଦୃଷ୍ଟା ପୁର୍ନଜନ୍ମ ନ ବିଦ୍ୟତେ।।

ଅର୍ଥାତ୍ ଦୋଳରେ ଗୋବିନ୍ଦ ରୂପେ, ଚାପରେ ମଧୁସୁଦନ ଏବଂ ରଥରେ ବାମନରୂପେ ଯିଏ ଶ୍ରୀ ଜୀଉମାନଙ୍କ ଦର୍ଶନ କରନ୍ତି, ତାଙ୍କର ପୁର୍ନଜନ୍ମ ନାହିଁ। ସବୁ ଦର୍ଶନଠାରୁ ରଥଉପରେ ବାମନ ରୂପେ ଦର୍ଶନ ହିଁ ଶ୍ରେଷ୍ଠ ଦର୍ଶନ। ଦୋଳେନ ଦୋଳ ଗୋବିନ୍ଦଂ, ଚାପେଷ୍ଟ ମଧୁସୂଦନମ୍ । ରଥେତୁ ବାମନ ଦୃଷ୍ଟା ପୁର୍ନଜନ୍ମ ନ ବିଦ୍ୟତେ।।

ଏ ସମସ୍ତ ଶ୍ଳୋକମାନେ ସେହି ରଥାରୂଢ଼ ଜୀଉମାନଙ୍କ ଦର୍ଶନ ଉପରେ ଗୁରୁତ୍ୱ ପ୍ରଦାନ କରନ୍ତି।

ସ୍କନ୍ଦପୁରାଣ ମତେ: ନୀଳାଚଳ ସମାୟନଂ ରଥସ୍ଥ ଦକ୍ଷିଣାମୁଖମ୍ ଯେ ପଶ୍ୟନ୍ତି ହୃଷିକେଶଂ, ସୁଭଦ୍ରା, ଲଙ୍ଗଲାୟୁଧମ୍ କାଳ କଳ୍ପତରୁପୁଂସାଂ ଦର୍ଶନ ଦେବ ମୁକ୍ତିଦମ୍ ତେ ବ୍ରଜନ୍ତି ମହାମୁନୋ,ବୈକୁଣ୍ଠ ଭୂବନଂ ହରେ। ଅର୍ଥାତ ଶ୍ରୀ ଗୁଣ୍ଡିଚା ପାଟ ଅଗଣାରେ ଦକ୍ଷିଣ ମୋଡ଼ରେ ରଥାରୁଢ ଜୀଉମାନଙ୍କୁ ଯିଏ ଦର୍ଶନ କରନ୍ତି, ତାଙ୍କର ବୈକୁଣ୍ଠବାସ ସୁନିଶ୍ଚିତ। ବିଶ୍ୱନାଥ ଖୁଣ୍ଟିଆଙ୍କ ବିଚିତ୍ର ରାମାୟଣରେ ଉଲ୍ଲେଖ ଅଛିଯେ ଏହି ଦକ୍ଷିଣମୋଡ ଅବସ୍ଥାନରେ ବାହୁଡ଼ା ଯାତ୍ରାପରେ ରଥାରୂଢ଼ ଜୀଉମାନଙ୍କୁ ସୁନାବେଶରେ ଦର୍ଶନ କରିବାପାଇଁ ବିଭୀଷଣ ବି ଅପେକ୍ଷା କରିଥାନ୍ତି। "ହେମଶ୍ରୀ ପୟରେ ହେମ ଶ୍ରୀଭୁଜରେ ଶୋହେ ହେମ ଧନୁବାଣ। ଯେବର ଦକ୍ଷିଣମୂର୍ତ୍ତି ଦର୍ଶନକୁ ଟାକିଥାନ୍ତି ବିଭୀଷଣ।"

ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିରରେ ଦର୍ଶନ ସଂମ୍ପର୍କରେ ସ୍କନ୍ଦପୁରାଣରେ ଲେଖା ଅଛି:

ନୀଳାଦ୍ରି ଦଶବର୍ଷାଣୀ ଗୁଣ୍ଡିଚା
ମଣ୍ଡପଦିନେ,
ତିବାତି ଦର୍ଶନଂ ପୂଣ୍ୟଂ ରାତୌ
ଦଶଗୁଣ ଭବେତ୍।

ଅର୍ଥାତ୍ ଶ୍ରୀ ମନ୍ଦିରରେ ଦର୍ଶବର୍ଷ ଶ୍ରୀ ଜୀଉମାନଙ୍କୁ ଦର୍ଶନକଲେ, ଯେତିକି 'ଳମିଳେ, ଶ୍ରୀ ଗୁଣ୍ଡିଚା ମନ୍ଦିରରେ ଗୋଟିଏ ଦିନ ଦର୍ଶନରେ ସମପୂର୍ଣ୍ଣ 'ଳ ମିଳିଥାଏ। ପୁନଶ୍ଚ ଦିନର ଦର୍ଶନଠାରୁ ରାତି ଦର୍ଶନରେ ଦଶଗୁଣ 'ଳ ମିଳେ। ଏକଥା ମଧ୍ୟ ଶାସ୍ତ୍ରରେ ଭିନ୍ନାକାରରେ ଲେଖା ଅଛି: 'ନୀଳାଦ୍ରୌ ଦଶସହସ୍ରାଣୀ ଆଡପ ମଣ୍ଡପଦିନେ'। ଅର୍ଥାତ ଶ୍ରୀ ମନ୍ଦିରରେ ଜୀଉମାନଙ୍କୁ ଦଶ ହଜାର ଦିନ ଦର୍ଶନକଲେ, ଯାହାଫଳ ମିଳେ, ଆଡପ ମଣ୍ଡପରେ ଗୋଟିଏ ଦିନ ଦର୍ଶନକଲେ ସେତିକି ଫଳ ମିଳିଥାଏ।

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ, ପାପମୋଚନ ଓ ନିର୍ବାଣ ପ୍ରାପ୍ତି ବା ପୁର୍ନଜନ୍ମର ମୁକ୍ତିପାଇଁ ଶ୍ରୀ ଜୀଉମାନଙ୍କ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରୁ ସୁସ୍ପଷ୍ଟ ଯେ ଶ୍ରୀ ମନ୍ଦିରରେ ଦର୍ଶନ ଅପେକ୍ଷା ରଥାରୁଢ଼ ଜୀଉମାନଙ୍କ ଦର୍ଶନ ଏବଂ ସର୍ବୋପରି ଆଡପ ମଣ୍ଡପ ଦର୍ଶନ ସର୍ବୋତ୍ତମ ଅଟେ।

ପତିତମାନାଙ୍କ ଦର୍ଶନାର୍ଥେ ଏବଂ ଉଦ୍ଧାରାର୍ଥେ ଠାକୁରମାନଙ୍କ ଏ ଘୋଷ ଯାତ୍ରା। ସେହି ପତିତମାନଙ୍କୁ ଉଦ୍ଧାରକରନ୍ତୁ ଏ ମହାବାହୁ। ଯୁଗେ ଯୁଗେ ତାଙ୍କରି ନାମ ଏମିତି ଜନ ମୁଖରେ ରଟୁଥାଉ। ଏହାହିଁ ବିଚାର କରିବ ହେ ମହାବାହୁ!

ଜଟଣୀ, ଖୋର୍ଦ୍ଧା
ମୋ:୯୯୩୮୩୪୪୧୩୮

# ଚାଲିବା କମାନ୍ତୁ, ଚାଲିବା ବଢ଼ାନ୍ତୁ

**ଧ୍ରୁବ ଚରଣ ଘିବେଲା**


ଚାଲିବା କମାନ୍ତୁ, ଚାଲିବା ବଢ଼ାନ୍ତୁ – ଏହା କହିବାର ଅର୍ଥ ପାଟି ଚାଲିବା ମାନେ ଅଧିକ ଖାଇବା କମାନ୍ତୁ, ଗୋଡ଼ରେ ଚାଲିବା ବଢ଼ାନ୍ତୁ ଓ ତେବେ ଚାଲିବା ଗତି ସୂଚକ ନିଶ୍ଚୟ । ହିନ୍ଦୀରେ ଉକ୍ତିଟେ ରହିଛି – 'ଚଲତି କା ନାମ ଗାଡ଼ି' । ସବୁ ଗାଡ଼ି ଯନ୍ତ୍ରଯାନ ଗତି କରିଥାଏ । ଚାଲିଥାଏ ଓ ଆଗକୁ ବଢ଼ିଥାଏ । ପୁଣି କୁହାଯାଏ ଗତି ହିଁ ଜୀବନ । ଅଗତି ବା ସ୍ଥିରତା ମୃତ୍ୟୁ ସୂଚକ । ଗତିରେ ରହିବା ବା ଚାଲିବା ଜୀବନ ରହିଛିର ବାର୍ତ୍ତା ବାଢ଼େ । ଅଗତି ରହିବା ଅଟକି ଯିବା ମୃତ୍ୟୁର କଥା କହେ । ତେଣୁ ଚାଲିବା ଧାରା ଧରିବା ଜୀବନରେ ଧ୍ୟେୟ ହେବା ଚାହି । ପୁଣି ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଚାଲିବା ଜରୁରୀ । ଉତ୍ତମ ସ୍ୱାସ୍ଥ୍ୟ ବିନା କୌଣସି କାର୍ଯ୍ୟନିର୍ବାହ କରିବା ସମ୍ଭବ ହୋଇନଥାଏ । ଅନ୍ତତଃ ସମାଜ ପାଇଁ, ପରିବାର ପାଇଁ, ଦେଶଦଶ ପାଇଁ ଭଲ କାମ କରିବା ଲକ୍ଷ୍ୟ ରଖିଥିବା ବ୍ୟକ୍ତିବିଶେଷ ପ୍ରଥମେ ସ୍ୱାସ୍ଥ୍ୟ ସଚେତନ ରହିବା ଚାହି । ଶରୀରକୁ ଫିଟ ରଖିବା ପାଇଁ ସନ୍ତୁଳିତ ଖାଦ୍ୟାଭ୍ୟାସ ସହିତ ସକାଳେ ସଞ୍ଜରେ ନିୟମିତ ଚାଲିବା । ବ୍ୟାୟାମ କରିବା ଭଲ । ସାଧାରଣ ଚାଲିବା ବୁଲିବା ପାଇଁ ତ ପଇସା ପଡ଼େ ନାହିଁ । ସେଥିପାଇଁ କେହି କୁଣ୍ଠାବୋଧ କରିବା ଅନୁଚିତ । ନିଜେ ସୁସ୍ଥ ତଥା ଭଲ ରହିଲେ ସିନା ନିଜ ପାଇଁ । ଅନ୍ୟ ପାଇଁ ମହତ କାର୍ଯ୍ୟ କରିପାରିବେ । ଅସୁସ୍ଥ ଥାଇ ଭଗ୍ନ ସ୍ୱାସ୍ଥ୍ୟ ନେଇ କେହି ନା ନିଜ ପାଇଁ ନା ଆନ ପାଇଁ କେବେ ଭଲ କାମ କରିନପାରନ୍ତି । ସୁସ୍ଥତାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଉଚିତ ।

ସାଧାରଣତ ଚାଲିବାରେ ଗୋଡ଼ ଆମକୁ ସହାୟତା ପ୍ରଦାନ କରିଥାଏ । ଗୋଡ଼ରେ ଆମେ ଚାଲୁ । ଗୋଡ଼ ଥିବା ମଣିଷ ସମେତ ସମସ୍ତ ପ୍ରାଣୀ ଚାଲିଥାନ୍ତି । ଗାନ୍ଧିଜୀ ଚାଲି ଚାଲି ଅନେକ ସମୟରେ ଯାଉଥିଲେ । ଚାଲିକି ଯାଇ ଅନେକ ଲୋକଙ୍କ ସହିତ ମିଶିପାରୁଥିଲେ । ସକାଳ ସାନ୍ଧ୍ୟ ଭ୍ରମଣ ବେଳେ ଅନେକ ଲୋକଙ୍କ ସହିତ ମିଶିବାର ସୁଯୋଗ ବି ମିଳିଥାଏ । ବୁଲିବା ଚାଲିବା ଭିତରେ ଅନେକ ସାଥି ସୃଷ୍ଟି ହୋଇଯାନ୍ତି । ଚାଲିକି ମର୍ଣ୍ଣିଙ୍ଗ ଇଭିନିଙ୍ଗ ୱାକ କଲା ବେଳେ ଅନୁଭୂତି ଅନୁଭବର ଅନେକ କଥା ମଧ୍ୟ ବାଣ୍ଟିଥାନ୍ତି ଅନୁଭବୀ । ଚାଲିବା ବୁଲିବା ବେଳେ ଅନେକଙ୍କଠୁ ଅନେକ କଥା ଶିଖିବାକୁ ହୁଏ । ଜାଣିବାକୁ ବି ମିଳେ । ନୂଆ ସମ୍ପର୍କର ସେତୁ ତିଆରି ହୋଇଥାଏ । ଚଲାବୁଲାରୁ ଅପରିଚିତ ପରିଚିତ ହୁଅନ୍ତି । ନୂଆ ମୁହଁ ସବୁ ପରିଚିତ ହୋଇଆସନ୍ତି ସମୟ ସୁଅରେ । ଅଜଣାରୁ ଜଣା ହୁଅନ୍ତି । ଚାଲିବା ବୁଲିବା ବେଳେ ଅନେକ ସମୟରେ କାହା କଥାରେ କେବେ କେବେ ମନଖୋଲା ହସ ହସିବାକୁ ହୁଏ । ଚାଲିବା ମୋଟାମୋଟି ଭାବେ ହିତକର ସାବ୍ୟସ୍ତ ହୋଇଥାଏ ଅନେକଙ୍କ ପାଇଁ । ଏମିତି ଗୋଡ଼ରେ ଚାଲିବା ଯୋଗୁଁ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ତ ଠିକ ରହିଥାଏ । ସାମାଜିକ ସୁସ୍ଥତାକୁ ବି ପ୍ରୋତ୍ସାହିତ କରିଥାଏ ସକାଳଚଲା ସାନ୍ଧ୍ୟବୁଲା । ଚାଲିବା ବେଳେ ଗୋଡ଼ ତ ଚାଲିବା କାମରେ ଥାଏ, ହାତ ବି ହଲଚଲ ହୁଏ । ଚୁପଚାପ ନ ଚାଲି କେତେକ ଆପଣା ଭିତରେ କଥାବାର୍ତ୍ତା ହୋଇ ବାଟ ଚାଲିଥାନ୍ତି । କଥା ହେବା ଦ୍ୱାରା ପାଟି ଚାଲେ । ଖାଇଲା ବେଳେ ସେମିତି ପାଟି ଚାଲେ । ଖାଇବାଜନିତ ପାଟି ଚାଲିବା କାମ ସବୁବେଳେ କିନ୍ତୁ ଠିକ ନ ଥାଏ । ନିୟମିତ ସମୟ ବ୍ୟବଧାନରେ ପାଟି ଚାଲିବା ମାନେ ଖାଇବାଟା ଠିକ । ସବୁବେଳେ ପାଟି ଚାଲିବା (ଖାଇବା) ଦେହ ପାଇଁ ଠିକ ନୁହେଁ । ଦେହ ପାଇଁ ଖାଦ୍ୟର ସର୍ବକାଳୀନ ଆବଶ୍ୟକତା ସ୍ୱୀକାର୍ଯ୍ୟ । ଯେଣୁ ଖାଦ୍ୟ ଦେହକୁ ଶକ୍ତି ଦିଏ । କାର୍ଯ୍ୟକ୍ଷମ କରାଏ । ଦେହ ଚାଲିବା ପାଇଁ,ଦେହକୁ ଶକ୍ତି ଯୋଗାଇବା ପାଇଁ ଖାଦ୍ୟ ଖାଇବାକୁ ହୁଏ ।

ଅଧିକ ଖାଇ ଅତିଶୟ ଖାଦ୍ୟପ୍ରିୟ ରହିବା ସ୍ୱାସ୍ଥ୍ୟପ୍ରଦ ଆଦୌ ନୁହେଁ । ବରଂ ଅଧିକ ଖାଦ୍ୟ ଦେହକୁ ରୋଗିଣା କରାଇବାର ସମ୍ଭାବନା ତିଆରେ । ପେଟରେ ଚର୍ବି ସୃଷ୍ଟି ହୁଏ ଓ ଗଚ୍ଛିତ ରହେ ଓ ଚର୍ବି ଯୋଗୁଁ ପେଟ ବଢ଼ିଚାଲେ । ଖାଇ ଖାଇ ପେଟୁ କ୍ରମେ ଚାଲି ବି ପାରେନି । ବସିଉଠି ପାରେନି । ପେଟୁ ଅନ୍ୟ ପାଇଁ ବୋଝ ସାବ୍ୟସ୍ତ ହୁଏ । ଏଇ ନାଆଁରେ ଡାକିଲେ ପେଟୁ ଅପଦସ୍ତ ହୁଅନ୍ତି କେଉଁଠି କେଉଁଠି । ତେଣୁ ପାଟିକୁ ସବୁବେଳେ ନ ଚଲାଇ ବିଶ୍ରାମ ଦେବା ଚାହି । ଭୋକ ହେଲେ ଯାଇ ପାଟି ଚାଲିବା ଖାଇବା ଭଲ । ଅନ୍ୟପାଖେ ଗୋଡ଼ ଚାଲିବା ସୁନ୍ଦର କଥା ।

ବଉଦରାଜ, ବୌଦ୍ଧ
ମୋ:୯୪୩୭୪୭୮୪୬୬





## କାଳିଆ ତୁ ହସୁଥା

### ରୁତୁପର୍ଣ୍ଣା ମହାପାତ୍ର



କାଳିଆ ତୁ 'ହସୁଥା ହସୁଥା'
ତୁଳସୀ ଚନ୍ଦନ ବାସୁଥା'
ରଥଯାତରାରେ ତୋ'ନନ୍ଦିଘୋଷରେ
ଝଲମଲ ଦିଶୁଥା' ।୦।??
କାଳିଆ ତୁ....
ଶ୍ରୀମନ୍ଦିରେ ତୋର
ଦରଶନ ନୁହେ ଏତେ ସହଜ
ବଡଦାଣ୍ଡେ ତୋତେ
ଦେଖିବାଟା ଲାଗେ ଭାରି ମଉଜ
ଭକତ ମେଳରେ ଭକତିର ଭାବ-
ସାଗରରେ ଭାସୁଥା' ।୧।??
କାଳିଆ ତୁ....
ସଂସାରର ପାପପୁଣ୍ୟ ଖାତା
କାଳିଆ ତୋ' ହାତରେ
କା 'ପାଇଁ ସ୍ୱର୍ଗ କା 'ପାଇଁ ନର୍କ
ହିସାବ ତୋ ' ପାଖରେ
ତୋ'ରତ୍ନସିଂହାସନେ ଧର୍ମ ଅଧର୍ମର
ଅଙ୍କ ବସି କଷୁଥା' ।୨।??
କାଳିଆ ତୁ.....

ଗଣ୍ଡମୁଣ୍ଡା, ଭୁବନେଶ୍ୱର

## କାଳିଆର ରଥଯାତ

### ଜୟକୃଷ୍ଣ ସାହୁ



ନୀଳକନ୍ଦରର ନୀଳାଦ୍ରିବିହାରୀ
ନନ୍ଦିଘୋଷେ ବିଜେ ହୋଇ
ବାହାରିଛନ୍ତି ସେ ଜନ୍ମବେଦୀ ବୁଲି
ସଂଗେ ଛନ୍ତି ବଡ଼ଭାଇ।
ଭଉଣୀ ସୁଭଦ୍ରା ଦେବଦଳନରେ
ବସି ସୁଦର୍ଶନ ସଂଗେ
ଦେଖୁଛନ୍ତି ଭକ୍ତ ଭଗବାନଙ୍କର
ମିଳନକୁ ନାନା ରଙ୍ଗେ।
ବଡ଼ଦିଅଁଙ୍କର ବଡ଼ଯାତ ଏହା
ନାଆଁ ଅଟେ ଘୋଷଯାତ
ଆହା କି ସୁନ୍ଦର ଗଡ଼ିଚାଲିଥାନ୍ତି
ବଡ଼ଦାଣ୍ଡେ ତିନି ରଥ।
ବାପାଙ୍କ ସଂଗରେ ବୁଲି ଯାଇଥିଲି
ଦେଖିବାକୁ ରଥଯାତ
ଭକ୍ତ ଗହଳିରେ ହଜିଯିବି ବୋଲି
ଧରିଥିଲି ତାଙ୍କ ହାତ।
ବୋଉ ଯାଇଥିଲା ଭାଇ ଯାଇଥିଲା
ଯାଇଥିଲେ ଦାଦା ଖୁଡ଼ୀ
ଜେଜେ ଜେଜେମାଆ ସଂଗେ ଯାଇଥିଲେ
ପାରିଲୁନି ତାଙ୍କୁ ଛାଡ଼ି।
ରଥଦଉଡ଼ିକୁ ଧରି ଟାଣୁଥିଲେ
ବାପା ଦାଦା ଖୁଡ଼ୀ ମିଶି
ଘରଘର ନାଦେ ଗଡୁଥିଲା ରଥ
ଦେଖି ହେଉଥିଲି ଖୁସି।
ଭାବ ବିନୋଦିଆ ଭାବର ଠାକୁର
ଭାବେ ଚାହିଁଥିଲେ ମୋତେ
ମୁଁ ରଥଯାତରେ ତାଙ୍କରି ପାଦରେ
କରିଥିଲି ଅଳି କେତେ
ଦିଅ ହେ ଆଶିଷ ଢାଳି,
ଭଲ ମଣିଷଟେ ହୋଇ ମୁଁ ଜଗତେ
ଯାଏ ମୁଁ ଆଗକୁ ଚାଲି।

କପିଳପ୍ରସାଦ,ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭.

# ନିମ୍ବ ଦାରୁ

### ରାଜେଶ୍ ରାୟ

ସେଦିନ ଥାଏ ପବିତ୍ର ରଥଯାତ୍ରା । ମନୁ ନାମକ ୧୦ ବର୍ଷର ପିଲାଟି ପୁରୀ ଯାଇଥାଏ ରଥଯାତ୍ରା ଦେଖିବା ପାଇଁ । ଲୋକମାନଙ୍କ ଭିଡ଼ ଭିତରେ ଛିଡ଼ାହୋଇ ମନୁ ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ ଓ ଶ୍ରୀ ସୁଦର୍ଶନଙ୍କ ଦର୍ଶନ କଲା । ଠାକୁରଙ୍କୁ ଆନନ୍ଦରେ ଦର୍ଶନ କରି ଘରକୁ ଫେରିବା ପରେ ମନୁ ମନରେ ପ୍ରଶ୍ନଟିଏ ଆସିଲା । ସେ ଯାଇ ତା ବାପାଙ୍କୁ ପଚାରିଲା ' ରଥରେ ବସିଥିବା ଠାକୁର କେଉଁଥିରେ ତିଆରି ହୋଇଛନ୍ତି ? ' । ମନୁର ବାପା ଏକଥା ଶୁଣି ସାମାନ୍ୟ ହସିଲେ ଆଉ କହିଲେ ସିଏ କାଠ ଦାରୁରେ ତିଆରି ହୋଇଛନ୍ତି । ମନୁ ଆଶ୍ଚର୍ଯ୍ୟ ହେଲା ଆଉ ପଚାରିଲା ' ଦାରୁ କଣ ?' ବାପା ଉତ୍ତର ଦେଲେ ' ନିମ୍ବଗଛ ପରି ପବିତ୍ର ଗଛର କାଠରେ ଚାରି ଠାକୁର ଗଢ଼ା ହୋଇଛନ୍ତି ଯାହାକୁ ଆମେ ଦାରୁ ବ୍ରହ୍ମ ବୋଲି ଜାଣିଛୁ । ମନୁର ଜାଣିବା ଇଚ୍ଛା ଆଉ ଟିକେ ବଢ଼ିଗଲା । ସିଏ ହଠାତ୍ ପଚାରିଲା ' ନିମ୍ବ ଗଛରେ କାହିଁକି ଠାକୁର ଗଢ଼ା ହୋଇଛନ୍ତି ? ଆମ ଚାରିପଟେ ତ ବହୁତ୍ ସାରା ଗଛ ଅଛନ୍ତି । ଏକଥାର ଉତ୍ତର ମନୁର ବାପା ଦେଇପାରିଲେ ନାହିଁ । ମନୁ କିନ୍ତୁ ଜିଦ୍ଦି ଧରି ବସିଲା ତା ପ୍ରଶ୍ନର ଉତ୍ତର ଜାଣିବା ପାଇଁ । ଶେଷରେ ବାପା ତାକୁ ନେଇ ଗ୍ରାମର ପଣ୍ଡିତ ମହାଶୟଙ୍କ ପାଖକୁ ଗଲେ ଯିଏ ଜଣେ ଜଗନ୍ନାଥ ପ୍ରେମୀ ଓ ଗବେଷକ ଥିଲେ । ମନୁର କଥା ସବୁ ଶୁଣିବା ପରେ ପଣ୍ଡିତ ମହାଶୟ ଖୁସି ହୋଇଗଲେ । ଏତେ ଛୋଟ ପିଲାଟିଏ ଜଗନ୍ନାଥଙ୍କ ବିଷୟରେ ଜାଣିବାକୁ ଚାହୁଁଛି ! ପଣ୍ଡିତେ ମନୁକୁ ନିମ୍ବ ଗଛର ମାହାତ୍ମ୍ୟ ବିଷୟରେ ବୁଝାଇ କହିଲେ । ନିମ୍ବ ହେଉଛି ଏକ ପବିତ୍ର ଗଛ ଯିଏ ସମସ୍ତ ଶକ୍ତି ଦ୍ୱାରା ପରିପୂର୍ଣ୍ଣ । ନିମ୍ବର ପ୍ରତିଟି ଅଂଶ ପିତା କାରଣ ତା ଦେହରେ ବିଭିନ୍ନ ପ୍ରକାରର ରାସାୟନିକ ପଦାର୍ଥ ଭରି ରହିଛି ଯଥା କ୍ଷାରାଭ ( ଆଲକାଲଏଡ଼) , ଫେନୋଲିକ



ଯୌଗିକ ଇତ୍ୟାଦି ଯାହା ଯୋଗୁଁ ନିମ୍ବ କାଠରେ କୌଣସି ପ୍ରକାରର ବୀଜାଣୁ, କୀଟାଣୁ , ଅନ୍ୟାନ୍ୟ ଅଣୁଜୀବ ଓ ପୋକ ଆଦି ଆକ୍ରମଣ କରିପାରନ୍ତି ନାହିଁ ଏବଂ ସେଥିରେ ସିଉଳି ଆଦି ଲାଗନ୍ତି ନାହିଁ । ତେଣୁ ନିମ୍ବ କାଠ ଅଧିକ ଦିନ ଯାଏ ସୁରକ୍ଷିତ ରହେ । ନିମ୍ବ କାଠରେ କୌଣସି ଛିଦ୍ର ବା କଣା ନଥାଏ ଯେଉଁଥିପାଇଁ ତାହା ମସୃଣ ବା ଖଦ ଖଦଡ଼ିଆ ଦେଖାଯାଏ ଏବଂ ସେଥିରେ ରଙ୍ଗ ସହଜରେ ଅଧିକ ଦିନ ପର୍ଯ୍ୟନ୍ତ ଲାଗିକରି ରହେ । ସେଥିପାଇଁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ସୁଦର୍ଶନଙ୍କ ଦିବ୍ୟ ପ୍ରତିମା ଏହି ଗଛର କାଠରେ ନିର୍ମିତ କରାଯାଇଛି । ତେଣୁ ଚାରି ଠାକୁରଙ୍କୁ ଆମେ ନିମ୍ବଦାରୁ ବା ଦାରୁବ୍ରହ୍ମ ବୋଲି କହିଥାଉ କାରଣ ସେହି ଦାରୁ ଭିତରେ ଠାକୁରଙ୍କ ପ୍ରାଣ ବା ବ୍ରହ୍ମ ସ୍ଥାପିତ ହୋଇ ରହିଛି । ପଣ୍ଡିତେ ଆହୁରି ମଧ କହିଲେ ଯେ ନିମ୍ବ ଗଛ ହେଉଛି ତ୍ୟାଗର ପ୍ରତୀକ ତେଣୁ ଶ୍ରୀ ଜଗନ୍ନାଥ ସେହି ଗଛର ଦାରୁରେ ଗଢ଼ା ହୋଇ ଆମକୁ ତ୍ୟାଗର ବାର୍ତ୍ତା ଦେଉଛନ୍ତି । ଆମ ଜଗନ୍ନାଥ ବହୁତ୍ ଚାଲାକ୍ , ନିମ୍ବ ଗଛ ପରି ସର୍ବଗୁଣ ଧରି ରଖିଥିବା ଦାରୁକୁ ନିଜର ପ୍ରତିମା ପାଇଁ ବାଛିଛନ୍ତି । ଯେତେବେଳେ ମହାପ୍ରଭୁଙ୍କ ନବକଳେବର ହୁଏ ସେତେବେଳେ ପୁରୁଣା ଦାରୁ ବଦଳା ଯାଇ ନୂଆ ଦାରୁରେ ଠାକୁରଙ୍କ ପ୍ରତିମାକୁ ପୁଣିଥରେ ଗଢ଼ାଯାଏ । ମଣିଷର ଆତ୍ମା ଯେମିତି ପୁରୁଣା ଶରୀର ଛାଡ଼ି ନୂଆ ଶରୀରକୁ ଆପଣାଏ ଠିକ୍ ସେମିତି ଶ୍ରୀ ଜଗନ୍ନାଥ ମାନବୀୟ ଲୀଳା କରନ୍ତି । ପଣ୍ଡିତେଙ୍କ ପାଖରୁ ସମସ୍ତ କଥା ସରଳ ଭାବେ ବୁଝିବା ପରେ ମନୁ ବହୁତ୍ ଖୁସି ହୋଇଗଲା ଏବଂ ଆନନ୍ଦରେ ପଣ୍ଡିତେଙ୍କ ଆଶୀର୍ବାଦ ନେଲା । ସେହି ଦିନଠାରୁ ମନୁ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଆହୁରି ଆକୃଷ୍ଟ ହେଲା ଏବଂ ତାଙ୍କୁ ପ୍ରାର୍ଥନା କଲା ।

ଅଧ୍ୟାପକ , ଉଦ୍ଭିଦ ବିଜ୍ଞାନ ବିଭାଗ, ବିଦ୍ୱାନ୍ ମହାବିଦ୍ୟାଳୟ,
ଜୟପୁର, କୋରାପୁଟ
ମୋବାଇଲ୍ :- ୬୩୭୧୫୫୫୯୪୦

## ମୋ ଜଗାର ରଥ ଯାତରା

### ସୁଶ୍ରୀ ସୁସ୍ମିତା ଦାସ

ସବୁ ଯାତରାଠୁଁ ଅଟଇ ନିଆରା
ମୋ ଜଗାର ରଥ ଯାତରା -
ରଥ ଟାଣିବାକୁ ଭକତଙ୍କ ସହ
ସାମିଲ୍ ହୁଅନ୍ତି ବାତରା।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ
ଡାକେ କମ୍ପେ ଶିରୀକ୍ଷେତର -



କୋଟି ଜନମର ପାପ କ୍ଷୟ ହୁଏ
ପବିତ୍ର ହୁଅଇ ନେତର।
ଜନ ସମୁଦ୍ରର ଜୁଆର ଦର୍ଶନେ
ମନେ ଜାଗେ ଭକ୍ତି ବିଶ୍ୱାସ -
ମୁକତି ଆଶାୟୀ ଏକାଳେ ଇଛନ୍ତି
ଛାଡ଼ିବାକୁ ଶେଷ ନିଶ୍ୱାସ।
ରଥରେ ବାମନ କରିଲେ ଦର୍ଶନ
ପୁନର୍ଜନ୍ମ ହୁଏନାହିଁତ -
ସେଇ ସୌଭାଗ୍ୟଟା ମିଳନ୍ତାକି ମତେ
ମରନ୍ତି ପ୍ରଭୁଙ୍କୁ ଚାହିଁତ।
ଧନ୍ୟ ଜଗନ୍ନାଥ ଧନ୍ୟ ତାଙ୍କ ଲୀଳା
ମହିମା ତାଙ୍କର ଅପାର -
ତାଙ୍କ କୃପାବିନା ଭକତ ଜୀବନ
ନହେଉ କେବେବି ଅସାର।

କଣ୍ଟାବଣିଆ,ଯାଜପୁର,ଓଡ଼ିଶା

## ହେ ସମୟ

### ରତିକାନ୍ତ ଜେନା

ହେ ସମୟ ମୋ ପାଇଁ ରହିଯା ଟିକେ..
ପିଲାଦିନର ସେ ଲୁଚକାଳି ଖେଳ.
ସାଙ୍ଗ ସାଥି ସାଙ୍ଗେ କେତେ ଗଣ୍ଡଗୋଳ.
ମନ ପ୍ରଚ୍ଛଦରେ ଦେଖେ.
ହେ ସମୟ ମୋ ପାଇଁ ରହିଯା ଟିକେ
ନଈ କୂଳେ ଯେବେ ସୂର୍ଯ୍ୟ ଅସ୍ତ ଯାଏ.



କଣ୍ଟେଇ କୋଳିରେ ହାତ ଫୁଟିଯାଏ.
କୁଆଡେ ଗଲା ସେଦିନ ନାହିଁ ଆଜି ପାଖେ.
ହେ ସମୟ ମୋ ପାଇଁ ରହିଯା ଟିକେ
ମା ଖୋଜୁଥାଏ ଏ ଘରେ ସେ ଘରେ.
ବ୍ୟସ୍ତ ରହିଥାଏ ସାଙ୍ଗଙ୍କ ମେଳରେ.
ଖାଇବାକୁ ମାଆ ଡାକେ
ହେ ସମୟ ମୋ ପାଇଁ ରହିଯା ଟିକେ
ଆମ୍ବ ଚୋରି କରେ ଖରାବେଳେ ଯାଇ.
ଦିନ କଟି ଯାଏ ନଖାଇ ନପିଇ.
ପତ୍ର ପେଁକାଳୀ ଫୁଙ୍କେ.
ହେ ସମୟ ମୋ ପାଇଁ ରହିଯା ଟିକେ
ନଦୀ ଗାଧୁଆରେ ଥାଏ କେତେ ମଜା.
କେଉଁଆଡେ ଗଲି ପଡିଥାଏ ଖୋଜା.
ଓଦା କପଡା ମୋ ଦେହରେ ଶୁଖେ.
ହେ ସମୟ ମୋ ପାଇଁ ରହିଯା ଟିକେ
ସ୍କୁଲ ଯିବା ପାଇଁ କରୁଥାଏ ଅଳି.
ବାପାଙ୍କ ପାଖରୁ ଖାଏ ମାଡ ଗାଳି.
ମିଛେ କହେ ପେଟ କାଟେ.
ହେ ସମୟ ମୋ ପାଇଁ ରହିଯା ଟିକେ
ବଟନ ନଥାଏ ପୋଷକରେ ଜମା.
ଅଧା ଫୁଙ୍ଗୁଳାରେ ବୁଲୁଥାଏ ସିନା.
ଲାଜ ରହେ ନାହିଁ ପାଖେ.
ହେ ସମୟ ମୋ ପାଇଁ ରହିଯା ଟିକେ
କଲମରୁ ଯେବେ ବୋହିଯାଏ କାଳି.
ଦେହ ହାତ ମୋର ହେଇଯାଏ ବୋଳି.
ଯେବେ କଲମରେ ଲେଖେ.
ହେ ସମୟ ମୋ ପାଇଁ ରହିଯା ଟିକେ
ଆଉ ସେ ସମୟ କେବେ ଫେରିବନି.
ପିଲାଦିନ ମୋର ହଜି ତ ଗଲାଣି.
ଖୋଜି ଖୋଜି ତାକୁ ଥକେ.
ହେ ସମୟ ମୋ ପାଇଁ ରହିଯା ଟିକେ

ବିଲବଳରାମପୁର, କେନ୍ଦ୍ରାପଡା,
୭୦୭୭୨୮୬୫୮୦

## ବିଚାରର ଦ୍ୱନ୍ଦ..

### ମନୋଜ କୁମାର ବେହେରା

ବିଦ୍ୟାଳୟରେ ପ୍ରାତଃକାଳୀନ ସଭା ଆରମ୍ଭ ହେଲା ବେଳେ ହଠାତ୍ ଜଣେ ଶିକ୍ଷକ ଧଇଁସଇଁ ହୋଇ ଆସି ପ୍ରାଧାନଶିକ୍ଷକଙ୍କ କାନରେ ଚୁପ୍‌ଚାପ୍ କିଛି କହି ଦେଇ ଖେଳ ପଡିଆ ସହିତ ଲାଗିଥିବା ରାସ୍ତା ଆଡକୁ ଦଉଡିଲେ ।

ଫଳ ବିକ୍ରେତାଟିଏ ସେଇ ପଟ ଦେଇ ଯାଉଥିଲା । ସେ ପଚାରିଲା,'କ'ଣ ହେଲା ଗୁରୁଜୀ' ?

ଜଣେ ଶିକ୍ଷକ ଧୀମା ସ୍ୱରରେ କହିଲେ,'ବସ୍‌ର କାଚ ଦେଲା ବେଳେ ଜଣେ ଛାତ୍ରର ଆଙ୍ଗୁଠି ଟିକିଏ ଚାପି ହେଇଗଲା । ତେଣୁ ଚିକିତ୍ସା ପାଇଁ ତାକୁ ଡାକ୍ତରଖାନା ନେଇ କରି ଯିବାକୁ ହେବ' ।

ଫଳ ବିକ୍ରେତା ଏହା ଶୁଣି ଟିକିଏ ହସି ଦେଇ କହିଲା,'ଓଃ ! ଏଇ କଥା ! ଏତେ ଛୋଟ କଥା ପାଇଁ ଆପଣ ଏମିତି ବ୍ୟସ୍ତ ହେଉଛି ଯେମିତି କେଉଁଠି ବୋମା ଫୁଟିଲା ! ଆମ ସମୟରେ ତ ଏମିତି କିଛି ହେଉନଥିଲା । ଆମେ କହିଲେ ମଧ୍ୟ ଆମ ଶିକ୍ଷକଙ୍କ କାନରେ ଆମ କଥା ଆଦୌ ପଶୁ ନଥିଲା' ।

ଏହାଶୁଣି ପାଖରେ ଛିଡା ହୋଇଥିବା ଶିକ୍ଷକ ଜଣକ ମୌନ ଧାରଣକରି ନିଜର ସତ୍ ଚରିତ୍ରରୂପୀ ଭାବନା ଆଉ ଫଳ ବିକ୍ରେତାର କଥାର ଅର୍ନ୍ତଦ୍ୱନ୍ଦ ଭିତରେ ଦୁଇ ଭାଗରେ ବାଣ୍ଟି ହୋଇ ମନେ ମନେ ଘାଣ୍ଟି ହେଉଥିଲେ ଆଉଏହି ଅର୍ନ୍ତଦ୍ୱନ୍ଦ ଭିତରେ ସେ ଛାତ୍ରକୁ ଡାକ୍ତରଖାନା ନେଇ ତା'ର ସମୁଚିତ ଚିକିତ୍ସାର ସବୁ ପ୍ରକାରର ବନ୍ଦୋବସ୍ତ କରୁଥିଲେ ।

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧



## ଶିଶୁ କବିତା

### 'ଗଛ ଟିଏ ମୁହିଁ ଗଛ ଟିଏ'

### ଅନନ୍ତ କୁମାର ସେନାପତି



ଗଛ ଟିଏ ମୁହିଁ ଗଛ ଟିଏ
ସବୁରି ଓଠରେ ହସ ଦିଏ
ଖରା ଓ ବରଷା, ଶୀତ କାକର ରେ
ପଥିକ ପାଇଁ କି ଛାଇ ହୁଏ ।
ଗଛ ଟିଏ ମୁହିଁ ଗଛ ଟିଏ
ସକଳ ଜୀବର ମିତ ଟିଏ
ଦିଏ ଫୁଲ,ଫଳ, ପବନ,ଆହାର
କାହାରିକୁ କେବେ ଊଣା ନୁହେଁ ।
ଗଛ ଟିଏ ମୁହିଁ ଗଛ ଟିଏ
ମୋ ଡାଳେ ପକ୍ଷୀଙ୍କ ବାସ ଥାଏ
କିଚିରିମିଚିରି ଶବଦ ଶୁଣିଲେ
ଖୁସିରେ ପରାଣ ଭରିଯାଏ ।
ଗଛ ଟିଏ ମୁହିଁ ଗଛ ଟିଏ
ଅଙ୍ଗାରକାମ୍ଳ ଶୋଷିନିଏ
କୋଟି ଜୀବ ଜନ୍ତୁ ଜିଇଁବା ପାଇଁ କି
ଅମ୍ଳଜାନ ରେ ଭରିଦିଏ ।
ଗଛ ଟି ମୁହିଁ ଗଛ ଟିଏ
ସୁଆଦ ଦରବ ଭରିଦିଏ
ଧରଣୀ ମାଆର କୋଳେ ଠିଆ ରହି
ମାଟିକୁ ଜାବୁଡି ଧରିଥାଏ ।
ନିଜ ସୁଖ ପାଇଁ ଦିଅ କାଟି
ସହି ପାରୁନାହିଁ ଏଇ ଛାତି
ହୃଦୟେ ଭରିଛି ଅନେକ ବେଦନା
କହି ପାରୁନାହିଁ ଖୋଲି ପାଟି ।
ଜ୍ଞାତି ପରିବାର ଗଲେ ହଜି
ବାପା ମାଆ ପାଉନାହିଁ ଖୋଜି
ତଥାପି ରହିଛି ତୁମ ଖୁସି ପାଇଁ
ବହିଯାଉ ପଛେ ଯେତେ ଝାଞ୍ଜି ।
ସିନେହ ରେ ବନ୍ଧା ସବୁ ଆମେ
ରହିଥାଉ ନିଜ ନିଜ କାମେ
ଆନର ଓଠରେ ଆଣିଦେଲେ ଖୁସି
ସରଗର ଶୋଭା ଝରେ ଦିନେ ।


ବାଣ୍ଟୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ଫୋନ ୭୦୦୮୩୦୪୨୨୫

## ଶ୍ରମିକ ଭାଇ,ଶ୍ରମିକ ଭାଇ

### ବୁଦ୍ଧଦେବ ସେଠୀ

ଶ୍ରମିକ ଭାଇ,ଶ୍ରମିକ ଭାଇ
ସତେ ତୋ ଭଳି ନୁହଁନ୍ତି କେହି।
ଖରା ବରଷା ଶୀତ କାକର
ଏସବୁକୁ ତୋର ନାହିଁ ଖାତିର।
କଳ କାରଖାନା ଖଣି ଖାଦନ
ଶ୍ରମିକ ଭାଇ କରୁ ଶ୍ରମ ପ୍ରଦାନ।
ଦେଶର ଅଟୁ ତୁ ମହାନ୍ ବ୍ୟକ୍ତି
ଖଟାଇ ଅଛୁ ତୋ ଅସୀମ ଶକ୍ତି।
ବିଲ ବାଡ଼ି କେନାଲ ପଡିଆ ଭୂଇଁ
ଶସ୍ୟ ଶ୍ୟାମଳା କରୁ ବୁଦ୍ଧି ଖଟେଇ।
କୋଠା ଘରବାଡି ଗଢୁ ଲଗାଇ ବଳ
ଧନ୍ୟ ତୁ ଶ୍ରମିକ ଭାଇ ଚଳାଉ କଳ।
ଦିନୁ ଦିନ ତୋହର ଖଟେଇ ବୁଦ୍ଧି
ଜନ ହିତେ ଦରବ କରୁ ସମୃଦ୍ଧି।
ତୋହର ଶ୍ରମ ଦାନେ ପାଆନ୍ତି ସୁଖ
ଖରା ଅଗ୍ନି ଦାହରେ ତୁହି ପାଉଛୁ ଦୁଃଖ।
ତୋ ଭଳି କିଏ ଅଛି ଶ୍ରମିକ ଭାଇ
ତୋ ପାଦତଳେ ମଥା ଯାଉଛି ନଇଁ।

ଏନ ଟି ପି ସି,କଣିହାଁ, ତାଳଚେର, ଅନୁଗୋଳ



# ମଣ୍ଡିରୁ ଧାନ ଉଠାଇବା ଦାବିରେ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଜୟପୁର, (ହି.ସ.)- କୋଟପାଡ କୃଷକ କଲ୍ୟାଣ ମଂଚ ତରଫରୁ ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଉପ ଜିଲାପାଳଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ, ଗତ ୨।୬।୨୫ ତାରିଖ ଠାରୁ ଚାଷିଙ୍କ ପଞ୍ଜିକୃତ ମୋବାଇଲରେ ଟୋକେନ ନମ୍ବର ମେସେଜ ଆସିଛି । ସେହି ତାରିଖ ଠାରୁ ସମସ୍ତ ଚାଷି ଧାନ ମଣ୍ଡିରେ ଧାନ ରଖିଛନ୍ତି । ପ୍ରଶାସନ ତରଫରୁ ଦିଆଯାଇଥିବା ତାରପୋଲିନ ସେଡ୍ ତଳେ ଧାନ ରଖିଲା ପରେ ସ୍ଥାନ ନିଅଣ୍ଟ ଯୋଗୁଁ ଗେଟ୍ ବାହାରେ ଖାଲି ପଡିଆରେ ଧାନ ରଖାଗଲା । କୋଟପାଡ ଡଙ୍ଗରୀ ମଣ୍ଡିର ପଞ୍ଜିକୃତ ଧାନର ପରିମାଣ ମୋଟ ୧୬ ହଜାର ୫ ଶହ ୨୧ କ୍ୱିଂଟାଲ ରହିଛି । ଏଥି ମଧ୍ୟରୁ ପ୍ରାୟ ୬ ହଜାର କ୍ୱିଇଣ୍ଟାଲ ଧାନ ମଣ୍ଡିରୁ ଉଠିଛି । ବର୍ତମାନ ପ୍ରାୟ ୧୦ ହଜାର କ୍ୱିଂଟାଲ ଧାନ ଉଠିବାର ଅଛି । ମିଲ ତରଫରୁ ଦୈନିକ ଗୋଟିଏ ଦୁଇଟି ଗାଡି ଆସୁଛି ଯାହା ଫଳରେ ଧାନ ଉଠିବା କଷ୍ଟ ହେଉଛି । ବର୍ଷା ପାଣି ପାଗ ଯୋଗୁଁ ମଣ୍ଡିରେ ଥିବା ଧାନ ବର୍ଷାରେ ଭିଜି ନଷ୍ଟ ହେଇଯାଉଛି । ମଣ୍ଡିରେ ଥିବା ସମସ୍ତ ଧାନର ଲିଖିତ ବିବରଣି ଆରଏମସି କର୍ମଚାରିଙ୍କ ପାଖରେ ରହିଛି । ମଣ୍ଡିରୁ ଧାନ ଉଠିବା ଗତି କମିଯିବା କାରଣରୁ ଆସିଥିବା ଟୋକେନର ସମୟ ସୀମା ଶେଷ ହେବାକୁ ଯାଉଛି । ତେଣୁ ୨୭ ତାରିଖ ସୁଦ୍ଧା ମଣ୍ଡିରେ ଥିବା ସମସ୍ତ ଧାନ ପାଇ ଚାଷି ଙ୍କ ଆଖି ସ୍କେନ କୋଟପାଡ ଲ୍ୟାମ୍ପସ ରେ କରାଯାଉ, ଧାନ ଶିଘ୍ର ଉଠାଯାଉ । ନଚେତ୍ ସମସ୍ତ ଚାଷି ରାସ୍ତା ଅବରୋଧ କରି ଧାରଣା ଦେବାକୁ ନକୁଳ ନାୟକ, ରଘୁ ଚାଲାଣ, ହେମଦର ମାଝୀ, ଅକ୍ଷୟ ପାଣି ପ୍ରମୁଖ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ସମ୍ବିଧାନ ହତ୍ୟା ଦିବସ ପାଳିତ

ମାଲକାନଗିରି, (ହି.ସ.) - ଜରୁରୀକାଳୀନ ଘୋଷଣାର ୫୦ ବର୍ଷ ପୂର୍ତିରେ ମାଲକାନଗିରିରେ ବିଜେପି ଦ୍ୱାରା 'ସମ୍ବିଧାନ ହତ୍ୟା ଦିବସ' ପାଳନ: ଜରୁରୀକାଳୀନ ଘୋଷଣାର ୫୦ ବର୍ଷ ପୂର୍ତିରେ ବିରୋଧ ପ୍ରଦର୍ଶନ । ଆଜି ମାଲକାନଗିରି ଜିଲ୍ଲା ବିଜେପି କାର୍ଯ୍ୟାଳୟରେ 'ସମ୍ବିଧାନ ହତ୍ୟା ଦିବସ' ବା 'କଳା ଦିବସ' ପାଳନ କରାଯାଇଛି । ଏହି ଦିନଟି ଭାରତରେ ୧୯୭୫ ମସିହା ଜୁନ ୨୫ ତାରିଖରେ ଘୋଷିତ ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ପୂର୍ତିକୁ ସ୍ମରଣ କରାଏ, ଯାହାକୁ ବିଜେପି ଏକ କଳା ଅଧ୍ୟାୟ ଭାବରେ ବିବେଚନା କରେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅଶୋକ କୁମାର ପରିଡାଙ୍କ ନେତୃତ୍ୱରେ ପୂର୍ବତନ ସଭାପତି ନିମାଇଁ ଚନ୍ଦ୍ର ପାଲ, ଶ୍ୟାମଲ ସୁନାନୀ, ନିରଞ୍ଜନ ହାଲ ଦାର ଏବଂ ସୁଭାଷ ପଡିଆମି ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ । ଏହି ଅବସରରେ ନେତାମାନେ ଜରୁରୀକାଳୀନ ସମୟକୁ ଭାରତୀୟ ଗଣତନ୍ତ୍ର ଉପରେ ଏକ ଆକ୍ରମଣ ଭାବରେ ବର୍ଣ୍ଣନା କରିଥିଲେ । ସେମାନେ କହିଥିଲେ ଯେ, ଏହି ସମୟରେ ନାଗରିକଙ୍କ ମୌଳିକ ଅଧିକାର ସ୍ଥଗିତ ରଖାଯାଇଥିଲା ଏବଂ ଗଣତନ୍ତ୍ରର ମୂଳ ଆଧାର ଉପରେ ଆଘାତ କରାଯାଇଥିଲା । ଜିଲ୍ଲା ଅଧ୍ୟକ୍ଷ ଶ୍ରୀ ପରିଡା କହିଥିଲେ, ଜରୁରୀକାଳୀନ ସମୟ ଭାରତୀୟ ଗଣତନ୍ତ୍ରର ଆତ୍ମା ଉପରେ ଏକ ସିଧାସଳଖ ଆକ୍ରମଣ ଥିଲା । ଆମେ ଏହି ଅନ୍ୟାୟ ବିରୁଦ୍ଧରେ ଲଢ଼ିଥିବା ସେହି ସବୁ ବ୍ୟକ୍ତିଙ୍କ ତ୍ୟାଗକୁ କଦାପି ଭୁଲିବା ଉଚିତ ନୁହେ । ଅନ୍ୟ ନେତାମାନେ ମଧ୍ୟ ସମାନ ଭାବନା ପ୍ରକାଶ କରି ସମ୍ବିଧାନ ରେ ନିହିତ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ପାଇଁ ସତର୍କ ରହିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖାଯାଇଥିଲା ଏବଂ ଜରୁରୀକାଳୀନ ସମୟର ଐତିହାସିକ ପ୍ରଭାବ ଉପରେ ଆଲୋଚନା କରାଯାଇଥିଲା । ନେତାମାନେ ଏହା ମଧ୍ୟ କହିଥିଲେ ଯେ, ଏହି ଦିନକୁ ସ୍ମରଣ କରିବା ଦ୍ୱାରା ଭବିଷ୍ୟତରେ ଏପରି ଘଟଣାର ପୁନରାବୃତି ରୋକାଯାଇପାରିବ ।

# ରାସ୍ତା କାର୍ଯ୍ୟକୁ ନେଇ ବିବାଦ ବିଡିଓଙ୍କୁ ଅଭିଯୋଗପତ୍ର ଦେଲେ ମହିଳା



ଦେବଗଡ(ପିପିଏସ୍) : ଦେବଗଡ଼ ଜିଲ୍ଲା ମଳେହିପଡ଼ା ଗ୍ରାମ ପଞ୍ଚାୟତ ଗେଙ୍ଗୁଠିଡିପ ରାସ୍ତାକୁ ନେଇ ବିବାଦ ଦେଖାଦେଇଛି । ଏନେଇ ରିଆମାଳ ବିଡିଓ ଆଦିତ୍ୟ ପଣ୍ଡାଙ୍କୁ ଆପତ୍ତି ଅଭିଯୋଗ ହୋଇଛି । ପ୍ରକାଶ ଯେ, ଏସ୍ଏଚ୍ଜି ମହିଳାମାନଙ୍କୁ ରାସ୍ତା କାମ କରିବା ପାଇଁ ଅନୁମତି ଥିବାବେଳେ ରିଆମାଳ ବ୍ଲକର ଠକ ତଥା ମଳେହିପଡ଼ା ସମିତିସଭ୍ୟ ଜୋର ଜବରଦସ୍ତ ଜେସିବି ଲଗାଇ କାର୍ଯ୍ୟ କରୁଛନ୍ତି । ଏଥିସହିତ ଏସ୍ଏଚ୍ଜି ମହିଳାମାନଙ୍କୁ ଧମକଚମକ ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଏହାକୁ ପ୍ରତିବାଦ କରି ଶତାଧିକ ମହିଳା ରିଆମାଳ ବ୍ଲକକୁ ଆସି ବିଡିଓଙ୍କୁ ଅଭିଯୋଗ କରି ଅଭିଯୋଗପତ୍ର ପ୍ରଦାନ କରିଥିଲେ । ଏ ବାବଦରେ ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଲା ପରେ ମହିଳାମାନେ ଘରକୁ ଫେରିଥିଲେ । ରାଜନୈତିକ ଆଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ସମିତିସଭ୍ୟଙ୍କୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।

# କବରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସୁରକ୍ଷା ସପ୍ତାହ

ସମ୍ବଲପୁର,(ହି.ସ.) : ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ କବରାପାଲିସ୍ଥିତ ବୀର ସୁରେନ୍ଦ୍ର ସାଏ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଦ୍ୟାଳୟ ସୁରକ୍ଷା ସପ୍ତାହ ଉଦ୍ଯାପିତ ହୋଇଯାଇଛି । ଏଥିରେ ସିନ୍ଦୁରପଙ୍କସ୍ଥିତ ସଦର ଥାନାର ଏସ୍ଆଇ ଏସ୍ ମହେନ୍ଦ୍ର ରାଓ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସାଇବର ଅପରାଧ ବିଷୟରେ ସଚେତନ କରିଥିଲେ । ସାଧାରଣ ଅପରାଧ ଏବଂ ସାଇବର ଅପରାଧ ମଧ୍ୟରେ ରହିଥିବା ପାର୍ଥକ୍ୟ ବିଷୟରେ ସେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ । ସଚେତନତା ହିଁ ସୁରକ୍ଷିତ ରହିବାର ଉପାୟ ବୋଲି ସେ କହିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭ୍ରକାନ୍ତୀ ନାଥ ପରିଚାଳନା କରିଥିଲେ । ସୂଚନା ଯୋଗ୍ୟରେ ଗତ ୨୦ ତାରିଖରୁ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ କରାଯାଉଥିଲା । ଗତ ୨୦ ତାରିଖରେ ଅଭିଭାବକ ମାନଙ୍କ ବୈଠକ କରାଯାଇ ବିଦ୍ୟାଳୟର ସୁରକ୍ଷା ବିଷୟରେ ଆଲୋଚନା କରାଯାଇଥିଲା । ଏହାପରେ ବିଗତ ଗୋଟିଏ ସପ୍ତାହ ଧରି ଛାତ୍ରୀଛାତ୍ର ମାନଙ୍କୁ ହାତଧୁଆ, ବିଷଧର ସାପ, ବିଷାକ୍ତ କିଟ ପତଙ୍ଗ ଆକ୍ରମଣ, ଅଗ୍ନି ନିରାପତା, ନିଆଳିଭା ଯନ୍ତ୍ର ବ୍ୟବହାର ,ରାସ୍ତାରେ ଯାନବାହାନ ଚଳାଚଳ ଆଦି ବିଭିନ୍ନ ବିଷୟରେ ସଚେତନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ମାନେ ଛାତ୍ରୀଛାତ୍ରଙ୍କୁ ନିଜର ସୁରକ୍ଷା ଦିଗରେ କଣ ସବୁ ପଦକ୍ଷେପ ଗ୍ରହଣ କରିବା କଥା ସେ ନେଇ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

# ୧୮ ବର୍ଷରୁ କମ୍ ଓଡ଼ିଶା କବାଡ଼ି ଟିମ୍‌ରେ ସୁବର୍ଣ୍ଣପୁର ଝିଅ ସିରିନ୍

ସୋନପୁର, (ହି.ସ.)- ୧୮ ବର୍ଷ ରୁ କମ୍ ପ୍ରଥମ ଅଲ୍ ଇଣ୍ଡିଆ କଓ୍ୱାଡ଼ି ପ୍ରତିଯୋଗୀତାକୁ ସୁବର୍ଣ୍ଣପୁର ଜିଲ୍ଲାର ଝିଅ ପାତ୍ର ପ୍ରଥମ ଥର ମନୋନୀତ ହୋଇଥିବା ବେଳେ ତାଙ୍କୁ ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ସଂଘ ପକ୍ଷରୁ ଶୁଭେଚ୍ଛା ସୁଅ ଛୁଟିଛି । ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ ଅନ୍ଧାରୀବାଞ୍ଜି ଗାଁ ର ପିତା ଇୟାଦ ପାତ୍ର ଓ ମାତା ପଦ୍ମା ପାତ୍ରଙ୍କ ସୁକନ୍ୟା ଅଟନ୍ତି ସିରୀନ । ଚଳିତ ମାସ କଟକ ବାରବାଟୀରେ ଅଠର ବର୍ଷ ରୁ କମ୍ ବାଳିକା ସିଲେକ୍ସନ୍ ଟ୍ରାଏଲ ରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଚାରି ଜଣ ଲେଖାଏଁ ବାଳିକା ସମୁଦାୟ ୧୨୦ ଜଣ ଏହି କାଓ୍ୱାଡ଼ି ପ୍ରତିଯୋଗୀତାରେ ଭାଗ ନେଇଥିବା ବେଳେ ଏଥିରୁ ପ୍ରଥମେ ଓଡ଼ିଶା ର ୨୪ ଜଣ ମନୋନୀତ ହୋଇଥିବା ଜଣାଯାଇଛି । ଏହି ୨୪ ଜଣରୁ ଅଲ୍ ଇଣ୍ଡିଆ କବାଡି ପାଇଁ ପୁଣି ୧୪ ଜଣ ବାଳିକା ମନୋନୀତ ହୋଇଥିବା ଓ ଓଡ଼ିଶା କଓ୍ୱାଡି ବାଳିକା ଟିମ ମ୍ୟାନେଜର ପୂଜା ଲାକ୍ରା ଓ କୋଚ୍ ହରିପ୍ରୀୟା ମହାପାତ୍ର ଙ୍କ ନେତୃତ୍ୱ ରେ ଏ ୧୪ ଜଣ ବାଳିକା ଉତରାଖଣ୍ଡ ହରିଦ୍ୱାର ଅଭିମୁଖେ ଯାତ୍ରା କରିଥିବା ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ସୂଚନା ମିଳିଛି କ୍ଷ ଏଇ ୧୪ ଜଣିଆ ସର୍ବ ଭାରତୀୟ କବାଡିରେ ଭାଗ ନେବାକୁ ଓଡ଼ିଶା ଟିମ ରେ ସୋନପୁର ଜିଲ୍ଲାର ର ଝିଅ ସିରିନ ଜିଲ୍ଲା ତଥା ଓଡ଼ିଶା ରୁ ପ୍ରତିନିଧିତ୍ୱ କରିଥିବାରୁ କୃତୀ ଖେଳାଳି ଶିରିନ କୁ ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡା ବିଭାଗ ଓ କ୍ରୀଡ଼ା ସଂଘ ପକ୍ଷରୁ ସଫଳତା କାମନା ପାଇଁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । କ୍ରୀଡ଼ା ଇତିହାସ ରେ ଏ ଜିଲ୍ଲା ପାଇଁ ଏହା ପ୍ରଥମ ଖେଳାଳି ହୋଇ ଥିବାରୁ ଜିଲ୍ଲା ଓ ରାଜ୍ୟ ପାଇଁ ସେ ଗୌରବ ବୃଦ୍ଧି କରିଛନ୍ତି କ୍ଷ ଏ ସଫଳତାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ ରଞ୍ଜନ ମିଶ୍ର, କ୍ରୀଡ଼ା ସଂଘ ସମ୍ପାଦକ ପୀୟୂଷ ପଣ୍ଡା, ଉପ ସଭାପତି ଚିତ ରଞ୍ଜନ ତରାସିଆ, ସହ ସଂପାଦକ ନନ୍ଦ କିଶୋର ତ୍ରିପାଠୀ, ଉପଦେଷ୍ଟା ଗୌରୀ ଶ୍ୟାମ ପଣ୍ଡା, କଇରୁ ସାଇଁ, ଦିଲ୍ଲିପ ଗୁରୁ, ଭୁକୁଲୁ ବକ୍ସି, ବରିଷ୍ଠ ସଦସ୍ୟ ଗୋପାଳ ବରାଇ, ଜିତେନ୍ଦ୍ର କୁମାର ସାହୁ, ବଳରାମ ପଟ୍ଟନାୟକ, ଗତି କୃଷ୍ଣ ମିଶ୍ର, ବିକାଶ ପଣ୍ଡା,ଭଲିବଲ୍ ସଂପାଦକ ପୁରୋଷୋତମ ପାଣିଗ୍ରାହୀ, ଫୁଟବଲ୍‌ସଂପାଦକ ରାଜୀବ ସାହୁଙ୍କ ସମେତ ସଂଘର ସମସ୍ତ କର୍ମକର୍ତା କ୍ରୀଡ଼ା ବିଦ୍ ସିରିନ୍‌ଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି ।

# ଗଞ୍ଜେଇ ଜବତ

କୋରାପୁଟ (ହି.ସ.) - ଗଞ୍ଜେଇ ଚାଲାଣ ବେଳେ ଅବକାରି ବିଭାଗ ଚଢାଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଉତର ପ୍ରଦେଶର ପଙ୍କଜ ଦୁବେ (୩୩) । ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରି ନିରୀକ୍ଷକ ଓ ଅବକାରୀ ଥାନାର ମିଳିତ ଚଢାଉ କରାଯାଇଥିଲା । ଚଢାଉ ଜୟପୁର ରେଳ ଷ୍ଟେସର ମାଲ ବାହୀ ଟ୍ରେନ ରହୁଥିବା ଆଡେ ଯୁବକ ଆସୁଥିବା ବେଳେ ଅବକାରି ବିଭାଗ ଚଢାଉ କରିଥିଲା । ଚଢଉ କରି ୨୦.୮ କରି ଗଞ୍ଜେଇ ଜବତ କରିଛି ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

ବଲାଙ୍ଗୀର, (ହି.ସ.) : ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ସଭାପତି ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ ବଲାଙ୍ଗୀରର ଶ୍ରୀ ନୃସିଂହ ଭଗବାନଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଅଧିବେଶନକ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସତ୍ୟବନ୍ତ ବେଦବାକ ଓ ମୁଖ୍ୟବକ୍ତା ଭାବେ ବିନୋଦ ବିହାରୀ ମିଶ୍ର ଯୋଗ ଦେଇଥିଲେ । ସହ-ସଂପାଦକ ଚୈତନ୍ୟ ପଟେଲ ଅତିଥିମାନଙ୍କ ମଂଚକୁ ଆମନ୍ତ୍ରଣ କରିଥିବା ବେଳେ ଶ୍ୟାମ ସୁନ୍ଦର ଦାଶ ମଂଚ ସଂଚାଳନ କରିଥିଲେ । ସଭାରେ ସଂପାଦକ କୃଷ୍ଣଚନ୍ଦ୍ର ନାଥ ବାର୍ଷିକ ବିବରଣୀ ପାଠ କରିବା ସହିତ ଆୟ ବ୍ୟୟର ହିସାବ ଦେଇଥିଲେ । ଉକ୍ତ ସଭାରେ ଉପସଭାପତି ପର୍ଶୁରାମ ନାୟକ, ବରିଷ୍ଠ ସଭ୍ୟ ପ୍ରସନ୍ନ ମିଶ୍ର, ଗୋପବନ୍ଧୁ ପୁରୋହିତ, ଧର୍ମବ୍ରତ ରଥ, ଲୋକନାଥ ନେପାକ, ଦୁର୍ଗା ପ୍ରସାଦ ହୋତା, ହରେକୃଷ୍ଣ ମେହେର, ପ୍ରାଣବଲ୍ଲଭ ତ୍ରିପାଠୀ, ପୁରୁଷୋତମ ପଣ୍ଡା, କୃଷ୍ଣଚନ୍ଦ୍ର ମହାକୁର, ପ୍ରଦୀପ ସାହୁ, ସଂକୀର୍ତନ ତ୍ରିପାଠୀ ପ୍ରାୟ ୬୫ ଜଣ ସଭ୍ୟ ସଭାରେ ଯୋଗ ଦେଇଥିଲେ । ଶେଷରେ କପିଳେଶ୍ୱର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର ବିଦ୍ୟୁତ ଆଘାତରେ ଗାଈର ମୃତ୍ୟୁ



ଟିଟିଲାଗଡ଼: ଟାଟା କମ୍ପାନୀ ରାଜ୍ୟରେ ବିଦ୍ୟୁତ ବିତରଣ ଅଧିକାର ହାତେଇବା ପରଠାରୁ ଉପଭୋକ୍ତାଙ୍କ ଠାରୁ ନୂଆ ପୁରୁଣା ଦେୟ ମନଇଚ୍ଛା ଅସୁଲି, ବିଦ୍ୟୁତ ବିଲ୍ ଭରଣା ନକଲେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ, ଅଘୋଷିତ ବିଦ୍ୟୁତ କାଟ୍ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ହେବାରେ ଲାଗିଛି । ଅନ୍ୟପକ୍ଷରେ ଭିତ୍ତିଭୂମିର ବିକାଶ ନେଇ କମ୍ପାନୀ ଅବହେଳା ଜାରୀ ରଖିଛି । ଏନେଇ ଟିଟିଲାଗଡ଼ ଥାନା ଅନ୍ତର୍ଗତ ସାଲେଡିଗ୍ରୀ ଗ୍ରାମର ଦୁଇ ଜଣ ଶ୍ରମିକଙ୍କ ବିଦ୍ୟୁତ ସଂସ୍ପର୍ଶରେ ମୃତ୍ୟୁବରଣର କିଛିଦିନ ପରେ ଦେଶିଲ ଗ୍ରାମର ଜଣେ ଚାଷୀଙ୍କ ବଳଦ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଛି । ସିହିନୀ ଗ୍ରାମର ମୁକୁଳା ଟ୍ରାନ୍ସଫର୍ମରର ବିଦ୍ୟୁତ ସଂସ୍ପର୍ଶରେ ଆସି ଚାଷୀ ପ୍ରସନ୍ନ ବାଗଙ୍କ ଗର୍ଭବତୀ ଗାଈ ମୃତ୍ୟୁବରଣ କରିଛି । ଏନେଇ ଚାଷୀ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି । ଘଟଣା ନେଇ ଗାଈମାଲିକ ଟିଟିଲାଗଡ଼ ଥାନାର ଦ୍ୱାରସ୍ଥ ହୋଇ ଦୋଷୀ ଟାଟା ଅଧିକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅନ୍ୟପକ୍ଷରେ ଟାଟା କମ୍ପାନୀର ଲୋକଙ୍କ ଧନଜୀବନ ସହ ଖେଳକୁ ଆଦୌ ବରଦାସ୍ତ କରାଯିବ ନାହିଁ ଏବଂ ଏଭଳି ଅବହେଳା ନେଇ ଗୋହତ୍ୟାକାରୀ କମ୍ପାନୀ ବିରୁଦ୍ଧରେ ରାଜରାସ୍ତାରେ ଆନ୍ଦୋଳନ ହେବ ବୋଲି ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ଚେତାବନୀ ଦେଇଛନ୍ତି ।

# ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ତାଲିକାଭୁକ୍ତ ହେଲା ଧରଣୀଧର ବିଶ୍ୱବିଦ୍ୟାଳୟ

କେନ୍ଦୁଝର,(ହି.ସ.)- ସମଗ୍ର କେନ୍ଦୁଝର ଜିଲ୍ଲା ପାଇଁ ଖୁସିର ଖବର । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପତ୍ରସଂଖ୍ୟା ଏଫ୍. ୯-୧/୨୦୨୪(ସି ପି ପି - ଆଇ/ପି ୟୁ)/୧୩୯୬୨୪ ତା ୧୯ ଜୁନ୍ ୨୦୨୫ ଅନୁଯାଇ ଆୟୋଗ ଧରଣୀଧର ବିଶ୍ୱବିଦ୍ୟାଳୟକୁ ତାଙ୍କ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ମାନଙ୍କ ସହିତ ଧାରା ୨(ଏଫ୍) ୟୁ ଜି ସି ଆକ୍ଟ ୧୯୫୬ ରେ ତାଲିକା ଭୁକ୍ତ କରିଛନ୍ତି । ଫଳରେ ଏହି ଧରଣୀଧର ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ମାନେ ବିଭିନ୍ନ ଛାତ୍ର ବୃତି ପାଇବା ସହିତ ଏହି ବିଶ୍ୱବିଦ୍ୟାଳୟ ୟୁଜିସି ନିକଟରୁ ଶୈକ୍ଷିକ ବାତାବରଣର ପରିବୃଦ୍ଧି ପାଇଁ ଅନୁଦାନ ପାଇପାରିବ । ଏହା ୦୧-୦୬ -୨୦୨୫ ଠାରୁ ଲାଗୁ ହେବ । ପତ୍ର ମିଳିଲା ପରେ ଛାତ୍ରଛାତ୍ରୀ ତଥା କେନ୍ଦୁଝରର ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି ।

# ନିଶା ନିବାରଣ ସଚେତନତା

ଭବାନୀପାଟଣା,(ହି.ସ.): ପ୍ରତିବର୍ଷ ଜୁନ ୨୬ ତାରିଖରେ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଅବୈଧ ନିଶା ଦ୍ରବ୍ୟ କାରବାର ବିରୋଧ ଦିବସ ପାଳନ କରାଯାଇ ନିଶା ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରହିଛି । ନିଶାନିବାରଣ ନିମନ୍ତେ ରାଜ୍ୟ ସରକାର "ଦିଶା" ଯୋଜନା ମାଧ୍ୟମରେ ୧୧ଟି ନିଶା ମୁକ୍ତ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି ଏବଂ ଭବିଷ୍ୟତରେ ସମସ୍ତ ୩୦ଟି ଜିଲ୍ଲାରେ ସ୍ଥାପନ କରିବା ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି । କଳାହାଣ୍ଡି ଜିଲ୍ଲାରେ ନିଶା ନିବାରଣ ନିମନ୍ତେ "ନିଶା ନୁହେଁ ଜୀବନ" ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ତରଫରୁ ଜିଲ୍ଲାର ସମସ୍ତ ବ୍ଲକରେ ନିଶା ନିବାରଣ ସଚେତନତା ରଥ ପରିକ୍ରମା କରିଥିଲା ଏଥି ସହିତ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଶା ନିବାରଣ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା । ନିଶା ନିବାରଣ ଦିବସ ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଟାଉନ ହଲ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା ଏବଂ ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଟାଉନ ହଲ ଠାରେ ଏକ ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ, ରାମକୃଷ୍ଣ ଆଶ୍ରମର ସ୍ୱାମୀ ଅଶୋକା ନନ୍ଦ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ ଯୋଗଦେଇ ନିଶା ସେବନର ଅପକାରିତା, ଏହାର ନିରାକରଣ ଓ ଏକ ସୁସ୍ଥ ଓ ନିଶା ମୁକ୍ତ ସମାଜ ଗଠନରେ ବିଶେଷକରି ଛାତ୍ରଛାତ୍ରୀ ଓ ଯୁବପିଢିଙ୍କ ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର, ଟ୍ରଫି ଓ ହେଲମେଟ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ ପରିଚାଳନା କରିଥିଲେ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍ତମ ଫସଲ ଉତ୍ପାଦନ ଜ୍ଞାନ କୌଶଳ ଉପରେ ତାଲିମ୍

କେରାପୁଟ(ହି.ସ.): ଏମଏସ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜୟପୁର ଦ୍ୱାରା ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପ ଅଧୀନରେ ଉତ୍ତମ ଫସଲ ଉତ୍ପାଦନ ଜ୍ଞାନ କୌଶଳ ଉପରେ ୬ ଗୋଟି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ବୈପାରୀଗୁଡା ବ୍ଲକ ଏବଂ ନବରଙ୍ଗପୁର ଜିଲ୍ଲାର କୋଷଗୁମୁଡା ବ୍ଲକର ବିଭିନ୍ନ ଗ୍ରାମରୁ ୨୦୦ ରୁ ଉର୍ଦ୍ଧ ଚାଷୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ଜୟପୁରର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା, ଏହି ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ବୁଝାଇଥିଲେ । ପ୍ରଶିକ୍ଷଣ ପୂର୍ବରୁ ଅଂଶଗ୍ରହଣକାରୀ କୃଷକଙ୍କର ବର୍ତ୍ତମାନ ପ୍ରକ୍ରିୟା ଓ ଜ୍ଞାନ ସମ୍ପର୍କରେ ଅନୁସନ୍ଧାନ କରାଯାଇଥିଲା । ଶ୍ରୀ ଏସ. ଭେଙ୍କଟ ରେଡ଼ି, ପୂର୍ବତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମୁଖ୍ୟ ପ୍ରଶିକ୍ଷକ ଭାବରେ ଯୋଗ ଦେଇ ଚାଷୀମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ବିଭିନ୍ନ ଫସଲ ଯଥା: ଧାନ, ମକା, କାନ୍ଦୁଲ ଏବଂ ମାଣ୍ଡିଆ ଚାଷ କରିବା ଉପରେ ତାଲିମ ପ୍ରଦାନ କରିଥିଲେ । ସେ କୃଷିକୁ ଏକ ବ୍ୟବସାୟ ଭାବରେ ଦେଖିବା ଉପରେ ଜୋର ଦେଇ କିଛି ସଫଳତା ଉଦାହରଣ ବି ଦେଇଥିଲେ । ବିଭିନ୍ନ ପ୍ରକାର ବିହନ ଚୟନ, ମାଟି ପରୀକ୍ଷା, ନର୍ସରୀ ବେଡ୍ ପ୍ରସ୍ତୁତି, ରୋପଣର ଏସଆରଆଇ ପଦ୍ଧତି, ଘାସ ନିୟନ୍ତ୍ରଣ, ସନ୍ତୁଳିତ ସାର ପ୍ରୟୋଗ । ଶେଷରେ ତାଲିମ ପରବର୍ତ୍ତୀ ମୂଲ୍ୟାଙ୍କନ କରାଯାଇଥିଲା । ତାପରେ ଚାଷୀମାନେ ମତାମତ ବାଣ୍ଟିଥିଲେ ଏବଂ ସେମାନଙ୍କ କ୍ଷେତ୍ରରେ ଏହି ପଦ୍ଧତିଗୁଡ଼ିକୁ ପ୍ରୟୋଗ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଶେଷରେ ପ୍ରତିଷ୍ଠାନର କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାରୀ ନିର୍ଯାତନା ବିରୁଦ୍ଧରେ ଗଣଧାରଣା

ସମ୍ବଲପୁର, (ହି.ସ.) - ସମ୍ବଲପୁର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଗୋପାଳପୁର ଛାତ୍ରୀ ଗଣ ଦୁଷ୍କର୍ମ ଓ ରାଜ୍ୟରେ ବଢୁଥିବା ମହିଳା ନିର୍ଯାତନା ବିରୁଦ୍ଧରେ ଛାତ୍ର ଆନ୍ଦୋଳନ କରାଯାଇଛି । ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ତତ୍ୱାବଧାନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଜିଲ୍ଲା ବିସିଜେଡି ପକ୍ଷରୁ ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଏହି ଆନ୍ଦୋଳନ କରାଯାଇଥିଲା । ଏହି ଅବସରରେ ବିଜୁ ଜନତା ଦଳର ବହୁ ସଂଖ୍ୟାରେ ବରିଷ୍ଠ ନେତୃମଣ୍ଡଳୀ, କର୍ମକର୍ତ୍ତା, କର୍ମୀ ଏକତ୍ରିତ ହୋଇ ଗୋପାଳପୁର ଠାରେ ଘଟିଥିବା ଅତ୍ୟନ୍ତ ଲଜ୍ଜାଜନକ ଛାତ୍ରୀ ଗଣଦୁଷ୍କର୍ମ, ରାଜ୍ୟରେ ଦିନକୁ ଦିନ ବଢୁଥିବା ମହିଳା ନିର୍ଯ୍ୟାତନା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଆଦି ଘଟଣାକୁ ନେଇ ବିଜେପି ସରକାର ବିଫଳ ବୋଲି ଦଳର ନେତୃବୃନ୍ଦ ନିଜର ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଠାରେ ଅନୁଷ୍ଠିତ ଆନ୍ଦୋଳନରେ ବିଧାୟକ ସୁଦର୍ଶନ ହରିପାଲ, ବରିଷ୍ଠ ନେତା ଏମ୍ ଡି ସନାଉଲା, ଗୋକୁଳ ମେହେର, ସଞ୍ଜିତ ମହାନ୍ତି, ମିଳନ ହୋତା, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ସୁରୁବାବୁ ମେହେର, ଲିଙ୍ଗରାଜ ପରିଡ଼ା, ଦିଲ୍ଲୀପ ଦାସ, ଚୁମନ ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଏବଂ ବିଜୁ ଜନତା ଦଳର ସଦସ୍ୟ ଉପସ୍ଥିତ ଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଠାରେ ପୂର୍ବତନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସଭାପତି ଅବିନାଶ ପଟେଲ, ପୂର୍ବତନ ଯୁବ ଜୋନ ସଭାପତି ଦେବାଶିଷ ପରିଡ଼ା, ପୂର୍ବତନ ଛାତ୍ର ରାଜ୍ୟ ସମ୍ପାଦକ ଅନମୋଲ ଦାସ ପ୍ରମୁଖଙ୍କ ସମେତ ବହୁ ସଂଖାରେ ଛାତ୍ର ଛାତ୍ରୀ ଏବଂ ବିଜୁ ଜନତା ଦଳର କର୍ମକର୍ତା ଓ କର୍ମୀ ଉପସ୍ଥିତ ଥିଲେ ।

# ସିନିୟର ନକ୍ଆଉଟ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବଲାଙ୍ଗୀର: ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗୀର ଠାରେ ଜିଲ୍ଲା କ୍ରୀଡା ସଂସଦର ଫୁଲବଲ ଟୁର୍ଣ୍ଣାମେଣ୍ଟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା ବୈଠକରେ ଅଧ୍ୟକ୍ଷତା କରିଥିଲେ । ଚଳିତ ବର୍ଷ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୮ରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୯ ଗୋଟି ପଡିଆରେ ହେବ । ଏଥିରେ ୬୪ ଗୋଟି ଦଳ ଭାଗ ନେବେ । ୨୮ ତାରିଖ ଟାଉନ ହାଇସ୍କୁଲ ପଡିଆରେ ଡିଏଫ୍ଏ ବଲାଙ୍ଗୀର ବନାମ୍ ଜେକେୱାଇଏସ୍ କାଲସାଏପାଲି, ଚୁଡାପାଲି ପଡିଆରେ ଡଙ୍ଗାଘାଟ ବନାମ ଲୁଚକିବନ୍ଧ, ଟିଟିଲାଗଡ ସିଟି ସ୍କୁଲ ପଡିଆରେ ସିହିନି ବନାମ ଭାଟିପଡା, ଜରାସିଂହା ମିନି ଷ୍ଟାଡିୟମ ଠାରେ ଜରାସିଂହା ବନାମ ନାଇକେନସିରା, ସଦାଇପାଲି ସାଇଟ ପଡିଆରେ ସାଇଟ ସଦାଇପାଲି ବନାମ ସରଗାଡ, ଲୋଇସିଂହା ମିନି ଷ୍ଟାଡିୟମ ଠାରେ ଲୋଇସିଂହା ଏଏ ବନାମ ମୁରସୁଣ୍ଡ, ବଙ୍ଗୋମୁଣ୍ଡା ପଡିଆରେ ମମିଆଁ ବନାମ ବଡଗମଡା ଓ ଖୁଜେନପାଲି ପଡିଆରେ ରିସନ କାଲସାଏପାଲି ବନାମ ଜେଆଇଟିଏମ୍ ବଲାଙ୍ଗୀର ମଧ୍ୟରେ ଉଦ୍‌ଘାଟନି ମ୍ୟାଚ ହେବ । ସେହିପରି ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗୀର ଠାରେ ଜୁଲାଇ ୭ରେ କ୍ୱାଟର ଫାଇନାଲ, ୮ ଓ ୯ରେ ସେମିଫାଇନାଲ ଏବଂ ୧୦ତାରିଖରେ ଫାଇନାଲ ଖେଳ ହେବ । ଉକ୍ତ ବୈଠକରେ ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତ୍ରୁଘନ ସିଂ, ଫୁଟବଲ ସଂପାଦକ ଶରତ କୁମାର ନନ୍ଦ, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, କ୍ରୀଡ଼ା ସଂପାଦକ ବିଭୂତି ଭୂଷଣ ପଣ୍ଡା, ସଦସ୍ୟ କୈଳାସଚନ୍ଦ୍ର କର୍ତା, ଭୁପେନ୍ଦ୍ର ପ୍ରସାଦ ସିଂ, ଶ୍ରୀକାନ୍ତ ରାଉତ, ନରସିଂସ୍ୱାମୀ ନାଇଡୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

# ୧୦ଦଫା ଦାବି ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ଦାବିପତ୍ର

ଫୁଲବାଣୀ(ହି.ସ.) : ଓଡ଼ିଶା ରାଜସ୍ୱ ଅମଲା ସଂଘର ଏକ ଗୁରୁତ୍ୱପୁର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତି ଅନୁସାରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା କନ୍ଧମାଳ ଜିଲ୍ଲା ଉପଦେଷ୍ଟା ଗଣେଷ ନାୟକଙ୍କ ନେତୃତ୍ୱରେ ଦଶଦଫା ଦାବି ସମ୍ବଳିତ ଦାବିପତ୍ର କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ପ୍ରକାଶଥାଉ କି, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଦାବିଗୁଡିକ ମଧ୍ୟରେ ମୁଖ୍ୟତଃ ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଆର୍ଏସ୍ପି - ୨୦୧୭ ନିୟମ ଅନୁଯାଇ ଲେବେଲ- ୯କୁ ବୃଦ୍ଧି କରାଯାଉ । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା- ୮୮୯୮ ତାରିଖ – ୧୫-୦୩-୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ କୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ । ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ । ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମଶିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତିରେ ନିଯୁକ୍ତି ପ୍ରଦାନ କରାଯାଉ । ଓଡ଼ିଶା ରାଜସ୍ୱ ସେବା ପଦ୍ଧତି ରେ ରାଜସ୍ୱ ଅମଲାମାନଙ୍କୁ ସତ ପ୍ରତିଶତ ପଦୋନ୍ନତି ଦିଆଯାଉ । ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀ ଙ୍କୁ ପୁରାତନ ପେନସନ ଯୋଜନା ରେ ଅନ୍ତର୍ଭୁକ୍ତ କରାଯାଉ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଏବଂ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ମଧ୍ୟ ହୋଇସାରିଛି । କିନ୍ତୁ ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପରେ ମଧ୍ୟ ବର୍ତମାନ ଯାଏ ଫଳ ଶୂନ୍ୟ ହୋଇଅଛି । ଏହି ପରିପ୍ରେକ୍ଷୀରେ, ଯଦି ରାଜ୍ୟ ସରକାର ଆଗାମୀ ୧୫ ଦିନ ମଧ୍ୟରେ ଉପୋରକ୍ତ ଦାବି ଗୁଡିକ ପୂରଣ ନ କରନ୍ତି ତାହେଲେ, ସଂଘ ଆଗାମୀ ଜୁଲାଇ ୦୭ ତାରିଖ ଠାରୁ ଜୁଲାଇ ୧୧ ତାରିଖ ଯାଏଁ କଳା ବ୍ୟାଜ୍ ପରିଧାନ କରିବ । ଏବଂ ତା ସତ୍ୱେ ଯଦି ରାଜ୍ୟ ସରକାର ଉପୋରକ୍ତ ଦାବିଗୁଡିକ ପୂରଣ ନ କରନ୍ତି ତେବେ, ରାଜ୍ୟ ସଂଘ ର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତି ଅନୁସାରେ ଜୁଲାଇ ୧୪ ତାରିଖ ଠାରୁ ସଂପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି କନ୍ଧମାଳର ଜିଲ୍ଲା ଉପଦେଷ୍ଟା ଗଣେଷ ନାୟକ, ବିନୋଦ କୁମାର ମହାନ୍ତି, ଶ୍ରୀ ଆଶିଷ ମିଶ୍ର, ନିଖିଳ ସାହା, ଶୁନିତ ଦଳବେହେର, ଗୀତାଞ୍ଜାଳୀ ବେହେରା, ମମତା ବେହେରା, ମନ୍ଦାକିନୀ ଦିଗଳ, ଶିବପ୍ରସାଦ ମେହେର ପ୍ରମୁଖ ପ୍ରକାଶ କରିବା ସହ ଅନ୍ୟ ସମସ୍ତ ଉପବିଭାଗୀୟ ଅଧିକାରୀ, ବରିଷ୍ଠ ରାଜସ୍ୱ ସହାୟକ ଓ କନିଷ୍ଠ ରାଜସ୍ୱ ସହାୟକ ଉପସ୍ଥିତ ଥିଲେ ।

## ଓଏଏସ୍ ଅଧିକାରିଣୀଙ୍କ ଭଉଣୀଙ୍କୁ ଧମକ ଅଭିଯୋଗରେ ବନ୍ଧାହେଲା ନକଲି ପୁଲିସ ଇନ୍ସପେକ୍ଟର

**ଭୁବନେଶ୍ୱର (ପିପିଏସ୍):** ଓଏଏସ୍ ଅଧିକାରିଣୀଙ୍କ ଭଉଣୀଙ୍କୁ ପ୍ରତାରଣା କରି ଗିରଫ ହୋଇଥିବା ନକଲି ପୁଲିସ ଇନ୍ସପେକ୍ଟରକୁ ପୁଣି ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଏଥର ମାମଲା ଉଠାଇବାକୁ ଗାଳିଗୁଲଜ ଓ ଧମକ ଦେଇ ବନ୍ଧା ହୋଇଛି। ଗିରଫ ଅଭିଯୁକ୍ତ ହେଉଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ତୁମ୍ବପଦି ଗାଁର ସୁବାସ ଚନ୍ଦ୍ର କହଁର (୫୫)। ପୁଲିସ ସୂଚନା ଅନୁସାରେ, ସୁବାସ ନିଜକୁ ଇନ୍ସପେକ୍ଟର ମନୋଜ ମିଶ୍ର ବୋଲି ପରିଚୟ ଦେଇ ଚିଲିକା ଅଞ୍ଚଳର ଜଣେ ଯୁବତୀ ତଥା ଓଏଏସ୍ ଅଧିକାରିଣୀଙ୍କ ଭଉଣୀଙ୍କୁ ସହିତ ଫେସବୁକରେ କଥାବାର୍ତ୍ତା ହୋଇଥିଲା। ଏମିତିକି ସେ ରାଉରକେଲା ସେକ୍ଟର ୧୫ ଥାନାର ଆଇଆଇସି ବୋଲି କହିଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ବିବାହ କରିବା ସହିତ ବିଭିନ୍ନ ଆଳର ଦେଖାଇ ଲକ୍ଷାଧିକ ଟଙ୍କା ହଡ଼ପ କରିଥିଲା। ସୁବାସ ଚଳାଉଥିବା କାରର କିସ୍ତି ନକଲି ପୁଲିସର ଅସଲି ଗୁମର ଖୋଲି ଦେଇଥିଲା। ସେ କାର କିସ୍ତି ଦେବା ପାଇଁ ଫୋନରେ କଥା ହେଉଥିବାବେଳେ ସୁବାସ କହଁର ନାମରେ କାର ଥିବା କହିଥିଲା। ଏତିକି କଥା ପତ୍ନୀଙ୍କ କାନରେ ପଡ଼ିବା ପରେ ସେ ଖୋଳତାଡ଼ ଆରମ୍ଭ କରିଥିଲେ। କାରର ରେଜିଷ୍ଟ୍ରେସନ ନମ୍ବରରୁ ମାଲିକାନା ଓ ଠିକଣା ବାହାର କରି ଭଦ୍ରକ ସ୍ଥିତ ସୁବାଷର ଗାଁକୁ ଯାଇଥିଲେ। ସେଠାରୁ ସବିଶେଷ ତଥ୍ୟ ପାଇବା ପରେ ନକଲି ପୁଲିସର ଅସଲି ମୁଖା ଖୋଲିଥିଲା। ପତ୍ନୀ ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ଗତବର୍ଷ ସେପ୍ଟେମ୍ବର ମାସରେ ପୁଲିସ ତା'କୁ ଗିରଫ କରିଥିଲା। ସୁବାଷ ପ୍ରାୟ ୩୦ ବର୍ଷ ପୂର୍ବେ ପ୍ରଥମ ବିବାହ କରିଥିବା ବେଳେ ତାଙ୍କର ବିବାହିତା ଝିଅ ଓ ଗୋଟିଏ ପୁଅ ମଧ୍ୟ ରହିଛନ୍ତି। ଏଥିସହିତ ପ୍ରାୟ ୧୫ ବର୍ଷ ପୂର୍ବେ ସୁବାସ ଦ୍ୱିତୀୟ ବିବାହ କରିଥିବା ପୁଲିସ ଜାଣିବାକୁ ପାଇଥିଲା। ତେବେ ଓଏଏସ୍ ଅଧିକାରିଣୀଙ୍କ ଭଉଣୀଙ୍କୁ ମିଶାଇ ସୁବାଷ ମୋଟ ୩ଟି ବିବାହ କରିଥିବା ଜଣାପଡ଼ିଥିଲା। ଏଥିସହିତ ଏକାଧିକ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଠକି ନେଇଥିବା ପୁଲିସ ଜାଣିବାକୁ ପାଇଥିଲା। ତେବେ ସୁବାଷ ଜେଲରେ ରହିବା ପରେ ଗତ ମାର୍ଚ୍ଚ ମାସରେ ଜେଲରୁ ମୁକୁଳି ଥିଲା। ସୁବାସ ଜାମିନରେ ଆସିବା ପରେ ପ୍ରତି ପ୍ରତିଶୋଧ ପରାୟଣ ହୋଇ ଓଏଏସ୍ ଅଧିକାରିଣୀଙ୍କ ଭଉଣୀଙ୍କୁ ବିଭିନ୍ନ ପ୍ରକାର ଉପାୟରେ ହଇରାଣ ହରକତ କରିଥିଲା। ବିଳମ୍ବିତ ରାତିରେ ନିଜ ଓ ନିଜ ବନ୍ଧୁଙ୍କ ମୋବାଇଲ ଫୋନରୁ ତାଙ୍କୁ ଭଏସ କଲ ଓ ଭିଡିଓ କଲ କରି ଦୁର୍ବ୍ୟବହାର କରିଥିଲା। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଗତକାଲି ସୁବାସକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବିଧାନସଭା ପରିସରରେ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର (ପିପିଏସ୍):** ବିଧାନସଭା ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏଥିରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ସମେତ ବିଧାନସଭାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଶାଶ୍ୱତୀ ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ସୁଶ୍ରୀ ରୋଜାଲିନ୍ ସାହୁ ପରିଚାଳନା କରିଥିଲେ।

## ମିଳିଲା ମୃତ ବାଇକ୍ ଆରୋହୀଙ୍କ ପରିଚୟ

**ଭୁବନେଶ୍ୱର (ପିପିଏସ୍):** ସିଆରପି ଫ୍ଲାଏ ଓଭର ଉପରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବାଇକ୍ ଆରୋହୀଙ୍କ ପରିଚୟ ମିଳିଛି। ମୃତକ ହେଉଛନ୍ତି ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ସୁରୁବଣ ଗାଁର ଅଶୋକ କୁମାର ମହାପାତ୍ର। ସେପଟେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହିତ ଚାଳକକୁ ଗିରଫ କରିଛି। ଗିରଫ ଚାଳକ ହେଉଛି ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଅଁଳା ବେରେଣୀ ଗାଁର ଭାଗିରଥି ନାୟକ (୫୮)। ମିଳିଥିବା ସୂଚନା ଅନୁସାରେ, ଅଶୋକ ଏରୋଡ୍ରମ



ଏରିଆ ଲେନ୍ - ୯ରେ ରହିବା ସହିତ ଓଲାରେ ବାଇକ୍ ଲଗାଇଥିଲେ। ଗତକାଲି ରାତି ପ୍ରାୟ ସାଢେ ୧୧ଟା ସମୟରେ ଅଶୋକ ବାଇକ୍ ଯୋଗେ ବରମୁଣ୍ଡାରୁ ଜୟଦେବ ବିହାର ଆଡ଼କୁ ଯାଉଥିଲେ। ସେ ସିଆରପି ଫ୍ଲାଏ ଓଭର ଉପରେ ପାଇଥିବା ବେଳେ ତେଲ ଟ୍ୟାଙ୍କର ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସେ ଘଟଣାସ୍ଥଳରେ ଛିଟିକି ପଡ଼ିବା ସହିତ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ କ୍ୟାପିଟାଲ ହସପିଟାଲକୁ ସ୍ଥାନାନ୍ତର କରିଥିଲା। ସେପଟେ ଜୟଦେବ ବିହାର ଛକରୁ ତେଲ ଟ୍ୟାଙ୍କର ଗାଡ଼ିକୁ ଠାବ କରିବା ସହିତ ଭାଗିରଥିକୁ ଗିରଫ କରିଥିଲା।

## ନିଶା ସେବନ ଓ ଅବୈଧ କାରବାର ବିରୋଧ ଦିବସ

**ଭୁବନେଶ୍ୱର (ପିପିଏସ୍):** ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ଆନୁକୂଲ୍ୟରେ ଏବଂ ଆଭା ଅନୁଷ୍ଠାନ ଦ୍ୱାରା ପରିଚାଳିତ ରାଜ୍ୟସ୍ତରୀୟ ସଂଯୋଜକ ଏଜେନ୍ସି (ଏସ୍ଏଲ୍ସିଏ)ପକ୍ଷରୁ ଆନ୍ତର୍ଜାତୀୟ ନିଶା ସେବନ ଓ ଅବୈଧ କାରବାର ବିରୋଧ ଦିବସ ଭଞ୍ଜକଳା ମଣ୍ଡପ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ନିଶା ମୁକ୍ତ ସଚେତନତା ଶୋଭାଯାତ୍ରା ବିଜେବି କଲେଜରୁ ବାହାରି ଭଞ୍ଜକଳା ମଣ୍ଡପ ଠାରେ ପହଞ୍ଚିଥିଲା। ଏହା ସହିତ 'ନିଶା ଅଜଗ' ସଚେତନତା ନାଟକ ପରିବେଷଣ ହୋଇଥିଲା। ଗଜପତି ଜିଲ୍ଲାର ବନ୍ଦେ ଭାରତ କଳାକାରମାନଙ୍କ ଦ୍ୱାରା ପରିବେଷିତ ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ବିଷ୍ଣୁପଦ ମିଶ୍ର। ଏହି ଉତ୍ସବରେ ଅତିଥି ଭାବେ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ସୁପରିଟେଣ୍ଡେଣ୍ଟ ସମିରାନ୍ ପଲ୍, ଏନ୍ସିବି ସବ୍ଇନିସ୍ପେକ୍ଟର ପରମର୍ ସିଦ୍ଧାର୍ଥ ବିକ୍ରମ, ରାଜ୍ୟସ୍ତରୀୟ ସଂଯୋଜକ ଏଜେନ୍ସିର ମୂଖ୍ୟ ସୁଧିର ଚନ୍ଦ୍ର ଦାସ, ଆଭାର ସମ୍ପାଦକ ଦୁର୍ଯ୍ୟୋଧନ ପରିଡ଼ା, ପ୍ରକଳ୍ପ ସଂଯୋଜକ ବିଶ୍ୱରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ନିଶା ସେବନର ଅପକାରିତାକୁ ସମ୍ପର୍କିତ କର୍ମଶାଳାରେ ଯୋଗଦେଇଥିଲେ।

## ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରାରୋପଣ

**ଭୁବନେଶ୍ୱର (ପିପିଏସ୍):** କାହାରି ପଦୋନ୍ନତି ହେଲେ କିଏ ଖୁସିରେ ମିଷ୍ଟାନ୍ନ ବଣ୍ଟନ କରେ ତ କିଏ ଭୋଜି ଭାତର ଆୟୋଜନ କରିଥାଏ। କିନ୍ତୁ ଏମିତି ଜଣେ ସ୍ୱାସ୍ଥ୍ୟ ଅଧିକାରୀ ଅଛନ୍ତି ଯାହାଙ୍କ ପଦୋନ୍ନତି ଖୁସିରେ ଚାରାରୋପଣ କରିଛନ୍ତି। ସେମିତି ଜଣେ ବ୍ୟକ୍ତି ହେଉଛନ୍ତି ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପେରିଣ୍ଟେଡେଣ୍ଟ ଡ. ତନ୍ମୟ ତ୍ରିପାଠୀ। ତାଙ୍କ ପଦୋନ୍ନତିଜନିତ ପରେ ବଦଳି ହୋଇଛି। ତେଣୁ ଖୁସି ଓ ସ୍ମୃତିକୁ ମନେ ରଖିବା ପାଇଁ ଏକ ସ୍ୱତନ୍ତ୍ର ଓ ନିଆରା ପଦକ୍ଷେପ ସ୍ୱରୂପ ସେ ବୃକ୍ଷ ଚାରା ରୋପଣ କରିଥିଲେ। ଏହି ଅବସରରେ ମେଡିକାଲ କର୍ତ୍ତୃପକ୍ଷ ଏକ ସଭାର ଆୟୋଜନ କରିଥିଲେ। ଆୟୋଜିତ ସଭାରେ ସ୍ୱାସ୍ଥ୍ୟକେନ୍ଦ୍ରର ସମଗ୍ର କର୍ମୀ, ଯଥା ସିଏଚସି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ସୁପରଭାଇଜର, ସିଏଚଓ, ଆଶା କର୍ମୀ, ଏଚ୍ଏମ କର୍ତ୍ତୃପକ୍ଷ, ସମସ୍ତେ ଶ୍ରୀ ତ୍ରିପାଠୀଙ୍କ ଗୁଣଗାନ କରି ଭାବବିହ୍ୱଳ ହେଇଯାଇଥିଲେ। ଶ୍ରୀ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶାନୁରୂପକ ବିକାଶ ହୋଇଥିବା ନେଇ କର୍ମଚାରୀ ଓ ଅଧିକାରୀ ବକ୍ତବ୍ୟରେ କାହିଥିଲେ।

# ଏକାମ୍ର କ୍ଷେତ୍ରରେ ଘୋଷଯାତ୍ରା, ଶ୍ରଦ୍ଧାଳୁଙ୍କ ଭିଡ଼

**ଭୁବନେଶ୍ୱର (ପିପିଏସ୍):** ଏକାମ୍ର କ୍ଷେତ୍ରରେ ଆଜି ଘୋଷଯାତ୍ରା ଅନୁଷ୍ଠିତ ହୋଇଛି। ମହାପ୍ରଭୁ ଶ୍ରୀକ୍ଷେତ୍ର ପୁରୀ ରଥଯାତ୍ରା ନୀତିକାନ୍ତି ଭଳି ସମସ୍ତ ନୀତିକାନ୍ତି ପୂର୍ବକ ଏଠାରେ ବିଭିନ୍ନ ସ୍ଥାନରେ ଆଜି ରଥଯାତ୍ରା ଅନୁଷ୍ଠିତ ହେ ।ଇଥିବାବେଳେ ଶ୍ରଦ୍ଧାଳୁମାନେ ଭକ୍ତିଭାବ ସହକାରେ ରଥ ଟାଣିଛନ୍ତି। ଭୁବନେଶ୍ୱରର ଇସ୍କନ ମନ୍ଦିରରେ ଗତକାଲି ନବଯୌବନ ଦର୍ଶନ ପରେ ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ଆଜି ସକାଳୁ ପୁରୀ ଶ୍ରୀ ଜଗନ୍ନାଥଙ୍କ ରଥ କାର୍ଯ୍ୟନିର୍ଘଣ୍ଟ ଅନୁଯାୟୀ ବିଭିନ୍ନ ନୀତିକାନ୍ତି କରାଯାଇଥିଲା। ପହଣ୍ଡି, ଛେରାପହଁରା ପରେ ରଥଟଣା ହୋଇଥିଲା। ଏହାକୁ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ସେହିପରି ଏକାମ୍ର କ୍ଷେତ୍ରରେ ୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ରଥ ଯାତ୍ରା ଅନୁଷ୍ଠିତ ହୋଇଛି। ବିଶେଷକରି ଇସ୍କନ ବ୍ୟତୀତ କିସ୍ର ଶ୍ରୀବାଣୀ କ୍ଷେତ୍ର, ୟୁନିଟ୍-୮ ଜଗନ୍ନାଥ ମନ୍ଦିର, ଜାଗମରା, କୋଳଥିଆ, ପଟିଆ ଆଦି ବିଭିନ୍ନ ସ୍ଥାନରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ନୀତି ନିର୍ଘଣ୍ଟ ଅନୁଯାୟୀ ରଥଯାତ୍ରା ଅନୁଷ୍ଠିତ ହୋଇଛି। ରଥଯାତ୍ରା ପାଇଁ ଫୁଲରେ ସଜେଇ ହୋଇଛି ଏକାମ୍ରକ୍ଷେତ୍ରର ସମସ୍ତ ଜଗନ୍ନାଥ ମନ୍ଦିର ଓ ରଥ। ଏଥର ଇସ୍କନରେ ପୂର୍ବାହ୍ନ ୧୦ଘଣ୍ଟା ସମୟରେ ଶ୍ରୀଜୀଉମାନଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ଅପରାହ୍ନ ୩ଟା ପରେ ଛେରା ପହଁରା ନୀତି କରାଯାଇ ରଥଟଣା ଆରମ୍ଭ ହୋଇଥିଲା। ସେହିପରି ଶ୍ରୀବାଣୀକ୍ଷେତ୍ରରେ ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମନ୍ତେ କିଟ୍ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶ୍ରୀବାଣୀକ୍ଷେତ୍ର ରଥଯାତ୍ରାରେ ମା' ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ସିସିଟିଭିକୁ ଅଧିକ ଗୁରୁତ୍ୱ ଦିଆଯାଇଥିବାବେଳେ କେତେକ ରାସ୍ତାରେ ଯାତାୟାତରେ କଟକଣା କରାଯାଇଥିଲା। ସେହିପରି ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଭିନ୍ନ ସେବା କାର୍ଯ୍ୟ କରିଥିବାବେଳେ ରାଜଧାନୀରେ ଡାଇରିଆ ବ୍ୟାପୁଥିବାରୁ ପରିମଳ ଓ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।



## ରଥଯାତ୍ରା ଅବସରରେ ସ୍ୱତନ୍ତ୍ର ଡାକ ଟିକଟ୍, ଲଫାପା

**ଭୁବନେଶ୍ୱର (ପିପିଏସ୍):** ମହାପ୍ରଭୁଙ୍କ ଘୋଷଯାତ୍ରା ଉପଲକ୍ଷେ ସଂଗ୍ରାହକ ସମରଞ୍ଜନ ମହାନ୍ତି ତାଙ୍କ 'ମୋ ସଂଗ୍ରହାଳୟ'ରେ ପ୍ରଦର୍ଶିତ କରିଛନ୍ତି ବିଭିନ୍ନ ସମୟରେ ପ୍ରକାଶ ପାଇଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମ୍ପର୍କିତ ବିଭିନ୍ନ ଡାକ ଟିକଟ୍, ଲଫାପା। ପୁରୀ ଧାମର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧୀୟ ଭାରତୀୟ ଡାକ ବିଭାଗ ଦ୍ୱାରା ପ୍ରଚଳିତ ଡାକ ଟିକେଟ, ସ୍ୱତନ୍ତ୍ର ଲଫାପା, ମଧ୍ୟରେ ରହିଛି ଜଗନ୍ନାଥ ମନ୍ଦିର, ପୁରୀ ନାମରେ ଏକ ପାଞ୍ଚ ଟଙ୍କିଆ ଡାକ ଟିକଟ, ରଥ ଯାତ୍ରା, ପୁରୀ ନାମରେ ଡାକଟିକଟ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରସିଦ୍ଧ ନବକଳେବରକୁ ନେଇ ପାଞ୍ଚ ଟଙ୍କିଆ ଡାକ ଟିକଟ ଆଦି ବିଭିନ୍ନ ସମୟରେ ପ୍ରକାଶ ପାଇଥିଲା। ଯାହାକୁ ସଂଗ୍ରହ କରି







ନିଜ ସଂଗ୍ରହାଳୟରେ ପ୍ରଦର୍ଶିତ ଶ୍ରୀ ଜଗନ୍ନାଥରେ ସ୍ଥାନ ଦେଇଛନ୍ତି ସମ ରଞ୍ଜନ। ସେହିପରି ଆମ ଭାରତୀୟ ରୋଷେଇକୁ ନେଇ ଶ୍ରୀଜଗନ୍ନାଥଙ୍କ ଅଭଡ଼ା ଉପରେ ମହାପ୍ରସାଦ-ଅନ୍ନ ଡାଲି ନାମରେ ଏକ ପାଞ୍ଚ ଟଙ୍କିଆ ଡାକ ଟିକଟ ରହିଛି। ଯାହାକି ୨୦୧୭ ମସିହାରେ ପ୍ରକାଶ ପାଇଥିଲା। ଏହାସହ ରସଗୋଲା ଜଗନ୍ନାଥ ମହାପ୍ରଭୁଙ୍କ ପ୍ରିୟ ମିଠା ହୋଇଥିବାବେଳେ ରସୋଗଲା ଉପରେ ନୀଳାଦ୍ରି ବିଜେର ଏକ ଲଫାପା ମଧ୍ୟ ରହିଛି। ଯାହାକି ୨୦୧୮ ର ପ୍ରକାଶିତ। ରଥଯାତ୍ରା ଉପଲକ୍ଷେ ଭିଏସଏସନଗରରେ ନିଜ ଘରେ କରିଥିବା ସଂଗହାଳୟରେ ମହାପ୍ରଭୁଙ୍କ ସମ୍ପର୍କିତ ବିଭିନ୍ନ ଡାକଟିକଟ ଦେଖିବାକୁ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ବର୍ଗର ଲୋକଙ୍କ ଭିଡ଼ ଜମୁଛି।

## ରଥଯାତ୍ରା ଓ ଶ୍ରୀଜଗନ୍ନାଥଙ୍କ ନେଇ ଚିତ୍ରକଳା ଶିବିର

**ଭୁବନେଶ୍ୱର (ପିପିଏସ୍):** ଶାନ୍ତିସ୍ତୂପ ଧଉଳି ଠାରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ହୋଇଯାଇଛି 'ଚିତ୍ରରେ ଚିତ୍ରରେ ଶ୍ରୀ ଜଗନ୍ନାଥ' ଶୀର୍ଷକ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ। ପ୍ରଦର୍ଶନୀକୁ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା, ମହାବିଦ୍ୟାଳୟର କାର୍ଯ୍ୟକାରୀ ସମିତି ସଦସ୍ୟା କମଳିନୀ ରଥ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ, ଚିତ୍ରଶିଳ୍ପୀ ଡ଼. ପଞ୍ଚାନନ ସାମଲ ଯୋଗ ଦେଇଥିଲେ। ପ୍ରଦର୍ଶନୀରେ ଶ୍ରୀ



ଜଗନ୍ନାଥଙ୍କ ରଥଯାତ୍ରା, ଭକ୍ତ ଓ ଭଗବାନ, ସନ୍ଧ୍ୟା ଆଳତି, କଳ୍କୀ ଅବତାର, ଶ୍ରୀକ୍ଷେତ୍ର ଓ ନୀଳଚକ୍ରର ଚିତ୍ର ସ୍ଥାନ ପାଇଥିଲା। ପ୍ରାରମ୍ଭରେ ଅଧାପକ ଭୂପତିଭୂଷଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଦର୍ଶନୀରେ ସୁବ୍ରତ ମୁଦୁଲି, ସ୍ମୃତିରଞ୍ଜନ ବେହେରା, ବର୍ଷା ରାଣୀ ଓଝା, ବୃନ୍ଦାବନ ପଣ୍ଡା, ଗୋବିନ୍ଦ ତ୍ରିପାଠୀ, ସତ୍ୟଶଙ୍କର ଦାସ, ପରାଶର ଲେଙ୍କା, ପ୍ରୀତିନନ୍ଦା ସାହୁ, ପ୍ରୀତି ସୌରଭ ଜେନା,ଲୋକନାଥ ନନ୍ଦ, ଅତୁଲ୍ୟା ଲୋହାର, ଦେବାଶିଷ ବେହେରା, ପ୍ରତୀକ୍ଷା ଷଡ଼ଙ୍ଗୀ, ପ୍ରକାଶ ସାହୁ, ଶୁଭଙ୍କର ମରାୟ, ଶୁଭସ୍ମିତା ନାୟକ, ରମ୍ୟ ନିଶାନ୍ତ ଓ ସ୍ୱସ୍ତିକା ପ୍ରଧାନ ପ୍ରମୁଖଙ୍କ ଦ୍ୱାରା ପ୍ରସ୍ତୁତ ଜଗନ୍ନାଥଙ୍କ କାହାଣୀ ଆଧାରିତ ଚିତ୍ର ସ୍ଥାନ ପାଇଥିଲା।

## ପଦ୍ମଶ୍ରୀ ମାଧଭିଙ୍କୁ 'ମାର୍ଗି ଜୀବନବ୍ୟାପୀ ସାଧନା ସମ୍ମାନ'

**ଭୁବନେଶ୍ୱର (ପିପିଏସ୍):** ନୃତ୍ୟଶାଳା ଓ ମାସିକ ସାଂସ୍କୃତିକ ପତ୍ରିକା କଳାକୃତିର ମିଳିତ ସହଯୋଗରେ ୧୫ତମ ଶାସ୍ତ୍ରୀୟ ନୃତ୍ୟଉତ୍ସବ 'ମାର୍ଗୀ' ରବିନ୍ଦ୍ର ମଣ୍ଡପଠାରେ ଉଦ୍ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ବାବୁ ସିଂହ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ନାଟ୍ୟଗୁରୁ ଧିରେନ୍ଦ୍ର ନାଥ ମଲ୍ଲିକ, ମର୍ଦ୍ଦଳ ଗୁରୁ ସଚିଦାନନ୍ଦ ଦାସ, ନୃତ୍ୟଶାଳାର ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ଘୋଷାଲ ପ୍ରମୁଖ ଯୋଗଦେଇ ଉଦ୍ଘାଟନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠିତ ନୃତ୍ୟଗୁରୁ ପଦ୍ମଶ୍ରୀ ମାଧଭି ମଦ୍ଗୁଲଙ୍କୁ 'ମାର୍ଗି ଜୀବନ ବ୍ୟାପୀ ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିବା ବେଳେ ଆଲୋକ ସମ୍ପାଦନ ଦେବୀପ୍ରସାଦ ମିଶ୍ର କରିଥିଲେ।

## ଲୁଗା ଦୋକାନ ଅଗ୍ନିକାଣ୍ଡ ଘଟଣାରେ ଗୁରୁତର କର୍ମଚାରୀଙ୍କ ମୃତ୍ୟୁ ପରେ ପୁଲିସର ତନାଘନା

**ଭୁବନେଶ୍ୱର (ପିପିଏସ୍):** କଳ୍ପନା ଛକସ୍ଥିତ ତାରିଣୀ ବସ୍ତ୍ରାଳୟ ଅଗ୍ନିକାଣ୍ଡ ଘଟଣାରେ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ପୁରୀ ଜିଲ୍ଲା ଭାରତୀ ପାଟଣାର ରାକେଶ କୁମାର ସାହୁ (୨୭)। ଆଜି ଲକ୍ଷ୍ମୀସାଗର ଥାନା ପୁଲିସ ମୃତଦେହ ବ୍ୟବଚ୍ଛେଦ କରିଛି। ସେପଟେ ଅଗ୍ନିକାଣ୍ଡ ପରେ ସାଙ୍ଘାତିକ କଥା ପଦାକୁ ଆସିଛି। ଗୋଦାମର ଅଗ୍ନି ନିର୍ବାପକ ବ୍ୟବସ୍ଥା ନଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗତକାଲି ରାତିରେ ବୁଦ୍ଧ ନଗର ସ୍ଥିତ ତାରିଣୀ ବସ୍ତ୍ରାଳୟର ଗୋଦାମରେ ହଠାତ୍ ନିଆଁ ଲାଗି ଯାଇଥିଲା। କ୍ଷଣିକ ମଧ୍ୟରେ ଦ୍ୱିତୀୟ ମହଲାର ନିଆଁ ତୃତୀୟ ମହଲାକୁ ବ୍ୟାପି ଯାଇଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ଧୂଆଁ ଓ ନିଆଁ ମୟ ହୋଇ ଯାଇଥିଲା। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲା। ଗୋଟିଏ ପରେ ଗୋଟିଏ ହୋଇ ୬ଟି ଦମକଳ ଗାଡ଼ି ଓ ୪୦ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସେହି ସମୟରେ ଉପସ୍ଥିତ ଥିବା ଗୋଦାମ କର୍ମଚାରୀ ରାକେଶ



ମଧ୍ୟ ଅଗ୍ନିଶମ ବାହିନୀ ସହିତ ଭିତରକୁ ପଳାଇଥିଲେ। ନିଆଁର ପ୍ରଖର ଗତିରେ ପୁରା ଘର ଧୂଆଁ ମୟ ହୋଇ ଯାଇଥିଲା। ଫଳରେ ରାକେଶ ଅଣନିଃଶ୍ୱାସୀ ହୋଇ ଯାଇଥିଲେ। ତାଙ୍କୁ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗତକାଲି ରାତିରୁ ରାକେଶଙ୍କର ଚିକିତ୍ସା ଜାରି ରହିଥିଲା। ହେଲେ ଆଜି ସକାଳୁ ଡାକ୍ତର ତାଙ୍କୁ ମୃତ ଘୋଷଣା। ବାପା ବିଶ୍ୱନାଥ ସାହୁଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସେପଟେ ଗୋଦାମରେ ନିଆଁ ଲାଗିବା ପରେ ପ୍ରକୃତ କଥା ପଦାକୁ ଆସିଛି। ଗୋଦାମରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନଥିବା ପ୍ରାଥମିକ ଅନୁସନ୍ଧାନରୁ ସ୍ପଷ୍ଟ ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏଇ ମାସକ ପୂର୍ବରୁ ଗୋଦାମକୁ ନୋଟିସ କରାଯାଇଥିଲା। ଖୋଦ୍ ଡେପୁଟି ଫାୟାର ଅଫିସର ଗୋଦାମ ମାଲିକଙ୍କୁ ନୋଟିସ କରି ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବା ସହିତ ଆବଶ୍ୟକୀୟ ଯନ୍ତ୍ରାଂଶ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ଗୋଦାମ କର୍ତ୍ତୃପକ୍ଷ ଚେତି ନଥିଲେ କି ଅଗ୍ନିଶମ ବିଭାଗର କଥାକୁ ଖାତିର କରିନଥିଲେ। ଫଳରେ ବୁଧବାର ବଡ଼ ଧରଣର ଅଗ୍ନିକାଣ୍ଡ ଘଟିବା ସହିତ ଜଣେ କର୍ମଚାରୀ ପ୍ରାଣ ହରାଇଲେ। ତେବେ ଖୁବଶୀଘ୍ର ଅଗ୍ନିଶମ ବିଭାଗ ପକ୍ଷରୁ ଏକ ଟିମ୍ ଗୋଦାମକୁ ଯାଇ ତଦନ୍ତ କରିବ। ତଦନ୍ତ ପରେ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଜଣାପଡ଼ିଛି। ଆବଶ୍ୟକ ପଡ଼ିଲେ ଗୋଦାମ ସିଲ୍ କରାଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ସିପେଟ୍ ହଷ୍ଟେଲ୍‌ରେ ଖାଦ୍ୟ ଖାଇ ବହୁ ଛାତ୍ର ଅସୁସ୍ଥ

ଭୁବନେଶ୍ୱର, ୨୬।୬(ସମିସ): ରାଜଧାନୀରେ ପୁଣି ଝାଡାବାନ୍ତି ଆତଙ୍କ। କଳିଙ୍ଗ ବିହାର ଟ୍ରାଇଡେଣ୍ଟ ଗ୍ୟାଲେକ୍ସି ଆପାର୍ଟମେଣ୍ଟରେ ଝାଡ଼ାବାନ୍ତି ମାଡିବା ପରେ ଏବେ ମଞ୍ଚେଶ୍ୱର ଅଞ୍ଚଳରେ ଝାଡ଼ାବାନ୍ତି ଆତଙ୍କ ଦେଖାଦେଇଛି। ଏଠାରେ କିଛି ଲୋକ ଝାଡ଼ାବାନ୍ତିର ଶିକାର ହୋଇଛନ୍ତି। ଅସୁସ୍ଥ ମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମଞ୍ଚେଶ୍ୱର ସ୍ଥିତ ସିପେଟ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଏକ ମେସ୍‌ରେ ଛାତ୍ରମାନେ ଅଚାନକ ଅସୁସ୍ଥ ହୋଇଗଲେ। ହଷ୍ଟେଲର ଅଧିକାଂଶ ଛାତ୍ରଙ୍କ ପେଟ ଖରାପ ହେବା ସହ ଝାଡାବାନ୍ତି ହୋଇଥିଲା। ଏହାପରେ କ୍ୟାମ୍ପସରେ ଆତଙ୍କ ଖେଳିଯାଇଥିଲା। କର୍ତ୍ତୃପକ୍ଷ ଏନେଇ ସହରାଞ୍ଚଳ ପ୍ରଶାସନକୁ ଜଣାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ଏବଂ ବିଏମ୍‌ସି ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ।

ମେସ୍‌ର ଖାଦ୍ୟ ଏବଂ ପାଣିର ନମୁନା ସଂଗ୍ରହ କରାଯାଇଥିଲା। ପରୀକ୍ଷା ପରେ ଜଣାପଡ଼ିଥିଲା ହଷ୍ଟେଲରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ସଂକ୍ରମିତ ହୋଇଯାଇଛି। ଫଳରେ ବହୁ ସଂଖ୍ୟାରେ ଛାତ୍ର ଅସୁସ୍ଥ ହୋଇଥିଲେ। ଏସମ୍ପର୍କରେ ବିଏମ୍‌ସିର ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି ଅନୁଷ୍ଠାନର ମାତ୍ର ଗୋଟିଏ ହଷ୍ଟେଲରେ ଖାଦ୍ୟ ସଂକ୍ରମିତ ହୋଇଯାଇଥିଲା। ଏହାକୁ ଖାଇ ପିଲାଙ୍କ ପେଟ ଖରାପ ହେବା ସହ ସେମାନେ ଗୋଟିଏ ଦିନ ଝାଡା ହୋଇଥିଲା। ତେବେ ସଂକ୍ରମଣ ହଷ୍ଟେଲ ବାହାରକୁ ଯାଇ ନଥିଲ। ବିଏମ୍‌ସି ପକ୍ଷରୁ ଏହାପରେ ବିଭିନ୍ନ ହୋଟେଲକୁ ଯାଞ୍ଚ କରାଯାଇଥିଲା।

## ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ରକ୍ତଦାନ

ଭୁବନେଶ୍ୱର, ୨୬।୬(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୬ତମ ଜନ୍ମଦିନ ଅବସରରେ ବିଜେପି ଯୁବ ନେତା ରାଣା ପ୍ରତାପ ପାତ୍ରଙ୍କ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶତାଧିକ ସଂଖ୍ୟାରେ ସ୍ୱେଚ୍ଛାସେବୀ ଏହି ଶିବିରରେ ସାମିଲ ହୋଇ ରକ୍ତଦାନ କରିଥିଲେ। ଏଥିସହ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଶ୍ରୀ ପାତ୍ର କହିଛନ୍ତି, ସ୍ୱେଚ୍ଛାକୃତ ଭାବେ ଆମେ ରକ୍ତଦାନ ଶିବିର, ଫଳ ବଣ୍ଟନ ଓ ବୃକ୍ଷରୋପଣ ଆଦି ସାମାଜିକ କାର୍ଯ୍ୟକ୍ରମ କରୁଛୁ। ଶ୍ରୀ ପ୍ରଧାନ ନିଜର ବିଚକ୍ଷଣ ରାଜନୈତିକ ଚିନ୍ତାଧାରା ପାଇଁ ସାରା ଭାରତରେ ଯୁବକମାନଙ୍କର ପ୍ରେରଣାର ଉତ୍ସ ସାଜିଛନ୍ତି। ଓଡ଼ିଶା ସମେତ ସାରା ଭାରତର ବିକାଶ କରିବାରେ ତାଙ୍କର ଯୋଗଦାନ ପ୍ରତ୍ୟେକ ଯୁବପିଢ଼ିଙ୍କୁ ଆକର୍ଷିତ କରୁଛି।

## ୩ ଆନ୍ତଃରାଜ୍ୟ ଡକାୟତ ଗିରଫ, ବନ୍ଧୁକ ଓ ଗୁଳି ଜବତ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀର ୩ ଆନ୍ତଃରାଜ୍ୟ ଡକାୟତଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ପଣ୍ଡାକୁଦିଆ ବସ୍ତି ଅଞ୍ଚଳରୁ ୩ ଆନ୍ତଃରାଜ୍ୟ ଡକାୟତଙ୍କୁ କାବୁ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଭିତରଗଡ଼ର ଦୀପ୍ତିରଞ୍ଜନ ଜେନା ଓରଫ୍ ଦିପୁ (୨୦), ପଶ୍ଚିମବେଡ଼ାର ପ୍ରବୀର କୁମାର ସାଇଁ ଓରଫ୍ ସିପୁ (୨୮) ଓ ନିଆଳି ଥାନା କପସି ଗାଁର ଆଶିଷ ରଞ୍ଜନ ଦାସ (୨୨)। ସେମାନଙ୍କ ଠାରୁ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି। ତେବେ ଦୁଇ ଅପରାଧୀ ଧର୍ମେନ୍ଦ୍ର ରାଉତ ଓରଫ୍ ବିକ୍ରମ ଓ ହରି ଓରଫ୍ ହରେକୃଷ୍ଣ ସାଇଁ ପୁଲିସକୁ ଚକମା ଦେଇ ଫେରାର ହୋଇଯାଇଛନ୍ତି। ପୁଲିସ ସୂଚନା ମୁତାବକ,



ବୁଧବାର ଅପରାହ୍ଣରେ ଦିପୁ, ସିପୁ, ଆଶିଷ, ବିକ୍ରମ ଓ ହରି ଏକ ବୋଲେରୋରେ ମାରଣାସ୍ତ୍ର ଧରି ଭରତପୁର ଥାନା ଅଞ୍ଚଳରେ ବୁଲୁଥିଲେ। ପରବର୍ତ୍ତୀ ସମୟରେ ସେମାନେ ପଣ୍ଡାକୁଦିଆ ବସ୍ତି ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ନେଇ ପୁଲିସ ଖବର ପାଇଥିଲା। ଭରତପୁର ଥାନାର ଏକ ସତନ୍ତ୍ର ଟିମ୍ ହଠାତ୍ ଭୂଦାନ ଅଞ୍ଚଳରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଡକାୟତମାନେ ଖସିଯିବାକୁ ଉଦ୍ୟମ କରିଥିଲେ। ପୁଲିସ ଟିମ୍ କୌଶଳ କ୍ରମେ ଦିପୁ, ସିପୁ, ଆଶିଷକୁ କାବୁ କରିଥିବାବେଳେ ବିକ୍ରମ ଓ ହରି ଖସିଯିବାରେ ସଫଳ ହୋଇଥିଲେ। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ଦୁଇଟି ବନ୍ଧୁକ, ୭.୬୫ ଏମ୍ଏମର ୬ଟି ଜୀବନ୍ତ ଗୁଳି, ଖଣ୍ଡା, ଭୁଜାଲି, କଟୁରି, ଲୁଟ୍ ସୁନା ଚେନ, ୧୮ ହଜାର ଟଙ୍କା, ଗୋଟିଏ ବୋଲେରୋ ଓ ୪ଟି ମୋବାଇଲ ଫୋନ ଜବତ କରିଥିଲା। ସେମାନଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲା। ଅଭିଯୁକ୍ତମାନେ ଘାଟିକିଆ ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପରୁ ଡକାୟତି କରିବାକୁ ଯୋଜନା କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ୨୦୨୧ ମସିହା ଅକ୍ଟୋବର ମାସରେ ଭରତପୁରର ରମାକାନ୍ତ ଦାଶ ଓ ଦିପୁ ଗୋଷ୍ଠୀ ମଧ୍ୟରେ ଦୁର୍ଘଟଣାକୁ ନେଇ ବଚସା ହୋଇଥିଲା। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ଦିପୁ ଓ ସହଯୋଗୀମାନେ ଆସି ଫାୟାରିଂ କରିବା ସହିତ ରମାକାନ୍ତଙ୍କୁ ଆକ୍ରମଣ କରିଥିଲେ। ତେବେ ଇଏ ଗୋଟିଏ ଘଟଣା ନୁହଁ, ପୂର୍ବରୁ ଦିପୁ ନାମରେ ୪ଟି ଓ ସିପୁ ନାମରେ ଗୋଟିଏ ମାମଲା ରହିଛି। ସେହିପରି ଫେରାର ଥିବା ହରି ନାମରେ ରାଜ୍ୟର ବିଭିନ୍ନ ଥାନାରେ ଏପର୍ଯ୍ୟନ୍ତ ମୋଟ ୨୧ଟି ଓ ବିକ୍ରମ ନାଁରେ ୩ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

# ଚୀନ୍‌କୁ ଚେତାବନୀ ଦେଲା ଭାରତ

ବେଜିଂ: ସାଂଘାଇ ସହଯୋଗ ସଂଗଠନ-ଏସ୍‌ସିଓ ବୈଠକ ସମୟରେ, ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କ୍ୱିଂଡାଓରେ ଚାଇନାର ପ୍ରତିରକ୍ଷା ମନ୍ତ୍ରୀ ଡଙ୍ଗ ଜୁନଙ୍କୁ ଭେଟିଥିଲେ। ଏହି ବୈଠକରେ ରାଜନାଥ ସିଂହ ଚୀନକୁ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ ଯେ ଉଭୟ ଦେଶ କୌଣସି ନୂତନ ଉତ୍ତେଜନାକୁ ଏଡାଇବା ଉଚିତ ଏବଂ ସୀମାରେ ଶାନ୍ତି ବଜାୟ ରଖିବା ଆବଶ୍ୟକ।

ବୈଠକ ସମୟରେ, କୈଳାସ ମାନସରୋବର ଯାତ୍ରା ସମ୍ପର୍କରେ ମଧ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ଯାତ୍ରା ଗତ ଛଅ ବର୍ଷ ଧରି ସ୍ଥଗିତ ଥିଲା। ରାଜନାଥ ସିଂହ ତାଙ୍କ ପୋଷ୍ଟରେ କହିଛନ୍ତି, ଏବେ ଏହି ଯାତ୍ରା ପୁଣି ଥରେ ଆରମ୍ଭ ହେବାକୁ ଯାଉଛି। ସୂଚନାଯୋଗ୍ୟ ଯେ, କୋଭିଡ-୧୯ ମହାମାରୀ ଯୋଗୁ ଏହି ଯାତ୍ରା ପ୍ରଥମେ ୨୦୨୦ ରେ ବନ୍ଦ କରାଯାଇଥିଲା, କିନ୍ତୁ ତା'ପରେ ଲଦାଖର ଗାଲୱାନ ଉପତ୍ୟକାରେ ଭାରତ-ଚାଇନା ସାମରିକ ମୁହାଁମୁହିଁ ଯୋଗୁ ଯାତ୍ରା ପୁନଃଆରମ୍ଭ ହୋଇପାରି ନ ଥିଲା। ରାଜନାଥଙ୍କ ଏହି ବାର୍ତ୍ତା ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତ ଏବଂ ଚାଇନା ମଧ୍ୟରେ ସୀମା ବିବାଦ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସମାଧାନ ହୋଇନାହିଁ। ତାଙ୍କ ସାକ୍ଷାତକୁ ଦୁଇ ଦେଶ ମଧ୍ୟରେ ଆଲୋଚନା ଏବଂ ଶାନ୍ତି ପୁନରୁଦ୍ଧାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ବିବେଚନା କରାଯାଉଛି। ରାଜନାଥ ତାଙ୍କ ଚାଇନା ପ୍ରତିପକ୍ଷଙ୍କୁ ବିହାରର ଏକ ମଧୁବଣୀ ଚିତ୍ର ମଧ ପ୍ରଦାନ କରିଥିଲେ। ଏହି ପାରମ୍ପରିକ କଳା ଶୈଳୀ, ଯାହାକୁ ମିଥିଳା ଚିତ୍ରକଳା ମଧ କୁହାଯାଏ, ବିହାରର ମିଥିଳା ଅଞ୍ଚଳ ସହିତ ଜଡିତ। ଏହି କଳାର ବିଶେଷତ୍ୱ ହେଉଛି ସୂକ୍ଷ୍ମ ଚିତ୍ର, ଉଜ୍ଜ୍ୱଳ ରଙ୍ଗ, ସୁନ୍ଦର ଢାଞ୍ଚା ଏବଂ ଆଦିବାସୀ ବ୍ୟକ୍ତିତ୍ୱ। ମଧୁବଣୀ ଚିତ୍ରକଳା ଏହାର ସ୍ପନ୍ଦନଶୀଳ ମାଟିର ରଙ୍ଗ ଏବଂ ସ୍ୱତନ୍ତ୍ର ଡିଜାଇନ ପାଇଁ ପ୍ରସିଦ୍ଧ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଚାଇନା କ୍ୱିଂଡାଓ ସହରରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେବାକୁ ଆସିଛନ୍ତି। ସେ ଝଉଡଂ ଦ୍ୱାରା ପ୍ରସ୍ତୁତ ଘୋଷଣାପତ୍ରରେ ସ୍ୱାକ୍ଷର କରିବାକୁ ମନା କରିଦେଇଥିଲେ। ସୂତ୍ର ଅନୁସାରେ, ଡକ୍ୟୁମେଣ୍ଟରେ ଆତଙ୍କବାଦ ଭଳି ଏକ ଗମ୍ଭୀର ପ୍ରସଙ୍ଗକୁ ଦୁର୍ବଳ ଦର୍ଶାଯାଇଥିଲା, ଯାହା ଭାରତର କଠୋର ମନୋଭାବକୁ କ୍ଷତି ପହଞ୍ଚାଇପାରେ। ସେଥିପାଇଁ ରାଜନାଥ ସିଂହ



ସେହି ଦଲିଲରେ ସ୍ୱାକ୍ଷର କରି ନ ଥିଲେ। ବୈଠକ ସମୟରେ ତାଙ୍କ ଭାଷଣରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନର ନାଁ ନ ନେଇ କଟାକ୍ଷ କରିଥିଲେ। ସେ କହିଛନ୍ତି,ଯ ଯେଉଁ ଦେଶ ଆତଙ୍କବାଦକୁ ପ୍ରୋତ୍ସାହିତ କରନ୍ତି ଏବଂ ଏହାକୁ ନିଜ ଲୋଭୀ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରନ୍ତି ସେମାନଙ୍କୁ ଗମ୍ଭୀର ପରିଣାମ ଭୋଗିବାକୁ ପଡିବ। କିଛି ଦେଶ ସୀମାପାର ଆତଙ୍କବାଦକୁ ନୀତିଗତ ଅସ୍ତ୍ର ଭାବରେ ବ୍ୟବହାର କରନ୍ତି ଏବଂ ଆତଙ୍କବାଦୀଙ୍କୁ ଆଶ୍ରୟ ଦିଅନ୍ତି। ରାଜନାଥ ସିଂହ ଗୁରୁତ୍ୱାରୋପ କରିଥିଲେ ଯେ ଏପରି ଦ୍ୱୈତ ମାନଦଣ୍ଡ ଆଉ ଜାରି ରହିପାରିବ ନାହିଁ ଏବଂ ଝଉଡଂ ଏପରି ଦେଶଗୁଡ଼ିକୁ ସମାଲୋଚନା କରିବାକୁ ପଛଘୁଞ୍ଚା ଦେବା ଉଚିତ୍ ନୁହେଁ।

# ରଥଟଣା ବେଳେ ଅଘଟଣ, ଅନେକେ ଆହତ

ଅହମଦାବାଦ: ଅହମ୍ମଦାବାଦରେ ରଥଯାତ୍ରା ସମୟରେ ହାତୀ ନିୟନ୍ତ୍ରଣ ହରାଇ ବସିଥିଲା। ଡିଜେର ପ୍ରଚଣ୍ଡ ଶବ୍ଦରେ ଅନିୟନ୍ତ୍ରିତ ହାତୀଟି ଏପଟ ସେପଟ ଦୌଡ଼ିବାକୁ ଲାଗିଥିଲା ଏବଂ ଆଖପାଖ ଲୋକଙ୍କ ମଧ୍ୟରେ ଦଳାଚକଟା ସୃଷ୍ଟି ହୋଇଥିଲା। ବହୁ ଚେଷ୍ଟା ପରେ ଶେଷରେ ମାହୁନ୍ତମାନେ ହାତୀଟିକୁ ନିୟନ୍ତ୍ରଣକୁ ଆଣିଥିଲେ। ସୂଚନାଯୋଗ୍ୟ, ଅହମଦାବାଦ ଜଗନ୍ନାଥଙ୍କ ଏହି ରଥଯାତ୍ରାରେ ହଜାର ହଜାର ଭକ୍ତ ଏକାଠି ହୁଅନ୍ତି। ଏହି ସମୟରେ, ତିନୋଟି ହାତୀ ନିୟନ୍ତ୍ରଣ ବାହାରକୁ ଯିବାରୁ, ଭିଡ଼ରେ ଉପସ୍ଥିତ ଲୋକମାନେ ମଧ ଦୌଡ଼ିବାକୁ ଲାଗିଥିଲେ। ହାତୀକୁ ଦେଖି ସେଠାରେ ଥିବା ଲୋକ ଭୟଭୀତ ହୋଇଯାଇଥିଲେ। ଅହମଦାବାଦ ରଥଯାତ୍ରା ରାସ୍ତାରେ ଖଡିଆ ଭିସ୍ତାର ପଡ଼ିଥାଏ, ଯେଉଁଠାରୁ ହାତୀ ନିୟନ୍ତ୍ରଣ ବାହାରକୁ ଯିବାର ଭିଡିଓ ଭାଇରାଲ ହୋଇଥିଲା। ଡିଜେର ଜୋର ଶବ୍ଦରେ ଗୋଟିଏ ହାତୀ ରାଗିଯାଇ ଦୌଡ଼ିବାକୁ ଲାଗିଲା। ସେହି ହାତୀକୁ ଦେଖି ଅନ୍ୟ ଦୁଇଟି ହାତୀ ମଧ ନିୟନ୍ତ୍ରଣ ବାହାରକୁ ଚାଲିଗଲେ। କୁହାଯାଉଛି ଯେ ଯାତ୍ରା ସମୟରେ ୫-୬ଟି ହାତୀ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲେ।



ଏଥିମଧ୍ୟରୁ ତିନୋଟି ହାତୀ ଖାଡିଆର ରାସ୍ତାରେ ଦୌଡ଼ିବାକୁ ଲାଗିଲେ। ଏହି ଦଳାଚକଟାରେ ତିନିରୁ ଚାରି ଜଣ ଆହତ ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ଜଣେ ଗଣମାଧ୍ୟମ ପ୍ରତିନିଧି। ତଥାପି, ସୌଭାଗ୍ୟବଶତଃ କାହାକୁ ଗୁରୁତର ଆଘାତ ଲାଗିନାହିଁ। ଏହି ଲୋକମାନେ ହାତୀ ପାଖରେ ଠିଆ ହୋଇଥିଲେ ଏବଂ ଦଳାଚକଟାରେ ପଡ଼ିଯାଇଥିଲେ। ଭଲ ଖବର ହେଉଛି ଯେ ହାତୀ ସେମାନଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଲୋକମାନେ ସେମାନଙ୍କୁ ରକ୍ଷା କରିଥିଲେ।

ଜଗନ୍ନାଥ ଯାତ୍ରାରେ, ଗଜରାଜ ଆଗରେ ଚାଲିଯାଆନ୍ତି। ତାଙ୍କ ସହିତ ମାହୁନ୍ତ ଏବଂ ବନ ବିଭାଗ ଦଳ ମଧ ଥାଆନ୍ତି। ହାତୀମାନେ ଅଶାନ୍ତ ହେବା ଆରମ୍ଭ କରିବା ମାତ୍ରେ, ବନ ବିଭାଗ ଦଳ ତୁରନ୍ତ ସକ୍ରିୟ ହୋଇପଡ଼େ। ଦଳ ପାଖରେ ଟ୍ରାଙ୍କୁଲାଇଜ ? ସହିତ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ମଧ ଅଛି। ସେମାନେ ତୁରନ୍ତ ହାତୀକୁ ନିୟନ୍ତ୍ରଣ କରିଥିଲେ। ଏହି କାରଣରୁ, ରଥଯାତ୍ରାକୁ ୧୫ ମିନିଟ ପାଇଁ ବନ୍ଦ କରାଯାଇଥିଲା। ଘଟଣାସ୍ଥଳକୁ ୧୦୮ ଆମ୍ବୁଲାନ୍ସ ଡକାଯାଇଥିଲା ଏବଂ ଆହତମାନଙ୍କୁ ଡାକ୍ତରଖାନା ପଠାଯାଇଥିଲା।

# ଭାରତ ସହିତ ବଡ଼ ବାଣିଜ୍ୟ ଚୁକ୍ତିର ଇଙ୍ଗିତ ଦେଲେ ଟ୍ରମ୍ପ



ନୂଆଦିଲ୍ଲୀ, ୨୭।୬: ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସହିତ ଏକ "ବହୁତ ବଡ଼" ଏବଂ "ମହାନ" ବାଣିଜ୍ୟ ଚୁକ୍ତି ସମ୍ପାଦନର ଇଙ୍ଗିତ ଦେଇଛନ୍ତି। ଏକ ସାମ୍ପ୍ରତିକ ବୟାନରେ ଟ୍ରମ୍ପ କହିଛନ୍ତି ଯେ, ଚାଇନା ସହିତ ସମ୍ପ୍ରତି ସ୍ୱାକ୍ଷରିତ ବାଣିଜ୍ୟ ଚୁକ୍ତି ପରେ ଭାରତ ସହିତ ମଧ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଚୁକ୍ତି କରାଯିବ। ଏହି ବୟାନ ଭାରତ-ଆମେରିକା ମଧ୍ୟରେ ଅର୍ଥନୈତିକ ସମ୍ପର୍କକୁ ଆହୁରି ମଜବୁତ କରିବାର ସଙ୍କେତ ଦେଉଛି। ଟ୍ରମ୍ପଙ୍କ ଏହି ଘୋଷଣା ଏକ ଏପରି ସମୟରେ ଆସିଛି ଯେତେବେଳେ ଆମେରିକା ଏବଂ ଭାରତ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ରହିଛି।

ଆମେରିକା ହେଉଛି ଭାରତର ସବୁଠାରୁ ବଡ଼ ବାଣିଜ୍ୟ ଅଂଶୀଦାରମାନଙ୍କ ମଧ୍ୟରୁ ଅନ୍ୟତମ, ଏବଂ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ପରିମାଣ ବିଗତ ବର୍ଷଗୁଡ଼ିକରେ ନିରନ୍ତର ବୃଦ୍ଧି ପାଇଛି।

ଏବେ ଟ୍ରମ୍ପଙ୍କ ନୂଆ ବୟାନ ଏକ ସକାରାତ୍ମକ ପରିବର୍ତ୍ତନର ସଙ୍କେତ ଦେଉଛି। ସେ କହିଛନ୍ତି, "ଆମେ ଚାଇନା ସହିତ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛୁ, ଏବଂ ଏବେ ଆମେ ଭାରତ ସହିତ ଏକ ବହୁତ ବଡ଼ ଚୁକ୍ତି କରିବାକୁ ଯାଉଛୁ।" ଏହି ଚୁକ୍ତିର ଲକ୍ଷ୍ୟ ହେଉଛି ଆମେରିକାର ବାଣିଜ୍ୟ କ୍ଷତି କମାଇବା ଏବଂ ଉଭୟ ଦେଶ ମଧ୍ୟରେ ଅଧିକ ନ୍ୟାୟପୂର୍ଣ୍ଣ ବାଣିଜ୍ୟ ନୀତି ପ୍ରତିଷ୍ଠା କରିବା।

# ପାଣିମିଶା ଡିଜେଲ ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ କନଭୟର ୧୯ଟି ଗାଡ଼ି ଅଚଳ

ନୂଆଦିଲ୍ଲୀ: ଅପମିଶ୍ରିତ ଡିଜେଲ ଯୋଗୁ ମଧ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ କନଭୟର ୧୯ଟି ଗାଡ଼ି ଅଚଳ ହୋଇଯିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।



ରତଲାମରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କର ଏକ କାର୍ଯ୍ୟକ୍ରମ ଥିଲା। ଏହି ୧୯ଟି ଗାଡ଼ି ଏଠାରେ ମୁଖ୍ୟମନ୍ତ୍ରୀଙ୍କ କନଭୟରେ ସାମିଲ ହେବାକୁ ଆସିଥିଲେ। ଗତକାଲି ବିଳମ୍ବିତ ରାତିରେ ସେମାନେ ଇନ୍ଦୋରରୁ ଆସି ରତଲାମରେ ପହଞ୍ଚିବା ପରେ ତେଲ ଭର୍ତ୍ତି କରିବା ପାଇଁ ଏକ ପେଟ୍ରୋଲ ପମ୍ପରେ ଅଟକି ଥିଲେ। ସେଠାରେ ସବୁ ଗାଡ଼ିଗୁଡ଼ିକରେ ଡିଜେଲ ପୂରା ଯାଇଥିଲା। ତେବେ ତା'ପରେ ଗାଡ଼ିଗୁଡ଼ିକ ଅଚଳ ହୋଇଯାଇଥିଲା। କିଛି ଗାଡ଼ି ସେଠାରୁ ଯାଇ ରାସ୍ତା ଉପରେ ପହଞ୍ଚିବା ପରେ ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଆଉ କିଛି ଗାଡ଼ି ସେହି ପେଟ୍ରୋଲ ପମ୍ପରେ ହିଁ ଅଚଳ ହୋଇଯାଇଥିଲେ। ସେଗୁଡ଼ିକୁ ସେଠାରୁ ଠେଲି ବାହାର କରାଯାଇଥିଲା। ଡିଜେଲରେ ପାଣି ମିଶାଯାଇଥିବାରୁ ଏଭଳି ଘଟିଥିବା ଜଣାପଡ଼ିଛି। ଏହି ଘଟଣା ପରେ ଉକ୍ତ ପେଟ୍ରୋଲ ପମ୍ପକୁ ସିଲ୍ କରି ଦେଇଛି ପ୍ରଶାସନ। ମୁଖ୍ୟମନ୍ତ୍ରୀଙ୍କ କନଭୟର ଜଣେ ଡ୍ରାଇଭର ଶୁଭମ ପରମାର କହିଛନ୍ତି, ଆମେ ଇନ୍ଦୋରରୁ ଆସିଥିଲୁ। ଏଠାରେ ଏକ ପେଟ୍ରୋଲ ପମ୍ପରେ ଡିଜେଲ ପକାଇଥିଲୁ। ଡିଜେଲ ପକାଇବା ପରେ ପ୍ରଥମ କେତୋଟି ଗାଡ଼ି ସେଠାରୁ ଚାଲି ଯାଇଥିଲେ। କିନ୍ତୁ ରାସ୍ତା ଉପରକୁ ଆସିବା ପରେ ସେଗୁଡ଼ିକର ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଅନ୍ୟଗାଡ଼ିଗୁଡ଼ିକ ପେଟ୍ରୋଲ ପମ୍ପରେ ହିଁ ଅଚଳ ହୋଇଗଲେ। ଡିଜେଲ ପକାଇବା ପରେ ଆଉ ଷ୍ଟାର୍ଟ ହେଲା ନାହିଁ। ଆମେ ଯେତେବେଳେ ତେଲକୁ ଯାଞ୍ଚ କଲୁ ସେଥିରେ ପାଣି ମିଶିଥିବା ଜାଣିବାକୁ ପାଇଲୁ।

# ବୋହୂକୁ ବଳାତ୍କାର କରି ଗାତରେ ପୋତିଦେଲା ଶ୍ୱଶୁର

ଚଣ୍ଡିଗଡ:ଉତ୍ତରପ୍ରଦେଶର ଜଣେ ୨୪ ବର୍ଷୀୟା ମହିଳାଙ୍କ ହତ୍ୟା ଘଟଣାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି । ଏପ୍ରିଲ ମାସରେ ଉକ୍ତ ମହିଳାଙ୍କ ସହ ଏସବୁ ଘଟଣା ଘଟିଥିଲେ ମଧ ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ ତାଙ୍କ ଶ୍ୱଶୁର ଘର ଲୋକେ ସେ ନିଖୋଜ ଥିବା କହିଥିଲେ । ସୂଚନାଯୋଗ୍ୟ, ଫିରୋଜାବାଦ ଜିଲାର ସିକୋହାବାଦର ଉକ୍ତ ମହିଳା ୨୦୨୩ ଜୁଲାଇ ମାସରେ ଫରିଦାବାଦରେ ବିବାହ କରିଥିଲେ । ବିବାହର ଦୁଇ ବର୍ଷ



ପର୍ଯ୍ୟନ୍ତ ତାଙ୍କୁ ଯୌତୁକ ପାଇଁ ନିର୍ଯ୍ୟାତନା ଦିଆଯାଉଥିଲା ବୋଲି ତଦନ୍ତରୁ ଜଣା ପଡିଛି । ଜୁନ ୨୧ରେ ଘର ବାହାରେ ୧୦ ଫୁଟ ଗଭୀର ଗର୍ତ୍ତ ଭିତରୁ ତାଙ୍କ ମୃତଦେହ ମିଳିବା ପରେ ସବୁ ଘଟଣା ଜଣାପଡ଼ିଛି। ସୂଚନାଯୋଗ୍ୟ, ପଚରାଉଚରା ବେଳେ ଅଭିଯୁକ୍ତ ଶ୍ୱଶୁର ତାଙ୍କ ଦୋଷ ସ୍ୱୀକାର କରିଛନ୍ତି । ପୋଲିସ ତିନି ଦିନିଆ ରିମାଣ୍ଡରେ ତାଙ୍କୁ ନେଇଛି । ପୋଲିସ କହିଛି ଯେ, ଏପ୍ରିଲ ୧୪ରେ ମହିଳାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରାଯାଇଥିଲା। ଯୋଜନାସ୍ୱ ରୂପ, ମହିଳାଙ୍କ ଶାଶୁଙ୍କୁ ଉତ୍ତରପ୍ରଦେଶର ଏକ ବିବାହ ଉତ୍ସବରେ ଯୋଗ ଦେବା ପାଇଁ ପଠା ଯାଇଥିଲା । ଉକ୍ତ ମହିଳାଙ୍କୁ ମଧ ନିଦ ବଟିକା ଦିଆ ଯାଇଥିଲା । ସେମାନେ ଭିନ୍ନ ଭିନ୍ନ କୋଠରୀରେ ଶୋଇଥିଲେ । ଶ୍ୱଶୁର ବୋହୂ ଶୋଇଥିବା ରୁମକୁ ହତ୍ୟା କରିବାକୁ ଯାଇଥିଲେ। ହେଲେ ତା ପୂର୍ବରୁ ସେ ତାଙ୍କ ଅଚେତ ଅବସ୍ଥାରେ ଥିବା ବୋହୂଙ୍କୁ ବଳାତ୍କାର କରିଥିଲେ । ମାତ୍ର ଏପର୍ଯ୍ୟନ୍ତ ସେ ଏହି ଘଟଣା ତାଙ୍କ ସ୍ତ୍ରୀ କିମ୍ବା ପୁଅଙ୍କୁ ଜଣାଇ ନଥିଲେ । ହତ୍ୟାକାଣ୍ଡ ଘଟାଇବା ପରେ ସେ ତାଙ୍କ ପୁଅକୁ ଛାତ ଉପରକୁ ଡାକି ମହିଳାଙ୍କ ମୃତଦେହକୁ ଏକ ଜରିରେ ଗୁଡାଇ ରାସ୍ତାରେ ପୂର୍ବରୁ ଖୋଳା ଯାଇଥିବା ଗର୍ତ୍ତରେ ଫିଙ୍ଗିଥିଲେ । ମୃତଦେହ ଫିଙ୍ଗି ତା ଉପରେ ସ୍ଲାବ ପକାଇ ଦେଇଥିଲେ ।

# ଆଇଏସ୍‌ଆଇକୁ ତଥ୍ୟ ଦେଇ ନୌସେନା କିରାଣି ଗିରଫ

ଜୟପୁର: ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ ?ଆଇର ଜଣେ ଏଜେଣ୍ଟଙ୍କୁ ଟଙ୍କା ବଦଳରେ ଅପରେଶନ ସିନ୍ଦୂର ସମେତ ପ୍ରତିରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ବିବରଣୀ ଦେଇଥିବା ଭାରତୀୟ ନୌସେନାର ଜଣେ କିରାଣିଙ୍କୁ ବୁଧବାର ଜୟପୁରରୁ ଗିରଫ କରାଯାଇଛି। ବିଶାଳ ଯାଦବ ନାମକ ଏହି କିରାଣି ନୌସେନାର ନୂଆଦିଲ୍ଲୀସ୍ଥିତ ମୁଖ୍ୟାଳୟରେ ନିଯୁକ୍ତ ହୋଇଥିଲେ। ରାଜସ୍ଥାନ ପୋଲିସର ଗୋଇନ୍ଦା ବିଭାଗ ଦୀର୍ଘ ମାସ ଧରି ତାଙ୍କ ଉପରେ ନଜର ରଖିବା ପରେ ଗିରଫ କରିଥିବା ଗୁରୁବାର ପୋଲିସ ଆଇଜି ବିଷ୍ଣୁକାନ୍ତ ଗୁପ୍ତା କହିଛନ୍ତି। ଯାଦବଙ୍କ ଘର ହରିୟାଣାର ରେୱାରିରେ। ଭାରତୀୟ ମହିଳା ପରିଚୟ ଦେଉଥିବା ପାକିସ୍ତାନୀ ମହିଳା ହ୍ୟାଣ୍ଡଲରଙ୍କୁ ସେ ପ୍ରତିରକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଥିଲେ। ଏଥିପାଇଁ ସେ ମୋଟ ୨ ଲକ୍ଷ ଟଙ୍କା ଗ୍ରହଣ କରିଥିବା ସ୍ୱୀକାର କରିଛନ୍ତି। ଅପରେଶନ ସିନ୍ଦୂର ତଥ୍ୟ ଦେବା ପାଇଁ ସେ ୫୦,୦୦୦ ଟଙ୍କା ପାଇଥିଲେ ବୋଲି କହିଛନ୍ତି।

# ଗ୍ୟାଙ୍ଗଷ୍ଟର୍‌ର ମା' ଓ ସହଯୋଗୀଙ୍କୁ ଗୁଳିକରି ହତ୍ୟା

ନୂଆଦିଲ୍ଲୀ: ବିଚ୍ ରାସ୍ତାରେ ହୋଇଛି ଗୁଳିମାଡ଼। କାରରେ ବସିଥିବା ଜଣେ ମହିଳା ଓ ତାଙ୍କ ସହଯୋଗୀଙ୍କୁ ଦୁଇ ଜଣ ବ୍ୟକ୍ତି ବାଇକରେ ଆସି ଗୁଳି କରିଛନ୍ତି। ଗୁଳି ମାଡ଼ ଯୋଗୁ ଘଟଣା ସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ହୋଇଛି। ପଞ୍ଜାବର ବାଟଲାର ବିଚ୍ ରାସ୍ତାରେ ଏପରି ଘଟଣା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ପ୍ରାଣ ହରାଇଥିବା ମହିଳା ଜଣଙ୍କ ହେଲେ କୁଖ୍ୟାତ ଗ୍ୟାଙ୍ଗଷ୍ଟର ଜଗୁ ଭଗବାନପୁରିଆର ମା'। ଜଗୁ ଏବେ ଜେଲରେ ରହିଛି। କିନ୍ତୁ ଏବେ ତା'ର ମା'ଙ୍କୁ ହତ୍ୟା କରାଯାଇଛି। ପୁଲିସ୍ ? କହିଛି ଯେ ଜଗୁର ମା' ହରଜିତ କୌର ଗୁରୁବାର ରାତି ୯.୩୦ରେ ଗୁଳି ମାଡ଼ କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଓ ତାଙ୍କ ସହ ଥିବା ବ୍ୟକ୍ତିଙ୍କୁ ଅମୃତସର ହସ୍ପିଟାଲକୁ ସ୍ଥାନନ୍ତର କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଛି। ବାଟଲାର ଡିଏସ୍ ?ପି ପରମବୀର ସିଂହ କହିଛନ୍ତି, ପୂରା ଘଟଣା ସିଭିଲ ଲାଇନ୍ସ ଅଞ୍ଚଳରେ ଥିବା କ୍ୱାଡିଆନ ରୋଡରେ ଘଟିଛି।

# ଢାକାରେ ଦୁର୍ଗାମାତା ମନ୍ଦିର ଭଙ୍ଗାରୁଜା

ନୂଆଦିଲ୍ଲୀ: ବାଂଲାଦେଶର ରାଜଧାନୀ ଢାକାରେ ଥିବା ଏକ ଦୁର୍ଗା ମାତା ମନ୍ଦିରରେ ଭଙ୍ଗାରୁଜାର ଏକ ଘଟଣା ସାମ୍ନାକୁ ଆସିଛି। ଭାରତ ଏହି ମାମଲାରେ କଡ଼ା ଆପତ୍ତି କରିଛି। ବୈଦେଶିକ ମନ୍ତ୍ରଣାଳୟ ମନ୍ଦିର ଭଙ୍ଗାରୁଜାକୁ ସମାଲୋଚନା କରିଛି ଏବଂ ଏଥିପାଇଁ ବାଂଲାଦେଶ ସରକାରଙ୍କୁ ଦାୟୀ କରିଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ହିନ୍ଦୁ ଏବଂ ଧାର୍ମିକ ପ୍ରତିଷ୍ଠାନଗୁଡ଼ିକୁ ସୁରକ୍ଷା ଦେବା ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଦାୟିତ୍ୱ। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଏହା ମଧ କହିଛନ୍ତି, ଭାରତ ପାରସ୍ପରିକ ଲାଭଦାୟକ ଆଲୋଚନା ପାଇଁ ଅନୁକୂଳ ପରିବେଶରେ 'ସମସ୍ତ ପ୍ରସଙ୍ଗରେ' ବାଂଲାଦେଶ ସହିତ ଆଲୋଚନା କରିବାକୁ ପ୍ରସ୍ତୁତ। ମନ୍ଦିର ଭଙ୍ଗାରୁଜା ପାଇଁ ଜୟସ୍ୱାଲ ବାଂଲାଦେଶୀ କର୍ତ୍ତୃପକ୍ଷଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଆମେ ଜାଣିଛୁ ଯେ ଉଗ୍ରବାଦୀମାନେ ଢାକାର ଖିଲଖେତରେ ଦୁର୍ଗା ମନ୍ଦିର ଭଙ୍ଗାରୁଜା କରିବାକୁ ଦାବି କରୁଥିଲେ। ସେ କହିଛନ୍ତି, ମନ୍ଦିରକୁ ସୁରକ୍ଷା ଦେବା ପରିବର୍ତ୍ତେ, ମଧ୍ୟବର୍ତ୍ତୀକାଳୀନ ସରକାର ଏହି ଘଟଣାର ଦିଗ ବଦଳାଇ ଦେଇଛନ୍ତି। ମନ୍ଦିରକୁ ଅବୈଧ ଜମିରେ ନିର୍ମିତ ବୋଲି ବର୍ଣ୍ଣନା କରିଛନ୍ତି। ସେମାନେ ଆଜି ମନ୍ଦିର ଭାଙ୍ଗିବାକୁ ଅନୁମତି ଦେଇଛନ୍ତି।

## ପୁଣି ଯୁଦ୍ଧ ପାଇଁ ପ୍ରସ୍ତୁତି ଚାଲିଛି !

# ଆତଙ୍କବାଦୀ ତାଲିମ କେନ୍ଦ୍ରଗୁଡ଼ିକୁ ଆଉଥରେ ନିର୍ମାଣ କରୁଛି ପାକିସ୍ତାନ

ନୂଆଦିଲ୍ଲୀ: ପହଲଗାମ ଆକ୍ରମଣ ପରେ ପରାଜୟର ସାମ୍ନା କରିବା ପରେ ମଧ ପାକିସ୍ତାନ ତାର ଅଭ୍ୟାସ ଛାଡି ପାରୁନାହିଁ। ପାକିସ୍ତାନ ପୁଣି ଥରେ ଭାରତ ବିରୋଧରେ ଏକ ବଡ଼ ଷଡ଼ଯନ୍ତ୍ର ରଚୁଛି। ରିପୋର୍ଟରୁ ସୂଚନା ମିଳିଛି ଯେ ପାକିସ୍ତାନରେ ଅପରେଶନ ସିନ୍ଦୁର ଅଧୀନରେ ଧ୍ୱଂସ ହୋଇଥିବା ଆତଙ୍କବାଦୀ ଲଞ୍ଚିଂ ପ୍ୟାଡ ଏବଂ ତାଲିମ କେନ୍ଦ୍ରଗୁଡ଼ିକୁ ଏବେ ପୁନଃନିର୍ମାଣ କରାଯାଉଛି। ଏହି କାର୍ଯ୍ୟକଳାପ ବିଶେଷକରି ପାକ୍ ଅଧିକୃତ କଶ୍ମୀରର ଘନ ଜଙ୍ଗଲ ଏବଂ ଦୁର୍ଗମ ଅଞ୍ଚଳରେ ଦେଖାଯାଉଛି। ରିପୋର୍ଟ ଅନୁଯାୟୀ, ପାକିସ୍ତାନର ଗୁଇନ୍ଦା ସଂସ୍ଥା ଓଝଓ, ପାକିସ୍ତାନୀ ସେନା ଏବଂ ସରକାର ଏହି ଆତଙ୍କବାଦୀ କାର୍ଯ୍ୟକଳାପକୁ ସିଧାସଳଖ ସମର୍ଥନ କରୁଛନ୍ତି। ବାହାବଲପୁରରେ ଏକ ସମ୍ପ୍ରତି ଏକ ଉଚ୍ଚସ୍ତରୀୟ ବୈଠକରେ, ଏହି ଶିବିରଗୁଡ଼ିକୁ ପୁନଃସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜୈଶ-ଏ-ମହମ୍ମଦ, ଲସ୍କର-ଏ-ତୈବା, ହିଜବୁଲ ମୁଜାହିଦ୍ଦିନ ଏବଂ ଝଜର ଭଳି ଆତଙ୍କବାଦୀ ସଂଗଠନର ଶୀର୍ଷ କମାଣ୍ଡର ଏବଂ ପାକିସ୍ତାନ ସେନା ଏବଂ ଓଝଓର ବରିଷ୍ଠ ଅଧିକାରୀମାନେ ମଧ ଏହି ବୈଠକରେ ଉପସ୍ଥିତ ଥିଲେ।

ଗୁଇନ୍ଦା ସଂସ୍ଥାଗୁଡ଼ିକ ଅନୁସାରେ, ଏଥର ଆତଙ୍କବାଦୀ ଶିବିରଗୁଡ଼ିକୁ ଉଚ୍ଚମାନର ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ କରାଯାଉଛି ଯାହା ଦ୍ୱାରା ଭାରତର ପର୍ଯ୍ୟବେକ୍ଷଣ ସଂସ୍ଥାଗୁଡ଼ିକ ସେମାନଙ୍କ ପାଖରେ ପହଞ୍ଚିବା କଷ୍ଟକର ହୋଇପଡେ। ଏହି ଶିବିରଗୁଡ଼ିକର ସୁରକ୍ଷା ଦାୟିତ୍ୱ ପାକିସ୍ତାନୀ ସେନାର ସ୍ୱତନ୍ତ୍ର ସୁରକ୍ଷା ଗାର୍ଡମାନଙ୍କୁ ଦିଆଯାଇଛି, ଯେଉଁମାନେ ଡ୍ରୋନ, ଥର୍ମାଲ ସେନ୍ସର, ନାଇଟ ଭିଜନ କ୍ୟାମେରା ଭଳି ଆଧୁନିକ ବୈଷୟିକ ଉପକରଣ ସାହାଯ୍ୟରେ ଏହି ଅଞ୍ଚଳଗୁଡ଼ିକ ଉପରେ ନଜର ରଖିବେ।



ରିପୋର୍ଟରେ କୁହାଯାଇଛି ଯେ ଏଥର ଆତଙ୍କବାଦୀ ସଂଗଠନଗୁଡ଼ିକ ସେମାନଙ୍କର ରଣନୀତି ପରିବର୍ତ୍ତନ କରିଛନ୍ତି। ଏବେ ଗୋଟିଏ ଶିବିରରେ ୨୦୦ ରୁ ଅଧିକ ଆତଙ୍କବାଦୀଙ୍କୁ ରଖାଯିବ ନାହିଁ। ଏହା ବଦଳରେ, ଅନେକ ଛୋଟ ଶିବିର ନିର୍ମାଣ କରାଯାଉଛି, ଯାହା ଫଳରେ ଭାରତୀୟ ଏଜେନ୍ସିଗୁଡ଼ିକ ପାଇଁ ସେମାନଙ୍କୁ ଟ୍ରାକ କରିବା କଷ୍ଟକର ହୋଇପଡ଼େ। ତାଲିମ ସମାପ୍ତ ହେବା ମାତ୍ରେ, ଆତଙ୍କବାଦୀମାନଙ୍କୁ ତୁରନ୍ତ ସୀମା ଆଡକୁ ପଠାଯିବ। ଏହି ଇନପୁଟ ପରେ, ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ଏଲଓସି (ନିୟନ୍ତ୍ରଣ ରେଖା) ନିକଟରେ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ଆହୁରି ତୀବ୍ର କରିଛି। ସେନା ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ଏକ ହାଇ ଆଲର୍ଟ ଜାରି କରିଛନ୍ତି ଏବଂ ସାଟେଲାଇଟ ଚିତ୍ର ଏବଂ ଗୁପ୍ତଚର ମାଧ୍ୟମରେ ପିଓକେରେ ପୁନଃସ୍ଥାପିତ ହେଉଥିବା ଏହି ଘାଟିଗୁଡ଼ିକର ନଜର ବୃଦ୍ଧି କରାଯାଇଛି। ସୂତ୍ରରୁ ପ୍ରକାଶ ଯେ କିଛି ଦିନ ପୂର୍ବରୁ ବାହାବଲପୁରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଜୈଶ-ଏ-ମହମ୍ମଦ ସହିତ ଜଡିତ ୨୦୦ ରୁ ଅଧିକ ଆତଙ୍କବାଦୀ ଏବଂ ସେମାନଙ୍କର କମାଣ୍ଡର ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ ଏହି ବୈଠକରେ ଲସ୍କର-ଏ-ତୈବାର ଅନେକ ଆତଙ୍କବାଦୀ ଏବଂ କମାଣ୍ଡର ମଧ ଉପସ୍ଥିତ ଥିଲେ। ଏହି ବୈଠକରେ ଓଝଓ ସହିତ ଜଡିତ ଅନେକ ଅଧିକାରୀ ମଧ ଉପସ୍ଥିତ ଥିଲେ। ବୈଠକରେ ଲଞ୍ଚିଂ ପ୍ୟାଡ ପୁନରୁଦ୍ଧାର ସହିତ, ନୂତନ ଲଞ୍ଚିଂ ପ୍ୟାଡ ଏବଂ ପାଣ୍ଠି ପ୍ରଦାନ ଉପରେ ମଧ ଆଲୋଚନା କରାଯାଇଥିଲା। ସୂତ୍ର ଅନୁଯାୟୀ, ପାକିସ୍ତାନ ସରକାର ଏବଂ ସେନା ଏହି ଯୋଜନାକୁ ପୂର୍ଣ୍ଣ ସମର୍ଥନ କରୁଛନ୍ତି, ଯେଉଁଥିରେ ଆର୍ଥିକ ସହାୟତା ମଧ ଅନ୍ତର୍ଭୁକ୍ତ। ବିଶ୍ୱ ବ୍ୟାଙ୍କ ଏବଂ ଏସୀୟ ବିକାଶ ବ୍ୟାଙ୍କରୁ ପାକିସ୍ତାନକୁ ମିଳୁଥିବା ବିପୁଳ ପରିମାଣର ଏକ ବଡ଼ ଅଂଶ ଏହି ଷଡ଼ଯନ୍ତ୍ର ପାଇଁ ବ୍ୟବହାର କରାଯାଇପାରିବ। ଗୁଇନ୍ଦା ସଂସ୍ଥାଗୁଡ଼ିକ ଜାଣିପାରିଛନ୍ତି ଯେ ସରକାରଙ୍କ ନିର୍ଦ୍ଦେଶରେ, ମର୍କଜ ପୁନରୁଦ୍ଧାର ନାମରେ ଆତଙ୍କବାଦୀ ଶିବିରଗୁଡ଼ିକୁ ବିପୁଳ ପାଣ୍ଠି ମିଳୁଛି। ଭାରତୀୟ ସୁରକ୍ଷା ସଂସ୍ଥାଗୁଡ଼ିକ ଅପରେସନ ସିନ୍ଦୂର ଅଧୀନରେ ପାକିସ୍ତାନର ଅନେକ ଆତଙ୍କବାଦୀ ଲଞ୍ଚ ପ୍ୟାଡ ନଷ୍ଟ କରିଥିଲେ, ଯେଉଁଥିରେ ଲୁନି, ପୁଟୱାଲ, ଭୈରୋନାଥ, ପିପି ଧନଧର, ଟିପୁ, ମୁମତାଜ କମ୍ପ୍ଲେକ୍ସ, ଜମିଲ, ସୈଧୱାଲି, ଉମରାନୱାଲି ବଙ୍କର, ଛୋଟା ଚକ ପୋଷ୍ଟ, ଅଫଜଲ ସହିଦ ପୋଷ୍ଟ ଏବଂ ଜଙ୍ଗଲୋରା ପୋଷ୍ଟ ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ଏବେ ଏହି ସମସ୍ତ ସ୍ଥାନରେ ସେମାନଙ୍କୁ ନୂତନ ଉପାୟରେ ପ୍ରସ୍ତୁତ କରିବାର କସରତ ଆରମ୍ଭ ହୋଇଛି। ଗୋଇନ୍ଦା ସୂତ୍ରରୁ ଜଣାପଡିଛି ଯେ ପିଓକେର ଜଙ୍ଗଲ ଏବଂ ଦୁର୍ଗମ ଅଞ୍ଚଳରେ ନୂତନ ଲଞ୍ଚିଂ ପ୍ୟାଡ ନିର୍ମାଣ କରାଯାଉଛି, ଯାହା ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ଦ୍ୱାରା ତଦାରଖ କରାଯାଇ ପାରିବ ନାହିଁ। ସୂତ୍ର ଅନୁଯାୟୀ, କେଲ, ଚମନକୋଟ ଏବଂ ଜାନକୋଟ ଭଳି ଅଞ୍ଚଳରେ ପୂର୍ବରୁ ଥିବା ଲଞ୍ଚିଂ ପ୍ୟାଡ ବ୍ୟତୀତ, ଏହି ଅଞ୍ଚଳରେ ନୂତନ ଲଞ୍ଚିଂ ପ୍ୟାଡ ନିର୍ମାଣ ପାଇଁ ଯୋଜନା ଚାଲିଛି।

# ଆନ୍ଧ୍ରରେ ଓଡ଼ିଆ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ !

## ଛାତରୁ ଖସି ପୀଡ଼ିତା ଗୁରୁତର

ବ୍ରହ୍ମପୁର: ଗଞ୍ଜାମ ଜିଲ୍ଲାରେ ଏବେ ଗୋଟିଏ ପରେ ଗୋଟିଏ ବଳାତ୍କାର ମାମଲା ବଢ଼ିବାରେ ଲାଗିଛି । ଗୋପାଳପୁର ଗଣବଳାହାର ପରେ ନାବାଳିକାଙ୍କୁ ମାଗଣା ପାଠ ପଢ଼ାଇବା ପ୍ରଲୋଭନ ଦେଖାଇ ବଳାତ୍କାର ଏବଂ ଜଣେ ପୁଲିସ କନେଷ୍ଟବଳ ଯୁବତୀଙ୍କୁ ବଳାହାର କରିବା ଅଭିଯୋଗ। ଏବେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁରରେ ଜଣେ ଓଡ଼ିଆ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ବେଳେ ସେ ଛାତରୁ ଖସି ଗୁରୁତର ହୋଇଛନ୍ତି । ତାଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ଅଣ୍ଟାରେ ଗଭୀର ଆଘାତ ଲାଗିଛି। ଆନ୍ଧ୍ରପ୍ରଦେଶରେ ପୀଡ଼ିତା ଅସୁରକ୍ଷିତ ମନେ କରିବାରୁ ପରିବାର ଲୋକ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପୀଡ଼ିତା ବାରମ୍ବାର ବୟାନ ବଦଳାଉଥିବାରୁ ଡାକ୍ତର ତାଙ୍କର ଡାକ୍ତରୀମାଇନା କରିଥିବା ଜଣାପଡିଛି। ପ୍ରଥମେ ସେ ବଳାତ୍କାର ହୋଇଥିବା ଅଭିଯୋଗ କରିଥିଲେ। ପରେ ବଳାତ୍କାର ଉଦ୍ୟମ ହୋଇଥିବା କହୁଛନ୍ତି । ପୀଡ଼ିତାଙ୍କ ମାନସିକ ସ୍ଥିତି ଠିକ୍ ନଥିବାରୁ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ କାଉନ୍ ?ସେଲିଂ କରିବା ସହ ଡାକ୍ତରୀମାଇନା କରିଥିବା ଜଣାପଡିଛି । ଡାକ୍ତର ଗାଙ୍ଗପୁର ପୁଲିସକୁ ଏ ନେଇ ସୂଚନା ଦେଇଥିବା ପ୍ରକାଶ କରିଛନ୍ତି। ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଡାକ୍ତର ଅଧିକ ତଥ୍ୟ ଦେଇନାହାନ୍ତି।

ପୀଡ଼ିତାଙ୍କ ପରିବାର ଲୋକଙ୍କ ଅଭିଯୋଗ ପ୍ରକାରେ ସେମାନେ ଗୁଣ୍ଟୁରରେ ଭଡ଼ା ଘରେ ରହୁଥିଲେ। ଭଉଣୀ, ଦୁଇ ଭାଇ ଓ ମାଆ ସେଠାରେ ଏକ ଖଇନି କମ୍ପାନିରେ କାମ କରୁଥିଲେ। ଗତ ସୋମ ?ବାର ସମସ୍ତେ କାମକୁ ଯାଇଥିଲେ ଏବଂ ଭଉଣୀ ଏକୁଟିଆ ଘରେ ଥିଲେ। ଜଣେ ପରିଚିତ ଲୋକ ଘରକୁ ଆସି ତାଙ୍କୁ ବଳାତ୍କାର ଉଦ୍ୟମ କରୁଥିଲେ। ସେ ନିଜକୁ ବଞ୍ଚାଇବାକୁ ଉଦ୍ୟମ କରୁଥିବା ବେଳେ ଛାତରୁ ଖସି ପଡିଥିଲେ। ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗିଯାଇଛି ଏବଂ ଅଣ୍ଟାରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରିଥିଲେ ଡାକ୍ତର। ପୀଡ଼ିତା ଓ ପରିବାର ଲୋକଙ୍କ କଥା ସେଠାରେ କେହି ବୁଝିପାରୁ ନଥିଲେ ଏବଂ ତାଙ୍କ କଥା ବି ଡାକ୍ତର ଓ ପୁଲିସ ବୁଝିପାରୁ ନଥିଲେ। ସେହି ଜାଗାରେ ଅଭିଯୁକ୍ତମାନେ ଘେରି ରହିଥ ?ିବାରୁ ଭୟରେ ସେମାନେ ପୀଡ଼ିତାଙ୍କୁ ନେଇ ବ୍ରହ୍ମପୁର ଆସିଥିଲେ। ଗୁରୁବାର ରାତିରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ସେମାନେ ପହଞ୍ଚିଥିଲେ । କାଜୁଆଲ୍‌ଟିରେ ପୀଡ଼ିତାଙ୍କ ଭର୍ତ୍ତି କରିବା ପରେ ଡାକ୍ତର ସମସ୍ତ ଘଟଣା ପଚାରିଥିଲେ। ବଳାହାର କରିବାରୁ ସେ ଆତ୍ମହତ୍ୟା ଉଦ୍ୟମ କରିଛତି ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ସେ ବୟାନ ପରିବର୍ତ୍ତନ କରି ବଳାତ୍କାର ଉଦ୍ୟମ ସମୟରେ ସେ ଛାତରୁ ତଳକୁ ଖସିପଡିଥିବା କହିଥିଲେ। ପୁଲିସ ଘଟଣାର ତଦନ୍ତ କଲେ ସତ୍ୟତା ପଦାକୁ ଆସିବ।

# ମେଡିକାଲ କଲେଜ ପ୍ରତିଷ୍ଠା ଦାବି: ୨୩ ଜୁଲାଇ କେନ୍ଦ୍ରାପଡ଼ା ବନ୍ଦ




କେନ୍ଦ୍ରାପଡା,(ପିପିଏସ): ଦିନପରେ ଦିନ, ମାସପରେ ମାସ,ବର୍ଷ ପରେ ବର୍ଷ ବିତି ଚାଲିଛି। ପ୍ରତିଶୃତିର ଅଭାବ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମାନଙ୍କ ଘନଘନ କେନ୍ଦ୍ରାପଡା ଜିଲ୍ଲା ଗସ୍ତ ଚାଲିଛି।କିନ୍ତୁ କେନ୍ଦ୍ରାପଡାରେ ବିକାଶର ନାଁ ଧରୁନି। ଦୀର୍ଘ ବର୍ଷ ହେବ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଚାଲିଛି। ଡବଲ ଇଞ୍ଜିନ ସରକାରର ମନ୍ତ୍ରୀମାନେ କହୁଛନ୍ତି ଜିଲ୍ଲାରେ ମେଡିକାଲ କଲେଜ ନିଶ୍ଚୟ ହେବ। କିନ୍ତୁ କ୍ଷୋଭର ବିଷୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଘୋଷଣା କରିଛନ୍ତି ରାଜ୍ୟରେ ନଅଟି ମେଡିକାଲ କଲେଜ ହେବ । ନାମ ବି ଘୋଷଣା କରିଛନ୍ତି। ସେଥିରେ କେନ୍ଦ୍ରାପଡାର ନାଁ ନାହିଁ। ଡବଲ ଇଞ୍ଜିନ ସରକାର କେନ୍ଦ୍ରାପଡା ଜିଲ୍ଲା ବାସୀଙ୍କୁ ଭଣ୍ଡାଉଛନ୍ତି। ଏହା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକରେ ମତପ୍ରକାଶ ପାଇଛି। ବୁଧବାର ଦିନ ସ୍ଥାନୀୟ ରିଡିଙ୍ଗ ରୁମରେ ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତି ମୋହନ ସରକାରଙ୍କ ଏପରି ବୈମାତୃକ ମନୋଭାବ ବିରୁଦ୍ଧରେ ଓ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଦଳ ମତ ସମସ୍ତଙ୍କୁ ନେଇ ଆସନ୍ତା ଜୁଲାଇ ୨୩ ତାରିଖରେ ୧୨ଘଣ୍ଟିଆ କେନ୍ଦ୍ରାପଡା ଜିଲ୍ଲା ବନ୍ଦ ପାଇଁ ଘୋଷଣା କରାଯାଇଛି। ଏହାକୁ ସଫଳ କରିବା ପାଇଁ ସମସ୍ତ ବ୍ଲକରେ ପ୍ରସ୍ତୁତି ବୈଠକ କରିବା ସହିତ ଆସନ୍ତା ଜୁଲାଇ ୧୧ ତାରିଖ ଦିନ କେନ୍ଦ୍ରାପଡା ସହରରେ ଏକ ଗଣ କନଭେନସନ ଅନୁଷ୍ଠିତ ହେବ। ବୁଧବାର ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଆବାହକ ମଣ୍ଡଳୀ ସଦସ୍ୟ ଗୟାଧର ଧଳ, ମୁକ୍ତାର ଖାଁ, ଆଦିକନ୍ଦ ରାଉଳ, ଭାଗିରଥି ଜେନା, ବୈଷ୍ଣବ ସ୍ୱାଇଁ, ସୁରେଶ ଚନ୍ଦ୍ର ପଟ୍ଟନାୟକ,ଗୋଲକ ଚନ୍ଦ୍ର ମହାଭୋଇ, କୁଞ୍ଜବିହାରୀ ଦାସ, ଡ଼ଃ ଚୈତନ୍ୟ ଚରଣ ପରିଡା, ଧୀରେନ୍ଦ୍ର କୁମାର ବେହେରା, ପ୍ରମୋଦ କୁମାର ରାଉତ, ଶେଖ ହିଫସାର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲ୍ଲାବାସୀ ମିଳିତ କ୍ରିୟାନୁଷ୍ଠାନ କମିଟିର ଏହି ବନ୍ଦ ଡାକରାକୁ ସଫଳ କରିବା ପାଇଁ ବୈଠକରେ ନିବେଦନ କରାଯାଇଛି।

# ତାଳଚେର ରଥଯାତ୍ରାରେ ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ଼



ତାଳଚେର (ପିପିଏସ୍): ଯଥା ରିତିନିତି ,ପୂଜା ବିଧି , ମାଇଲମ୍ ,ଶୃଙ୍ଗାର , ଭୋଗଲାଗି ହୋଇ ମନ୍ଦିର ମଧ୍ୟରୁ ପହଣ୍ଡି ବିଜେ କରିଥିଲେ ଦାରୁବ୍ରହ୍ମ କାଳିଆ ଠାକୁର , ବଳଭଦ୍ର, ଭଗ୍ନୀ ସୁଭଦ୍ରା , ଛେରା ପହଁରା ପରେ ସୁସଜ୍ଜିତ ରଥରେ ବିରାଜମାନ ହୋଇ ତାକୁଆ ଡାକ ଦିଅନ୍ତେ ରଥ ଚକ ଗଡ଼ିଲା ବଡ଼ଦାଣ୍ଡରେ, ହଜାର ହଜାର ଭକ୍ତଙ୍କ ହରିବୋଲ ,ହୁଳହୁଳି , ଘଣ୍ଟ ମୃଦଙ୍ଗ ,ଶଙ୍ଖ ଧ୍ୱନି ମଧ୍ୟରେ ପରିବେଶ ଆଧ୍ୟାତ୍ମିକ ଭାବରେ ବିହୋଳିତ ହୋଇ ଉଠିଥିଲା ବଡ଼ଦାଣ୍ଡ। ଜୟ ଜଗନ୍ନାଥ ନାମ ଭକ୍ତଙ୍କ ତୁଣ୍ଡରେ ଝୁରି ପଡୁଥିଲା। ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ପ୍ରଥମ ଥର ସାଂସଦ ହେବାପରେ ତାଳଚେର ରଥ ଟାଣିବା ସୌଭାଗ୍ୟ ଲାଭ କରିଥିଲେ , ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ରଥ ଦର୍ଶନ କରିଥିଲେ, ପୌର ନଗର ପାଳ ପବିତ୍ର ଭୂତିଆ ରଥ ନିର୍ମାଣ ଦିନରୁ ରଥ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟରେ ସାରିବା ଲକ୍ଷ ସାଧିତ କରିଥିଲେ , ରଥ କାର୍ଯ୍ୟେ ତଦାରଖ କରିବାରେ ,ପ୍ରଶାନ୍ତ ଦାସ ଓ ଦୀପକ ଥମ୍ୱ ସାହାଯ୍ୟ କରିବା ସହିତ ସମାଜ ସେବୀ ବାମଦେବ ଭୂତିଆ ଜଙ୍ଗଲରୁ କାଠ ଆଣିବା ତାଙ୍କୁ କଟେଇବା ନୂଆଁ ଚକ, ଆଖ ନିର୍ମାଣ ସଂଯୋଗ କରିବାରେ ବହୁ ଶ୍ରମ ଦାନ କରିଥିଲେ। ତାଳଚେର ଥାନା ଆଇଆଇସି ଦିଗ ବିଜୟ ବିଶ୍ୱାଳ ଶାନ୍ତି ଶୃଙ୍ଖଳା ରେ ରଥ ଟଣା ଆରମ୍ଭରୁ ଶେଷ ଯାଏ ପ୍ରବଳ ତଦାରଖ କରିଥିଲେ ,ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିବା ଯୁବକ ମାନଙ୍କୁ ସଂଯମତା ରକ୍ଷା ନିମିତ ତାଗିଦ୍ କରିଥିଲେ । ଉପ ଜିଲ୍ଲାପାଳ ସମୀର ଜେନା ,ଏସ ଡି ପି ଓ ଭରତ ଚନ୍ଦ୍ର ସାହୁ ରଥ ଟାଣିଥିଲେ। ବିଭିନ୍ନ ସଙ୍କୀର୍ତ୍ତନ ଦଳ , ଜେ ସି ଆଇ ସାମାଜିକ ଅନୁଷ୍ଠାନ ସହିତ ଅନେକ ବ୍ୟକ୍ତି ବିଶେଷ ଅର୍ନ, ଖିରି , ଦହି ସରବତ ବିତରଣ କରିଥିଲେ ସାଂସଦ ଶ୍ରୀଯୁକ୍ତ ପାଣି ଭୋଗ ବଣ୍ଟନ କରିଥିଲେ। ଆଜି ପବିତ୍ର ରଥ ଯାତ୍ରା ସମୟରେ ପାଣିପାଗ ଭଲ ଥିବାରୁ ଆଖପାଖ ଅଞ୍ଚଳ ଜନସାଧାରଣ ବହୁସଂଖ୍ୟାରେ ରଥଯାତ୍ରା ଦେଖିବା ପାଇଁ ବଡ଼ଦାଣ୍ଡକୁ ଆସିଥିଲେ । ତାଳଚେର ମଧ୍ୟରେ ହଣ୍ଡିଧୁଆ , ବଲ୍ଲକୋଟ ଠାରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା , ସାନରଥକୁ ମହିଳାମାନେ ଟାଣିଥିଲେ। କାଉନସିଲର ସ୍ୱାଧୀନ ଅମୃ, ସନ୍ତୋଷ ବେହେରା , ସାମ୍ବାଦିକ ରଶ୍ମି ରଞ୍ଜନ ମିଶ୍ର , ମନୋଜ କୁମାର ମହାପାତ୍ର ,ବିଜୟ ଦେବତା, ସମାଜ ସେବୀ ବିଭୁତି ସାହୁଙ୍କ ସହିତ ପ୍ରାୟ ୨୦ ହଜାର ଲୋକ ରଥ ଟାଣିଥିଲେ ,ସନ୍ଧ୍ୟାରେ ଭଜନ ଜଣାଣ କାର୍ଯ୍ୟକ୍ରମ ହୋଇଥଲା ଶାନ୍ତି ଶୃଙ୍ଖଳାରେ ଯାତ୍ରା ଶେଷ ହୋଇଥିଲ।

# ବିଭିନ୍ନ ସ୍ଥାନରେ ରଥଯାତ୍ରା



ଚାରିଛକ,(ପି ପିଏସ): ଆଜି ଥିଲା ପବିତ୍ର ରଥଯାତ୍ରା। ନିକଟସ୍ଥ ତୁଳସୀପୁର ବ୍ରାହ୍ମଣ ଶାସନ, ଓରପଟ, କୁଣ୍ଡପୁର, ଜାହାଙ୍ଗିରପୁର, ପୋତପୋଖରୀ, ନୟାହାଟ ପ୍ରଭୃତି ସ୍ଥାନ ରେ ରଥଯାତ୍ରା ଏକ ଭକ୍ତିମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ଶ୍ରୀ ଜଗନ୍ନାଥଙ୍କୁ ପହଣ୍ଡି କରି ରଥାରୂଢ଼ କରାଯିବା ପରେ ରଥଟଣା ଆରମ୍ଭ ହୋଇଥିଲା।ଠାକୁର ମାନେ ଭୋଗ ଖାଇ ଖାଇ ସଂଧ୍ୟାରେ ଗୁଣ୍ଡିଚା ମନ୍ଦିର ଠାରେ ପହଞ୍ଚିଥିଲେ। ରଥରୁ ଠାକୁର ମାନଙ୍କୁ ଓହ୍ଲାଇବା ପରେ ପହଣ୍ଡି କରି ଗୁଣ୍ଡିଚା ମନ୍ଦିରକୁ ନିଆ ଯାଇଥିଲା। ପ୍ରତ୍ୟେକ ସ୍ଥାନ ରେ ଭକ୍ତ ମାନଙ୍କ ଭିଡ଼ ଲାଗିଥିଲା। ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# 'ଦେଖ ଗୁଣ୍ଡିଚା ଯାତ'

## ଜଗନ୍ନାଥ ଭଜନ ଲୋକାର୍ପିତ


ନୟାଗଡ (ପିପିଏସ): ପଞ୍ଚମରାଗିଣୀ ୟୁଟ୍ୟୁବ ମନୋରଞ୍ଜନ ଚାନେଲ ପକ୍ଷରୁ ପବିତ୍ର ଘୋଷଯାତ୍ରା ଅବସରରେ ଦେଖ ଗୁଣ୍ଡିଚାଯାତ ଜଗନ୍ନାଥ ଭଜନ କୁନିକୁନି କଳାକାରମାନଙ୍କ ଦ୍ୱାରା ଅନୁଷ୍ଠିତ ରଥଯାତ୍ରାରେ ଶୁଭ୍ରାର ଲୋକାର୍ପିତ ହୋଇଯାଇଛି। ଗୀତଟିକୁ ଟେଡାର ଓ ଦୂରଦର୍ଶନ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ କଣ୍ଠଦାନ କରିଥିବା ବେଳେ ହିମାଂଶୁ ବିଧାର ରଚନା କରିଛନ୍ତି। ସେହିପରି ପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକ ଦୀପକ ପଟ୍ଟନାୟକ ଗୀତଟିର ସ୍ୱର ସଂଯୋଜନା କରିଥିବା ବେଳେ ଅଶୋକ କୁମାର ସାହୁ ସଙ୍ଗୀତ ପରିଚାଳନା କରିଛନ୍ତି। ଗୀତଟି ଅତି ଉଚ୍ଚ କୋଟିର ଓ ମନଛୁଆଁ ହୋଇଥିବା ଉପସ୍ଥିତ ଶ୍ରୋତାମାନେ କହିଛନ୍ତି। ଗୀତଟି ପ୍ରଶାନ୍ତ କୁମାର ଦାଶ ୟୁଟ୍ୟୁବ ଚାନେଲ ସହିତ ପଞ୍ଚମ ରାଗିଣୀ ଫେସବୁକ ପେଜରେ ଉପଲବ୍ଧ ହେବ ବୋଲି ମନୋରଞ୍ଜନ ସଂସ୍ଥା ପକ୍ଷରୁ କୁହାଯାଇଛି।

# ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କୁ ଚାରା, ବିଶୁଦ୍ଧ ଦହିପାଣି ଓ ମୃଦୁ ପାନୀୟ ବଣ୍ଟନ କଲେ ଗ୍ରୀନ ପାରାଦୀପ ଟ୍ରଷ୍ଟ ଓ କାର୍ଯ୍ୟରତ ସାମ୍ବାଦିକ



ପାରାଦୀପ (ପିପିଏସ୍): ପାରାଦୀପ ରେ ରଥଯାତ୍ରା ମହୋତ୍ସବ ଉତ୍ସାହ ଓ ଉଦ୍ଦୀପନା ସହ ଶୁକ୍ରବାର ଦିନ ପାଳିତ ହୋଇଯାଇଛି କ୍ଷ ଏହି ଅବସରରେ ଆଗନ୍ତୁକ ଭକ୍ତ ମାନଙ୍କ ତୃଷ୍ଣା ନିବାରଣ ପାଇଁ ମାଉସୀ ମା ମନ୍ଦିର ନିକଟସ୍ଥ ଜଳସେବା କେନ୍ଦ୍ରରେ ଗ୍ରୀନ ପାରାଦୀପ ଟ୍ରଷ୍ଟର ସଦସ୍ୟ ଓ ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ମାନେ ବିଶୁଦ୍ଧ ଥଣ୍ଡା ଦହି ପାଣି, ମୃଦୁ ପାନୀୟ ଓ ଓଆରଏସ ପାଉଚ ଦେବା ସହ ଚାରା ବଣ୍ଟନ କରିଥିଲେ। ଏହି କେନ୍ଦ୍ର କୁ ଅତିଥି ଭାବେ ଯୋଗଦେଇ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଉଦଘାଟନ କରିଥିଲେ। ଏହି ଅବସରରେ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଟ୍ରଷ୍ଟର ସଦସ୍ୟ ମାନଙ୍କ ସହିତ ଦହିପାଣି ଓ ଚାରା ବଣ୍ଟନ କରିଥିଲେ ଏବଂ ଏଥିରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରୀନ ପାରାଦୀପ ଟ୍ରଷ୍ଟର ସଭାପତି ରାକେଶ ପଟ୍ଟନାୟକ ପରିଚାଳନା କରିଥିବାବେଳେ ଟ୍ରଷ୍ଟର ସଂଯୋଜକ ସୁଧାଂଶୁ ନାୟକ, ଉପଦେଷ୍ଟା ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଶେଖର ଆଚାର୍ଯ୍ୟ, ରବିନ୍ଦ୍ର ଜେନା, ସଦସ୍ୟ ବିବେକାନନ୍ଦ ରାଉତ, ଆଲୋକ ମହାପାତ୍ର, ପ୍ରଶାନ୍ତ ସ୍ୱାଇଁ, ଦୀପକ ଦାସ, ସନ୍ତୋଷ ଭାରତୀ,ଅଜିତ ଦାସ,ପ୍ରଶାନ୍ତ ରାଉତ, ସୁମନ୍ତ ସ୍ୱାଇଁ, ସୁଦର୍ଶନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ତେବେ ହଇଜା ଓ ଡାୟିରିୟା ସଂକ୍ରମାଣ ସମୟରେ ସ୍ୱଚ୍ଛ ପାନୀୟ ଜଳ ଏବଂ ପରିବେଶ ସୁରକ୍ଷା ପାଇଁ ସଂଗଠନର ଚାରା ବଣ୍ଟନ ମହତ ଚିନ୍ତାଧାରାକୁ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଉଚ୍ଚ ପ୍ରଶଂସା କରିଥିଲେ।

# ସୁନ୍ଦରଗ୍ରାମରେ ରଥଯାତ୍ରା




କଣ୍ଟାପଡ଼ା(ପିପିଏସ): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମରେ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ନିକଟରୁ ଏହି ଯାତ୍ରା ଆରମ୍ଭ ହୋଇ ମାଉସୀ ମାଙ୍କ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ରଥରେ ପୂଜକ ପ୍ରଭାତ ପଣ୍ଡା, ଦେବରାଜ ପଣ୍ଡା, ଅକ୍ଷୟ ପଣ୍ଡା, ସତ୍ୟବ୍ରତ ପଣ୍ଡା, ଚନ୍ଦନ ପଣ୍ଡା ପ୍ରମୁଖ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପନ୍ନ କଲାପରେ ସୂର୍ଯ୍ୟନାରାୟଣ ଦାଶ ଛେରାପହଁରା କରିଥିଲେ। ଅପରାହ୍ଣରେ ଶ୍ରଦ୍ଧାଳୁମାନେ ରଥକୁ ଟାଣି ମଦନ ମୋହନ ମଠସ୍ଥିତ ମାଉସୀମା' ଘରେ ପହଞ୍ଚାଇଥିଲେ। ଅଗା ବାବା ରଥର ସାରଥି କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ସୀତାକାନ୍ତ ଦାଶ, କେଦାରନାଥ ମିଶ୍ର, ଶରତଚନ୍ଦ୍ର ଦାଶ, କୈଳାସପ୍ରସାଦ ଦାଶ, ଚନ୍ଦ୍ରଶେଖର ଦାଶ, ରବିନ୍ଦ୍ର ଦାଶ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଡଃ.ସୁନିଲ ଷଡ଼ଙ୍ଗୀ, ସୁଶାନ୍ତ ଦାଶ, ଦ୍ୱାରିକାନାଥ ଦାଶ, ମୀନାକ୍ଷୀ ବ୍ରହ୍ମା, ପ୍ରଭାତୀ ଦାଶ, ଆରତୀ ଆଚାର୍ଯ୍ୟ, ବିଭୁମୟ ମିଶ୍ର, ମୀନାକ୍ଷୀ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରଭୁଙ୍କ ଦର୍ଶନ କରିଥିଲେ। ରଶ୍ମିରଂଜନ ମହାନ୍ତି, ଅଶୋକ ପାତ୍ର, ସରୋଜିନୀ ଆଚାର୍ଯ୍ୟ, କୃଷ୍ଣପ୍ରସାଦ ମହାନ୍ତି, ମୃତ୍ୟୁୟ ମହାନ୍ତି, ଶିବପ୍ରସାଦ ଦାଶ, ସତ୍ୟବ୍ରତ ଦାଶ, ହରେକୃଷ୍ଣ ଦାସ, ପ୍ରାଣକୃଷ୍ଣ ବେହେରା, ରବିନାରାୟଣ ଦାଶ, ଅଭିଳାଷ ମହାନ୍ତି, କାଶୀନାଥ ବେହେରା, ସୌମ୍ୟରଂଜନ ସାମନ୍ତରାୟ, ସତ୍ୟନାରାୟଣ ମହାନ୍ତି, ଚନ୍ଦନ ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଓଲଟପୁର ଥାନା ପୁଲିସ ଓ ଅଡ଼ଶପୁର ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ଏହି କାର୍ଯ୍ୟ ଶାନ୍ତି ଶୃଙ୍ଖଳାରେ ଯେପରି ଶେଷ ହୋଇପାରିବ ସେଥି ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରିଥିଲେ।

# ଭାରତୀୟ ଷ୍ଟେଟ ବ୍ୟାଙ୍କରେ ରକ୍ତଦାନ ଶିବିର




କେନ୍ଦ୍ରାପଡା (ପିପିଏସ୍): ଭାରରତୀୟ ଷ୍ଟେଟ ବ୍ୟାଙ୍କ କେନ୍ଦ୍ରାପଡା ଶାଖା ତାର ୬୭ତମ ଜନ୍ମ ଉତ୍ସବ ପାଳନ କରୁଛି । ଏହି ଅବସରରେ ମୁଖ୍ୟଶାଖା ଷ୍ଟେଟ ବ୍ୟାଙ୍କ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ସମୁଦାୟ ୫୨ୟୁନିଟ୍ ସଂଗ୍ରହ କରାଯାଇଥିଲା। ବର୍ତ୍ତମାନ ଜିଲ୍ଲାମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ ଯେ ବର୍ତ୍ତମାନ ବ୍ଲଡବ୍ୟାଙ୍କର ରକ୍ତସଂଗ୍ରହ କମି ଯାଉଛି। ତେଣୁ ରକ୍ତଦାନ ନିହାତି ଦରକାର। ଏହି କାର୍ଯ୍ୟକ୍ରମ ଏସବିଆଇ ପକ୍ଷରୁ କରାଯାଇଥିବାରୁ ବହୁତ ପ୍ରଶଂସା କରିଥିଲେ। ଏହିପରି ଜିଲ୍ଲାରେ ସବୁଶାଖାରେ ହେଲେ ଭଲହେବ ବୋଲି ପରାମର୍ଶ ଦେଇଥିଲେ। କେନ୍ଦ୍ରାପଡା ଶାଖାର ମୁଖ୍ୟ ପରିଚାଳକ ବିଶ୍ୱଜିତ ରାଉତରାୟ ଓ ବ୍ୟାଙ୍କର ଉପଶାଖା ପରିଚାଳିକା ସୁପ୍ରିୟା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶ୍ରୀ ରାଉତରାୟ କହିଥିଲେ ଯେ ଜିଲ୍ଲାରେ ବ୍ଲଡ ବ୍ୟାଙ୍କର ରକ୍ତ ସଂଗ୍ରହ ସଂଖ୍ୟା କିମିଯାଇଥିବାରୁ ଆଜି ବ୍ୟାଙ୍କର ଜନ୍ମଦିନରେ ଏହି କାର୍ଯ୍ୟକ୍ରମ କରି ମୁଁ ବହୁତ ଆନନ୍ଦ ଅନୁଭବ କରୁଛି । ଏହି ରକ୍ତଦାନ ଶିବିର ସଫଳ କରିବାକୁ ତାଙ୍କ କର୍ମଚାରୀମାନଙ୍କୁ ଅନୁରୋଧ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କର କର୍ମଚାରୀ ଜଗନ୍ନାଥ ପଣ୍ଡା, ରାଜେଶ୍ୱର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଆଇଓସିଏଲ୍ ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ରଥଯାତ୍ରା ମହୋତ୍ସବ ସମାରୋହରେ ପାଳିତ



ପାରାଦୀପ (ପିପିଏସ୍): ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ଟାଉନସିପରେ ରଥଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ମା'ଙ୍କ ବାର୍ଷିକ ଆଗମନକୁ ଭକ୍ତମାନେ ଉତ୍ସାହ ଓ ଆନନ୍ଦ ସହିତ ପାଳନ କରିଥିଲେ । ବାତାବରଣଟି ଭଜନ, ପାରମ୍ପରିକ ବାଦ୍ୟ ଯନ୍ତ୍ର ଏବଂ ସୁଗନ୍ଧିତ ଫୁଲର ସାଜସଜ୍ଜାରେ ପରିପୂର୍ଣ୍ଣ ହୋଇ ଆଧ୍ୟାତ୍ମିକତା ଏବଂ ଆନନ୍ଦର ପରିବେଶ ସୃଷ୍ଟି କରିଥିଲା। ଉତ୍ସବ ଅତ୍ୟନ୍ତ ମନୋରମ ସହିତ ଆୟୋଜିତ କରାଯାଇଥିଲା। ଏହି ପବିତ୍ର ରଥଯାତ୍ରା ପାରାଦୀପ ରିଫାଇନରୀର ମନ୍ଦିରରୁ ଆରମ୍ଭ ହୋଇଥିଲା, ଯାହାକି ରାସ୍ତାରେ ହଜାର ହଜାର ଲୋକଙ୍କୁ ଏକତ୍ରିତ କରିଥିଲା । ଏକ ପାରମ୍ପାରିକ ମାର୍ଗ ଅନୁସରଣ କରି ସମସ୍ତ ଭକ୍ତମାନେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦିବ୍ୟ ଦର୍ଶନ ସହିତ ଆଶୀର୍ବାଦ ପ୍ରାପ୍ତ କରିଥିଲେ ।

# ମହାଆଡ଼ମ୍ବର ସହକାରେ ବିଭିନ୍ନ ସ୍ଥାନରେ ରଥଯାତ୍ରା

ଯାଜପୁର (ପିପିଏସ): ଯାଜପୁର, ଚଣ୍ଡିଖୋଲ, ଛତିଆ ବ୍ୟାସନଗର, କୋରେଇ ଦାନଗଦୀର ପୁର ପଲ୍ଲୀରେ ମହାଆଡମ୍ବର ସହକାରେ ରଥଯାତ୍ରା ପାଳନ ହୋଇଛି।ମହାପ୍ରଭୁ ଶ୍ରୀଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସୁସଜିତ ରଥରେ ବସାଇ ଗୁଣ୍ଡିଚା ମନ୍ଦିର ମାଉସୀ ଘରକୁ ଭକ୍ତମାନେ ରଥଟାଣି ନେଇଛନ୍ତି। କଳିଙ୍ଗନଗରର ମାନତିରା, ବେଙ୍ଗପାଟିଆ, କଣ୍ଟିପୁର,ଟୋଲକାନି, ମଣ୍ଡପଡା, ଟମକା,ଶାଳଳିଜଙ୍ଗା, ନଛିପୁରା,ବାରଗାଡିଆ ଓ ଡୁବୁରୀ ଏସବୁ ଗ୍ରାମରେ ରଥଯାତ୍ରା ହୋଇଥିବା ଦେଖିବାକୁ ମିଳିଥିଲା। ଉପସ୍ଥିତ ସେବାୟତ ଓ ଦର୍ଶକ ମାନଙ୍କ ଦ୍ୱାରା ଶଙ୍ଖ, ଘଣ୍ଟ, କର୍ତାଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଗହ ଗହ ନାଦ, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନୀରେ ସମଗ୍ର ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା।ସୁରକ୍ଷା ଦୃଷ୍ଟିରୁ ସମସ୍ତ ଥାନର ପୋଲିସ ଉପସ୍ଥିତ ଥିଲେ।ମାନତିରା ଠାରେ ହେଉଥିବା ରଥଯାତ୍ରା ସମୟରେ ଯଖପୁରା ଥାନାର ନୂତନ ଥାନା ଅଧିକାରୀ ଆଶିଷ୍ କୁମାର ସାହୁ ପହଁଚି ଜଗନ୍ନାଥଙ୍କ ଆଶିଷ କାମନା କରି ରଥ ଯାତ୍ରାକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ।

# ପୋଲତଳକୁ ଖସିପଡ଼ିଲା ସିମେଣ୍ଟ ବୋଝେଇ ଟ୍ରକ୍


ଭଦ୍ରକ, (ପିପିଏସ୍): ଆଜି ୧୬ନଂ ଜାତୀୟ ରାଜପଥର ଚରମ୍ପା ନିକଟରେ ଏକ ସିମେଂଟ ବୋଝେଇ ଟ୍ରକ୍ ପୋଲ ତଳକୁ ଖସିପଡିଛି। ସୂଚନା ଅନୁଯାୟୀ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ସିମେଂଟ ବୋଝେଇ ଟ୍ରକ୍‌ର ଚକା ଫାଟିଯିବାରୁ ଭାରସାମ୍ୟ ହରାଇ ରାତି ୩.୧୫ ସମୟରେ ୧୬ନଂ ଜାତୀୟ ରାଜପଥର ଚରମ୍ପା ନିକଟରେ ଏକ ପୋଲ ତଳକୁ ଖସିପଡିଛି। ଯାହାଫଳରେ ଟ୍ରକ୍‌ରେ ଥିବା ସିମେଂଟ ଗୁଡିକ ପ୍ରାୟ ନଷ୍ଟହୋଇଯାଇଥିଲା। ଏହି ଘଟଣାରେ କେହି ଆହତ ହୋଇନଥିବାର ଜଣାପଡିଛି। ଟ୍ରକ୍‌ଟି ପୋଲ ତଳକୁ ଖସିପଡିବା ଫଳରେ କିଛିଘଂଟା ଯାତାୟତରେ ବାଧାପ୍ରାପ୍ତ ହୋଇଥିଲା। ଏହି ଘଟଣାରେ ସ୍ଥାନୀୟ ପୁଲିସ୍ ପହଂଚି ତଦନ୍ତ ଆରମ୍ଭ କରିଥିବାର ଜଣାପଡିଛି।

# ଚୌଦ୍ୱାରରେ ବିଭିନ୍ନ ସ୍ଥାନରେ ଘୋଷଯାତ୍ରା



ଚୌଦ୍ୱାର,(ପିପିଏସ୍): ଜଗତର ନାଥ ଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ଉତ୍ସବ ଚୌଦ୍ୱାରରେ ସମାରୋହରେ ଅନୁଷ୍ଠିତ ହୋଇଛି। ତିନିକୋଣିଆସ୍ଥିତ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ରଥଯାତ୍ରାରେ ଚଳିତ ବର୍ଷ ୩ଟି ରଥ ହୋଇଥିବାବେଳେ ମା ସୁଭଦ୍ରାଙ୍କ ରଥକୁ କେବଳ ମହିଳା ମାନେ ଶ୍ରଦ୍ଧାର ସହିତ ଟାଣିଥିଲେ। ଠାକୁର ରାଜା ଡ. ପ୍ରଣୟାନନ୍ଦ ସ୍ୱାଇଁ ୩ ରଥରେ ଛେରା ପହଁରା କରିଥିଲେ। ଚାରବାଟିଆ ହାଉସିଂବୋର୍ଡ଼ସ୍ଥିତ ଜଗନ୍ନାଥ ମନ୍ଦିରରେ ପ୍ରଭାତରୁ ବଡ଼ ଠାକୁର, ମା ସୁଭଦ୍ରା ଓ ଶ୍ରୀ ଜଗନ୍ନାଥଙ୍କର ବିଭିନ୍ନ ପୂଜାର୍ଚ୍ଚନା ଓ ନୀତିକାନ୍ତି ଶ୍ରଦ୍ଧା ଓ ଭକ୍ତିର ସହ ସମ୍ପନ୍ନ ହେବାପରେ ଅପରାହ୍ଣରେ ତିନି ଦିଅଁଙ୍କୁ ପହଣ୍ଡି କରି ରଥାରୁଢ଼ କରା ଯାଇଥିଲା ।ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଠାକୁର ରାଜା ଭାବରେ ରଥରେ ଛେରା ପହଁରା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟକ ମହିଳା ଓ ପୁରୁଷ ଯୋଗଦେଇ ଶ୍ରଦ୍ଧାର ସହ ରଥଟାଣି ତାରିଣୀ ମନ୍ଦିର ନିକଟ ମାଉସୀ ମା ମନ୍ଦିରକୁ ନେଇଥିଲେ । ଏହି ଅବସରରେ ଜଗନ୍ନାଥ ମନ୍ଦିର ପରିସରରେ ନିର୍ମିତ କାଶୀ ବିଶ୍ୱନାଥ ମନ୍ଦିରରେ ମହାଦେବ ବିଶ୍ୱନାଥଙ୍କ ଦେଉଳ ପ୍ରବେଶ କରାଯିବା ସହିତ ଯଜ୍ଞ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ମାଉସୀ ମା ମନ୍ଦିରରେ ନବଦିନ ବ୍ୟାପି ତିନିଦିଅଁଙ୍କ ପୂଜାର୍ଚ୍ଚନା, ଭଜନ ସମାରୋହ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବବୋଲି କମିଟି ତରଫରୁ ସୂଚନା ଦିଆ ଯାଇଛି । ଅନୁରୂପ ଭାବେ ଓଟିଏମ୍ ବଜାରରେ ବାବାଜୀ କେଶନ ଚରଣ ଦାସ ଛେରା ପହଁରା କରିଥିଲେ । ଗୁପ୍ତେଶ୍ୱର ସାହିରେ ଠାକୁର ରାଜା ଅଜିତ କୁମାର ସ୍ୱାଇଁ ଓ କପାଳେଶ୍ୱରସ୍ଥିତ ବାୟାବାବ ମଠରେ ନରେନ୍ଦ୍ର ସ୍ୱାଇଁ ଠାକୁର ରଜା ଭାବେ ରଥରେ ଛେରା ପହଁରା କରିଥିଲେ। ତିନିକୋଣିଆସ୍ଥିତ ମନ୍ଦିରରେ ପ୍ରଥମଥର ପାଇଁ ୩ଟି ରଥ ନିର୍ମିତ ହୋଇଥିବାବେଳେ ଗୁପ୍ତେଶ୍ୱର ସାହିରେ ନୂତନ ସୁଦୃଶ୍ୟ ରଥ ନିର୍ମିତ ହୋଇଥିବାରୁ ଉଭୟ ସ୍ଥାନରେ ରଥ ଓ ଦିଅଁ ଦର୍ଶନ ପାଇଁ ବହୁ ଜନସମାଗମ ହୋଇଥିଲା ।

# ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର



କଳିଙ୍ଗନଗର (ପିପିଏସ): ଶୁକ୍ରବାର ଅପରାହ୍ନ ସମୟରେ ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ମାନପୁର ବ୍ରିଜ ପାଖରେ ଥିବା ବ୍ରାହ୍ମଣସାହି ରେ ଏକ ଅଭାବନୀୟ ଅଘଟଣ ଘଟିଛି। ଭଡା ଘରୁ ଜଣେ ଯୁବକକୁ ନିଜ ବେକରେ ଗାମୁଛା ଦ୍ୱାରା ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ପୋଲିସ ମୃତ ଦେହ ଉଦ୍ଧାର କରିଛି। ମୃତ ଯୁବକ ଜଣକଙ୍କର ଘର ଝାରଖଣ୍ଡ ରାଜ୍ୟ ହୁସୁନାବାଦ ଥାନା ଅନ୍ତର୍ଗତ ଘୁରୁଆ ଗ୍ରାମ ର ରବୀନ୍ଦ୍ର ଠାକୁରଙ୍କ ପୁଅ ସେହେବାଗ ଠାକୁର (୨୫)ଯୁବକ ଜଣଙ୍କ କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ଟାଟା କାରଖାନାରେ ମା ଅନେଶ୍ୱା କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ଼ କମ୍ପାନୀରେ କାମ କରୁଥିଲା। ହେଲାଯାଜପୁର ରୋଡ଼ ପୋଲିସ ମୃତଦେହ ଉଦ୍ଧାର କରି ଘଟଣାର ତଦନ୍ତ ଜାରୀ ରଖିଛି।

# ଭଦ୍ରକ ଜିଲ୍ଲାର ୧୨୦ଟି ସ୍ଥାନରେ ଜଗନ୍ନାଥଙ୍କ ଘୋଷଯାତ୍ରା ମହାସମାରୋହରେ ପାଳିତ

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ସରକାରୀ ସ୍ତରରୁ ମିଳିଥିବା ତଥ୍ୟ ଅନୁସାରେ ଜିଲା ବ୍ୟାପି ସମୁଦାୟ ୧୨୦ଟି ରଥଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଭଦ୍ରକ ଟାଉନ ଥାନା, ପୁରୁଣାବଜାର ଅଂଚଳ, ଗ୍ରାମାଂଚଳ ଥାନା ଅଧିନ, ବାସୁଦେବପୁର, ନାୟକାଣିଡ଼ିହ, ଆଗରପଡ଼ା, ବନ୍ତ , ଧାମନଗର, ଧୁଷୁରୀ, ଭଣ୍ଡାରିପୋଖରୀ, ଚାନ୍ଦବାଲି, ବାଂଶଡ଼ା ଓ ତିହିଡ଼ି ଥାନା ଅଧିନ, ଧାମରା, ଧାମରା ମେରାଇନ , କଣିଆ ମେରାଇନ୍ ଥାନା ଭଳି ୬୦ଟି ପ୍ରମୁଖ ସ୍ଥାନରେ ଏହା ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଛି। ଏଥିପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିବା ବିଷୟ ଜିଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ ଏ ପ୍ରତିନିଧିଙ୍କୁ କହିଛନ୍ତି । ବିଶେଷକରି ଚଳିତବର୍ଷ ଭଦ୍ରକ ଗ୍ରାମାଂଚଳ ଥାନା ଅଧିନସ୍ଥ ରମ୍ଭିଳା ଓ କେଶପୁର ହରିବୋଲ୍ କ୍ଷେତ୍ରଠାରେ ଅବସ୍ଥିତ ୧୫୫ବର୍ଷର ପୁରାତନ ମନ୍ଦିରରେ ଶ୍ରୀ ଜଗନ୍ନାଥ ମନ୍ଦିର ସେବାସଂଘ ତଥା ରଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟିର ସଦସ୍ୟଙ୍କ ମିଳିତ ଉଦ୍ୟମରେ ୩ଟି ରଥ ନିର୍ମାଣ ହୋଇ ଏହି ଘୋଷଯାତ୍ରା ସମ୍ପନ୍ନ ହୋଇଛି। ପ୍ରଥମେ ପାରମ୍ପରିକ ରୀତିରେ ପ୍ରଭୁଙ୍କ ଆଜ୍ଞାମାଳ ରଥରେ ଅର୍ପଣ, ମହା ସୁଦର୍ଶନଙ୍କ ପହଣ୍ଡି ବିଜେ ପରେ ତିନି ଠାକୁରଙ୍କ ପହଣ୍ଡି ବିଜେ ହୋଇଥିଲା। ଏହାପରେ ରଥ ପରିଚାଳନା କମିଟିର ସଭାପତି ନଗେନ୍ଦ୍ର ପ୍ରସାଦ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ରଥଯାତ୍ରା ଶୃଙ୍ଖଳାର ସହ ଆରମ୍ଭ ହୋଇଥିଲା। ଭଦ୍ରକର ଜିଲାପାଳ ଦିଲ୍ଲୀପ ରାଉତରାଏ ଏକ ଭାବ ଗମ୍ଭୀର ଓ ଆଧ୍ୟାତ୍ମିକ ପରିବେଶରେ ଛେରାପହଁରା କରିବାପରେ ରଥଟଣା କାର୍ଯ୍ୟ ହଜାରହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିଲା। ଅନୁରୂପ ସହରର ଚାନ୍ଦବାଲି ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିର, କୁଆଁସ ବଡ଼ଦାଣ୍ଡସ୍ଥିତ ଜଗନ୍ନାଥ ମନ୍ଦିର, କଦମବେଡ଼ା, କଦମବେଡା ହରିହାଟ, ଜଗନ୍ନାଥପୁର, ସନ୍ଥିଆ ନିଳକଣ୍ଠପୁର ଗୌଡ଼ିୟ ମଠ, ସଦାବର୍ତ୍ତ ମଠ, ଦେବଭୂମି ଗବସାହି, ଅପର୍ତିବିନ୍ଧା (ନ୍ୟୁ କଲୋନୀ), ବାଗୁରାଇ ଭଳି ସ୍ଥାନରେ ଏହି ପର୍ବ ବେଶ୍ ବର୍ଣ୍ଣାଢ୍ୟଭାବେ ଅନୁଷ୍ଠିତ ହୋଇଥିବାବେଳେ ଉତରବାହିନୀରେ ସଦାବର୍ତ୍ତ ମଠର ଟ୍ରଷ୍ଟି ତଥା ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତିଙ୍କ ଦ୍ୱାରା ଛେରା ପହଁରା ଏବଂ ଭଦ୍ରକାଳୀ ମନ୍ଦିର ପରିସରରେ ଥିବା ୩ ବିଗ୍ରହଙ୍କ ପହଣ୍ଡି ବିଜେ ଓ ରଥଯାତ୍ରା ବେଶ୍ ଚିତାକର୍ଷକ ହୋଇଥିଲା। ଅନୁରୂପ କୁଁଆସ ଠାରେ ରଥଟଣା ହୋଇନଥିଲେ ମଧ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ରୀତିନିତୀ ପାରମ୍ପରିକ ଭାବେ ସମ୍ପନ୍ନ ହୋଇଛି । ସେହିପରି ତିହିଡି ବ୍ଲକ୍ ଅଧୀନସ୍ଥ ନୟାନନ୍ଦ ଠାରେ ଭଦ୍ରକର ଡେପୁଟି କଲେକ୍ଟର କାର୍ତିକ ମଣ୍ଡଳ ରଥରେ ଛେରା ପହଁରା କରିଥିଲେ। ସାଳନ୍ଦୀ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ହିତେଶ ସାହୁ, ଏସ୍‌ଡିଓ ରାଇକାନ ବେତରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାନ୍ଦବାଲି ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସୁରେନ୍ଦ୍ର ପାଣୀ, ପିତବାସ ନାୟକ ରଥାରୁଢ଼ କରିବାପରେ ସାଳନ୍ଦୀ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସନ୍ନ ତ୍ରିପାଠୀ ରାଜା ବେଶରେ ଛେରାପହଁରା କରିଥିଲେ। ଏହି ଉତ୍ସବକୁ ସାଳନ୍ଦୀ ଜଳସେଚନ ବିଭାଗର ଅଧିକାରୀ ଓ କର୍ମଚାରୀ ପରିଚାଳନା କରିଥିଲେ। ଜିଲାରେ ଏହି ଘୋଷଯାତ୍ରା ପାଇଁ ଜିଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଖେଳିବେନି ବୁମ୍ରା

## ଦ୍ରୁତବୋଲର ଅର୍ଶଦୀପ ସିଂଙ୍କୁ ମିଳିପାରେ ସୁଯୋଗ

ନୂଆଦିଲ୍ଲୀ : ଇଂଲଣ୍ଡ ବିପକ୍ଷ ଚାଲିଥିବା ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚ ଆରମ୍ଭ ହେବା ପୂର୍ବରୁ ଭାରତୀୟ କ୍ରିକେଟ ଦଳକୁ ଏକ ବଡ଼ ଝଟକା ଲାଗିଛି। ଭାରତର ଷ୍ଟାର ଦ୍ରୁତ ବୋଲର ଜସପ୍ରିତ ବୁମରା ଏଡଜବାଷ୍ଟନରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟରୁ ବାଦ ପଡ଼ିଛନ୍ତି। ବିସିସିଆଇ ସୂତ୍ରରୁ ଜଣାପଡ଼ିଛି ଯେ ବୁମରାଙ୍କୁ କାର୍ଯ୍ୟଭାର ପରିଚାଳନା କାରଣରୁ ଏହି ମ୍ୟାଚରେ ବିଶ୍ରାମ ଦିଆଯାଇଛି।

ହେଡିଂଲିରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ବୁମରା ଭାରତର ଶ୍ରେଷ୍ଠ ବୋଲର ଥିଲେ। ସେ ପ୍ରଥମ ଇନିଂସରେ ୮୩ ରନ୍ ଦେଇ ୫ଟି ଉଇକେଟ ନେଇଥିଲେ, ଯାହା ଇଂଲଣ୍ଡ ବ୍ୟାଟିଂ ଲାଇନଅପକୁ ଦୋହଲାଇ ଦେଇଥିଲା। ତାଙ୍କ ଏହି ପ୍ରଦର୍ଶନ ଭାରତକୁ ମ୍ୟାଚରେ ପ୍ରତିଯୋଗିତାମୂଳକ ସ୍ଥିତିରେ ରଖିଥିଲା। ଏପରି ସ୍ଥିତିରେ ତାଙ୍କ ଅନୁପସ୍ଥିତି ଭାରତୀୟ ଦଳର ବୋଲିଂ




ଲାଇନଅପକୁ ଦୁର୍ବଳ କରିପାରେ ବୋଲି କ୍ରିକେଟ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ବୁମରାଙ୍କ ସ୍ଥାନରେ ଯୁବ ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନା ରହିଛି। ଅର୍ଶଦୀପ ଘରୋଇ କ୍ରିକେଟ ଏବଂ ସୀମିତ ଓଭର ଫର୍ମାଟରେ ନିଜର ପ୍ରତିଭା ଦେଖାଇଛନ୍ତି, କିନ୍ତୁ ଟେଷ୍ଟ କ୍ରିକେଟରେ ତାଙ୍କ ଅଭିଜ୍ଞତା ସୀମିତ। ତେଣୁ, ବୁମରାଙ୍କ ଅନୁପସ୍ଥିତିରେ ଅର୍ଶଦୀପଙ୍କ ଉପରେ ବଡ଼ ଦାୟିତ୍ୱ ରହିବ। ଅନ୍ୟ ବୋଲରମାନେ ଯେପରି ମହମ୍ମଦ ସିରାଜ ଏବଂ ଆକାଶ ଦୀପଙ୍କୁ ମଧ୍ୟ ନିଜର ପ୍ରଦର୍ଶନକୁ ଉନ୍ନତ କରିବାକୁ ପଡ଼ିବ। ଜସପ୍ରିତ ବୁମରା ଚଳିତ ବର୍ଷ ଟେଷ୍ଟ କ୍ରିକେଟରେ ଅତ୍ୟନ୍ତ ସଫଳ ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ସେ ୪ ମ୍ୟାଚରେ ୩୦ରୁ ଅଧିକ ଉଇକେଟ ନେଇଛନ୍ତି, ଯାହା ତାଙ୍କୁ ସିରିଜର ସଫଳତମ ବୋଲର କରିଛି। ଏହା ବ୍ୟତୀତ, ଚଳିତ ବର୍ଷ ସେ ୭୧ ଉଇକେଟ ନେଇ ବିଶ୍ୱର ଶ୍ରେଷ୍ଠ ଟେଷ୍ଟ ବୋଲରମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ପର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆକୁ ହରାଇଥିଲା, ଯେଉଁଠି ସେ ୯ ୱିକେଟ ନେଇଥିଲେ।

# ପୃଥ୍ୱୀ ଶ'ଙ୍କୁ ସଚିନ ତେନ୍ଦୁଲକରଙ୍କ ପରାମର୍ଶ

## ଭାରତୀୟ ଦଳକୁ ଫେରିବାକୁ ଦେଲେ ଗୁରୁମନ୍ତ୍ର

ମୁମ୍ବାଇ : ଭାରତୀୟ କ୍ରିକେଟରେ ପ୍ରତିଭାବାନ ଓପନର ପୃଥ୍ୱୀ ଶ'ଙ୍କ କ୍ୟାରିଅର ବିଗତ କିଛି ବର୍ଷରେ ନାଟକୀୟ ଭାବେ ହ୍ରାସ ପାଇଛି। ୨୦୨୪-୨୫ ସିଜନରେ ତାଙ୍କୁ ମୁମ୍ବାଇର ଘରୋଇ ଦଳରୁ ବାଦ ଦିଆଯାଇଥିଲା ଏବଂ ଆଇପିଏଲ ୨୦୨୫ର ମେଗା ନିଲାମରେ ମଧ୍ୟ ସେ ବିକ୍ରି ହୋଇ ନଥିଲେ। ତଥାପି, ଏହି ସମସ୍ତ ପ୍ରତିକୂଳତା ମଧ୍ୟରେ ପୃଥ୍ୱୀ ଖୁଲାସା କରିଛନ୍ତି ଯେ ଭାରତୀୟ କ୍ରିକେଟର ମହାନାୟକ ସଚିନ ତେନ୍ଦୁଲକର ତାଙ୍କ ପ୍ରତି ବିଶ୍ୱାସ ରଖିଛନ୍ତି ଏବଂ ତାଙ୍କୁ ପୁନରାଗମନ କରିବାରେ ପ୍ରେରଣା ଦେଉଛନ୍ତି।

ଏକ ସାକ୍ଷାତକାରରେ ପୃଥ୍ୱୀ କହିଛନ୍ତି, 'ମୋର ବାପା ମୋର ସବୁଠାରୁ ବଡ଼ ସମର୍ଥକ, କିନ୍ତୁ ତାଙ୍କ ପରେ ସଚିନ ସାର ଅନେକ କିଛି ଜାଣନ୍ତି। ମୁଁ ଓ ଅର୍ଜୁନ (ସଚିନଙ୍କ ପୁଅ) ୮ କିମ୍ବା ୯ ବର୍ଷ ବୟସରୁ ବନ୍ଧୁ। ସାର ମଧ୍ୟ ସେତେବେଳେ ଥାଆନ୍ତି। ସେ ମୋତେ ଦେଖିଛନ୍ତି।' ପୃଥ୍ୱୀ ପ୍ରକାଶ କରିଛନ୍ତି ଯେ




ମାତ୍ର ଦୁଇ ମାସ ପୂର୍ବେ ସଚିନ ଇଣ୍ଟରନ୍ୟାସନାଲ ମାଷ୍ଟର୍ସ ଲିଗ ପାଇଁ ଏମଆଇଜିରେ ଅଭ୍ୟାସ କରୁଥିବା ବେଳେ ସେ ମଧ୍ୟ ସେଠାରେ ଥାଆନ୍ତି। 'ଏପରି ସମୟରେ ଜଣେ ମେଣ୍ଟର ଦରକାର, ଯିଏ ପ୍ରେରଣାର ଏକ ସାହାସ ଦେଇପାରେ,' ବୋଲି ସେ କହିଛନ୍ତି। ସଚିନ ତାଙ୍କୁ ନିରନ୍ତର ପରାମର୍ଶ ଦେଉଛନ୍ତି ଏବଂ ତାଙ୍କ ଉପରେ ବିଶ୍ୱାସ ରଖିଛନ୍ତି। ପୃଥ୍ୱୀ କହିଛନ୍ତି, 'ସେ ଏବେ ମଧ୍ୟ ମୋ ଉପରେ ବିଶ୍ୱାସ ରଖନ୍ତି। 'ପୃଥ୍ୱୀ, ମୋର ବିଶ୍ୱାସ ଅଛି ଏବଂ ମୁଁ ବିଶ୍ୱାସ ରଖିବି।' ସେ ମୋତେ ଦେଖିଛନ୍ତି। ତାଙ୍କର ଭରସା ଅଛି। 'ଟ୍ରାକକୁ ଫେରି ଆସ। ସବୁ ସମ୍ଭବ।' ଏହି ବିଶ୍ୱାସ ମୋ ପାଇଁ ବହୁତ ମୂଲ୍ୟବାନ। ମୋ ବାପା ଓ କିଛି ବନ୍ଧୁଙ୍କ ପରି ସେ ମଧ୍ୟ ବିଶ୍ୱାସ କରନ୍ତି।'

# ଆଇପିଏଲରେ ଧମାକାଦାର ପ୍ରଦର୍ଶନର ପୁରସ୍କାର ମିଳିଲା




ନୂଆଦିଲ୍ଲୀ: ଦକ୍ଷିଣଆଫ୍ରିକାର ଯୁବ ବ୍ୟାଟ୍ସମ୍ୟାନ୍ ଡେୱାଲ୍ଡ ବ୍ରେଭିସ୍ ଆଇପିଏଲ ୨୦୨୫ରେ ଚମତ୍କାର ବ୍ୟାଟିଂ କରିଥିଲେ। ଯାହାର ସେ ଏବେ ଲାଭ ପାଇଛନ୍ତି। ବ୍ରେଭିସ୍ ଦକ୍ଷିଣ ଆଫ୍ରିକାର ଟି-୨୦ ଦଳରେ ପ୍ରବେଶ କରିଛନ୍ତି। ବ୍ରେଭିସ୍ 'ଜୁନିଅର ଏବି' ନାମରେ ମଧ୍ୟ ଜଣାଶୁଣା। ଏବି ଡି'ଭିଲିୟର୍ସଙ୍କ ପରି ବିସ୍ଫୋରକ ବ୍ୟାଟିଂ ପାଇଁ ତାଙ୍କୁ ଏହି ନାମ ମିଳିଥିଲା। ପ୍ରାୟ ଦୁଇ ବର୍ଷ ପରେ ବ୍ରେଭିସ୍ ଦକ୍ଷିଣ ଆଫ୍ରିକାର ଟି-୨୦ ଦଳକୁ ଫେରିଛନ୍ତି। ବ୍ରେଭିସ୍ ଶେଷ ଥର ପାଇଁ ୨୦୨୩ ମସିହାରେ ଦକ୍ଷିଣ ଆଫ୍ରିକା ପାଇଁ ଏକ ଟି-୨୦ ମ୍ୟାଚ୍ ଖେଳିଥିଲେ।

ବ୍ରେଭିସ୍ କେବଳ ଦୁଇଟି ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇଥିଲେ। ଏହି ସମୟରେ ବ୍ରେଭିସ୍ କେବଳ ପାଞ୍ଚ ରନ୍ କରିଥିଲେ। ଏହା ପରେ ତାଙ୍କୁ ଦଳରୁ ବାହାର କରିଦିଆଯାଇଥିଲା । ଦଳରୁ ବାହାର ହେବା ପରେ ବ୍ରେଭିସ୍ ତାଙ୍କ ବ୍ୟାଟିଂରେ ବହୁତ ଉନ୍ନତି ଆଣିଥିଲେ। ତା'ପରେ ସେ ବିଶ୍ୱର ବିଭିନ୍ନ ଘରୋଇ କ୍ରିକେଟ୍ ଏବଂ ଲିଗ୍ ଖେଳି ତାଙ୍କ ବ୍ୟାଟିଂରେ ଉନ୍ନତି ଆଣିଛନ୍ତି। ବ୍ରେଭିସ୍ ୧୪ ଜୁଲାଇରୁ ଆରମ୍ଭ ହେଉଥିବା ଟି-୨୦ ଟ୍ରାଇ-ସିରିଜରେ ଖେଳୁଥିବାର ଦେଖିବାକୁ ମିଳିବ।

ଟ୍ରାଇ-ସିରିଜ ନ୍ୟୁଜିଲ୍ୟାଣ୍ଡ, ଜିମ୍ବାୱେ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ। ଟ୍ରାଇ-ସିରିଜର ସମସ୍ତ ସାତଟି ମ୍ୟାଚ୍ ହରାରେରେ ଖେଳାଯିବ। ଦକ୍ଷିଣ ଆଫ୍ରିକା ଦଳ ଏହି ଟ୍ରାଇ-ସିରିଜ ପାଇଁ ଏଡେନ୍ ମାର୍କରାମ, ଡେଭିଡ୍ ମିଲର୍ ଏବଂ କାଗିସୋ ରାବାଡା ଭଳି ଅଭିଜ୍ଞ ଖେଳାଳିଙ୍କୁ ବିଶ୍ରାମ ଦେଇଛି। ଯାହା ପରେ ବ୍ରେଭିସ୍ ସମେତ ଅନ୍ୟ ଖେଳାଳିମାନଙ୍କୁ ସୁଯୋଗ ଦିଆଯାଉଛି।

# ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍: ତନ୍ୱୀ ସୃଷ୍ଟିକଲେ ବଡ଼ ବିପର୍ଯ୍ୟୟ



ଭୁବନେଶ୍ୱର: ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତର ତନ୍ୱୀ ଶର୍ମା ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଐତିହାସିକ ପ୍ରଦର୍ଶନ କରି ମହିଳା ଏକକର ପ୍ରଥମ ରାଉଣ୍ଡରେ ବିଶ୍ୱମାନ୍ୟତାର ୨୩ତମ ସ୍ଥାନରେ ଥିବା ତଥା ଦ୍ୱିତୀୟ ସିଡ୍ ଭିଏତ୍‌ନାମର ଏନ୍‌ଗୁଏନ୍ ତଉଏ ଲିନ୍‌ଙ୍କୁ ୨୧-୧୯, ୨୧-୯ରେ ହରାଇ ପ୍ରିକ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପୂର୍ବତନ ବିଶ୍ୱ ନଂ-୧ କିଦାମ୍ବି ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ତାଙ୍କୁ ପ୍ରଥମ ରାଉଣ୍ଡରେ ବିଶ୍ୱମାନ୍ୟତାର ୭୭ତମ ସ୍ଥାନରେ ଥିବା ଇଂଲଣ୍ଡର ହାରି ହୁଆଙ୍ଗ ୨୧-୧୯, ୨୧-୧୪ରେ ପରାସ୍ତ କରିଛନ୍ତି।

ସେହିପରି ଅନ୍ୟ ୩ଭାରତୀୟ ପ୍ରିୟାଂଶୁ ରଜାୱତ, ଶଙ୍କର ସୁବ୍ରମଣ୍ୟମ ଓ ରିତ୍ୱିକ ସଂଜୀବ ସତୀଶ ମଧ୍ୟ ପ୍ରଥମ ରାଉଣ୍ଡ ବାଧା ପାର କରିପାରି ନାହାନ୍ତି। ଆୟୁଷ ସେଟ୍ଟୀ ଓ ତରୁଣ ମନେପାଲି କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି। ବିଶ୍ୱମାନ୍ୟତାର ୩୪ତମ ସ୍ଥାନରେ ଥିବା ସେଟ୍ଟୀ ଡେନମାର୍କର ମ୍ୟାଗ୍ନସ ଜୋହାନସେନଙ୍କୁ ୨୧-୧୭, ୨୧-୧୯ ଏବଂ ମାନେପାଲି ଫ୍ରାନ୍ସର ଅର୍ଣ୍ଣଡ ମର୍କେଲଙ୍କୁ ୧୯-୨୧, ୨୧-୧୮, ୨୧-୧୮ରେ ହରାଇଥିଲେ। ମହିଳା ଏକକରେ ଈରା ଶର୍ମା ପରବର୍ତ୍ତୀ ରାଉଣ୍ଡକୁ ଯାଇଥିଲା ବେଳେ ତାନ୍ୟା ହେମନ୍ତ ଓ ଶ୍ରୀୟାଂସୀ ଭାଲିସେଟ୍ଟୀ ବିଦାୟ ନେଇଛନ୍ତି।

# ଜାତୀୟ ଜଳକ୍ରୀଡ଼ା: କର୍ଣ୍ଣାଟକ ୧ମ, ଓଡ଼ିଶା ୭ମ

ଭୁବନେଶ୍ୱର: ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ୭୮ତମ ଜାତୀୟ ଜଳକ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି। ଉଭୟ ପୁରୁଷ ଓ ମହିଳା ସହ ମୋଟ ଉପରେ କର୍ଣ୍ଣାଟକ ବିଜେତା ହେବାର ଗୌରବ ଅର୍ଜନ କରିଛି। ଓଡ଼ିଶା ୬ (୧ ସ୍ୱର୍ଣ୍ଣ, ୨ ରୌପ୍ୟ, ୩ କାଂସ୍ୟ) ପଦକ ସହ ସପ୍ତମରେ ଅଭିଯାନ ଶେଷ କରିଛି। କର୍ଣ୍ଣାଟକ ୧୬ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୧୪ କାଂସ୍ୟ ସହ ୪୧ ପଦକ ପାଇଛି। କର୍ଣ୍ଣାଟକର ଦୁଇ ଖେଳାଳି ସୋଆନ ଗାଙ୍ଗୁଲି ଓ ଧୀନିଧୀ ଦେସିଙ୍ଘୁ ୨ଟି ଲେଖାଏଁ ଜାତୀୟ କୀର୍ତ୍ତିମାନ କରିବା ସହ ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ଶ୍ରେଷ୍ଠ ସ୍ୱିମର ହୋଇଛନ୍ତି। ଏହି ୫ ଦିନିଆ ପ୍ରତିଯୋଗିତାରେ ୧୪ ଜାତୀୟ କୀର୍ତ୍ତିମାନ ଦେଖିବାକୁ ମିଳିଛି।

ଶେଷ ଦିନରେ ମନ୍ନତାଙ୍କୁ ରୌପ୍ୟ, ପ୍ରତ୍ୟାଶାଙ୍କୁ କାଂସ୍ୟ: ଶେଷ ଦିନରେ ଓଡ଼ିଶାକୁ ୨ ପଦକ ଭେଟି ଦେଇଥିଲେ ମନ୍ନତା ମିଶ୍ର ଓ ପ୍ରତ୍ୟାଶା ରାୟ। ମନ୍ନତା ରୌପ୍ୟ ଓ ପ୍ରତ୍ୟାଶା କାଂସ୍ୟ ପାଇଥିଲେ। ମହିଳା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ମନ୍ନତା (୧:୧୫.୫୭) ଦ୍ୱିତୀୟରେ ରହିଥିଲେ। ଏହି ସମାନ ସମୟରେ ରେସ୍ ଶେଷ କରିଥିବା ମହାରାଷ୍ଟ୍ରର ସାନ୍‌ଭୀ ଦେଶୱାଲଙ୍କ ସହ ମନ୍ନତା ଯୁଗ୍ମଭାବେ ରୌପ୍ୟ ବିଜୟିନୀ ହୋଇଥିଲେ।



ଆରଏସ୍‌ପିବିର ହର୍ଷିତା ଜୟରାମ (୧:୧୩.୨୪) ସ୍ୱର୍ଣ୍ଣ ପାଇଥିଲେ। ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ (୧:୧୫.୭୨) ଚତୁର୍ଥରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା (୧:୦୫.୬୪) ତୃତୀୟ ସ୍ଥାନରେ ରହିଥିଲା ବେଳେ କର୍ଣ୍ଣାଟକର ବିହିତା ନୟନା ଲୋଗନାଥନ (୧:୦୫.୧୮) ସ୍ୱର୍ଣ୍ଣ ଏବଂ ବେଙ୍ଗଲର ସେବ୍ରିତି ମଣ୍ଡଳ (୧:୦୫.୧୯) ରୌପ୍ୟ ଜିତିଥିଲେ। ଶେଷ ଦିନରେ ଗୋଟିଏ ଜାତୀୟ କୀର୍ତ୍ତିମାନ ହୋଇଥିଲା। ପୁରୁଷ ୪୦୦ ମିଟର ମିଡ୍‌ଲେରେ ଅର୍ଯ୍ୟନ ନେହେରା (୪:୨୫.୬୨)ଙ୍କ ନାମରେ ଥିବା ଜାତୀୟ କୀର୍ତ୍ତିମାନକୁ କର୍ଣ୍ଣାଟକର ସୋଆନ ଗାଙ୍ଗୁଲି (୪:୨୪.୬୪) ଭାଙ୍ଗିଥିଲେ। ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ଓଡ଼ିଶାର ୭ ଲେଖାଏଁ ପୁରୁଷ ଓ ମହିଳା ଖେଳାଳି ଭାଗନେଇଥିଲେ। ପୁରୁଷ ଖେଳାଳି ବିଫଳ ହୋଇଥିଲା ମହିଳା ଖେଳାଳି ଓଡ଼ିଶା ପାଇଁ ସମସ୍ତ ପଦକ ଜିତିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଫିନା ବ୍ୟୁରୋ ସଦସ୍ୟ ତଥା ଏସୀୟ ଆକ୍ୱାଟିକ୍ ଫେଡେରେସନ୍ ସଭାପତି ବୀରେନ୍ଦ୍ର ନାନାବତୀ, କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଯୁଗ୍ମସଚିବ ସୋନାଲି ଚାନ୍ଦ, ଅମିତ କୁମାର ନାଏକ, ଓଏସ୍‌ଡି ଧୀରାଜ କୁମାର ପଟ୍ଟନାୟକ, ଭାରତୀୟ ସନ୍ତରଣ ମହାସଂଘ ସମ୍ପାଦକ ମୋନାଲ ଚୋକ୍‌ସି ଏବଂ ଉପସଭାପତି ବଳଦେବ ରାଜ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୯ ଜୁନ୍ - ୫ ଜୁଲାଇ ୨୦୨୫ ଯୁଦ୍ଧରେ ଥରୁଛି ମଧ୍ୟପ୍ରାଚ୍ୟ




ଆହୁରି ଭୀଷଣ ହେଉଛି ଇସ୍ରାଏଲ ଇରାନ ଯୁଦ୍ଧ। ଉଭୟ ପଟରୁ ବର୍ଷୁଛି ମିସାଇଲ। ଘନ ଘନ ଜାରି ରହିଛି ବୋମା ମାଡ଼। ତେହେରାନରେ ଧ୍ୱଂସ ଘଟାଇଛି ଇସ୍ରାଏଲ। ଇରାନ୍‌ର ଆଖି, ଛାତିକୁ ହିଟ୍ କରୁଛି ଶକ୍ତିଶାଳୀ ମିସାଇଲ। ଖୋଜି ଖୋଜି ଇରାନ୍‌ର ଆଣବିକ କେନ୍ଦ୍ରକୁ ଟାର୍ଗେଟ୍ କରୁଛି। ସେପଟେ ଇରାନର ଆକ୍ରମଣରେ ଇସ୍ରାଏଲ ମଧ୍ୟ କ୍ଷତି ସହିଛି। ଇରାନର ଆକ୍ରମଣ ପରେ, ଇସ୍ରାଏଲ ଏବେ ଏକ ବଡ଼ ଆକ୍ରମଣ ପାଇଁ ଚଳାଇଛି ପ୍ଲାନିଂ।

**ଜାତୀୟ:** ଦୁଃଖଦ ଉଡ଼ାଣ
**ଅନ୍ତର୍ଜାତୀୟ:** ବିଗ୍ ଗେମ୍
**ବିଶେଷ ପ୍ରସଙ୍ଗ:** କଫି ହବ୍ 'କୋରାପୁଟ'
**ନାରୀ:** : ପିରିୟଡ୍ସ ଯନ୍ତ୍ରଣାରୁ ମୁକ୍ତିଦେବ ଡାର୍କ ଚକୋଲେଟ୍
**କ୍ଷୁଦ୍ରଗଳ୍ପ:** ଦଣ୍ଡାବାଲୁଙ୍ଗା
**ଚଳଚ୍ଚିତ୍ର:** ଅପରାଜିତା ଅରୁଣା ଚଳଚ୍ଚିତ୍ର: ମୋନାଲିସାଙ୍କ କାର
**ଖେଳ:** : ଓଡ଼ିଶାକୁ ସ୍ୱର୍ଣ୍ଣ, ୧୫ ଦିନରେ ଭାଙ୍ଗିଲା ବିବାହ
**ମୀନାବଜାର:** କୁହୁକ ମଲମ, ଚର୍ଚ୍ଚାରେ: ମଣିଷକୁ ଜିଅନ୍ତା ଚୋବାଇଦେଲା Piranhas ମାଛ, ବିଜ୍ଞାନ: ଗୋଟିଏ ଗଛରେ ୩୫୦ ପ୍ରକାରର ଆମ୍ବ, ପର୍ଯ୍ୟଟନ: ଆଦି ଶକ୍ତିପୀଠ ମା' ତାରାତାରିଣୀ, ଧର୍ମ: ଅସୀମ ଅଲାରନାଥଙ୍କ କରୁଣା, କବିତା: ପହିଲି ମୌସୁମୀ ବାଆ, ଜାଣନ୍ତି କି ? : ଦଶନ୍ଧିର ବଡ଼ ବିମାନ ଦୁର୍ଘଟଣା, ସ୍ୱାସ୍ଥ୍ୟ: ଆଙ୍ଗୁଗଣ୍ଠି ପାଇଁ ଆପଣାନ୍ତୁ ଏହି ଟିପ୍ସ, ବାସ୍ତୁ: ଘର କିଣିବାବେଳେ ମନେ ରଖନ୍ତୁ, ସ୍ୱତନ୍ତ୍ର ପ୍ରସଙ୍ଗ: ଭକ୍ତ ଶ୍ରେଷ୍ଠ ସାଲବେଗ, ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ଜର୍ମାନୀରେ ହେଲା ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସର୍ଜରୀ

ନୂଆଦିଲ୍ଲୀ : ଜର୍ମାନୀରେ ହେଲା ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସର୍ଜରୀ। ଜର୍ମାନୀର ମ୍ୟୁନିଖରେ ସେ ତାଙ୍କର ସ୍ପୋର୍ଟସ୍ ହାର୍ନିଆ ଅସ୍ତ୍ରୋପଚାର କରିଛନ୍ତି। ଅସ୍ତ୍ରୋପଚାର ପରେ, ସେ ଖୁବ୍‌ଶୀଘ୍ର ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ପୁନର୍ବାସ ଆରମ୍ଭ କରିବେ। ଗତ ତିନି ବର୍ଷ ମଧ୍ୟରେ ଏହା ତାଙ୍କର ତୃତୀୟ ଅସ୍ତ୍ରୋପଚାର। ୩୪ ବର୍ଷୀୟ ବ୍ୟାଟସମ୍ୟାନ୍ ଇନ୍‌ଷ୍ଟାଗ୍ରାମରେ ଲେଖିଛନ୍ତି, 'ଜୀବନ ଅପଡେଟ୍: ଡାହାଣ ପେଟର ତଳ ଭାଗରେ ସ୍ପୋର୍ଟସ୍ ହାର୍ନିଆ ପାଇଁ ଅସ୍ତ୍ରୋପଚାର କରାଯାଇଛି। ଅସ୍ତ୍ରୋପଚାର ସଫଳ ହୋଇଥିବାରୁ ଖୁସି ଏବଂ ମୁଁ ଏବେ ସୁସ୍ଥ ହେବା



ରାସ୍ତାରେ ଅଛି। ଶୀଘ୍ର ଫେରିବି।'

ସ୍ପୋର୍ଟସ୍ ହାର୍ନିଆ ହେଉଛି ଅଣ୍ଟା କିମ୍ବା ତଳି ପେଟରେ ଏକ ନରମ ଟିସୁ ଆଘାତ, ଯାହା ପ୍ରାୟତଃ ମାଂସପେଶୀ କିମ୍ବା ଲିଗାମେଣ୍ଟକୁ ପ୍ରଭାବିତ କରେ। ଅସ୍ତ୍ରୋପଚାର ପରେ, ସେ ପ୍ରାୟ ଦୁଇ ସପ୍ତାହ ମଧ୍ୟରେ ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ପୁନର୍ବାସ ଆରମ୍ଭ କରିବେ। ଭାରତର ପରବର୍ତ୍ତୀ ହ୍ୱାଇଟ୍ ବଲ୍ ଗସ୍ତ ଅଗଷ୍ଟରେ ହେବ। ବାଂଲାଦେଶ ବିପକ୍ଷରେ ଭାରତ ତିନୋଟି ଦିନିକିଆ ଏବଂ ଟି-୨୦ ମ୍ୟାଚ୍ ଖେଳିବ। ସୂର୍ଯ୍ୟକୁମାର ଯାଦବ ୨୦୨୩ ବିଶ୍ୱକପ୍ ଫାଇନାଲ ପରଠାରୁ ୫୦ ଓଭର ଫର୍ମାଟରେ ଖେଳି ନାହାଁନ୍ତି। ଗତ ତିନି ବର୍ଷ ମଧ୍ୟରେ ଏହା ସୂର୍ଯ୍ୟକୁମାରଙ୍କ ତୃତୀୟ ଅସ୍ତ୍ରୋପଚାର। ୨୦୨୩ମସିହାରେ ତାଙ୍କର ଗୋଡ଼ ଅସ୍ତ୍ରୋପଚାର ହୋଇଥିଲା ଏବଂ ଏହା ପୂର୍ବରୁ ୨୦୨୪ ମସିହାରେ ମଧ୍ୟ ତାଙ୍କର ସ୍ପୋର୍ଟସ୍ ହାର୍ନିଆ ଅସ୍ତ୍ରୋପଚାର ହୋଇଥିଲା। ଅସ୍ତ୍ରୋପଚାର ପୂର୍ବରୁ, ସୂର୍ଯ୍ୟକୁମାର ଆଇପିଏଲ ୨୦୨୫ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ପାଇଁ ବହୁତ ଭଲ ଫର୍ମରେ ଥିଲେ ଏବଂ ତାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିଲା। ସେ ୭୧୭ରନ କରିଥିଲେ, ଯାହା ଅରେଞ୍ଜ କ୍ୟାପ୍ ବିଜେତା ସାଇ ସୁଦର୍ଶନ (୭୫୯ରନ) ପରେ ଦ୍ୱିତୀୟ ସର୍ବାଧିକ।

# ଚାରି ବର୍ଷ ପରେ ଇଂଲଣ୍ଡ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କଲେ ଏକ୍ସପ୍ରେସ ବୋଲର ଜୋଫ୍ରା ଆର୍ଚର

ନୂଆଦିଲ୍ଲୀ : ଇଂଲଣ୍ଡ ଭାରତ ବିପକ୍ଷରେ ଜୁଲାଇ ୨ରୁ ବାର୍ମିଂହାମରେ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟ ପାଇଁ ୧୫ ଜଣିଆ ଦଳ ଘୋଷଣା କରିଛି। ଏକ୍ସପ୍ରେସ ବୋଲର ଜୋଫ୍ରା ଆର୍ଚର ଚାରି ବର୍ଷ ପରେ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଲିଡସରେ ପ୍ରଥମ ଟେଷ୍ଟରେ ଜିତିଥିବା ଇଂଲଣ୍ଡ ଦଳରେ ଅନ୍ୟ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ସାମ କୁକ ଓ ଜାକବ ବେଥେଲ ପ୍ରଥମ ଟେଷ୍ଟର ମଝିରେ କାଉଣ୍ଟି କ୍ରିକେଟ ଖେଳିବାକୁ ମୁକ୍ତ ହୋଇଥିବା ପରେ ଦଳକୁ ଫେରିଛନ୍ତି।

ଇଂଲଣ୍ଡର ଦ୍ୱିତୀୟ ଟେଷ୍ଟ ଦଳ: ବେନ ଷ୍ଟୋକ୍ସ




(ଅଧିନାୟକ), ଜୋଫ୍ରା ଆର୍ଚର, ଶୋଏବ ବଶୀର, ଜାକବ ବେଥେଲ, ହ୍ୟାରୀ ବ୍ରୁକ, ବ୍ରାଇଡନ କାର୍ସ, ସାମ କୁକ, ଜାକ କ୍ରଲେ, ବେନ ଡକେଟ, ଜେମୀ ଓଭରଟନ, ଓଲି ପୋପ, ଜୋ ରୁଟ, ଜେମୀ ସ୍ମିଥ (ଉଇକେଟକିପର), ଜୋଶ ଟଙ୍ଗ, କ୍ରିସ ୱୋକ୍ସ। ଆର୍ଚର ଚଳିତ ସପ୍ତାହ ଆରମ୍ଭରେ ଚେଷ୍ଟର ଲେ ଷ୍ଟ୍ରିଟରେ ସସେକ୍ସ ପାଇଁ ଡରହାମ ବିପକ୍ଷରେ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳି ରେଡ-ବଲ ଫର୍ମାଟ ପାଇଁ ନିଜର ମ୍ୟାଚ ଫିଟନେସ ପ୍ରମାଣ କରିଛନ୍ତି। ସେ କାଉଣ୍ଟି ମ୍ୟାଚରେ ୧୮ ଓଭର ବୋଲିଂ କରି ଗୋଟିଏ ୱିକେଟ ହାସଲ କରିଥିଲେ। ୩୦ ବର୍ଷୀୟ ଆର୍ଚର ରେଡ-ବଲ କ୍ରିକେଟର ଶାରୀରିକ ଚାପକୁ ପୁଣି ସହ୍ୟ କରିବା ପାଇଁ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି। ସେ କହିଛନ୍ତି, "ଏବେ ଏକ ଭିନ୍ନ ଚ୍ୟାଲେଞ୍ଜ ଅଛି, କାରଣ ମୁଁ ଜାଣିଛି ମୋ ଶରୀର ଏହାକୁ ସହ୍ୟ କରିପାରିବ। ଖେଳର ମାନସିକ ଦିଗ କଠିନ ହେବ। ଆଗାମୀ କିଛି ଦିନରେ ମୁଁ ଏହା ସହିତ ଲଢ଼ିବାକୁ ପଡ଼ିବ, କିନ୍ତୁ ସବୁ ଠିକ୍ ଅଛି। ଏହା ଏକ ନୂଆ ଚ୍ୟାଲେଞ୍ଜ, ଆଉ ମୁଁ ଆଗକୁ ବଢ଼ି ଚାଲିବି।' ଆର୍ଚର ଶେଷ ଥର ପାଇଁ ୨୦୨୧ ଫେବୃଆରୀରେ ଅହମଦାବାଦରେ ଭାରତ ବିପକ୍ଷରେ ଟେଷ୍ଟ ମ୍ୟାଚ ଖେଳିଥିଲେ। ସେ ମୋଟ ୧୩ଟି ଟେଷ୍ଟ ଖେଳି ୪୨ଟି ୱିକେଟ ହାସଲ କରିଛନ୍ତି।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583